# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୩୧/୨୦୧୮ (୨୦ ପୃଷ୍ଠା) | Bhubaneswar, Monday, December 31/ 2018 | ★★★★★★

୪୫ଶ ଭାଗ ୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ପନ୍ତଙ୍କ ସଫଳତା**

ଚଳିତ ଅଷ୍ଟ୍ରେଲିଆ ବିପକ୍ଷ କ୍ରିକେଟ ଟେଷ୍ଟ ସିରିଜରେ ଉଇକେଟ ପଛରେ ୨୦ଟି କ୍ୟାଚ୍ ନେଇ ରିଷଭ ପନ୍ତ ଏକ ବଡ଼ ସଫଳତା ହାସଲ କରିଛନ୍ତି।

୧୯

୦୨

**ହନିମୁନ୍ ପାଇଁ ବିଦେଶରେ ଦୀପିକା**

ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ରଣବୀର ସିଂ ହନିମୁନ୍ ଉଦ୍ଦେଶ୍ୟରେ ବିଦେଶ ଯାତ୍ରା କରିଛନ୍ତି।




କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
www.kalia.co.in

DADLS-228
ଓଡ଼ିଶା ସରକାର
କୃଷକଙ୍କର ଜୀବିକା ଓ ଆୟବୃଦ୍ଧି ନିମନ୍ତେ ଯୋଜନା କାଳିଆ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ କରକମଳରେ ଶୁଭ ଉଦ୍‌ଘାଟନ
ଡିସେମ୍ବର ୩୧ ୨୦୧୮ ଅପରାହ୍ନ ୫.୩୦ ଘଟିକା
15001/13/0518/1819




# ଥରୁଛି ସାରା ଓଡ଼ିଶା

■ ଦାରିଙ୍ଗବାଡ଼ିରେ ୩ ଡିଗ୍ରୀ
■ ୮ ଡିଗ୍ରୀ ତଳେ ୧୩ ସହର

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ପ୍ରବଳ ଥଣ୍ଡାରେ ଥରୁଛି ସାରା ଓଡ଼ିଶା। ହାଡ଼ଭଙ୍ଗା ଶୀତ ସାଙ୍ଗକୁ କୋହଲା ପାଗ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ସକାଳୁ ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ୧୦ଟା ନ ହେବା ପର୍ଯ୍ୟନ୍ତ ବାହାରକୁ ଯିବା କଷ୍ଟକର ହୋଇପଡୁଛି। ଗ୍ରାମାଞ୍ଚଳଗୁଡ଼ିକରେ ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ପୋଉଁଥିବା ଦେଖିବାକୁ ମିଳୁଛି। ତେବେ ଉପକୂଳ ଓଡ଼ିଶା ଅପେକ୍ଷା ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାରେ ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳର ଦାରିଙ୍ଗବାଡ଼ିରେ ତାପମାତ୍ରା ୩ଡିଗ୍ରୀକୁ ଖସିଆସିଛି। ଏଠାରେ ତୁଷାରପାତ ହେଉଥିବାବେଳେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ପଶ୍ଚିମ ଓଡ଼ିଶାର ଏକାଧିକ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି।

ରବିବାର ରାଜ୍ୟର ୧୩ ସହରର ତାପମାତ୍ରା ୮ଡିଗ୍ରୀ ତଳେ ରହିଥିଲା। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୪.୫ଡିଗ୍ରୀ ରହିଥିଲାବେଳେ ଅନୁଗୋଳ ୫.୬, ସୋନପୁର ୬, କେନ୍ଦୁଝର ୬.୪, ଭବାନୀପଟଣା ୬.୫, ଝାରସୁଗୁଡ଼ା ଓ ଟିଟିଲାଗଡ଼ ୭ ଡିଗ୍ରୀ, ବଲାଙ୍ଗୀର ୭.୧, କୋରାପୁଟ ୭.୨, ସମ୍ବଲପୁର ୭.୩, ବାଲେଶ୍ୱର ୭.୮, ସୁନ୍ଦରଗଡ଼ରେ ସର୍ବନିମ୍ନ ତାପମାତ୍ରା ୮ଡିଗ୍ରୀ ରେକର୍ଡ କରାଯାଇଥିଲା। ୫ ସହରର ତାପମାତ୍ରା ୮ରୁ ୧୦ ଡିଗ୍ରୀ ମଧ୍ୟରେ ରହିଛି। ସେଗୁଡ଼ିକ ହେଲା କଟକ, ଭୁବନେଶ୍ୱର, ବାରିପଦା, ହୀରାକୁଦ ଏବଂ ଚାନ୍ଦବାଲି। ସେହିପରି ପାରାଦୀପରେ ତାପମାତ୍ରା ୧୦.୯ ଡିଗ୍ରୀ ରହିଥିବାବେଳେ ଗୋପାଳପୁର ୧୧.୬, ପୁରୀ ୧୨.୧, ମାଲକାନଗିରିରେ ୧୧.୨ ଡିଗ୍ରୀ ରେକର୍ଡ ହୋଇଛି। ଆସନ୍ତା ଦୁଇଦିନ ମଧ୍ୟରେ ପାରଦ ଆହୁରି ☞ପୃଷ୍ଠା-୪

## ଦାରିଙ୍ଗବାଡ଼ିରେ ବର୍ଷର ପ୍ରଥମ ତୁଷାରପାତ

ଫୁଲବାଣୀ ଅଫିସ/ଦାରିଙ୍ଗବାଡ଼ି/କ.ନୂଆଗାଁ,୩୦।୧୨(ଡି.ଏନ୍.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ରବିବାର ଚଳିତ ବର୍ଷର ପ୍ରଥମ ତୁଷାରପାତ ହୋଇଛି। ରବିବାର ଜିଲା ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଫୁଲବାଣୀରେ ପାରଦ ୪.୫ ଡିଗ୍ରୀ ଏବଂ ଦାରିଙ୍ଗବାଡିରେ ୩ଡିଗ୍ରୀ ସେଲସିୟସ ତଳକୁ ଖସିଛି, ଯାହାକି ଚଳିତବର୍ଷର ଏ ପର୍ଯ୍ୟନ୍ତ ସବୁଠାରୁ କମ୍ ତାପମାତ୍ରା ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ରବିବାର ୫ମିଲିମିଟର ତୁଷାରପାତ ହୋଇଥିବା କୁହାଯାଉଛି। ଆଗକୁ ପାରଦ ଆହୁରି କମିବ ବୋଲି ଜିଲା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅପରପକ୍ଷେ ଶୀତ ସାଙ୍ଗକୁ ଘନ କୁହୁଡି ସ୍ଥିତିକୁ ଆହୁରି ସଂଗିନ କରୁଛି। ବ୍ରାହ୍ମଣୀଗାଁ ଅଞ୍ଚଳରେ ରବିବାର ପ୍ରଥମଥର ପାଇଁ ତୁଷାରପାତ ହୋଇଛି। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିବାବେଳେ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ଏଭଳି ତୁଷାରପାତ କେବେ ବ୍ରାହ୍ମଣୀଗାଁ ଅଞ୍ଚଳରେ ହୋଇ ନ ଥିବା ଅଞ୍ଚଳର ୬୦ ବର୍ଷର ବୃଦ୍ଧ ଖଲିଆ ମହାକୁଡ଼, ପୂର୍ବତନ ମହିଳା ସରପଞ୍ଚ କାଗେରୀ ପ୍ରଧାନ ପ୍ରମୁଖ କହିଛନ୍ତି। ☞ପୃଷ୍ଠା-୪



ଦାରିଙ୍ଗବାଡ଼ି ଅଞ୍ଚଳରେ ତୁଷାରପାତର ଦୃଶ୍ୟ।

## ମେଲବୋର୍ନ ଟେଷ୍ଟରେ ଭାରତର ବିଜୟ

ମେଲବୋର୍ନ, ୩୦।୧୨ (ପି.ଟି.)

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଭାରତ ୧୩୭ ରନରେ ବିଜୟୀ ହୋଇଛି। ୪ ମ୍ୟାଚ ବିଶିଷ୍ଟ ଏହି ସିରିଜ୍‌ରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ରେ ମୋଟ ୯ଟି ଉଇକେଟ ହାସଲ କରିଥିବା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥି ସହିତ ଭାରତ ବର୍ଡର- ଗାଭାସ୍କର ଟ୍ରଫିକୁ ବଜାୟ ରଖିବାରେ ସଫଳ ହୋଇଛି ଓ ୧୫୦ତମ ଟେଷ୍ଟ ବିଜୟ ହାସଲ କରିଛି। ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ବିଦେଶରେ ୧୧ଟି ଟେଷ୍ଟ ଜିତିଛି। ଫଳରେ କୋହଲି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି।

(ବିସ୍ତୃତ ରିପୋର୍ଟ ପୃଷ୍ଠା-୧୯)


ଆଜିଠୁ କାଳିଆ ଯୋଜନା
ଶାସକ- ବିରୋଧୀ ମଧ୍ୟରେ ଆରୋପ ପ୍ରତ୍ୟାରୋପ
........ ୩ ........

ଉଜ୍ଜ୍ୱଳା ସାନିଟାରୀ ନାପକିନ୍‌ର ଶୁଭାରମ୍ଭ
........ ୫ ........


# ■ ପୁଣି ଉଠିଲା ମହାନଦୀ ବିବାଦ
# ଫାଇଦା ବଦଳରେ ବଢ଼ିଲା ଅଡୁଆ

■ ମହାନଦୀ ଆମର: ଛତିଶଗଡ ଜଳସମ୍ପଦ ମନ୍ତ୍ରୀ
■ ବୈଷୟିକ ଆଲୋଚନା ମାଧ୍ୟମରେ କରାଯିବ ସମାଧାନ: ନିରଞ୍ଜନ



ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ଛତିଶଗଡ଼ରେ ଭାଜପା ଶାସିତ ରମଣ ସିଂଙ୍କ ସରକାର ଥିବାବେଳେ ମହାନଦୀ ବିବାଦର ସମାଧାନ ନେଇ ଅନିଶ୍ଚିତତା ଲାଗି ରହିଥିଲା। କେନ୍ଦ୍ରରେ ଭାଜପା ଶାସନ କ୍ଷମତାରେ ଥିବାରୁ ଛତିଶଗଡ଼ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ପ୍ରସଙ୍ଗରେ ଓଡ଼ିଶା ଦାବିକୁ ବାରମ୍ବାର ଅଣଦେଖା କରୁଥିବା ଅଭିଯୋଗ ହେଉଥିଲା। ରାଜ୍ୟର ଶାସକ ବିଜେଡି ମଧ୍ୟ ମହାନଦୀ ପ୍ରସଙ୍ଗ ଉଠାଇ କେନ୍ଦ୍ର ଉପରେ ଦୋଷ ଲଦିବା ସହ ବେଶ୍ ରାଜନୈତିକ ଫାଇଦା ହାସଲ କରିବାରେ ସଫଳ ହେଉଥିଲା। ମାତ୍ର ନିକଟରେ ଛତିଶଗଡ ସାଧାରଣ ନିର୍ବାଚନରେ ରମଣ ସିଂଙ୍କ ସରକାରର ପତନ ଘଟି କଂଗ୍ରେସ କ୍ଷମତାକୁ ଫେରିଲା। ଫଳରେ ମହାନଦୀ ଲଢେଇରେ ସାମିଲ ହୋଇ ରାଜ୍ୟ କଂଗ୍ରେସ ନେତୃତ୍ୱ ପତିଆରା ନେବାକୁ ପ୍ରୟାସ କରିଥିଲେ। ଛତିଶଗଡ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲଙ୍କ ସହ ଆଲୋଚନା ହୋଇଛି ଏହାର ସମାଧାନ ପାଇଁ ଖୁବ୍‌ଶୀଘ୍ର ବାଟ ଫିଟିବ ବୋଲି କହି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ନୂଆ ଚର୍ଚ୍ଚା ଆରମ୍ଭ କରିଥିଲେ। ମାତ୍ର ରବିବାର ଛତିଶଗଡର ନୂଆ ☞ପୃଷ୍ଠା-୪

## ମୃଣାଳ ସେନ୍‌ଙ୍କ ପରଲୋକ

କୋଲକାତା,୩୦।୧୨(ପି.ଟି.)



ସମ୍ମାନଜନକ ଦାଦାସାହେବ ଫାଲ୍‌କେ ପୁରସ୍କାର ବିଜେତା ଖ୍ୟାତନାମା ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ମୃଣାଳ ସେନ୍‌ଙ୍କର ୯୫ ବର୍ଷ ବୟସରେ ରବିବାର ସକାଳେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ପାଖରେ ତାଙ୍କ ପୁଅ ରହୁଥିଲେ। ପତ୍ନୀ ତଥା ଅଭିନେତ୍ରୀ ଗୀତା ସେନ୍‌ଙ୍କର ଗତବର୍ଷ ପରଲୋକ ହୋଇଥିଲା। ସାମାଜିକ ବାସ୍ତବତାକୁ କଳାତ୍ମକ ଚିତ୍ରଣ କରିବାରେ ସିଦ୍ଧହସ୍ତ ମୃଣାଳ ଅନେକ ଜାତୀୟ ପୁରସ୍କାର ପାଇଛନ୍ତି। 'ଭୁବନ ଶୋମ୍' ମାଧ୍ୟମରେ ଭାରତୀୟ ଚଳଚ୍ଚିତ୍ରରେ ନୂଆ ଆଲୋଡନ ସୃଷ୍ଟି କରିଥିବା ମୃଣାଳ ଜଣେ ଶ୍ରେଷ୍ଠ ପ୍ରଯୋଜକ ଭାବେ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ଚଳଚ୍ଚିତ୍ରକୁ ସ୍ୱୀକୃତ କରାଇଥିଲେ। ତାଙ୍କର ବେଙ୍ଗଲୀ ଚଳଚ୍ଚିତ୍ର 'ଖାରିଜ' ୧୯୮୩ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଜୁରି ପୁରସ୍କାର ପାଇଥିଲା। ଦୀର୍ଘ ୬ ଦଶନ୍ଧି ଧରି ସେ ଉଭୟ ବେଙ୍ଗଲୀ ଓ ହିନ୍ଦୀ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ଦେଇଛନ୍ତି। ତାଙ୍କର ଶ୍ରେଷ୍ଠ ଚଳଚ୍ଚିତ୍ର ମଧ୍ୟରେ ଇଣ୍ଟରଭ୍ୟୁ, କାଲକାଟା ୭୧ ଏବଂ ପଦାତିକ ୭୦ ଦଶକରେ କୋଲକାତାର ସାମାଜିକ ଓ ରାଜନୈତିକ ଚିତ୍ରକୁ ପରିସ୍ଫୁଟ କରିଥିଲା। ଓଡିଆ ଚଳଚ୍ଚିତ୍ର 'ମୃଗୟା' ନିର୍ମାଣ କରି ସେ ଜାତୀୟ ପୁରସ୍କାର ପାଇଥିଲେ। ତାଙ୍କର ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ନେତା ଓ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ବ୍ୟକ୍ତିମାନେ ଶୋକବ୍ୟକ୍ତ କରିଛନ୍ତି। ମୃଣାଳଙ୍କ ପରଲୋକ ବେଙ୍ଗଲ, ଭାରତ ତଥା ସିନେମାଜଗତ ଲାଗି ବଡ଼ କ୍ଷତି ବୋଲି ରାଷ୍ଟ୍ରପତି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ତାଙ୍କର ଅଭୁଲା ଚଳଚ୍ଚିତ୍ର ଲାଗି ଦେଶ ତାଙ୍କ ପାଖରେ କୃତଜ୍ଞ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ହାସିନାଙ୍କ ୪ର୍ଥ ବାଜିମାତ

ଢାକା,୩୦।୧୨(ପି.ଟି.)

ବାଂଲାଦେଶ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଶେଖ ହାସିନା ଚତୁର୍ଥ ଥର ବାଜିମାତ କରିଛନ୍ତି। ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା ହୋଇ ନ ଥିଲେ ହେଁ ହାସିନାଙ୍କ ଆୱାମୀ ଲିଗ୍ ପାର୍ଟି ସରକାର ଗଢ଼ିବା ଲାଗି ମ୍ୟାଜିକ ସଂଖ୍ୟା ଅତିକ୍ରମ କରିସାରିଥିବା ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ଶାସକ ଦଳ ଭୋଟ ଜାଲିଆତି କରିଥିବା ବିରୋଧି ମେଣ୍ଟ ଅଭିଯୋଗ ସାନି ନିର୍ବାଚନ ଦାବି କରିଛି। (ବିସ୍ତୃତ ରିପୋର୍ଟ ପୃଷ୍ଠା-୨)

## ରାଜ୍ୟ ସଭାରେ 'ତିନି ତଲାକ୍' ଆଲୋଚନା ଆଜି

ନୂଆଦିଲ୍ଲୀ,୩୦।୧୨(ପି.ଟି.)



ଲୋକ ସଭାରେ ଉତ୍ତୀର୍ଣ୍ଣ ହେବା ପରେ ରାଜ୍ୟ ସଭାରେ ଏବେ ଅସଲ ପରୀକ୍ଷା। ମୁସଲମାନ ସମ୍ପ୍ରଦାୟରେ ପ୍ରଚଳିତ ତତ୍କାଳ ତିନି ତଲାକ୍ ପ୍ରଥାର ଅପରାଧୀକରଣ ଲାଗି କେନ୍ଦ୍ର ସରକାର ଆଣିଥିବା ବିଲ୍ ଉପରେ ସୋମବାର ରାଜ୍ୟ ସଭାରେ ଆଲୋଚନା କରାଯିବ। ଏଥିପାଇଁ କଂଗ୍ରେସ ଓ ଭାଜପା ପକ୍ଷରୁ ହ୍ୱିପ ଜାରି କରାଯାଇଛି।

କେନ୍ଦ୍ରମନ୍ତ୍ରୀ ବିଜୟ ଗୋୟଲ ରବିବାର ସବୁ ଦଳର ନେତାଙ୍କୁ ଭେଟି ବିଲ୍‌କୁ ସମର୍ଥନ କରିବା ଲାଗି ଅନୁରୋଧ କରିଛନ୍ତି। ଗୁରୁବାର ଏହି ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ବିଲ୍ ସପକ୍ଷରେ ୨୪୫ ଭୋଟ ମିଳିଥିବାବେଳେ ବିରୋଧରେ ୧୧ ଭୋଟ ଯାଇଥିଲା। ତିନି ତଲାକ୍‌ର ଅପରାଧୀକରଣକୁ ବିରୋଧ କରି କେତେକ ବିରୋଧୀ ଦଳ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ତେବେ ରାଜ୍ୟ ସଭାରେ ସରକାରଙ୍କର ସଂଖ୍ୟାବଳ ନ ଥିବାରୁ ଏହି ବିଲ୍ ଗୃହୀତ କରାଇବା କଷ୍ଟକର ହେବ। ବିଲ୍‌କୁ ବର୍ତ୍ତମାନ ସ୍ଥିତିରେ ଗୃହୀତ ହେବାକୁ ଦିଆଯିବ ନାହିଁ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ ବିଲ୍ ପାସ୍ ଲାଗି ରାଜ୍ୟ ସଭାରେ ସମର୍ଥନ ମିଳିଯିବ ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ଶୁକ୍ରବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରାଜ୍ୟ ସଭାରେ ବିଲ୍‌କୁ ଅଟକାଇବା ଲାଗି କଂଗ୍ରେସ ଅନ୍ୟ ବିରୋଧୀ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ବିପଦରେ ଜୀବନ**




**CBSE Exam Mate**

ପୃଷ୍ଠା -୧୫


NECC NATIONAL EGG CO-ORDINATION COMMITTEE | 30.12.2018 | Venco**b**b FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 70 | 119 | 129 |
| DKL | 71 | 120 | 130 |
| BDK | 72 | 122 | 132 |
| BLS | 72 | 122 | 132 |
| ANG | 74 | 124 | 134 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers


### ଆଜିର ମନ୍ତବ୍ୟ

"ବିରୋଧୀ ମେଣ୍ଟ ଗାଡ଼ିର ଯିଏ ଡ୍ରାଇଭର ହେବେ ତାଙ୍କର ଲର୍ନର ଲାଇସେନ୍ସ ମଧ୍ୟ ନାହିଁ।

- ମୁଖ୍‌ତାର ଆବାସ ନକ୍‌ଭି, କେନ୍ଦ୍ରମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ଏପ୍ରିଲ-ନଭେମ୍ବର ସମୟରେ ଇ-ନିଲାମ ଯୋଗେ ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣରେ ୨୦% ହ୍ରାସ ଘଟିଛି। - କୋଇଲା ମନ୍ତ୍ରଣାଳୟ

## ■ ସରକାରଙ୍କ ଦୃଷ୍ଟିରେ ଶ୍ରୀମନ୍ଦିର ଅତିରିକ୍ତ ଦାୟିତ୍ୱ
# 'କା'ରେ ଚାଲିଛି ପରିଚାଳନା

ପୁରୀ ଅଫିସ,୩୦।୧୨

ଶ୍ରୀମନ୍ଦିରର ରୀତିନୀତି, ସେବାପୂଜା, ଦର୍ଶନ, ପ୍ରସାଦ ସବୁଥିରେ ଦେଖାଦେଇଛି ଚରମ ବିଶୃଙ୍ଖଳା। ମନଇଚ୍ଛା ମନ୍ଦିରକୁ ବନ୍ଦ କରିଦିଆଯାଉଛି। ମହାପ୍ରଭୁଙ୍କୁ ଉପବାସ, ଅନିଦ୍ରା ରଖାଯାଉଛି। ଭକ୍ତଙ୍କ ଦର୍ଶନ ଅଧିକାରଙ୍କୁ ବି ଛଡାଇ ନିଆଯାଉଛି। ହିନ୍ଦୁ ଧର୍ମର ଏହି ମହାନ ପବିତ୍ର ପୀଠରେ ଏଭଳି ବିଭ୍ରାଟ ଘଟୁଥିଲେ ମଧ୍ୟ ସରକାରଙ୍କ କିଛି ପରବାୟ ନାହିଁ। ମନ୍ଦିର ପରିଚାଳନା ସରକାରଙ୍କ ନଜରରେ ଏକ ଅତିରିକ୍ତ ଦାୟିତ୍ୱ। ୨୦୦୪ରେ ଯେତେବେଳେ ସଂସ୍କାର ବ୍ୟବସ୍ଥା ଲାଗୁ ହେଲା ଜଣେ କମିଶନର ପାହ୍ୟାର ଅଧିକାରୀଙ୍କୁ ପୂର୍ଣ୍ଣକାଳୀନ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ତାହାକୁ ପାସୋରି ଦେଇଛନ୍ତି ସରକାର। ଆଜି ବି 'କା'ରେ ଚଳାଇଛନ୍ତି ଶ୍ରୀମନ୍ଦିର ପରିଚାଳନା। କୌଣସି ବିଭାଗୀୟ ସଚିବ ବା ପ୍ରମୁଖ ସଚିବଙ୍କୁ ଅତିରିକ୍ତ ଦାୟିତ୍ୱ ଦେଇ ସରକାର ତାଙ୍କ କର୍ତ୍ତବ୍ୟକୁ ସୀମିତ ରଖିଛନ୍ତି।

ଶ୍ରୀମନ୍ଦିରରେ ସକାଳୁ ବିଳମ୍ବିତ ରାତିଯାଏ ଗହଳି ଲାଗେ। ସାଧାରଣ ଦିନରେ ପ୍ରାୟ ୫୦ରୁ ୬୦ ହଜାର ଭକ୍ତ



ଆସୁଥିବା ବେଳେ ବିଭିନ୍ନ ପର୍ବପର୍ବାଣି ଦିନରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ପାଦପଡେ। ୧୯୬୦ରୁ ରାଜ୍ୟ ସରକାର ଗଜପତି ମହାରାଜାଙ୍କଠାରୁ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହାର ପରିଚାଳନା ପାଇଁ ମୁଖ୍ୟ ପ୍ରଶାସକ ପଦବୀ ରହିଛି। ଗତ କିଛି ବର୍ଷ ହେଲା ଜଣେ ଆଇଏଏସ୍ ଅଫିସରଙ୍କୁ ସରକାର ଏହି ପଦବୀରେ ରଖୁଛନ୍ତି। କିନ୍ତୁ ପୂର୍ଣ୍ଣକାଳୀନ ନୁହେଁ। ପ୍ରଦୀପ୍ତ ମହାପାତ୍ର ହୁଅନ୍ତୁ କି ଅରବିନ୍ଦ ପାଢୀ, ସୁରେଶ ମହାପାତ୍ର ହୁଅନ୍ତୁ କି ପ୍ରଦୀପ ଜେନା ଏହି ଆଇଏଏସ୍ ଅଫିସରଙ୍କ କାନ୍ଧରେ ପ୍ରମୁଖ ବିଭାଗର ଦାୟିତ୍ୱ ଥିବାବେଳେ ସରକାର ସେମାନଙ୍କୁ ☞ପୃଷ୍ଠା-୪



ଜଣେ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ହେବାର ସମସ୍ତ ଉପଯୁକ୍ତ ଗୁଣ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପାଖରେ ରହିଛି।

-ଶଶୀ ଥରୁର,
ବରିଷ୍ଠ କଂଗ୍ରେସ ନେତା



## ସଂକ୍ଷେପରେ

### ୪ ସୂଚନା କମିଶନର ନିଯୁକ୍ତ

**ନୂଆଦିଲ୍ଲୀ,୩୦।୧୨(ପି.ଟି.):** କେନ୍ଦ୍ର ସରକାର କେନ୍ଦ୍ରୀୟ ସୂଚନା କମିଶନ (ସିଇସି)ରେ ୪ ଜଣ ନୂଆ କମିଶନରଙ୍କୁ ନିଯୁକ୍ତି ଦେଇଛନ୍ତି। ସିଇସିରେ ମୁଖ୍ୟ ସୂଚନା ଆୟୁକ୍ତଙ୍କ ସମେତ ୧୧ ଜଣ କମିଶନରଙ୍କ ସ୍ଥାନରେ ବର୍ତ୍ତମାନ ୩ ଜଣ ଅଛନ୍ତି। ନୂଆ ସୂଚନା କମିଶନର ଭାବେ ଯଶୱର୍ଦ୍ଧନ କୁମାର ସିହ୍ନା, ବନଜା ଏନ. ସରନ, ନୀରଜ କୁମାର ଗୁପ୍ତା ଏବଂ ସୁରେଶ ଚନ୍ଦ୍ରଙ୍କ ନିଯୁକ୍ତିକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସ୍ୱୀକୃତି ପ୍ରଦାନ କରିଛନ୍ତି।

### ଅବସର ନେଲେ ଜଷ୍ଟିସ୍ ଲୋକୁର

**ନୂଆଦିଲ୍ଲୀ,୩୦।୧୨(ପି.ଟି.):** ସୁପ୍ରିମକୋର୍ଟର ବରିଷ୍ଠ ବିଚାରପତି ମଦନ ବି. ଲୋକୁର ରବିବାର ଅବସର ଗ୍ରହଣ କରିଛନ୍ତି।



ଜାନୁଆରି ୧୨ ତାରିଖରେ ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ବିରୋଧରେ ବିବାଦୀୟ ଖବରଦାତା ସମ୍ମିଳନୀ ଡାକିଥିବା ୪ ବରିଷ୍ଠ ବିଚାରପତିଙ୍କ ମଧ୍ୟରେ ଜଷ୍ଟିସ ଲୋକୁର ଥିଲେ ଅନ୍ୟତମ। ଗତ ୧୪ ତାରିଖ ଶେଷ କାର୍ଯ୍ୟଦିବସରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଭିଡ଼ହିଂସାରେ ପୋଲିସ କର୍ମୀଙ୍କ ମୃତ୍ୟୁ ଘଟଣା : ୧୯ ଗିରଫ

**ଲକ୍ଷ୍ନୌ,୩୦।୧୨(ପି.ଟି.):** ୟୁପିର ଘାଜିପୁରଠାରେ ଶନିବାର ଭିଡ଼ହିଂସାରେ ପୋଲିସ କର୍ମୀଙ୍କ ମୃତ୍ୟୁ ଘଟଣାରେ ୟୁପି ପୋଲିସ ୧୯ଜଣଙ୍କୁ ଗିରଫ କରିଛି। ପ୍ରଧାନମନ୍ତ୍ରୀଙ୍କ ଏକ ଜନସଭା କାର୍ଯ୍ୟକ୍ରମ ଶେଷ ହେବାପରେ ଏହି ହିଂସା ଘଟିଥିଲା। ପ୍ରଧାନମନ୍ତ୍ରୀ ଜନସଭାକୁ ସମ୍ବୋଧିତ କରୁଥିବା ବେଳେ ସଂରକ୍ଷଣ ଦାବିରେ ରାଷ୍ଟ୍ରୀୟ ନିଶାଦ୍ ପାର୍ଟିର କର୍ମକର୍ତ୍ତାମାନେ ସଭାସ୍ଥଳକୁ ପଶିବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କର୍ମୀମାନେ ଜୋର୍‌ଦାର୍ ବିକ୍ଷୋଭ କରିଥିଲେ। ପ୍ରଧାନମନ୍ତ୍ରୀ ସଭାସ୍ଥଳ ଛାଡ଼ିବା ପରେ ସେଠାରୁ ଫେରୁଥିବା ପୋଲିସ ଗାଡ଼ି ଉପରକୁ ବିକ୍ଷୋଭକାରୀମାନେ ଟେକାପଥର ମାଡ଼ କରିଥିଲେ। ଏହି ସମୟରେ ଟ୍ରାଫିକ୍‌କୁ ନିୟନ୍ତ୍ରଣ କରୁଥିବା କରିମୁଦ୍ଦିନ ଥାନା ହେଡ୍ କନଷ୍ଟେବଲ ସୁରେଶ ପ୍ରତାପ ସିଂ ବତ୍ସଙ୍କ ମୁଣ୍ଡରେ ପଥର ମାଡ଼ ହୋଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତ ପୋଲିସ କର୍ମୀ ସୁରେଶଙ୍କ ସ୍ତ୍ରୀଙ୍କୁ ୪୦ ଲକ୍ଷ ଏବଂ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଛନ୍ତି। ଏଥିସହ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଘାଜିପୁର ଏସ୍‌ପି ଯଶବୀର ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ ବୁଲନ୍ଦସହରରେ ଗୋ-ହତ୍ୟା ନେଇ ହୋଇଥିବା ଭିଡ଼ହିଂସାରେ ପୋଲିସ ଇନ୍‌ସପେକ୍ଟର ସୁବୋଧ କୁମାର ସିଂଙ୍କ ହତ୍ୟାକୁ ମାସେ ପୂରି ନଥିବା ବେଳେ ଶନିବାର ହେଡ୍ କନଷ୍ଟେବଲ ଏହାର ଶୀକାର ହେବା ଘଟଣା ଯୋଗୀ ସରକାରଙ୍କ ଅପାରଗତାକୁ ପୁଣିଥରେ ପଦାରେ ପକାଇଥିବା ସମାଜବାଦୀ ଦଳ ସୁପ୍ରିମୋ ଅଖିଳେଶ ଯାଦବ ପ୍ରତିକ୍ରିୟା ରଖିଛନ୍ତି।

### ଇତିହାସର ଆଇନାରେ

### ଡିସେମ୍ବର ୩୧ର ପ୍ରମୁଖ ଘଟଣା

୨୦୧୪ ଡିସେମ୍ବର ୩୧ରେ ଶାଂଘାଇରେ ନୂଆବର୍ଷ ପ୍ରାକ୍ ଉତ୍ସବ ପାଳନ ବେଳେ ଦଳାଚକଟା ଯୋଗୁ ଅନ୍ୟୂନ ୩୬ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୪୯ଜଣ ଆହତ ହୋଇଥିଲେ। ଚାଇନାର ଶାଂଘାଇ ସହର ହେଉଛି ବିଶ୍ୱର ଦ୍ୱିତୀୟ ସର୍ବାଧିକ ଜନବହୁଳ ନଗରୀ। ୨୦୧୭ ସୁଦ୍ଧା ଏହି ନଗରୀର ଲୋକସଂଖ୍ୟା ୨୪.୧୮ ନିୟୁତ। ଏହା ବିଶ୍ୱର ପ୍ରମୁଖ ବାଣିଜ୍ୟ କେନ୍ଦ୍ର ମଧ୍ୟରୁ ଅନ୍ୟତମ।

୧୯୯୯ ଡିସେମ୍ବର ୩୧ରେ ଇଣ୍ଡିଆନ୍ ଏୟାରଲାଇନ୍ସ ଫ୍ଲାଇଟ୍ ୮୧୪ ଅପହରଣ ନାଟକର ଅନ୍ତ ଘଟିଥିଲା। ଅପହରଣକାରୀଙ୍କ କବଳରେ ୭ଦିନ ରହିବା ପରେ ଆଫଗାନିସ୍ତାନର କାନ୍ଦାହାର ବିମାନ ବନ୍ଦରରେ ୧୯୦ ଯାତ୍ରୀଙ୍କୁ ନିରାପଦରେ ମୁକ୍ତ କରାଯାଇଥିଲା।

# ୧୩ ଦଙ୍ଗାର ତଦନ୍ତ ରିପୋର୍ଟ ଗାଏବ

ନୂଆଦିଲ୍ଲୀ,୩୦।୧୨(ପି.ଟି.)

ଦେଶରେ ବିଭିନ୍ନ ସମୟରେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥାଏ। ଏହାକୁ ନେଇ ବେଶ୍ କିଛି ଦିନ ଧରି ରାଜନୈତିକ ହଟଚମଟ ଚାଲେ। ବିରୋଧୀ ଦଳ ପକ୍ଷରୁ ବିକ୍ଷୋଭ ପ୍ରତିବାଦ କରାଯାଏ, ବନ୍ଦ ଡାକରା ଦିଆଯାଏ, ପାର୍ଲାମେଣ୍ଟ ଓ ବିଧାନସଭାରେ ତୁମ୍ବିତୋଫାନ ହୁଏ। ଶେଷରେ ସରକାର ଏହାର ତଦନ୍ତ ଲାଗି କମିଶନ କିମ୍ବା କମିଟି ଗଢ଼ନ୍ତି। ହେଲେ ଏହି କମିଟି ତଦନ୍ତ ରିପୋର୍ଟ ଦେବାରେ ଏତେ ବିଳମ୍ବ କରନ୍ତି ଯେ ସେତେବେଳକୁ ଲୋକଙ୍କ ମନରୁ ଉକ୍ତ ଘଟଣା ଲିଭିଯାଇଥାଏ। ତେଣୁ କମିଟି ରିପୋର୍ଟ ଦେଲେ କି ନାହିଁ ଏବଂ କି ରିପୋର୍ଟ ଦେଲେ ତାକୁ କେହି ଜାଣିପାରନ୍ତି ନାହିଁ କିମ୍ବା ଏଥିପାଇଁ ଅପେକ୍ଷା ମଧ୍ୟ ରଖନ୍ତି ନାହିଁ। ୧୯୬୧ରୁ ୨୦୦୩ ମଧ୍ୟରେ ଦେଶରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗା ମଧ୍ୟରୁ ୧୩ଟିର ତଦନ୍ତ ରିପୋର୍ଟ ମିଳୁନି । ୧୩ଟି ତଦନ୍ତ କମିଶନଙ୍କ ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପାଖରେ ନାହିଁ। ଏହି ରିପୋର୍ଟ କେଉଁଠି ଅଛି ତାହାର ସ୍ଥିତି ଜଣାଇବାକୁ କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବାଙ୍କୁ



ନିର୍ଦ୍ଦେଶ ଦେଇଛନ୍ତି। ସେଗୁଡ଼ିକୁ ଖୋଜି ବାହାର କରିବା ଲାଗି ଜଣେ ଅଫିସରଙ୍କୁ ନିଯୁକ୍ତି ଦେବାକୁ ସିଆଇସି କହିଛନ୍ତି।

ବିଭିନ୍ନ ସାମ୍ପ୍ରଦାୟିକ ଦଙ୍ଗା ଘଟଣାର ବିଚାର ବିଭାଗୀୟ କମିଶନ ତଥା ଅନ୍ୟାନ୍ୟ ତଦନ୍ତ କମିଶନଙ୍କ ସମ୍ପୂର୍ଣ୍ଣ ରିପୋର୍ଟ ମନ୍ତ୍ରଣାଳୟଠାରୁ ପାଇବା ଲାଗି ଅଞ୍ଜଳି ଭରଦ୍ୱାଜ ନାମ୍ନୀ ଆରଟିଆଇ କର୍ମୀ ଆବେଦନ କରିଥିଲେ। ଏହାର ଶୁଣାଣି କରି ସୂଚନା କମିଶନର ବିମଲ ଜୁଲକା ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୱେବସାଇଟରେ ମଧ୍ୟ ନାହିଁ। ବିଚାର ବିଭାଗୀୟ ଏବଂ ତଦନ୍ତ କମିଶନ ରିପୋର୍ଟଗୁଡ଼ିକୁ ଅନୁଧ୍ୟାନ କରିବା ଲାଗି ମନ୍ତ୍ରଣାଳୟ ୨୦୦୬ରେ ଜାତୀୟ ସମନ୍ୱୟ ପରିଷଦ ନାମରେ ଏକ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ କରିଥିଲେ। ଉକ୍ତ ଗ୍ରୁପ୍ ୨୯ଟି ରିପୋର୍ଟ ଅନୁଧ୍ୟାନ କରିଥିବାବେଳେ ଅନ୍ୟ ୧୩ଟି ରିପୋର୍ଟ ମିଳି ନ ଥିଲା ବୋଲି ଭରଦ୍ୱାଜ କହିଛନ୍ତି। ସେଗୁଡ଼ିକ ହେଲା ୧୯୬୧ ମଧ୍ୟପ୍ରଦେଶ ଦଙ୍ଗାର ଶିବ ଦୟାଲ ଶ୍ରୀବାସ୍ତବ କମିଶନ ରିପୋର୍ଟ, ୧୯୬୭ ବିହାର ଦଙ୍ଗାର ଜଷ୍ଟିସ୍ ରଘୁବର ଦୟାଲ

### ସ୍ଥିତି ଜଣାଇବାକୁ କେନ୍ଦ୍ରକୁ ସିଆଇସିଙ୍କ ନିର୍ଦ୍ଦେଶ

କମିଶନ ରିପୋର୍ଟ, ୧୯୬୯ ଗୁଜରାଟ ଦଙ୍ଗାର ଜଷ୍ଟିସ ପି.ଜେ. ରେଡ୍ଡୀ କମିଶନ ରିପୋର୍ଟ, ୧୯୭୪ ଦିଲ୍ଲୀ ଦଙ୍ଗା ଉପରେ ପ୍ରସାଦ କମିଶନ ରିପୋର୍ଟ, ୧୯୮୫ ଗୁଜରାଟ ଦଙ୍ଗାର ଜଷ୍ଟିସ ଭି.ଏସ. ଡାଭେ କମିଶନ ରିପୋର୍ଟ। ଏହା ବ୍ୟତୀତ ୧୯୮୬ ମହାରାଷ୍ଟ୍ର ଦଙ୍ଗା ଘଟଣାର ଜଷ୍ଟିସ ପି.ଏସ. ମାଲଭଙ୍କର କମିଶନ ରିପୋର୍ଟ, ୧୯୮୮ ପଶ୍ଚିମବଙ୍ଗ ଦଙ୍ଗାର ଜଷ୍ଟିସ ହରିଦାସ ଦାସ କମିଶନ ରିପୋର୍ଟ, ୧୯୯୦ ଆନ୍ଧ୍ରପ୍ରଦେଶ ଦଙ୍ଗାର ଆର.ଏସ. ହୀରାମନ ସିଂ କମିଶନ ରିପୋର୍ଟ, ୧୯୯୦ ରାଜସ୍ଥାନ ଦଙ୍ଗାର ଜଷ୍ଟିସ ଏନ.ଏଲ୍. ଟିବେରୱାଲ କମିଶନ ରିପୋର୍ଟ,୧୯୯୨ ମଧ୍ୟପ୍ରଦେଶ ଦଙ୍ଗାର ଜଷ୍ଟିସ କେ.କେ. ଦୁବେ କମିଶନ ରିପୋର୍ଟ, ୧୯୯୮ ତାମିଲନାଡୁ ଦଙ୍ଗାର ଜଷ୍ଟିସ ପି.ଆର. ଗୋକୁଳକ୍ରିଷ୍ଣନ କମିଶନ ରିପୋର୍ଟ, ୧୯୯୯ ମହାରାଷ୍ଟ୍ର ଦଙ୍ଗାର ଜଷ୍ଟିସ ଅନନ୍ତ ଡି. ମାନେ କମିଶନ ରିପୋର୍ଟ ଏବଂ ୨୦୦୩ କେରଳ ଦଙ୍ଗା ଉପରେ ଥୋମାସ ପି. ଯୋସେଫ କମିଶନ ରିପୋର୍ଟ ମଧ୍ୟ ମିଳୁନି।

## ବାଂଲାଦେଶ ନିର୍ବାଚନ

# ହାସିନାଙ୍କ ୪ର୍ଥ ବାଜିମାତ

ଢାକା,୩୦।୧୨

ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନା ନିରଙ୍କୁଶ ସଂଖ୍ୟାଗରିଷ୍ଠତା ସହିତ ଚତୁର୍ଥ ଥର ଲାଗି ସରକାର ଗଢ଼ିବାକୁ ଯାଉଛନ୍ତି। ରବିବାର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ମଧ୍ୟରେ ଭୋଟଗ୍ରହଣ ଶେଷ ହେବା ପରେ ଗଣନା ଜାରି ରହିଛି। ହାସିନାଙ୍କ ଆୱାମୀ ଲିଗ୍ ପାର୍ଟି ସରକାର ଗଢ଼ିବା ଲାଗି ମ୍ୟାଜିକ ସଂଖ୍ୟା ୧୫୧ ଅତିକ୍ରମ କରିସାରିଥିବା ସ୍ଥାନୀୟ ଟିଭି ଚାନେଲ ଖବର ପ୍ରକାଶ କରିଛି। ଶାସକ ଦଳ ଜାଲିଆତି କରିଥିବା ବିରୋଧି ମେଣ୍ଟ ପକ୍ଷରୁ ଅଭିଯୋଗ କରିବା ସହ ଫଳାଫଳକୁ ବାତିଲ କରିବା ଲାଗି ଦାବି କରିଛି। ଏକ ନିରପେକ୍ଷ ସରକାର ଦ୍ୱାରା ତୁରନ୍ତ ସାନି ନିର୍ବାଚନ କରାଇବା ଲାଗି ବିରୋଧୀ ମେଣ୍ଟ ମୁଖ୍ୟ କମଲ ହୋସେନ୍ କହିଛନ୍ତି।

ମଧ୍ୟରାତ୍ର ସୁଦ୍ଧା ଆୱାମୀ ଲିଗ୍ ଓ ଏହାର ସହଯୋଗୀ ଦଳ ୧୯୧ଟି ଆସନ ଜିତିଥିବାବେଳେ ବିରୋଧୀ ମେଣ୍ଟ ମାତ୍ର ୫ଟି ଆସନରେ ବିଜୟୀ ହୋଇଛି। ନିର୍ବାଚନୀ ହିଂସାରେ ୧୭ ଜଣଙ୍କ ମୃତ୍ୟୁ ଘଟିବା ସହ ବହୁସଂଖ୍ୟାରେ ଆହତ



### ହିଂସାରେ ୧୭ ମୃତ

ହୋଇଛନ୍ତି। । ଜଣେ ପ୍ରାର୍ଥୀଙ୍କ ମୃତ୍ୟୁ ଯୋଗୁ ଗୋଟିଏ ନିର୍ବାଚନ ମଣ୍ଡଳୀରେ ମତଦାନ ସ୍ଥଗିତ ରହିଥିବାବେଳେ ଅବଶିଷ୍ଟ ୨୯୯ ଆସନ ଲାଗି ରବିବାର ସକାଳ ୮ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହୋଇଥିଲା। ସୋମବାର ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା ହେବ।

# ‘ପ୍ରେରଣା ହିଁ ପ୍ରଗତିର ଆଧାର’



**ନୂଆଦିଲ୍ଲୀ,୩୦।୧୨(ପି.ଟି.):** ୨୦୧୮ ବର୍ଷ ବିଦାୟ ନେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଶେଷଥର ତାଙ୍କର ୫୧ତମ ମାସିକିଆ ମନ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ନୂଆ ବର୍ଷରେ ନୂତନ ଉତ୍ସାହ ଓ ଉଚ୍ଚାଭିଳାଷୀ ଆଭିମୁଖ୍ୟ ପୋଷଣ କରି ଉଚ୍ଚ ଲକ୍ଷ୍ୟ ହାସଲ କରିବାକୁ ସେ ଯୁବପିଢ଼ିଙ୍କୁ ବାର୍ତ୍ତା ଦେଇଛନ୍ତି। ନିଜକୁ ପରିବର୍ତ୍ତନ କରିବା ସହ ଦେଶରେ ନୂତନତା ଆଣିବା ଦିଗରେ ବର୍ତ୍ତୀ ହେବାକୁ ସେ ପ୍ରବର୍ତ୍ତାଇଛନ୍ତି। ପ୍ରେରଣା ହିଁ ପ୍ରଗତିର ଆଧାର ବୋଲି ମୋଦି ଦର୍ଶାଇଛନ୍ତି। ଦାରିଦ୍ର୍ୟ ଦୂରୀକରଣରେ ସୁଧାର ଅଣାଯାଇଛି। ‘ସହଜ ବ୍ୟବସାୟ’ ବ୍ୟବସ୍ଥାରେ ଆଶାନୁରୂପକ ସଫଳତା ସମ୍ଭବ ହୋଇଛି। ଆର୍ଥିକ, ସାମାଜିକ, ସୌର ଶକ୍ତି, ପାଣିପାଗ ପରିବର୍ତ୍ତନ, ଖେଳ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ୨୦୧୮ରେ ଦେଶର ଉପଲବ୍ଧି ଦେଶବାସୀଙ୍କ ସାମୂହିକ ଉଦ୍ୟମ ଯୋଗୁ ସାକାର ହୋଇଛି। ସମସ୍ତଙ୍କର ସହଯୋଗ ଓ ପ୍ରେରଣା ଦ୍ୱାରା ଆଜି ଦେଶରେ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିଥିବା ସେ କହିଛନ୍ତି। ୨୦୧୮ର ସଫଳତା ବିଷୟରେ ଉଲ୍ଲେଖ କରି ବିଶ୍ୱର ସର୍ବାଧିକ ଲୋକପ୍ରିୟ ‘ଆୟୁଷ୍ମାନ ଭାରତ’ ସ୍ୱାସ୍ଥ୍ୟ ବୀମା ପଲିସି, ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସର୍ବୋଚ୍ଚ ଷ୍ଟାଚ୍ୟୁ ଅଫ୍ ୟୁନିଟ୍, ପ୍ରତି ଗାଁର ଘରେ ଘରେ ବିଜୁଳି ପହଞ୍ଚାଇବା ଲକ୍ଷ୍ୟ ସାଧିତ ହୋଇପାରିଥିବା ସେ ବ୍ୟକ୍ତ କରିଛନ୍ତି। ଭାରତକୁ ‘ଚାମ୍ପିୟନ୍ସ ଅଫ୍ ଦି ଆର୍ଥ’ ସର୍ବୋଚ୍ଚ ପରିବେଶ ପୁରସ୍କାରରେ ଜାତିସଂଘ ସମ୍ମାନିତ କରିଥିବା ସେ ଜଣାଇଛନ୍ତି।

# ୩ ଦ୍ୱୀପ ନାଁ ବଦଳିଲା

ପୋର୍ଟବ୍ଲେୟାର,୩୦।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଥିବା ତିନୋଟି ଦ୍ୱୀପର ନାଁ ବଦଳାଇଛନ୍ତି। ଦେଶର ସ୍ୱାଧୀନତା ପାଇଁ ଲଢ଼େଇବେଳେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ଜାତୀୟ ପତାକା ଉଠାଇଥିଲେ। ଏହାର ୭୫ତମ ବାର୍ଷିକୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ରୋସ୍ ଆଇଲ୍ୟାଣ୍ଡକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ଭାବେ ନାମିତ କରିଥିବାବେଳେ ନେଲ୍ ଆଇଲ୍ୟାଣ୍ଡକୁ ଶହୀଦ ଦ୍ୱୀପ ଏବଂ ହାଭେଲକ ଆଇଲ୍ୟାଣ୍ଡକୁ ସ୍ୱରାଜ ଦ୍ୱୀପ ଭାବେ ନାମିତ କରିଛନ୍ତି। ପୋର୍ଟବ୍ଲେୟାରଠାରେ ଏକ ସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଏହା କହିଥିଲେ। ଏହି ଅବସରରେ ଏକ ସ୍ମାରକୀ ଡାକ ଟିକେଟ ଏବଂ ୭୫ ଟଙ୍କିଆ ମୁଦ୍ରାକୁ ପ୍ରଧାନମନ୍ତ୍ରୀ ଉନ୍ମୋଚନ କରିଥିଲେ ଏବଂ ନେତାଜୀ ବିଶ୍ୱବିଦ୍ୟାଳୟ ସ୍ଥାପନ ନେଇ ଘୋଷଣା କରିଥିଲେ। ଏହା ପୂର୍ବରୁ ମୋଦି ମାରିନା ପାର୍କ ଯାଇ ସେଠାରେ ୧୫୦ ଫୁଟ ସ୍ତମ୍ଭରେ ଜାତୀୟ ପତାକା ଉଡାଇଥିଲେ।

## ଫୁର୍‌ସତ

# ଅବତରଣ କରିବ ଲୁନାର ପ୍ରୋବ

**ବେଜିଂ:** ଚାଇନା ଲଞ୍ଚ୍ କରିଥିବା ଲୁନାର ପ୍ରୋବ୍ ରବିବାର ଏହାର କକ୍ଷପଥ ପରିବର୍ତ୍ତନ କରି ଚନ୍ଦ୍ରର ଅନ୍ଧକାର ପାର୍ଶ୍ୱରେ ଅବତରଣ କରିବାକୁ ପ୍ରସ୍ତୁତ ହେଉଛି। ପ୍ରଥମ ଥର ଲାଗି ଚନ୍ଦ୍ରର ଅନ୍ଧକାର ଦିଗ ଅନୁସନ୍ଧାନ କରିବାକୁ ଉଦ୍ୟମ ହୋଇଛି। ଚନ୍ଦ୍ରର ପରିକ୍ରମଣ ଏବଂ ଆବର୍ତ୍ତନ ଚକ୍ର ସମାନ ହୋଇଥିବାରୁ ଏହାର ଗୋଟିଏ ପାର୍ଶ୍ୱ ସବୁବେଳେ ପୃଥିବୀମୁହାଁ ହୋଇ ରହିଥାଏ। ବିପରୀତ ପାର୍ଶ୍ୱ ପୃଥିବୀକୁ ଆଦୌ ଦେଖାଯାଏ ନାହିଁ। ଚନ୍ଦ୍ରର ଏହି ପାର୍ଶ୍ୱକୁ ଫାର ସାଇଡ୍ ବା ‘ଡାର୍କ ସାଇଡ୍’ କୁହାଯାଏ। ଚେଞ୍ଜ୍-୪ ପ୍ରୋବ୍ ଡିସେମ୍ବର ୧୨ରେ ଚନ୍ଦ୍ର କକ୍ଷରେ ପ୍ରବେଶ କରିଥିବା ଚାଇନାର



ନ୍ୟାଶନାଲ ସ୍ପେସ୍ ଆଡମିନିଷ୍ଟ୍ରେଶନ୍ (ସିଏନ୍‌ଏସ୍‌ଏ) ପକ୍ଷରୁ କୁହାଯାଇଛି। ଚାଇନାର ନିୟନ୍ତ୍ରଣ କେନ୍ଦ୍ର ଯଥାର୍ଥ ସମୟରେ ଉକ୍ତ ପ୍ରୋବ୍‌କୁ ଚନ୍ଦ୍ର ଫାର ସାଇଡରେ ଅବତରଣ କରାଇବ। ପ୍ରୋବ୍‌କୁ ସିଚୁଆନ୍ ପ୍ରଦେଶର ଜିଚାଙ୍ଗ ସାଟେଲାଇଟ୍ ଲଞ୍ଚ୍ ସେଣ୍ଟରରୁ ଡିସେମ୍ବର ୮ରେ ରକେଟ ଯୋଗେ ଲଞ୍ଚ୍ କରାଯାଇଥିଲା।

# ଭାରତରେ ବିଡ଼ିଧୂଆଁଜନିତ ସ୍ୱାସ୍ଥ୍ୟ ସମସ୍ୟା

**କୋଚି:** ବିଡ଼ିଧୂଆଁ ପାନ କରିବା ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ସହିତ ଏହା ଅକାଳ ମୃତ୍ୟୁକୁ ଡାକି ଆଣେ। ଭାରତରେ କେବଳ ୨୦୧୭ରେ ବିଡି ଖାଇବା ଜନିତ ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ୮୦ ହଜାର କୋଟି ଟଙ୍କା ବ୍ୟୟ ହୋଇଛି ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ବିଡିକୁ ଏକ ଶସ୍ତା ସିଗାରେଟ୍ କୁହାଯାଏ। ବିନା ପ୍ରକ୍ରିୟାକରଣରେ ତମାଖୁକୁ କେନ୍ଦୁପତ୍ରରେ ଗୁଡାଇ ଏହା ପ୍ରସ୍ତୁତ କରାଯାଏ। ଭାରତରେ ଏହା ଖୁବ୍ ଲୋକପ୍ରିୟ। ଉତ୍ପାଦିତ ତମାଖୁର ୮୧% ଧୂମ ଆକାରରେ ସେବନ କରାଯାଏ। ୧୫ବର୍ଷ ବୟସରୁ ଊର୍ଦ୍ଧ୍ୱ ୭୨ ନିୟୁତ ଲୋକ ନିୟମିତ ତମାଖୁ ସେବନ କରନ୍ତି। ଧୂମପାନରେ କୌଣସି ପ୍ରତିବନ୍ଧକ ରହୁ ନ ଥିବା ଯୋଗୁ ଅନେକ ଲୋକ ଏଥିପାଇଁ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଆନ୍ତି। ଜର୍ନାଲ ଟବାକୋ କଣ୍ଟ୍ରୋଲରେ ପ୍ରକାଶିତ ଅଧ୍ୟୟନରୁ ଏହି ସୂଚନା ମିଳିଛି।

କେରଳସ୍ଥିତ ସେଣ୍ଟର ଫର ପବ୍ଲିକ ପଲିସି ରିସର୍ଚ୍ଚ(ସିପିପିଆର)ର ଗବେଷକଙ୍କ କହିବାନୁଯାୟୀ, ପାରମ୍ପରିକ ସିଗାରେଟ ଅପେକ୍ଷା ବିଡିରେ ତମାଖୁ ମାତ୍ରା କମ୍ ଥିଲେ ହେଁ ନିକୋଟିନ୍ ପରିମାଣ ଅଧିକ। ଏହାଦ୍ୱାରା ଧୂମପାନକାରୀ



### ବ୍ୟୟ ହୋଇଛି ୮୦ ହଜାର କୋଟି

କ୍ଷତିକାରକ ରସାୟନ ଶ୍ୱାସକ୍ରିୟାରେ ଶରୀର ଭିତରକୁ ନେଇଥାଏ। ବିଡ଼ିଧୂଆଁ ପାନ କରିବା ଦ୍ୱାରା ବିଭିନ୍ନ ପ୍ରକାର କ୍ୟାନ୍‌ସର, ଟ୍ୟୁବରକୁଲୋସିସ୍ ଏବଂ ଦୀର୍ଘକାଳୀନ ଫୁସଫୁସ ସମସ୍ୟା ସୃଷ୍ଟି ହୋଇଥାଏ। ସ୍ୱାସ୍ଥ୍ୟ ଉପରେ ଏହାର ଖରାପ ପ୍ରଭାବ ସତ୍ତ୍ୱେ ସିଗାରେଟ୍ ତୁଳନାରେ ଏହା ଉପରେ କମ୍ ଶୁଳ୍କ ଲଗାଯାଇଛି। ଏକ ଆକଳନ ଅନୁଯାୟୀ, ୨୦୧୭ରେ ବିଡ଼ିଧୂଆଁ ପାନ କରିବା ଯୋଗୁ ସୃଷ୍ଟ ସ୍ୱାସ୍ଥ୍ୟ ସମସ୍ୟା ଓ ଚିକିତ୍ସା ବାବଦରେ ଯେତେ ବ୍ୟୟ ହୋଇଛି ତାହାର ପରିମାଣ ପାଖାପାଖି ୮୦,୦୦୦ କୋଟି ଟଙ୍କା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୬ ଡିଗ୍ରୀ ଏବଂ ସର୍ବନିମ୍ନ ୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୧ | ୭.୮ |
| ଚାନ୍ଦବାଲି | ୨୪.୮ | ୯.୫ |
| କଟକ | ୨୫.୦ | ୮.୨ |
| ପାରାଦ୍ୱୀପ | ୨୫.୨ | ୧୦.୯ |
| ଭୁବନେଶ୍ୱର | ୨୬.୭ | ୮.୨ |
| ଗୋପାଳପୁର | ୨୬.୬ | ୧୧.୬ |
| ପୁରୀ | ୨୫.୦ | ୧୨.୧ |
| ଅନୁଗୋଳ | ୨୪.୧ | ୫.୬ |
| ବାରିପଦା | --- | ୯.୦ |
| ଝାରସୁଗୁଡ଼ା | ୨୪.୪ | ୭.୦ |
| କେନ୍ଦୁଝର | ୨୧.୮ | ୬.୪ |
| ସମ୍ବଲପୁର | ୨୫.୬ | ୭.୩ |
| ସୁନ୍ଦରଗଡ଼ | ୨୧.୦ | ୮.୦ |
| ହୀରାକୁଦ | ୨୫.୧ | ୮.୭ |
| ତାଳଚେର | --- | --- |
| ଭବାନୀପାଟଣା | ୨୪.୫ | ୭.୧ |
| ବଲାଙ୍ଗୀର | --- | ୮.୫ |
| କୋରାପୁଟ | ୨୨.୦ | ୭.୨ |
| ଫୁଲବାଣୀ | ୨୩.୦ | ୪.୫ |
| ଟିଟିଲାଗଡ଼ | --- | ୭.୦ |
| ମାଲକାନଗିରି | ୨୮.୦ | ୧୧.୨ |
| ସୋନପୁର | ୨୫.୨ | ୬.୦ |
| ଦାରିଙ୍ଗିବାଡ଼ି | ୨୧.୫ | ୩.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ହନିମୁନ୍ ପାଇଁ ବିଦେଶରେ ଦୀପିକା-ରଣବୀର

**ମୁମ୍ବାଇ:** ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ରଣବୀର ସିଂ ହନିମୁନ୍ ଉଦ୍ଦେଶ୍ୟରେ ବିଦେଶ ଯାତ୍ରା କରିଛନ୍ତି। ଇଟାଲିର ଲେକ୍ କୋମୋରେ ନଭେମ୍ବର ୧୪ ଓ ୧୫ରେ ଦୁହିଁଙ୍କର ହାତଗଣ୍ଠି ପଡିଥିଲା। ଶନିବାର ରାତିରେ ସେମାନେ ହନିମୁନ୍ ଉଦ୍ଦେଶ୍ୟରେ ବିଦେଶ ଯାତ୍ରା କରିଛନ୍ତି। ତେବେ ଏହି ଲକ୍ଷ୍ୟସ୍ଥଳ କେଉଁଠି ତାହା ଜଣାପଡିନାହିଁ। ଉଭୟ କଳା ଡ୍ରେସ ଓ କଳା ଚଷମା ପରିଧାନ କରି ସହାସ୍ୟ ବଦନରେ ହାତ ଧରାଧରି ହୋଇ ବିମାନବନ୍ଦରକୁ ଯାଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଦୀପିକା ଏକ ସାକ୍ଷାତକାରରେ କହିଛନ୍ତି, ରଣବୀରଙ୍କ ଅଭିନୀତ ଫିଲ୍ମ ‘ସିମ୍ବା’ ରିଲିଜ ହେବା ପର୍ଯ୍ୟନ୍ତ ସେମାନେ ବାହାରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ଆଗକୁ ଦୀପିକାଙ୍କ ଜନ୍ମଦିନ ଥିବା ବେଳେ ଏହି ନବଦମ୍ପତି କର୍ମକ୍ଷେତ୍ରକୁ ଫେରିବା ପୂର୍ବରୁ ହଲିଡେକୁ ପୂରା ଦମ୍‌ରେ ଉପଭୋଗ କରିବେ ବୋଲି ସୂଚନା ମିଳିଛି। ଆଗକୁ ଉଭୟ ଦୀପିକା ଓ ରଣବୀର ଖୁବ୍ କାର୍ଯ୍ୟବ୍ୟସ୍ତ ରହିବେ। ରଣବୀରଙ୍କ ପରବର୍ତ୍ତୀ ଫିଲ୍ମ ‘ଗୁଲି ବଏ’ ଫେବୃୟାରୀରେ ରିଲିଜ ହେବାର ଥିବାବେଳେ ଦୀପିକା ତାଙ୍କର ପ୍ରଥମ ପ୍ରଯୋଜନାର ଫିଲ୍ମ ‘ଛପକ’ରେ ଏସିଡ ଆକ୍ରମଣରୁ ବର୍ତ୍ତିଯାଇଥିବା ଲକ୍ଷ୍ମୀ ଅଗ୍ରୱାଲ୍ ଭୂମିକାରେ ଦେଖିବାକୁ ମିଳିବେ।



### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.



ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ଶହ ଶହ ଇହୁଦି ପିଲାଙ୍କ ଜୀବନ ବଞ୍ଚାଇଥିବା ଫ୍ରାନ୍ସର ହିରୋ ଜର୍ଜେସ ଲୋଇଙ୍ଗରଙ୍କର ୧୦୮ ବର୍ଷ ବୟସରେ ପରଲୋକ ହୋଇଛି। ଦକ୍ଷ କ୍ରୀଡାବିତ ଲୋଇଙ୍ଗର ପିଲାମାନଙ୍କୁ ଛୋଟ ଛୋଟ ଗ୍ରୁପରେ ବିଭକ୍ତ କରି ସେମାନଙ୍କୁ ଫ୍ରାଙ୍କୋ-ସ୍ୱିସ୍ ସୀମା ପାର କରାଇଥିଲେ। ସେ ପିଲାଙ୍କ ପାଖକୁ ବଲ୍ ଫିଙ୍ଗୁଥିଲେ ଏବଂ ବଲ୍ ପଛରେ ଦୌଡିବାକୁ ସେମାନଙ୍କୁ କହୁଥିଲେ। ଏହିଭଳି ବିଭିନ୍ନ କୌଶଳ କରି ସେ ପିଲାମାନଙ୍କ ସୀମା ପାର କରାଇନେଉଥିଲେ।

DADLS-229
କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
www.kalia.co.in
ଓଡ଼ିଶା ସରକାର
ଚାଷ ପାଇଁ ସହାୟତା
୩୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨୫,୦୦୦ ଟଙ୍କା
ଲେଖାଏଁ ୫ଟି କିସ୍ତିରେ ଆର୍ଥିକ ସହାୟତା
କାଳିଆ ବାର୍ତ୍ତା:
କାଳିଆ ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ମିସ୍‌କଲ୍ ଦିଅନ୍ତୁ - ୦୮୦୬୧୧୭୪୨୨୨
15001/13/0519/1819



## ସଂକ୍ଷେପରେ

### ୧୨ ଫୁଟ ଲମ୍ବର ମୃତ ବଉଳା କୁମ୍ଭୀର ଉଦ୍ଧାର

**ରାଜନଗର,୩୦।୧୨(ଡିଏନଏ):** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀରୁ ରବିବାର ଗୋଟିଏ ମୃତ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ଏହାର ଲମ୍ବ ୧୨ ଫୁଟ ଓ ଏହା ମାଈ କୁମ୍ଭୀର ବୋଲି ଜଣାପଡିଛି। ପୂର୍ବାହ୍ନ ୧୦ଟା ସମୟରେ ରାଜକନିକା ବ୍ଲକର ଜୟନଗର ନିକଟ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀରେ କୁମ୍ଭୀରଟି ମରି ଭାସୁଥିବାର ବନବିଭାଗ ଖବର ପାଇଥିଲା। ବନପାଳ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକୁ ଯାଇ ମୃତ କୁମ୍ଭୀରକୁ ବୋଟରେ ଟାଣି ଟାଣି ଖୋଲା ନଦୀକୂଳକୁ ଆଣିଥିଲେ। ପରେ କୁମ୍ଭୀରକୁ ରାଜନଗର ପଶୁ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପୋତି ଦିଆଯାଇଛି। କୁମ୍ଭୀରଟି ସମ୍ପୂର୍ଣ୍ଣ ପଚି ଯାଇଥିବା ଦେଖିବାକୁ ମିଳିଥିଲା। ତେଣୁ ୩-୪ ଦିନ ତଳୁ ଏହା ମରି ଯାଇଥିବା ଅନୁମାନ କରାଯାଉଛି। କୁମ୍ଭୀର ମୃତ୍ୟୁର କାରଣ ଜଣା ପଡିନାହିଁ।

### ଜଳିଗଲେ ୨୮ ଗୃହପାଳିତ ପ୍ରାଣୀ
#### ୩ ଗୋରୁ, ୧୫ ଛେଳି ସହ ୧୦ କୁକୁଡ଼ା ମୃତ

**ଭଣ୍ଡାରିପୋଖରୀ, ୩୦।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପାଟୁଳି ପଞ୍ଚାୟତ ଯୋରାଗଡ଼ିଆ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୁହାଳ ସହ ୧ ବଖରା ଘର ଜଳି ଯାଇଥିବା ବେଳେ ୨୮ ଗୃହପାଳିତ ପ୍ରାଣୀ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ପୋଡ଼ି ଯାଇଥିବା ଗୃହପାଳିତ ପ୍ରାଣୀ ମଧ୍ୟରେ ୩ ଗୋରୁ, ୧୫ ଛେଳି ଓ ୧୦ କୁକୁଡ଼ା। ୪ ଗୋରୁ ଆହତ ହୋଇଛନ୍ତି। ଏଥିସହ ଗ୍ରାମର ଅମରେନ୍ଦ୍ର ପାଲ, ତିଳୋତ୍ତମା ପାଲ, ଯତିନ୍ଦ୍ର ପାଲ ଓ ସମରଶେଖର ପାଲଙ୍କର ୪ଟି ଧାନ ଗଦା ପୋଡ଼ି ଯାଇଛି। ଅମରେନ୍ଦ୍ରଙ୍କ ଗୁହାଳରେ ଦିଆଯାଇଥିବା ଧୂଆଁରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ବିଭିନ୍ନ ରାଜନେତା ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

### ରାଜ୍ୟର ସବୁ ପୌରାଞ୍ଚଳରେ ମେ' ସୁଦ୍ଧା ଏଲ୍ଇଡି

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଏଲ୍ଇଡି ଦ୍ୱାରା ଆଲୋକିତ କରାଯିବ। ଏଥିପାଇଁ ଏକ ଏମ୍ଓୟୁ ରାଜ୍ୟ ସରକାର ସ୍ୱାକ୍ଷର କରିଛନ୍ତି। ଆସନ୍ତା ମେ' ସୁଦ୍ଧା ରାଜ୍ୟର ୧୧୩ଟି ପୌରାଞ୍ଚଳରେ ଏହି ସୁବିଧା ଉପଲବ୍ଧ କରାଯିବ। ଏଥିପାଇଁ ପ୍ରାୟ ୬୧,୦୦୦ରୁ ଅଧିକ ସ୍ମାର୍ଟ ଏଲ୍ଇଡିର ଆବଶ୍ୟକତା ପଡିବ ବୋଲି ପ୍ରାଥମିକ ଆକଳନ କରାଯାଇଛି। ଶନିବାର ନଗର ଉନ୍ନୟନ ବିଭାଗ, ପୌରସଂସ୍ଥା ଏବଂ ସଂପୃକ୍ତ ଏଲ୍ଇଡି ଲଗାଉଥିବା ସଂସ୍ଥା ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଯାଇଛି।

# ଆଜିଠୁ କାଳିଆ ଯୋଜନା
## ଶାସକ- ବିରୋଧୀ ମଧ୍ୟରେ ଆରୋପ ପ୍ରତ୍ୟାରୋପ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ରାଜ୍ୟ ସରକାରଙ୍କ କାଳିଆ(କୃଷକ ଆସିଷ୍ଟାନ୍ସ ଫର୍ ଲାଇଭ୍‌ଲିହୁଡ୍ ଆଣ୍ଡ ଇନ୍‌କମ୍ ଅଗମେଣ୍ଟେଶନ୍) ଯୋଜନାକୁ ନେଇ ରାଜନୈତିକ ବାଦ ବିବାଦ ଲାଗି ରହିଛି। ଏହି ପ୍ରସଙ୍ଗରେ ଉଭୟ ଶାସକ ଓ ବିରୋଧୀ ଦୈନିକ ମୁହାଁମୁହିଁ ହେଉଛନ୍ତି। ଅନ୍ୟପଟେ କାଳିଆ ଯୋଜନାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଶନିବାର କ୍ୟାବିନେଟ୍ ବୈଠକ ଡାକି ଅର୍ଥର ବ୍ୟବସ୍ଥା କରିଛନ୍ତି। ବର୍ତ୍ତମାନ ଏଥିପାଇଁ ବଜେଟ୍‌ର ବ୍ୟବସ୍ଥା ନ ଥିବାରୁ ଅର୍ଥ ଖର୍ଚ୍ଚ କରିବାକୁ କଣ୍ଟିଜେନ୍ସି ଫଣ୍ଡ ବ୍ୟବହାର ପାଇଁ ଯୋଜନା କରାଯାଇଛି। ଏହି ଫଣ୍ଡ ପରିମାଣ ବଢାଯାଇ ୧୬୦୦ କୋଟି ଟଙ୍କା କରାଯାଇଛି। ଏହି ଯୋଜନାକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଘୋଷଣା କରିବେ। ତେବେ ପୂର୍ବରୁ ଶନିବାର କ୍ୟାବିନେଟ୍‌ରେ ନିଷ୍ପତ୍ତି କରି କଣ୍ଟିଜେନ୍ସି ଫଣ୍ଡ ବୃଦ୍ଧି କରିବା ଘଟଣାକୁ ନେଇ ବିରୋଧୀ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି।

ଏ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଚାଷୀଙ୍କଠାରୁ କଳାକନା ବୁଲାଇଥିବା ଲୋକମାନେ କାଳିଆର ସାହାରା ନେଉଛନ୍ତି। ଏ ସରକାରଙ୍କ ମନ ଭିତରେ କି ଯୋଜନାରେ ସ୍ୱଷ୍ଟତା ନାହିଁ। ଓଡ଼ିଶାରେ ନିଜେ କରିବୁନି କି କାହାକୁ କରାଇ ଦେବୁନି ଏଭଳି ମାନସିକତାରେ ରାଜ୍ୟ ସରକାର ପହଞ୍ଚିଛନ୍ତି। ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପାଇଁ କିଛି ସ୍ୱଷ୍ଟତା ନାହିଁ। କେବଳ ଭୋଟ ହାତେଇବା ପାଇଁ ସୁଆଙ୍ଗ କରୁଛନ୍ତି। କାଳିଆ ଯୋଜନା ପାଇଁ ବିଧାନସଭା ବସାଇ ଅତିରିକ୍ତ ବଜେଟର ବ୍ୟବସ୍ଥା କ'ଣ ପାଇଁ କଲେନାହିଁ। ଶହେ ଟଙ୍କାର ବୋନସ ଦେବେ ବୋଲି କହିଥିଲେ, ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବାର କଥା କହିଥିଲେ, ଏହି ପ୍ରତିଶ୍ରୁତି କୁଆଡେ ଗଲା ବୋଲି ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, କାଳିଆକୁ ଉପାସ ରଖି ଏଭଳି ଯୋଜନା କରିବାରେ କୌଣସି ଲାଭ ନାହିଁ। ଅଣ୍ଟିରେ ନାହିଁ ଧନ ପୁଅ ବାହାଘର ପାଇଁ ମନଭଳି ଏହି ଯୋଜନା। କେବଳ ଭୋଟ ପାଇଁ ରାଜ୍ୟ ସରକାରଙ୍କର ଏହା ଏକ ନାଟକବାଜି, ରାଜ୍ୟବାସୀ ଏହାକୁ ଭଲରେ ବୁଝି ସାରିଲେଣି ବୋଲି ନିରଞ୍ଜନ କହିଛନ୍ତି।

ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ଏହି ଯୋଜନା ଦ୍ୱାରା ୮୦ରୁ ୯୦ପ୍ରତିଶତ ଚାଷୀ ସୁବିଧା ପାଇବେ। କାଳିଆ ଏକ ବାସ୍ତବ ଧର୍ମୀ ଯୋଜନା। ଏହାଦ୍ୱାରା ଚାଷୀମାନେ ବିଶେଷ ଉପକୃତ ହୋଇପାରିବେ। ବିରୋଧୀ ଅସହିଷ୍ଣୁ ହୋଇ ଏଭଳି ମତ ରଖୁଥିବା ଶଶି କହିଛନ୍ତି।

## ବାଲ୍ୟବିବାହ ରୋକିଲା ଉଦଳା ପୋଲିସ

**ଉଦଳା, ୩୦।୧୨ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଥାନା ରାଢୋ ଗ୍ରାମରେ ଏକ ବାଲ୍ୟ ବିବାହକୁ ବନ୍ଦ କରିଛି ପୋଲିସ। ସମ୍ପୃକ୍ତା ନାବାଳିକାଙ୍କୁ ବିବାହ କରିବାକୁ ଆସିଥିବା ଜଣେ ଯୁବକଙ୍କୁ ପୋଲିସ ଅଟକ ରଖିଛି। ସେ ହେଲେ ଉତ୍ତରପ୍ରଦେଶର ବାସିନ୍ଦା ପ୍ରମୋଦ କୁମାର ସିଂ। ନାବାଳିକାଙ୍କ ଜନ୍ମ ପ୍ରମାଣପତ୍ର ସମେତ ଏକାଧିକ ଦସ୍ତାବିଜ୍‌କୁ ପୋଲିସ ଯାଞ୍ଚ କରିଛି। ବିବାହ ଯୋଗ୍ୟ ବୟସ ନ ହେବା ପର୍ଯ୍ୟନ୍ତ ନାବାଳିକାଙ୍କ ବିବାହ ନ କରାଇବା ପାଇଁ ତାଙ୍କ ପରିବାର ଲୋକଙ୍କଠାରୁ ଏକ ବୁଝାମଣା ପତ୍ର ପୋଲିସ ପ୍ରସ୍ତୁତ କରିଛି। ଏହି ଖବର ପାଇବା ପରେ ପ୍ରଥମେ ପୋଲିସ ନାବାଳିକାଙ୍କ ଘରେ ପହଞ୍ଚିଥିଲା। ସେଠାରେ ନାବାଳିକାଙ୍କ ସହିତ ଆଲୋଚନା କରିବା ସହିତ ତାଙ୍କ ପରିବାର ଲୋକଙ୍କୁ ଏହି ବାହାଘର ବନ୍ଦ କରିବାକୁ ତାଗିଦ୍ କରିଥିଲା। ପରେ ନାବାଳିକାଙ୍କୁ ବିବାହ କରିବାକୁ ଆସିଥିବା ପ୍ରମୋଦ କୁମାର ସିଂଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ବିଭାଗୀୟ ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

ୟୋନୋରେ ସପିଙ୍ଗ୍ କରନ୍ତୁ ଆଉ ବିଭିନ୍ନ ଅଫର୍ସର ଲାଭ ଉଠାନ୍ତୁ।
#SayYoToLife



Lifestyle & banking, dono.
Download & Register now
sbiyono.sbi
yono SBI

## ଆଜି ମୋହରିର ମହାସଂଘର କଲମଛାଡ଼ ଆନ୍ଦୋଳନ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ):** ନିଖିଳ ଉତ୍କଳ ଦଲିଲ ଲେଖକ ମୋହରିର ମହାସଂଘ ସୋମବାର ପ୍ରତିବାଦ ଦିବସ ପାଳନ କରିବ। ଏହି ଅବସରରେ ରାଜ୍ୟର ସମସ୍ତ ସବରେଜିଷ୍ଟ୍ରାର କାର୍ଯ୍ୟାଳୟର ମୋହରିରମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ କଲମଛାଡ ଆନ୍ଦୋଳନ କରିବେ ବୋଲି ସଂଘ ସଭାପତି ବଂଶୀଧର ବେହେରା ସୂଚନା ଦେଇଛନ୍ତି।

# ଆରଏସ୍‌ବିୱାଇ ହିତାଧିକାରୀଙ୍କୁ ମିଳିବ ବିକେକେୱାଇ କାର୍ଡ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

- ପୂର୍ବଭଳି ଉପଲବ୍ଧ ହେବ ମାଗଣା ଚିକିତ୍ସା ସୁବିଧା
- ତୁରନ୍ତ କାର୍ଡ ଯୋଗାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଆସନ୍ତା ଜାନୁୟାରୀ ପହିଲାରୁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା(ଆରଏସ୍‌ବିୱାଇ)ର ସମସ୍ତ ୪୪ ଲକ୍ଷ ୮ ହଜାର ୭୦ ହିତାଧିକାରୀ ବିଜୁ କୃଷକ କଲ୍ୟାଣ ଯୋଜନା(ବିକେକେୱାଇ)ରେ ସାମିଲ ହେବେ। ସମସ୍ତ ହିତାଧିକାରୀ ବିକେକେୱାଇ ଷ୍ଟ୍ରିମ୍-୨ କାର୍ଡ ପାଇବା ସହିତ ପୂର୍ବଭଳି ୧ ଲକ୍ଷ ଟଙ୍କାର ମାଗଣା ଚିକିତ୍ସା ସୁବିଧା ପାଇବେ। ଏଥିସହିତ ସେମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ସୁବିଧା ମଧ୍ୟ ପାଇବେ।

ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆରଏସ୍‌ବିୱାଇର ଅବଧି ଚଳିତ ବର୍ଷ ଡିସେମ୍ବର ୩୧ରେ ସମାପ୍ତ ହେଉଛି। ତେଣୁ ରାଜ୍ୟରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଯେଭଳି ପୂର୍ବଭଳି ମାଗଣା ଚିକିତ୍ସା ପାଇପାରିବେ ସେଥିପାଇଁ ରାଜ୍ୟ ସରକାର ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏ ସମ୍ପର୍କରେ ସମସ୍ତ ଜିଲାପାଳଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଉପସ୍ଥିତ ଥିଲେ।

ଆରଏସ୍‌ବିୱାଇ ହିତାଧିକାରୀମାନେ ଯେପରି ତୁରନ୍ତ ବିକେକେୱାଇ କାର୍ଡ ପାଇବେ ସେଥିପାଇଁ ଅଗ୍ରାଧିକାର ଭିତ୍ତିରେ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ହିତାଧିକାରୀମାନେ ନିକଟ ବିକେକେୱାଇ କିଓସ୍କରୁ ପୁରୁଣା ଆରଏସ୍‌ବିୱାଇ କାର୍ଡ ବଦଳରେ ନୂତନ ବିକେକେୱାଇ(ଷ୍ଟ୍ରିମ×-୨) କାର୍ଡ ସଂଗ୍ରହ କରିବା ପାଇଁ ପରାମର୍ଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ, କୃଷି ଉପନିର୍ଦ୍ଦେଶକ, ଅନୁବନ୍ଧିତ ଘରୋଇ ଡାକ୍ତରଖାନାଗୁଡ଼ିକ ସହିତ ବୈଠକ କରି ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସ୍‌ଟିଏଫ୍)ର ନୂତନ ମାର୍ଗଦର୍ଶିକା ଆଧାରରେ ନୂତନ ବିକେକେୱାଇ କାର୍ଡଧାରୀଙ୍କୁ ସହଜରେ ନିରବଚ୍ଛିନ୍ନ ସେବା ଯୋଗାଇଦେବାକୁ ପରାମର୍ଶ ଦିଆଯାଇଛି।

ଓଏସ୍‌ଟିଏଫ୍‌ର ନୂତନ ମାର୍ଗଦର୍ଶିକା ଅନୁଯାୟୀ ମାରାତ୍ମକ ରୋଗରେ ପୀଡ଼ିତ ସମସ୍ତ ଗରିବଙ୍କୁ ସରକାରଙ୍କ ଚିକିତ୍ସା ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ। ବିକେକେୱାଇ କାର୍ଡଧାରୀଙ୍କ ବ୍ୟତୀତ ଅନ୍ତ୍ୟୋଦୟ ଅନ୍ନ ଯୋଜନା ହିତାଧିକାରୀ ଏବଂ ଗ୍ରାମାଞ୍ଚଳରେ ବାର୍ଷିକ ୫୦ହଜାର ଓ ସହରାଞ୍ଚଳରେ ୬୦ହଜାର ଟଙ୍କାରୁ କମ ଆୟକାରୀମାନେ ଏହି ସୁବିଧା ପାଇପାରିବେ। ଏହାଛଡ଼ା ହୃଦ୍‌ରୋଗ, କିଡ୍‌ନୀ ଏବଂ କର୍କଟରେ ପୀଡ଼ିତ ରୋଗୀଙ୍କ କ୍ଷେତ୍ରରେ ବାର୍ଷିକ ୩ଲକ୍ଷ ଟଙ୍କାରୁ କମ୍ ଆୟକାରୀ ରାଜ୍ୟ ଚିକିତ୍ସା ପାଣ୍ଠିରୁ ସୁବିଧା ପାଇପାରିବେ। ଏ ସଂକ୍ରାନ୍ତରେ ଅଧିକ ବିବରଣୀ ପାଇଁ ଦେୟମୁକ୍ତ ନମ୍ବର ୧୫୫୩୬୯ରେ ଯୋଗାଯୋଗ ପାଇଁ ପରାମର୍ଶ ଦିଆଯାଇଛି।

## ରେଳ ପ୍ରକଳ୍ପର ସମୀକ୍ଷା କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୩୦।୧୨**

ଓଡ଼ିଶାରେ ନିର୍ମାଣାଧୀନ ଓ ନୂଆ ରେଳ ପ୍ରକଳ୍ପ ସମ୍ପର୍କରେ କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଳ ସଦନଠାରେ ରବିବାର ସମୀକ୍ଷା କରିଛନ୍ତି। ପ୍ରକଳ୍ପଗୁଡ଼ିକ କିଭଳି ଭାବେ ଶୀଘ୍ର ଶେଷ ହେବ ସେ ନେଇ ପ୍ରଧାନ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ବୈଠକରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର, ରେଳ ବୋର୍ଡର ଅତିରିକ୍ତ ସଭ୍ୟ (କାର୍ଯ୍ୟ) ମୁକେଶ କୁମାର ଗୁପ୍ତା ପ୍ରମୁଖ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ(ଇନଫ୍ରା) ଏସ୍.କେ. ମିଶ୍ର ଏବଂ ରେଳପଥର ମୁଖ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକଳ୍ପ ଶେଷ କରିବାକୁ ସମସ୍ତ ଅଂଶୀଦାର ସହଯୋଗିତା ଭିତ୍ତିରେ କାର୍ଯ୍ୟ କରିବାକୁ ପ୍ରଧାନ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରିଛନ୍ତି।

DADLS-227



ରାଜ୍ୟସ୍ତରୀୟ ବୀରତା ଦିବସ
ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର
୩୧ ଡ଼ିସେମ୍ବର , ୨୦୧୮
ସାଧାରଣ ସଭା
ସମୟ - ସଂଧ୍ୟା ଘ.୫.୩୦ ମି.
ସ୍ଥାନ - ଜୟଦେବ ଭବନ
ମୁଖ୍ୟ ଅତିଥି - ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ
ମାନ୍ୟବର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ
ସମ୍ମାନିତ ଅତିଥି - ଡକ୍ଟର ପ୍ରଭାସ କୁମାର ସିଂହ
ମାନ୍ୟବର ସାଂସଦ
ମୁଖ୍ୟ ବକ୍ତା - ଡକ୍ଟର ସନ୍ତୋଷ କୁମାର ଦାଶ
ପୂର୍ବତନ ପ୍ରାଧ୍ୟାପକ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ଧନ୍ୟବାଦ ଅର୍ପଣ- ଶ୍ରୀଯୁକ୍ତ ଅଶୋକ କୁମାର ପୂଜାହାରୀ
ସଭାପତି, ଶହୀଦ କୁଞ୍ଜଳ ସିଂହ କ୍ଲବ୍, ଘେଁସ, ବରଗଡ଼
ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ ।
ସଭା ପରେ ଶହୀଦ କୁଞ୍ଜଳ ସିଂହ କ୍ଲବ, ଘେଁସ୍, ବରଗଡ଼ର କଳାକାରମାନଙ୍କ ଦ୍ୱାରା ସମ୍ବଲପୁରୀ ନାଚ (ରସରକେଲି, ପଁଚରସି ଏବଂ ଝୁମେର) ପରିବେଷଣ ॥
ସୂଚନା ଓ ଲୋକସମ୍ପର୍କ ବିଭାଗ, ଶହୀଦ କୁଞ୍ଜଳ ସିଂହ କ୍ଲବ୍, ଘେଁସ୍, ବରଗଡ଼ ଏବଂ ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ଯୋଗଦେବାକୁ ଅନୁରୋଧ ।
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0517/1819

## ୩ ଅଧିକାରୀଙ୍କ ଏଏସ୍‌ପି ର୍ୟାଙ୍କକୁ ପଦୋନ୍ନତି

**କଟକ ଅଫିସ,୩୦।୧୨:** ଓଡ଼ିଶା ପୋଲିସରେ କାର୍ଯ୍ୟରତ ଡିଏସ୍‌ପି ର୍ୟାଙ୍କର ୩ ଅଧିକାରୀଙ୍କୁ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ପୋଲିସ(ଏଏସ୍‌ପି) ର୍ୟାଙ୍କକୁ ପଦୋନ୍ନତି ମିଳିଥିବାବେଳେ ଏଏସ୍‌ପି ର୍ୟାଙ୍କର ଦୁଇ ଅଧିକାରୀଙ୍କ ବଦଳି ହୋଇଛି। ରବିବାର ଓଡ଼ିଶା ପୋଲିସ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଓଏଚ୍‌ଆରସିର ଡିଏସ୍‌ପି ଅଲେଖ ଚନ୍ଦ୍ର ପହିଙ୍କୁ ଯାଜପୁର ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି ଭାବେ ନିୟୋଜିତ କରାଯାଇଛି। ଚୌଦ୍ୱାର ଏସ୍‌ଡିପିଓ ସତ୍ୟ ନାରାୟଣ ଦାସଙ୍କୁ କୋରାପୁଟ ଆଇୟୁସିଏଡବ୍ଲ୍ୟୁ ଏଏସ୍‌ପି, କମିଶନରେଟ ପୋଲିସର ଏସିପି ତ୍ରିନାଥ ମିଶ୍ରଙ୍କୁ ଅତିରିକ୍ତ ଡିସିପି ଭାବେ ନିଯୁକ୍ତ କରାଯାଇଛି। କୋରାପୁଟ ଡିଏସ୍‌ପି ଉଦ୍ଧବ ଚନ୍ଦ୍ର ନାୟକଙ୍କୁ କୋରାପୁଟ ଏଏସ୍‌ପି ଭାବେ ବଦଳି କରାଯାଇଥିବା ବେଳେ କମିଶନରେଟ ପୋଲିସର ଅତିରିକ୍ତ ଡିସିପି ତ୍ରିନାଥ ପଟେଲଙ୍କୁ ସୋନପୁର ଏଏସ୍‌ପି ଭାବେ ବଦଳି କରାଯାଇଛି।

ଗୋଡ଼ ଫଟା ପାଇଁ ଚିନ୍ତିତ କି ?



ତରୁଣ ଆୟୁର୍ବେଦିକ ଫାର୍ମାସିର
ହାଇପାୱାର
ସ୍କେବିଡଲ୍
ଏବେ ଗୋଡଫଟା ପାଇଁ



ଗୁଜରାଟର କୁଚ୍ଛ ଜିଲାର ଭାଚାଉ ନିକଟରେ ଏକ ଏସ୍‌ୟୁଭି ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ବସିଥିବା ଗୋଟିଏ ପରିବାରର ୧୦ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ରବିବାର ସଂଧ୍ୟାରେ ବାଚାଉ ରାଜପଥରେ ଏକ ଲୁଣ ବୋଝେଇ ଟ୍ରକ୍ ଡିଭାଇଡର ଡେଇଁ ଅନ୍ୟ ଲେନ୍‌କୁ ମାଡିଯିବା ଫଳରେ ତାହା ଏସ୍‌ୟୁଭିକୁ ଧକ୍କା ଦେଇଥିଲା। ଫଳରେ ଏଥିରେ ବସିଥିବା ୧୧ଜଣ ଯାତ୍ରୀଙ୍କ ମଧ୍ୟରୁ ୧୦ଜଣଙ୍କ ମୃତ୍ୟୁ ଘଟିଛି।




# ଉଜ୍ଜ୍ୱଳା ସାନିଟାରୀ ନାପକିନ୍‌ର ଶୁଭାରମ୍ଭ

- ମହିଳାଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରାଇବ: ଧର୍ମେନ୍ଦ୍ର
- ଏହା କେନ୍ଦ୍ର ସରକାରଙ୍କ ଆଉ ଏକ ଜୁମ୍ଲା: ବିଜେଡି

ଭୁବନେଶ୍ୱର,୩୦।୧୨

ଦେଶର ରାଷ୍ଟ୍ରାୟତ୍ତ ତୈଳ ବୀପଣନ କମ୍ପାନୀ (ଓଏମ୍‌ସି) ଗୁଡ଼ିକର କର୍ପୋରେଟ ସାମାଜିକ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାରେ ଉଜ୍ଜ୍ୱଳା ସାନିଟାରୀ ନାପକିନ୍‌ର ଶୁଭାରମ୍ଭ ହୋଇଛି। କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରଠାରେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ପଦକ୍ଷେପ ଅନ୍ତର୍ଗତ ରାଜ୍ୟରେ ୧୦୦ ସାନିଟାରୀ ନାପକିନ ମାନୁଫାକଚରିଂ ୟୁନିଟ ସ୍ଥାପନ ଲକ୍ଷ୍ୟ ରଖାଯାଇଛି। ଏଭଳି କାର୍ଯ୍ୟକ୍ରମ ରାଜ୍ୟର ୨.୫ କୋଟି ମହିଳାଙ୍କୁ ସଶକ୍ତ ତଥା ଆତ୍ମନିର୍ଭରଶୀଳ କରାଇବ ବୋଲି ପ୍ରଧାନ ଏହି ଅବସରରେ କହିଛନ୍ତି। ରାଜ୍ୟର ୯୩ ବ୍ଲକରେ ଥିବା କମନ୍ ସର୍ଭିସ ସେଣ୍ଟରଗୁଡ଼ିକରେ ତୈଳ ବୀପଣନ କମ୍ପାନୀଗୁଡ଼ିକ ସାନିଟାରୀ ନାପକିନ୍ ୟୁନିଟ ବସାଇବାରେ ସହାୟତା କରିବେ। ଏଥି ପାଇଁ ୨.୯୪ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବ।

ମହିଳାଙ୍କ ସ୍ୱଚ୍ଛତାକୁ ଧ୍ୟାନରେ ରଖି ସୁଲଭ ମୂଲ୍ୟରେ ସାନିଟାରୀ ପ୍ୟାଡ୍ ଯୋଗାଣ ଲାଗି ଓଏମ୍‌ସିଗୁଡ଼ିକ ଆଗେଇ ଆସିଛନ୍ତି। ସେଣ୍ଟର ପିଛା ଅନ୍ତତଃ ପକ୍ଷେ ୧୦ ମହିଳା ନିଯୁକ୍ତି ପାଇବେ। ଏହା ମଧ୍ୟରେ ମାନୁଫାକଚରିଂରେ ୫ ମହିଳା ନିଯୁକ୍ତ ହେବାକୁ ଥିବା ବେଳେ ଅନ୍ୟମାନେ ପ୍ରଡକ୍ଟ ମାର୍କେଟିଂ କ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ପାଇବେ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ପ୍ରତି ଫାସିଲିଟିରେ ଦୈନିକ ୧୨୦୦ରୁ ୨୦୦୦ ପ୍ୟାଡ୍ ନିର୍ମାଣ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। କମ୍ପାନୀଗୁଡ଼ିକ ପକ୍ଷରୁ ଆବଶ୍ୟକୀୟ କଞ୍ଚାମାଲ ସୁବିଧା ମଧ୍ୟ ଯୋଗାଇ ଦିଆଯିବ। କାର୍ଯ୍ୟକ୍ରମରେ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ, ସିଏସ୍‌ସି ଓଡ଼ିଶା ମୁଖ୍ୟ ସ୍ୱର୍ଣ୍ଣପ୍ରଭା ସିଂ, ଆଇଓସିଏଲ୍ ଏଲ୍‌ପିଜି ଜିଏମ୍ ସଞ୍ଜୟ କୁମାର ଝା, ବିପିସିଏଲ୍ ଏଲ୍‌ପିଜି ରାଜ୍ୟ ମୁଖ୍ୟ ଓଡ଼ିଶା ତଥା ଝାଡଖଣ୍ଡ ଧର୍ମେନ୍ଦ୍ର ବେହୁରା, ଓଡ଼ିଆ ଅଭିନେତ୍ରୀ ମହେଶ୍ୱତା ରାଏ, ଅପରାଜିତା ମହାନ୍ତି, ଅନୁ ଚୌଧୁରୀ,ପିଙ୍କି ପ୍ରଧାନ ଏବଂ ଡ. ସଞ୍ଜୁକ୍ତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି କିନ୍ତୁ ଏହି ଯୋଜନାକୁ ନିନ୍ଦା କରିବା ସହ ଏହା କେନ୍ଦ୍ର ସରକାରଙ୍କ ଆଉ ଏକ ଜୁମ୍ଲା ବୋଲି କହିଛି।

ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି ଯେ, ୨୦୦୦ ମସିହାରୁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାପରେ ମା' ମାନଙ୍କୁ କିଭଳି ସମ୍ମାନ ଦେଇ ଆସୁଛନ୍ତି ତାହା ସମସ୍ତଙ୍କୁ ଜଣାଅଛି। ଅର୍ଥନୈତିକ ଭାବେ ମହିଳାମାନେ ମଧ୍ୟ ସ୍ୱୟଂସମ୍ପୂର୍ଣ୍ଣ ହୋଇଛନ୍ତି। ଏ ନେଇ ମହିଳାମାନଙ୍କ ପାଖରେ ଉପଲବ୍ଧି ରହିଛି। ତେଣୁ କୌଣସି ଭାବେ କିଛି କଥା ମହିଳାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ଛଡାଇ ପାରିବ ନାହିଁ। ରାଜ୍ୟ ସରକାରଙ୍କ ଯୋଜନାକୁ କାଉଣ୍ଟର କରିବା ପାଇଁ କେନ୍ଦ୍ର ସରକାରଙ୍କ ଏହା ଆଉ ଏକ ଜୁମ୍ଲା ବୋଲି ସମୀର କହିଛନ୍ତି।


ସାନିଟାରୀ ନାପକିନ୍ ଶୁଭାରମ୍ଭ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

### ଆଜି ରାଜ୍ୟ ସଭାରେ ଆସିବ ୩ ତଲାକ୍ ବିଲ୍

# ସୁଚିନ୍ତିତ ନିଷ୍ପତ୍ତି ନେବ ବିଜେଡି: ଶଶି ବେହେରା

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ରାଜ୍ୟ ସଭାରେ ସୋମବାର ୩ ତଲାକ ସମ୍ପର୍କିତ ବିଲ୍ ଆଗତ ହେବ। ଏ ସମ୍ପର୍କିତ ବିଲ୍‌କୁ କୌଣସିମତେ ଗୃହରେ ପାସ୍ କରାଇ ଦିଆଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ରାଜ୍ୟ ସଭାରେ ଉପା ସଦସ୍ୟଙ୍କ ସଂଖ୍ୟା ଅଧିକ ଥିବାରୁ ଏହି ବିଲ୍ ପାସ୍ ପାଇଁ ଆଞ୍ଚଳିକ ଦଳଗୁଡିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ରାଜ୍ୟ ସଭାରେ ବିଜେଡିର ୧୦ଜଣ ସଦସ୍ୟ ରହିଛନ୍ତି। ତେଣୁ ବିଜେଡି ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଏ ନେଇ ବିଜେଡି ଭବିଚିନ୍ତି ନିଷ୍ପତ୍ତି ନେବ ବୋଲି ମତ ରଖିଛି।

ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, ଏହି ବ୍ୟବସ୍ଥାକୁ ବିଜେଡି କେବେ ହେଲେ ବିରୋଧ କରିନାହିଁ। ଉକ୍ତ ବିଲ୍‌ରେ କିଛି ସଂଶୋଧନ ଆଣିବା ପାଇଁ ବିଜେଡି ଚାହୁଁଥିଲା। ଯେଉଁ ସଂଶୋଧନ ସାଧାରଣରେ ଗ୍ରହଣୀୟ ହେବ। ଭାରତୀୟ ଦଣ୍ଡ ବିଧାନ ଆଇନ ଅନୁସାରେ କିଛି ପରିବର୍ତ୍ତନର ଆବଶ୍ୟକତା ଅଛି। ବିଜେଡି ଏ ନେଇ ସୁଚିନ୍ତିତ ଭାବେ ନିଷ୍ପତ୍ତି ନେବ ବୋଲି ବେହେରା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ବିଜେଡି ୩୩ ପ୍ରତିଶତ ମହିଳା ସଂରକ୍ଷଣ କଥା କହୁଛି। ତେବେ ମୁସଲମାନ ଭଉଣୀମାନଙ୍କ ଟ୍ରିପଲ ତଲାକ ଯୋଗୁ ଜୀବନ ଖରାପ ହେଉଥିବା ବେଳେ ଏହି ବିଲ୍‌କୁ କାହିଁକି ବିରୋଧ କରୁଛି। ଓଡ଼ିଶାର ୩-୪ ଆସନରେ ଭୋଟ ହାତେଇବା ପାଇଁ ମୁସଲମାନ ମା' ଭଉଣୀମାନଙ୍କ ପ୍ରତି ବିଜେଡି ଅନ୍ୟାୟ କରୁଛି। ଯଦି ରାଜ୍ୟ ସଭାରେ ଏହି ବିଲ୍‌କୁ ବିଜେଡି ସମର୍ଥନ ନ କରିବ ତେବେ ମହିଳାମାନଙ୍କ ପ୍ରତି ସେମାନଙ୍କର କେତେ ସମ୍ମାନ ଅଛି ତାହା ସ୍ପଷ୍ଟ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ, କଂଗ୍ରେସ ଲୋକ ସଭାରେ ଯେଉଁ ଆଭିମୁଖ୍ୟ ଗ୍ରହଣ କରିଥିଲା ରାଜ୍ୟ ସଭାରେ ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରିବ ବୋଲି ଶ୍ରୀକାନ୍ତ କହିଛନ୍ତି।





ଫ୍ରାନ୍ସ ଏବଂ ନାଇଜେରିଆନ ଆର୍ମିର ମିଳିତ ଅପରେଶନରେ ନାଇଜର-ମାଲି ସୀମାରେଖା ନିକଟରେ ୧୫ ସନ୍ଦିଗ୍ଧ ଆତଙ୍କବାଦୀ ନିହତ ହୋଇଛନ୍ତି। ୪୮ ଘଣ୍ଟା ଧରି ଚାଲିଥିବା ଏହି ଅପରେଶନରେ ୨୦ ବାଇକ୍ ସମେତ ମେଶିନଗନ୍, ବହୁ ପରିମାଣରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

DADLS-231
କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
www.kalia.co.in
ଓଡ଼ିଶା ସରକାର
ଅସମର୍ଥ ଚାଷୀଙ୍କୁ ସହାୟତା
ବୃଦ୍ଧାବସ୍ଥା, ଅକ୍ଷମତା, ରୋଗ ତଥା ଅନ୍ୟାନ୍ୟ କାରଣରୁ ଚାଷ ପାଇଁ ଅସମର୍ଥ ୧୦ ଲକ୍ଷ ଚାଷୀଙ୍କୁ ବାର୍ଷିକ ୧୦,୦୦୦ଟଙ୍କା ଲେଖାଏଁ ଆର୍ଥିକ ସହାୟତା
କାଳିଆ ବାର୍ତ୍ତା:
କାଳିଆ ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ମିସ୍‌କଲ୍ ଦିଅନ୍ତୁ - ୦୮୦୬୧୧୭୪୨୨୨

15001/13/0521/1819

## ସଂକ୍ଷେପରେ

### ଭାଜପାରେ ମିଶିଲେ ବ୍ରହ୍ମଗିରିର ଶତାଧିକ ବିଜେଡି କର୍ମୀ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ):** ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବ୍ରହ୍ମଗିରି ଓ ପରଜଙ୍ଗ ନିର୍ବାଚନମଣ୍ଡଳୀର ଶତାଧିକ କର୍ମୀ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ ମିଶ୍ର, ଦଶପଲ୍ଲାର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ପୁରୀ ଜିଲା ଶିକ୍ଷା ଅଧିକାରୀ ସଲିଳା ସେଠୀ ଭାଜପାରେ ସାମିଲ ହୋଇଛନ୍ତି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ମାଲୁଦ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟରାମ ଦାସ, ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ଜେନା ମଧ ଭାଜପାରେ ମିଶିଛନ୍ତି। ମାଲୁଦ ଗ୍ରାମପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତ୍ରିନାଥ ପାହାଣ , ବିଜେଡି ଯୁବ ସଭାପତି ଟୁନା ପାହାଣ, ଭ୍ରମରବର ସାହୁ, ସିଲୁ ଦାସ, ସୁକେଶ ରଞ୍ଜନ ଦାସ ପ୍ରମୁଖ ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନମଣ୍ଡଳୀ କଙ୍କଡାହାଡ ପଞ୍ଚାୟତର ନାଗେତା ପ୍ରଧାନ, ଭରଦ୍ୱାଜ ପ୍ରଧାନ, ରତ୍ନାକର ପ୍ରଧାନ, ଜନାର୍ଦ୍ଦନ ସିଂ, ସଞ୍ଜୟ ବେହେରା, ସର୍ବେଶ୍ୱର ସେଠୀ, ଯଦୁମଣି ପାତ୍ର , ନିର୍ମଳ ପାତ୍ର, ବୀରେନ୍ଦ୍ର ପାତ୍ରଙ୍କ ସମେତ ଶତାଧିକ କର୍ମୀ ଭାଜପାରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସମସ୍ତ ନେତା ଓ କର୍ମୀ ବିଜେଡି ଛାଡି ଭାଜପାରେ ମିଶିଥିବା କହିଛନ୍ତି।

### ତପ୍ତପାଣି ଘାଟିରେ ଦୁର୍ଘଟଣା: ୨ ମୃତ

**ଦିଗପହଣ୍ଡି,୩୦।୧୨:** ଗଞ୍ଜାମ ଜିଲା ଦିଗପହଣ୍ଡି-ରାୟଗଡା ମୁଖ୍ୟରାସ୍ତା ତପ୍ତପାଣି ଘାଟିରେ ରବିବାର ରାତି ପ୍ରାୟ ୭ଟାରେ ଏକ ପିକ୍‌ନିକ୍ ବସ୍ ଓ ଅଟୋ ମଧରେ ଦୁର୍ଘଟଣା ଘଟିଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୬ ଆହତ ହୋଇଛନ୍ତି। ମୃତକମାନେ ହେଲେ ଗଜପତି ଜିଲା ମୋହନା ଥାନା ଅଞ୍ଚଳର ବଜରଙ୍ଗ ବଣଷଣ୍ଡ ଓ ତାଙ୍କ ସମ୍ପର୍କୀୟ ସାବିତ୍ରୀ ବଣଷଣ୍ଡ। ଆହତଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି।

## ଶ୍ରୀମନ୍ଦିରରେ ନୂଆବର୍ଷ ପ୍ରସ୍ତୁତି

# ଆଜି ରାତି ସାଢେ ୯ ସୁଦ୍ଧା ପହୁଡ଼

ପୁରୀ ଅଫିସ,୩୦।୧୨

ଆଉ ମାତ୍ର କିଛି ମୁହୂର୍ତ୍ତ ପରେ ସ୍ପର୍ଶ କରିବ ନୂଆବର୍ଷ। ସହରକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଆଗମନ ଲାଗି ରହିଥିବାବେଳେ ଶ୍ରୀମନ୍ଦିରରେ ନୂଆବର୍ଷ ଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ୩୧ ତାରିଖ ରାତି ସାଢେ ୯ଟା ସୁଦ୍ଧା ଠାକୁରଙ୍କ ପହୁଡ଼ ହୋଇ ରାତି ୨ଟାରେ ଦ୍ୱାର ଫିଟାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି।

ନୂଆବର୍ଷରେ ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିବେ ସେଥିଲାଗି ବ୍ୟବସ୍ଥା ହୋଇଛି। ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଶ୍ରୀମନ୍ଦିର ବାହାରେ ଓ ଭିତରେ ପୋଲିସ କର୍ମଚାରୀ ମୁତୟନ ରହିବେ। ଧାଡିରେ ଯିବା ଲାଗି ଆବଶ୍ୟକ ଅନୁଯାୟୀ ଅସ୍ଥାୟୀ ବ୍ୟାରିକେଡ୍ ତିଆରି ହୋଇଛି। ସିଂହଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରିବେ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରିବା ଲାଗି ନିଷ୍ପତ୍ତି ହୋଇଛି। ଭକ୍ତମାନେ ଯେପରି ମୋବାଇଲ ଫୋନ ନେଇ ଭିତରକୁ ଯିବେ ନାହିଁ ସେଥିପାଇଁ ପ୍ରବେଶ ପଥରେ ଯାଞ୍ଚ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଭିତରେ ସାଦା ପୋଷାକଧାରୀ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ଭକ୍ତଙ୍କ ପ୍ରବଳ ଭିଡ଼ ସମ୍ଭାବନା ଥିବାରୁ ସମୟ ନିର୍ଘଣ୍ଟ ଅନୁସାରେ ନୀତିକାନ୍ତି ଚାଲିବ ବୋଲି ଶ୍ରୀମନ୍ଦିର ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା ସୂଚନା ଦେଇଛନ୍ତି।

ସୋମବାର ରାତି ୧୨ଟାରେ ଜିରୋ ନାଇଟ୍ ସେଲିବ୍ରେଶନ ପରେ ଶ୍ରଦ୍ଧାଳୁ ପର୍ଯ୍ୟଟକମାନେ ଭୋର୍‌ରୁ ସମୁଦ୍ରରେ ସ୍ନାନ କରି ନୂଆବର୍ଷର ପ୍ରଥମ ସୂର୍ଯ୍ୟଙ୍କୁ ଦର୍ଶନ କରିବେ। ଏହାପରେ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କୁ ଦର୍ଶନ କରି ପରିବାର ମଙ୍ଗଳ କାମନା କରିବେ। ଛୁଟିଦିନ ଯୋଗୁ ରବିବାର ସକାଳୁ ଶ୍ରୀକ୍ଷେତ୍ରରେ ଗହଳି ଚହଳି ଆରମ୍ଭ ହୋଇଛି।

## ୬ଶହ ଯୁଦ୍ଧ ଟ୍ୟାଙ୍କ କିଣିବ ପାକିସ୍ତାନ

ନୂଆଦିଲ୍ଲୀ,୩୦।୧୨(ପି.ଟି.)

ସୀମାରେଖାରେ ଭାରତର ସାମରିକ ଶକ୍ତିକୁ ଚ୍ୟାଲେଞ୍ଜ୍ ଦେବା ପାଇଁ ପାକିସ୍ତାନ ଆର୍ମି ୬ ଶହ ଯୁଦ୍ଧ ଟ୍ୟାଙ୍କ କିଣିବାକୁ ଯୋଜନା ଚଳାଇଛି। ଗୋଇନ୍ଦା ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଏହି ଟ୍ୟାଙ୍କ୍‌ଗୁଡ଼ିକ ମଧରେ ଅଧିକାଂଶ ୩ରୁ ୪ କି.ମି ରେଞ୍ଜ୍ ବିଶିଷ୍ଟ ହୋଇଥିବାବେଳେ ରୁଷିଆର ଟି-୯୦ ଟ୍ୟାଙ୍କ୍ ଅନ୍ତର୍ଭୁକ୍ତ ରହିଛି। ଭାରତୀୟ ସେନାକୁ ମୁହଁତୋଡ୍ ଜବାବ୍ ଦେବା ଲକ୍ଷ୍ୟରେ ଇଟାଲୀରୁ ୨୪୫ (୧୫୦ ଏମ୍‌ଏମ୍ ଏସ୍‌ପି ମାଇକ୍-୧୦ ଅତ୍ୟାଧୁନିକ ବନ୍ଧୁକ) କିଣିବାକୁ ପାକିସ୍ତାନ ସେନା ପ୍ରସ୍ତୁତ ହୋଇଛି। ମସ୍କୋ ସହ ପ୍ରତିରକ୍ଷା ସମ୍ପର୍କ ନିବିଡ଼ କରିବାକୁ ଯାଇ ପାକିସ୍ତାନ ରୁଷିଆ ସହ ଟି-୯୦ ଟ୍ୟାଙ୍କ କିଣିବାକୁ ଚୁକ୍ତି କରିଥିବା କୁହାଯାଉଛି। ଜମ୍ମୁ-କଶ୍ମୀର ସୀମାରେଖାରେ ଉଭୟ ଭାରତ ଓ ପାକିସ୍ତାନ ଆର୍ମି ପକ୍ଷରୁ ନିୟମିତ ଗୁଳିବର୍ଷଣ ଜାରି ରହିଥିବାବେଳେ ପାକିସ୍ତାନର ଏହି ସମର ସଜ୍ଜା କାର୍ଯ୍ୟକ୍ରମ ଚିନ୍ତାର ବିଷୟ ହୋଇଛି।

# ବିଜୁ କୃଷକ ଜନତା ଦଳର ସାଙ୍ଗଠନିକ ପୁନର୍ଗଠନ

## ରାଜ୍ୟ କାର୍ଯ୍ୟକର୍ତ୍ତା, ଜିଲା ସଭାପତିଙ୍କ ନାମ ଘୋଷଣା

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ବିଜୁ କୃଷକ ଜନତା ଦଳ ପକ୍ଷରୁ ଆସନ୍ତା ୮ରେ ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମ୍‌ରେ ବିକ୍ଷୋଭ ପ୍ରଦର୍ଶନ ହେବ। ଏହା ପୂର୍ବରୁ କୃଷକ ଜନତା ଦଳର ରାଜ୍ୟ କର୍ମକର୍ତ୍ତା ଏବଂ ଜିଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଦଳ ପକ୍ଷରୁ ରବିବାର ନୂତନ କର୍ମକର୍ତ୍ତାଙ୍କ ତାଲିକା ପ୍ରକାଶ ପାଇଛି।

କମିଟିର ଉପସଭାପତି ଭାବେ ରାଜ୍ୟ ସମବାୟ ବ୍ୟାଙ୍କ ସଭାପତି ଅକ୍ଷୟ ମହାନ୍ତି, କେନ୍ଦୁଝର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି କାନନ ବିହାରୀ ପହି, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, କଳାହାଣ୍ଡି କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଜିତେନ୍ଦ୍ର ନାରାୟଣ ସିଂ, ବ୍ରହ୍ମପୁର କେନ୍ଦ୍ରୀୟ ସମବାୟ ସମିତି ସଭାପତି ଅଲେଖ ଚୌଧୁରୀ, ସମ୍ବଲପୁର କେନ୍ଦ୍ରୀୟ ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ କିଶୋର ମେହେର, ଅନ୍ତର୍ଯ୍ୟାମୀ ରାଉତ, ଘନଶ୍ୟାମ ନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ମନୋଜ ମହାପାତ୍ର, ତିରୁପତି ବନାଗାଡି, ସରୋଜ ପ୍ରଧାନ, ଉତ୍ତମ କୁମାର ପାତ୍ର ଏବଂ ଜୟନ୍ତ ପାଣିଗ୍ରାହୀଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ସମସ୍ତ ଜିଲା ସଭାପତିଙ୍କ ନାଁ ମଧ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଘୋଷଣା କରାଯାଇଛି। କୃଷକ ଜନତା ଦଳ ସଭାପତି ପ୍ରସନ୍ନ ଆଚାର୍ଯ୍ୟ, ମହାସଚିବ ପ୍ରତାପ ଜେନାଙ୍କ ସମ୍ମତିକ୍ରମେ ଏହି ତାଲିକା ଘୋଷଣା କରାଯାଇଛି।

**ବିଜୁ କୃଷକ ଜନତାଦଳ ଜିଲା ସଭାପତି**

| ଜିଲା | ନାମ | | |
|---|---|---|---|
| ଅନୁଗୋଳ | ବ୍ରଜ କିଶୋର ପ୍ରଧାନ | କେନ୍ଦ୍ରାପଡା | ସୌମେନ୍ଦ୍ର ଦାସ |
| ବାଲେଶ୍ୱର | ଅଜୟ ସାମଲ | କେନ୍ଦୁଝର | ଦୀପକ ରାଜ |
| ବରଗଡ | ଗୌରହରି ମିଶ୍ର | ଖୋର୍ଦ୍ଧା | ରାମଚନ୍ଦ୍ର ସାମନ୍ତରାୟ |
| ଭଦ୍ରକ | ଜଗନ୍ନାଥ ସ୍ୱାଇଁ | କୋରାପୁଟ | ରମା ସାମନ୍ତରାୟ |
| | | | ଉପସଭାପତି-ସୁକୁରିଆ ପ୍ରଧାନ |
| ବଲାଙ୍ଗୀର | ଅଜୟ ଦାସ | ମାଲକାନଗିରି | ସୁଭାଷ ଚନ୍ଦ୍ର ପ୍ରଧାନ |
| ବୌଦ୍ଧ | ଶାନ୍ତନୁ ଥାଟି | ମୟୂରଭଞ୍ଜ (୧) | ରାଜ କିଶୋର ଆଚାର୍ଯ୍ୟ, |
| କଟକ | ପ୍ରଶାନ୍ତ କୁମାର ବେହେରା | ମୟୂରଭଞ୍ଜ(୨) | ଦୁର୍ଗା ହେମ୍ବ୍ରମ୍ |
| ଦେବଗଡ | ଚିତ୍ତ ରଞ୍ଜନ ପ୍ରଧାନ | ନବରଙ୍ଗପୁର | ଯୋଗେନ୍ଦ୍ର ସ୍ୱାଇଁ |
| ଢେଙ୍କାନାଳ | ନରୋତ୍ତମ ସାହୁ | ନୟାଗଡ | ଜଗନ୍ନାଥ ପଣ୍ଡା |
| ଗଜପତି | ରବି ନାଇଡୁ | ନୂଆପଡା | ସନ୍ତୋଷ କୁମାର ନିଆଲ୍ |
| ଗଞ୍ଜାମ | ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ | ପୁରୀ | ବିଧାୟକ ଉମାକାନ୍ତ ସାମନ୍ତରାୟ |
| ଜଗତସିଂହପୁର | ପ୍ରକାଶ ଚନ୍ଦ୍ର ବସ୍ତିଆ | | କାର୍ଯ୍ୟକାରୀ ସଭାପତି-ପ୍ରଫୁଲ୍ଲ ଜେନା |
| ଯାଜପୁର | ନିତ୍ୟ ନନ୍ଦନ ରାଉତ | ରାୟଗଡା | ଜ୍ୟୋତି ପ୍ରସାଦ ସାହୁ |
| ଝାରସୁଗୁଡା | ମିତ୍ରଭାନୁ ସାହୁ | ସମ୍ବଲପୁର | ଆନନ୍ଦ ଜେନା |
| କଳାହାଣ୍ଡି | ଦିଲ୍ଲୀପ ଠାକୁର | ସୋନପୁର | ମନୋରଞ୍ଜନ ପ୍ରଧାନ |
| କନ୍ଧମାଳ | କୁନା ଦଣ୍ଡସେଣା | ସୁନ୍ଦରଗଡ | ଗୋପାଳ ଚନ୍ଦ୍ର ପ୍ରଧାନ |

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବୋଲଗଡ଼,୩୦।୧୨(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ରାଜସୁନାଖଳା ଗଣେଶ ବଜାର ନିକଟ ଏକ ପୋଖରୀରେ ଭାସୁଥିବା ଜଣେ ଯୁବକଙ୍କ ମୃତଦେହ ରବିବାର ଉଦ୍ଧାର କରାଯାଇଛି। ମୃତକ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ମଲିକାପୁର ଗ୍ରାମର ଉତ୍ତମ ସାହୁ (୩୨)। ପୋଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତମ ରାଜସୁନାଖଳା ବଜାରରେ ଥିବା ବିନୋଦ କୁମାର ପଣ୍ଡାଙ୍କ କାର ଗ୍ୟାରେଜରେ ମିସ୍ତ୍ରି ଭାବେ କାମ କରୁଥିଲେ। ତେବେ ୨ଦିନ ପୂର୍ବରୁ ସେ ଗ୍ରାମକୁ ଯିବାକୁ କହି ବିନୋଦଙ୍କଠାରୁ ୧୫ଶହ ଟଙ୍କା ନେଇଥିଲେ। ପରବର୍ତ୍ତୀ ସମୟରେ ରବିବାର ସକାଳେ ତାଙ୍କ ମୃତଦେହ ରାଜସୁନାଖଳା ବଜାର ଯାମଳା ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

# ଗୁପ୍ତ ସୂଚନା ସଂଗ୍ରହ ପାଇଁ କାହାରିକୁ ଅନୁମତି ଦିଆଯାଇ ନାହିଁ: କେନ୍ଦ୍ର

ନୂଆଦିଲ୍ଲୀ,୩୦।୧୨(ପି.ଟି)

କୌଣସି କମ୍ପ୍ୟୁଟରରୁ ଗୁପ୍ତରେ ସୂଚନା ସଂଗ୍ରହ ପାଇଁ କାହାରିକୁ କ୍ଷମତା ଦିଆଯାଇ ନାହିଁ। ଏଭଳି କାର୍ଯ୍ୟ କରିବା ପୂର୍ବରୁ ସରକାରୀ ଅନୁମତି ଆବଶ୍ୟକ ଏବଂ ପ୍ରଚଳିତ ନୀତିନିୟମ ଆଧାରରେ ଏହା କରାଯିବ ବୋଲି ଗୃହ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ, ଏଥିପାଇଁ କୌଣସି ନୂଆ ନୀତି ନିୟମ, ବିଧିବ୍ୟବସ୍ଥା ଧାର୍ଯ୍ୟ ହୋଇନାହିଁ। ପୂର୍ବରୁ ଯେଉଁ ନିୟମ ଥିଲା ତାହା ବଳବତ୍ତର ରହିଛି।

ଡିସେମ୍ବର ୨୦ରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏକ ବିଜ୍ଞପ୍ତି ଜାରି କରି କମ୍ପ୍ୟୁଟର ସୂଚନା ସଂଗ୍ରହ ପାଇଁ ୧୦ଟି ଏଜେନ୍ସିର ଏକ ତାଲିକା ପ୍ରସ୍ତୁତ କରିଥିଲେ। ଏହାକୁ ନେଇ ବିରୋଧୀଦଳଗୁଡିକ ପକ୍ଷରୁ ରାଜନୈତିକ ତୁମ୍ବିତୋଫାନ ସୃଷ୍ଟି ହୋଇଥିଲା। ଦେଶକୁ 'ସତର୍କ ନଜର ରଖିବାଭଳି ରାଷ୍ଟ୍ର'ରେ ପରିଣତ କରିବା ପାଇଁ ସରକାର ଉଦ୍ୟମ କରୁଛନ୍ତି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିଲେ। ତେବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ପଷ୍ଟୀକରଣରେ କୁହାଯାଇଛି ଯେ, ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିବା ୧୦ଟି ସଂସ୍ଥାକୁ ଇଲେକ୍‌ଟ୍ରୋନିକ ଯୋଗାଯୋଗ କ୍ଷେତ୍ରରେ ସୂଚନା ସଂଗ୍ରହ ପାଇଁ ୨୦୧୧ରୁ କ୍ଷମତା ଅର୍ପଣ କରାଯାଇଥିଲା। ଆହୁରି ମଧ ୨୦୧୧ର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର ଅନୁଯାୟୀ ଏହି ସଂସ୍ଥା ଗୁଡିକ ସୂଚନା ସଂଗ୍ରହ ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ଅନୁମତି ନେବେ।

କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର କ୍ଷମତାରେ ଥିବାବେଳେ ୨୦୦୯ରେ କମ୍ପ୍ୟୁଟର ତଥ୍ୟ ସଂଗ୍ରହ ଓ ତର୍ଜମା କରିବା ପାଇଁ ନୀତିନିୟମ ପ୍ରସ୍ତୁତ ହୋଇଥିଲା। ବର୍ତ୍ତମାନର କେନ୍ଦ୍ର ସରକାର ସେହି ଆଧାରରେ ସ୍ୱତନ୍ତ୍ର ସଂସ୍ଥାକୁ ବିଜ୍ଞପ୍ତି ଜାରି କରି ଏହାକୁ କେବଳ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛି ବୋଲି ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।



ନୂଆବର୍ଷର ପାର୍ଟି ପ୍ଲେ-ୱିନ୍ ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍ କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ସବୁ ମେଡିକାଲ୍/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଏକ୍ସଟ୍ରା ଟାଇମିଂ ପାଇଁ
Helpline : 09321790671
ଗୁପ୍ତ ରୋଗ ଓ ଶୀଘ୍ରପତନକୁ ଦୂର କରିବା, ପିଲାବେଳର ଭୁଲ୍ କାରଣରୁ ଯଦି ଆପଣ ଗୁପ୍ତ ରୋଗରେ ପୀଡ଼ିତ, ଯେପରିକି ଇନ୍ଦ୍ରିୟର ଢିଲାପଣ, ନପୁଂସକତା ଓ ଅନ୍ୟାନ୍ୟ ପୌରୁଷ ସମସ୍ୟା, ସେଗୁଡ଼ିକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ୍ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାରେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ୍ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।


ତେଲ କ୍ୟାପ୍‌ସୁଲ
SS : Mahendra Pharma / Orissa Drug Distributors | www.playwincapsule.com
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ ବ୍ୟବହାର କରନ୍ତୁ।
ଜୋଶ, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୂର୍ତ୍ତି ବଢ଼ାଏ



## ସୀମା ସୁରକ୍ଷା ବଳରେ କ୍ରୀଡ଼ା କୋଟାରେ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କ (ସିଟି/ଜିଡି)-ପୁରୁଷ ଭାବେ ନିଯୁକ୍ତି - ୨୦୧୮

**ସୀମା ସୁରକ୍ଷା ବଳ**ରେ କ୍ରୀଡ଼ା କୋଟାରେ ବିଭିନ୍ନ ଶୃଙ୍ଖଳାରେ ୬୩ ଗୋଟି କନଷ୍ଟେବଳ (ଜିଡି) (ପୁରୁଷ) ପଦବୀକୁ ପୂରଣ କରିବା ପାଇଁ ଭାରତୀୟ ନାଗରିକ (ପୁରୁଷ)ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ଶୃଙ୍ଖଳାଗୁଡ଼ିକର ବିବରଣୀ ନିମ୍ନ ଅନୁଯାୟୀ ହେବ:-

| କ୍ର.ସଂ. | ଶୃଙ୍ଖଳା | ଖାଲି ସ୍ଥାନ |
|---|---|---|
| ୧. | ତୀରନ୍ଦାଜୀ | ୦୨ |
| ୨. | ଆକ୍ୱାଟିକ୍ (ସନ୍ତରଣ, ଡାଇଭିଂ ଓ ୱାଟର ପୋଲୋ) | ୦୫ |
| ୩. | ଆଥ୍‌ଲେଟିକ୍ସ | ୦୬ |
| ୪. | ବାସ୍କେଟବଲ୍ | ୦୩ |
| ୫. | ବକ୍ସିଂ | ୦୩ |
| ୬. | ଫୁଟ୍‌ବଲ୍ | ୦୩ |
| ୭. | ଜିମ୍ନାଷ୍ଟିକ୍ସ | ୦୨ |
| ୮. | ହ୍ୟାଣ୍ଡବଲ୍ | ୦୨ |
| ୯. | ହକି | ୦୨ |
| ୧୦. | ଜୁଡୋ | ୦୨ |
| ୧୧. | କବାଡ଼ି | ୦୪ |
| ୧୨. | ଖୋ-ଖୋ | ୦୩ |
| ୧୩. | ଟାଏକୋଣ୍ଡୋ | ୦୪ |
| ୧୪. | ଉଶୁ (ସାନ୍‌ଶାଉ) | ୦୮ |
| ୧୫. | ଭଲିବଲ୍ | ୦୪ |
| ୧୬. | ଜଳ କ୍ରୀଡ଼ା (କାୟାକିଂ, କାନୋଇଂ ଏବଂ ରୋଇଂ) | ୦୨ |
| ୧୭. | ଭାରୋତ୍ତୋଳନ | ୦୪ |
| ୧୮. | କୁସ୍ତି (ଫ୍ରି ଷ୍ଟାଇଲ୍ ଏବଂ ଗ୍ରେକୋ ରୋମାନ୍) | ୦୪ |
| | ମୋଟ | ୬୩ |

**ଦ୍ରଷ୍ଟବ୍ୟ:-**
ଖାଲି ସ୍ଥାନ ପରିବର୍ତ୍ତନଯୋଗ୍ୟ (ଉପରୋକ୍ତ ଶୃଙ୍ଖଳାଗୁଡ଼ିକ ମଧରେ ବଢ଼ିପାରେ କିମ୍ବା ହ୍ରାସିତ ହୋଇପାରେ)। କୌଣସି କାରଣ ନ ଦର୍ଶାଇ ନିଯୁକ୍ତିକୁ ପରିବର୍ତ୍ତନ କରିବା କିମ୍ବା ରଦ୍ଦ କରିବା କିମ୍ବା ସ୍ଥଗିତ କରିବାର ଅଧିକାର ବିଏସ୍ଏଫ୍ ନିକଟରେ ସଂରକ୍ଷିତ।

**୨. ବେତନ ହାର**
କନଷ୍ଟେବଳ (ଜିଡି) : ଟ.୨୧,୭୦୦/- (ବେତନ ମାଟ୍ରିକ୍ସ ସ୍ତର-୩, ସେଲ୍-୧) ଏବଂ ନିୟମ ଅଧୀନରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ସମୟ ସମୟରେ ଅନୁମତିଯୋଗ୍ୟ ଅନ୍ୟାନ୍ୟ ଭତ୍ତା।

**୩. ଯୋଗ୍ୟତା ସର୍ତ୍ତାବଳୀ**
ବୟସ: ୧ ଅଗଷ୍ଟ ୨୦୧୮ ସୁଦ୍ଧା ୧୮ରୁ ୨୩ ବର୍ଷ। ସରକାରୀ ନିର୍ଦ୍ଦେଶ ଅନୁଯାୟୀ କୋହଳ।

**୪. ଶିକ୍ଷାଗତ ଯୋଗ୍ୟତା**
ସ୍ୱୀକୃତିପ୍ରାପ୍ତ ବୋର୍ଡ/ବିଶ୍ୱବିଦ୍ୟାଳୟରୁ ମାଟ୍ରିକୁଲେଶନ୍ କିମ୍ବା ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ।

**୫. ଶାରୀରିକ ମାନକ**
କନଷ୍ଟେବଳ (ଜିଡି) ପଦବୀ ନିମନ୍ତେ ନିର୍ଦ୍ଧାରିତ ଶାରୀରିକ ମାନ ନିମ୍ନ ଅନୁଯାୟୀ ହେବ:-
(i) ଉଚ୍ଚତା - ୧୭୦ ସେମି
(ii) ଛାତି - ୮୦ ସେମି (ଅଣସମ୍ପ୍ରସାରିତ), ସର୍ବନିମ୍ନ ସମ୍ପ୍ରସାରଣ ୫ ସେମି
(iii) ଓଜନ: ସ୍ୱାସ୍ଥ୍ୟଗତ ମାନକ ଅନୁଯାୟୀ ଉଚ୍ଚତା ଓ ବୟସର ସମାନୁପାତିକ
ଦ୍ରଷ୍ଟବ୍ୟ:- ସରକାରୀ ନିର୍ଦ୍ଦେଶ ଅନୁଯାୟୀ କୋହଳ।

**ସ୍ୱାସ୍ଥ୍ୟ ପରୀକ୍ଷା**
(କ) **ଦୃଷ୍ଟି-ଶକ୍ତି**

| ଦୃଷ୍ଟିଗତ ତୀକ୍ଷ୍ଣତା | | ଅଣସଂଶୋଧିତ ଦୃଷ୍ଟିଗତ ତୀକ୍ଷ୍ଣତା | | ପ୍ରତିସରଣ | ବର୍ଣ୍ଣ ଦୃଷ୍ଟି | ମନ୍ତବ୍ୟ |
|---|---|---|---|---|---|---|
| ଭଲ ଆଖି | ଖରାପ ଆଖି | ଭଲ ଆଖି | ଖରାପ ଆଖି | | | |
| ଏନ୍୬ | ଏନ୍୯ | ୬/୬ | ୬/୯ | କୌଣସି ପ୍ରକାରର ଦୃଷ୍ଟିଗତ ସଂଶୋଧନ ଅନୁମତିଯୋଗ୍ୟ ନୁହେଁ, ଏପରିକି ଚଷମା ଦ୍ୱାରା ମଧ ନୁହେଁ। | ସିପି-III ଇଶିହାରା ଦ୍ୱାରା | -ଡାହାଣହାତୀ ବ୍ୟକ୍ତିଙ୍କ ପାଇଁ ଡାହାଣ ଆଖି ହେଉଛି ଭଲ ଆଖି ଓ ବାମହାତୀଙ୍କ ପାଇଁ ବାମ ଆଖି ହେଉଛି ଭଲ ଆଖି। - ଦ୍ୱିନେତ୍ରୀ ଦୃଷ୍ଟି ଆବଶ୍ୟକ। |

(ଖ) ବର୍ଣ୍ଣାନ୍ଧତାରୁ ମୁକ୍ତ ହୋଇଥିବେ।
(ଗ) ପ୍ରାର୍ଥୀ ବକ୍ର ଆଣ୍ଠୁ, ଚଟକା ପାଦ, ସ୍ଫୀତ ଧମନୀ ଏବଂ ତୀର୍ଯ୍ୟକ୍ ଦୃଷ୍ଟି ଭଳି ତ୍ରୁଟିରେ ପୀଡ଼ିତ ହୋଇ ନ ଥିବା ଜରୁରୀ। ଉଚ୍ଚ ସ୍ଥାନ ସମେତ ସମସ୍ତ ସ୍ଥାନରେ କର୍ତ୍ତବ୍ୟ ନିର୍ବାହ କରିବା ଏବଂ ପ୍ରତିକୂଳ ଜଳବାୟୁ ପରିସ୍ଥିତି ରହୁଥିବା ସୀମାଞ୍ଚଳରେ ସେବା କରିବା ପାଇଁ ତାଙ୍କର ଉତ୍ତମ ମାନସିକ ତଥା ସ୍ୱାସ୍ଥ୍ୟ ସ୍ଥିତି ରହିଥିବା ଏବଂ କର୍ତ୍ତବ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବାରୁ ବାଧା ଦେଉଥିବା କୌଣସି ତ୍ରୁଟିରୁ ସେ ମୁକ୍ତ ହୋଇଥିବା ଜରୁରୀ।
(ଘ) ସ୍ୱାସ୍ଥ୍ୟ ପରୀକ୍ଷା ମାମଲା, "ଅସ୍ଥାୟୀ ଅଯୋଗ୍ୟତା" ଅନୁମତିଯୋଗ୍ୟ ହେବନାହିଁ।
(ଙ) ଧର୍ମନିରପେକ୍ଷ ରାଷ୍ଟ୍ର ଭାବେ, ଦେଶବାସୀଙ୍କ ଧାର୍ମିକ ଭାବନାର ସମ୍ମାନ ସର୍ବୋପରି, ତେଣୁ ଧାର୍ମିକ ସଙ୍କେତ କିମ୍ବା ପ୍ରତିଛବି ଏବଂ ନାମ ଦର୍ଶାଉଥିବା ଚିତା ବା ଟାଟୁଗୁଡ଼ିକ ଅନୁମତିଯୋଗ୍ୟ ହେବ। ଶରୀରର ପାରମ୍ପରିକ ଅଂଶ ଯେପରି ବାହୁର ଭିତର ଅଂଶ କିନ୍ତୁ କେବଳ ବାମ ବାହୁରେ, ଅଣ ଅଭିବାଦନକାରୀ ଅବୟବ କିମ୍ବା ହାତର ପୃଷ୍ଠଭାଗରେ କରାଯାଇଥିବା ଟାଟୁଗୁଡ଼ିକ ଅନୁମତିଯୋଗ୍ୟ ହେବ। ତାହାର ଆକାର ଶରୀରର ସମ୍ପୃକ୍ତ ଅଙ୍ଗ (କହୁଣୀ କିମ୍ବା ହାତ)ର ଏକ ଚତୁର୍ଥାଂଶରୁ କମ୍ ହୋଇଥିବା ଆବଶ୍ୟକ।
(ଚ) ସ୍ୱାସ୍ଥ୍ୟ ପରୀକ୍ଷା ପର୍ଯ୍ୟାୟରେ ପ୍ରାର୍ଥୀମାନଙ୍କ ନିଦର୍ଶନର ଯାଞ୍ଚ କରାଯିବ।

**କ୍ରୀଡ଼ା ଯୋଗ୍ୟତା**

| କ୍ର.ସଂ. | ପଦବୀ | କ୍ରୀଡ଼ା ଯୋଗ୍ୟତା |
|---|---|---|
| ୧. | କନଷ୍ଟେବଳ / ଜିଡି | ଅଲିମ୍ପିକ୍, ବିଶ୍ୱକପ୍, ଏସିଆନ୍ ଗେମ୍‌ସ, ଜୁନିୟର/ସିନିୟର ବିଶ୍ୱ ଚାମ୍ପିୟନଶିପ୍, ରାଜ୍ୟଗୋଷ୍ଠୀ, ବିଶ୍ୱବିଶ୍ୱବିଦ୍ୟାଳୟ ଖେଳ ଏବଂ ଏସ୍ଏଏଫ୍ ଖେଳରେ ଭାରତୀୟ ଦଳର ପ୍ରତିନିଧିତ୍ୱ। **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ବ୍ୟକ୍ତିଗତ/ଦଳଗତ ଇଭେଣ୍ଟରେ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନଶିପ୍/ ଜାତୀୟ କ୍ରୀଡ଼ାରେ ଯେକୌଣସି ପଦକ ବିଜେତା **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ବ୍ୟକ୍ତିଗତ/ଦଳଗତ ଇଭେଣ୍ଟରେ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନଶିପ୍/ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ **କିମ୍ବା** ଜାନୁୟାରୀ ୨୦୧୭ ପରଠାରୁ ରାଜ୍ୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ। |

**ଦ୍ରଷ୍ଟବ୍ୟ:** କେବଳ ଜୁନିୟର/ସିନିୟର ଜାତୀୟ ଚାମ୍ପିୟନ୍‌ଶିପ୍/ଜାତୀୟ ଖେଳରେ ଅଂଶଗ୍ରହଣ ବର୍ଗ ତଥା ରାଜ୍ୟ ଚାମ୍ପିୟନ୍‌ଶିପ୍‌ର ସ୍ୱର୍ଣ୍ଣ ପଦକ ବର୍ଗରେ ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଇଁ ସମ୍ପୃକ୍ତ ଇଭେଣ୍ଟ/ଶୃଙ୍ଖଳାରେ ଶାରୀରିକ ଦକ୍ଷତା ପରୀକ୍ଷା/ଟ୍ରାଏଲ୍ ପରୀକ୍ଷା ପ୍ରଯୁଜ୍ୟ ହେବ।

### କିପରି ଆବେଦନ କରିବେ
ଯୋଗ୍ୟ ଏବଂ ଇଚ୍ଛୁକ ପ୍ରାର୍ଥୀମାନେ **ଆନେକ୍ସର-'ଏ'**ରେ ଦିଆଯାଇଥିବା ଅନୁଯାୟୀ ନିର୍ଦ୍ଧାରିତ ପ୍ରୋଫର୍ମାକୁ ଫୁଲ୍ ସ୍କେପ୍ କାଗଜରେ ବିଧିବଦ୍ଧ ଭାବେ ଟାଇପ୍ କରି କିମ୍ବା ସ୍ପଷ୍ଟ ଭାବେ ହାତରେ ଲେଖି ଦୁଇଟି ସେଲ୍‌ଫ ଆଟେଷ୍ଟେଡ୍ ପାସ୍‌ପୋର୍ଟ ଆକାର ଫଟୋଗ୍ରାଫ୍, ଗୋଟିଏ ଆବେଦନ ପତ୍ରରେ ଓ ଅନ୍ୟଟି ପ୍ରବେଶ ପତ୍ରରେ ସେହି ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ ଜାଗାରେ ଲଗାଇ ଏବଂ ସବୁ ଦିଗରୁ ପୂରଣ କରି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧରେ **"ଦି କମାଣ୍ଡାଣ୍ଟ, ୯୫ ବିଏନ୍ ବିଏସ୍ଏଫ୍, ଭୋଣ୍ଡସି, ଡାକ- ଭୋଣ୍ଡସି, ଜିଲ୍ଲା- ଗୁରୁଗ୍ରାମ, ହରିୟାଣା - ୧୨୨୧୦୨"**ଙ୍କ ଠିକଣାରେ ଲଫାପାରେ ଉପରିଭାଗରେ **"ବିଏସ୍ଏଫ୍‌ରେ କ୍ରୀଡ଼ା କୋଟାରେ କ୍ରୀଡ଼ାବିତ୍ ସିଟି (ଜିଡି)ଙ୍କ ନିଯୁକ୍ତି ନିମନ୍ତେ ଆବେଦନ-୨୦୧୮"** ଲେଖି ଆବଶ୍ୟକ କାଗଜପତ୍ର ସହ ଦାଖଲ କରିପାରିବେ। ହେଲେ, ଉତ୍ତରପୂର୍ବାଞ୍ଚଳ, ଜାମ୍ମୁ ଓ କାଶ୍ମୀରର ଲଦାଖ ଡିଭିଜନ, ସିକିମ୍, ହିମାଚଳ ପ୍ରଦେଶର ଚାମ୍ବା ଜିଲ୍ଲାର ପାଙ୍ଗୀ ସବ୍-ଡିଭିଜନ, ଲାହୌଲ ଓ ସ୍ପିତି ଜିଲ୍ଲା, ଆଣ୍ଡାମାନ ଓ ନିକୋବର ଦ୍ୱୀପ, ଲାକ୍ଷାଦ୍ୱୀପର ଦୂର ଦୂରାନ୍ତ ଅଞ୍ଚଳର ପ୍ରାର୍ଥୀମାନେ ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ଏହି ବିଜ୍ଞାପନ ପ୍ରକାଶିତ ହେବା ତାରିଖରୁ ୪୫ ଦିନ ମଧରେ ସେମାନଙ୍କର ଦରଖାସ୍ତ ଦାଖଲ କରିପାରିବେ।

### ମନୋନୟନ ପ୍ରକ୍ରିୟା
ସୁବ୍ୟବସ୍ଥିତ ଭାବେ ଆବେଦନ ପତ୍ର ଦାଖଲ କରିଥିବା ସମସ୍ତ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ପ୍ରବେଶ ପତ୍ର/କଲ୍ ଲେଟର୍ ଇସ୍ୟୁ କରାଯିବ ଅର୍ଥାତ୍ ପ୍ରାର୍ଥୀମାନଙ୍କୁ ନିଯୁକ୍ତିର ନିମ୍ନଲିଖିତ ପ୍ରକ୍ରିୟାର ସମ୍ମୁଖୀନ ହେବାକୁ ପଡ଼ିବ:-
i. ନିଦର୍ଶନ/କାଗଜପତ୍ର ଯାଞ୍ଚ
ii. ଶାରୀରିକ ମାପ
iii. ଶାରୀରିକ ଦକ୍ଷତା ପରୀକ୍ଷା/ସମ୍ପୃକ୍ତ ଇଭେଣ୍ଟ ପାଇଁ ଟ୍ରାଏଲ୍ ପରୀକ୍ଷା **(କେବଳ ଜାତୀୟ ଅଂଶଗ୍ରହଣ ବର୍ଗ ଏବଂ ରାଜ୍ୟରେ ସ୍ୱର୍ଣ୍ଣ ପଦକ ବର୍ଗ ଅଧୀନରେ ଆବେଦନ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ପ୍ରଯୁଜ୍ୟ)।**
iv. ସ୍ୱାସ୍ଥ୍ୟ ପରୀକ୍ଷା
v. ମେଧା ତାଲିକା

ନିଯୁକ୍ତି ସଂକ୍ରାନ୍ତୀୟ ବିସ୍ତୃତ ନିର୍ଦ୍ଦେଶାବଳୀ ପାଇଁ ଦୟାକରି ବିଏସ୍ଏଫ୍ ୱେବ୍‌ସାଇଟ୍ ଅର୍ଥାତ୍ www.bsf.nic.in ଦେଖନ୍ତୁ।
ଏହି ନିଯୁକ୍ତି ସଂକ୍ରାନ୍ତୀୟ ଅଧିକ ଅଧିସୂଚନା କେବଳ ବିଏସ୍ଏଫ୍ ୱେବ୍‌ସାଇଟ୍‌ରେ ଜାରି କରାଯିବ। ପ୍ରାର୍ଥୀମାନଙ୍କୁ ନିୟମିତ ଭାବେ ଏହି ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଉଛି।

ସ୍ୱା./- (ଅଶ୍ୱିନୀ କୁମାର ସିଂହ)
କମାଣ୍ଡାଣ୍ଟ (କ୍ରୀଡ଼ା)
୧୭ ଡିସେମ୍ବର ୨୦୧୮
davp 19110/11/0095/1819



ମେଘାଳୟର ଏକ କୋଇଲା ଖଣିରେ ୧୫ଜଣ ଶ୍ରମିକ ଫସି ରହିଥିବା ବେଳେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ରବିବାର ଉଦ୍ୟମ ହୋଇଥିଲା। କିନ୍ତୁ ଭାରତୀୟ ନୌସେନା ଏବଂ ଏନ୍‌ଡିଆରଏଫ୍ ଟିମ୍‌ର ବୁଡାଳିମାନେ ୩୭୦ଫୁଟ ଗଭୀର ବିଶିଷ୍ଟ ଉକ୍ତ ଖଣିର ନିମ୍ନଭାଗରେ ପହଞ୍ଚିପାରି ନ ଥିଲେ।



## ପୂର୍ବତନ ବିଧାୟକ ନିତ୍ୟାନନ୍ଦ ଗଡତିଆଙ୍କ ପରଲୋକ

ବିଜେପୁର,୩୦।୧୨(ଡି.ଏନ.ଏ.)- ବରଗଡ ଜିଲା ବିଜେପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ନିତ୍ୟାନନ୍ଦ ଗଡତିଆଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ଶନିବାର ରାତି ୧୧ଟା ୪୫ ମିନିଟରେ ହଠାତ୍ ତାଙ୍କ ହୃଦ୍‌ଘାତ ହୋଇଥିଲା ପରିବାର ଲୋକେ ତାଙ୍କୁ ତୁରନ୍ତ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କୁ ସମ୍ମାନ ଜଣାଇ ରବିବାର ସ୍ୱତଃସ୍ଫୂର୍ତ୍ତ ଭାବେ ଦୋକାନ ବଜାର ବନ୍ଦ ରହିଥିଲା। ସେ ଜଣେ ଚାଷୀ ନେତା, ଜଣାଶୁଣା ଫୁଟବଲ ଖେଳାଳି ତଥା ସ୍ୱାଧୀନଚେତା ବ୍ୟକ୍ତି ଭାବେ ପରିଚିତ ଥିଲେ। ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ, ବିଧାୟିକା ରୀତା ସାହୁ, ଏମ୍‌ପି ପ୍ରଭାସ କୁମାର ସିଂହ, ବିଡିଓ ପଦ୍ମନାଭ ସାମନ୍ତରାୟ, ଗାଇସିଲେଟ ବ୍ଲକ ଉପାଧ୍ୟକ୍ଷ ପ୍ରଣୟ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁଣନିଧି ସେଠ, ଜିଲା ବିଜେଡି ଉପ ସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ, ସନତ କୁମାର ଗଡତିଆ, ଅଜିତ ସାହୁ, ଗୌରହରି ମିଶ୍ର, ଚାଷୀ ନେତା ଗୌରଚନ୍ଦ୍ର ଖମାରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ଅନ୍ତିମ ଦର୍ଶନ କରିଥିଲେ। ଶୋଭାଯାତ୍ରାରେ ତାଙ୍କ ଶବାଧାରକୁ ନଗର ପରିକ୍ରମା କରାଯିବା ପରେ ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା। ବଡ ପୁଅ ଜୟନ୍ତ ଗଡତିଆ ମୁଖାଗ୍ନି ଦେଇଥିଲେ।

# ରାଜ ରାସ୍ତାରେ ଚାଷୀ

ମାଲକାନଗିରି,୩୦।୧୨(ଡି.ଏନ.ଏ.)



ରାଜରାସ୍ତାରେ ଧାନବସ୍ତା ରଖି ଧାରଣାରେ ବସିଥିବା ଚାଷୀ।

ଦକ୍ଷିଣ ଓଡ଼ିଶାରେ ତିତ୍‌ଲି ପ୍ରଭାବରେ ଚାଷୀଙ୍କ ଅଣ୍ଟା ଦୋହଲିଯାଇଥିଲା। ଚାଷୀ ଯାହା କିଛି ଧାନ ଅମଳ କରିଥିଲେ ତାକୁ ବିକ୍ରି କରି ଦୁଇ ପଇସା ପାଇବ ବୋଲି ଆଶା କରିଥିଲା। ମାତ୍ର ତାହା ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁ ଫେଲ୍ ମାରି ଯାହାର ନଗ୍ନ ନମୁନା ଦେଖିବାକୁ ମିଳିଛି ମାଲକାନଗିରି ଜିଲାରେ। ଏଠାରେ ପ୍ରଶାସନ ଚାଷୀଙ୍କ ଧାନ କ୍ରୟ ପାଇଁ ଯେଉଁସବୁ ନିୟମ ଘୋଷଣା କରିଥିଲେ ତାହା କେତେକ ନ୍ୟସ୍ତସ୍ୱାର୍ଥ କର୍ମଚାରୀ ଏବଂ ଦଲାଲଙ୍କ ଯୋଗୁ କାର୍ଯ୍ୟକାରିତାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଫଳରେ ଚାଷୀଙ୍କ ସମସ୍ୟା ଜଟିଳ ହେବାରେ ଲାଗିଛି। ଏହାର ପ୍ରତିବାଦରେ ରବିବାର ଚାଷୀମାନେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଖବର ପାଇ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା।

ମାଲକାନଗିରି ଜିଲା ସଦର ଲ୍ୟାମ୍ପ ଅଧୀନରେ ଥିବା ଝରାପାଲି ପଞ୍ଚାୟତରେ ହୋଇଥିବା ମଣ୍ଡିରେ ବିକ୍ରି ପାଇଁ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ୨ସପ୍ତାହ ଧରି ପଡି ରହିଥିଲେ ମଧ୍ୟ ସେଠାରୁ ଧାନ ଉଠାଇବା ନେଇ ପ୍ରଶାସନ ପଦକ୍ଷେପ ନେଉ ନ ଥିଲା। ଚାଷୀ ଶୀତ କାକରରେ ମଣ୍ଡିରେ ଧାନଜଗି ରହିଥିଲେ। ରବିବାର ଝରାପାଲି ଓ ପେଡାକୋଣ୍ଡା ପଞ୍ଚାୟତର ୪ଶହରୁ ଊର୍ଦ୍ଧ୍ୱ ଚାଷୀ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମିଙ୍କ ନେତୃତ୍ୱରେ ପ୍ରଶାସନର ନିଷ୍କ୍ରିୟତାର ପ୍ରତିବାଦ କରି ମାଲକାନଗିରି-ଜୟପୁର ଜାତୀୟ ରାଜପଥ ସିନ୍ଧ୍ରିମାଳଠାରେ ଧାନବସ୍ତା ରଖି ଅବରୋଧ କରିଥିଲେ। ଫଳରେ ଦୀର୍ଘ ୪ଘଣ୍ଟା ଧରି ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଅଟକି ରହିଥିଲା। ଏଥିଯୋଗୁ ଭୁବନେଶ୍ୱର, ବ୍ରହ୍ମପୁର, ଜୟପୁର, ସମ୍ବଲପୁର, ବଲାଙ୍ଗୀର ଅଞ୍ଚଳରୁ ମାଲକାନଗିରି ଆସୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ଜିଲା ଯୋଗାଣ ଅଧିକାରୀ ଅଭିମନ୍ୟୁ ମହାନ୍ତି, ଥାନା ଭାରପ୍ରାପ୍ତ ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କୁ ୨୪ ଘଣ୍ଟା ମଧ୍ୟରେ ମଣ୍ଡିରେ ପଡି ରହିଥିବା ଧାନ ଉଠାଇବା ସହ ସେମାନଙ୍କର ଖାଲି ବସ୍ତାର ଅର୍ଥ ମଧ୍ୟ ବ୍ୟାଙ୍କ ଜମାଖାତାରେ ଡିପୋଜିଟ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଚାଷୀ ରାସ୍ତା ଅବରୋଧରୁ ହଟିଯାଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପଡିଆମି ଯୋଗାଣ ଅଧିକାରୀ ମହାନ୍ତିଙ୍କ ନିକଟରେ ଜିଲାର ବିଭିନ୍ନ ମଣ୍ଡିରେ ପଡି ରହିଥିବା ଧାନ ୨୪ ଘଣ୍ଟା ମଧ୍ୟରେ ଉଠାଇବା ପାଇଁ ଦାବି କରିଥିଲେ। ଅନ୍ୟାନ୍ୟ ମଣ୍ଡିରେ ଥିବା ଧାନଗୁଡିକ ଉଠାଇବା ପାଇଁ ମହାନ୍ତି ୩ଦିନ ସମୟ ମାଗିଥିଲେ। ସେ କହିଛନ୍ତି ଯେ, ଜିଲାରେ ୬୨ ମଣ୍ଡିରୁ ଧାନ ଉଠାଇବା ପାଇଁ ଅଳ୍ପ ସଂଖ୍ୟକ ମିଲର ଥିବା ଏବଂ ଗାଡି ଅଭାବ ଯୋଗୁ କେତେକ ସ୍ଥାନରେ ସମସ୍ୟା ସୃଷ୍ଟିହେଉଛି। ତଥାପି ୩ଦିନ ମଧ୍ୟରେ ସମସ୍ତ ମଣ୍ଡିରେ ଥିବା ଧାନ ଉଠିବ ବୋଲି ଯୋଗାଣ ଅଧିକାରୀ ମହାନ୍ତି କହିଛନ୍ତି।

**ଧାନ କ୍ରୟରେ ଅବ୍ୟବସ୍ଥା**

- ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡିଲା
- ଶୀତ କାକରରେ ମଣ୍ଡିରେ ଧାନଜଗି ରହିଛନ୍ତି ଚାଷୀ
- ସବୁ ମଣ୍ଡିରୁ ଧାନ ଉଠାଇବା ପାଇଁ ୩ଦିନ ସମୟ ମାଗିଲା ପ୍ରଶାସନ

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହଜିଗଲେ ଖୋଜିବାକୁ ନାହିଁ**
**କି ମରିଗଲେ କାନ୍ଦିବାକୁ ନାହିଁ।**

ଯାହାର କେହି ଆତ୍ମୀୟ କି ସଖା ସହୋଦର ନ ଥାଏ, ତା'ର ଭଲରେ ମନ୍ଦରେ ତଥା ବିପଦ ଆପଦରେ ପାଖରେ ଛିଡ଼ା ହୋଇ ସାହା ହେବାକୁ କେହି ନ ଥାଏ। ଦୁଃଖ ତା'ର ଚିରକାଳ ହୋଇଥିବା ବେଳେ ଜୀବନରେ ସେ କେବେ ହସଖୁସି ସାଉଁଟି ପାରି ନ ଥାଏ। ନିଃସଙ୍ଗ ଜୀବନ ବଡ଼ ସଂଘର୍ଷପୂର୍ଣ୍ଣ ଓ କଷ୍ଟଦାୟକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ହାଣଇ ମାରଇ ଯେ**
**ଗାଁ ବାହାର ସେ**
**ଲଇଁ ତୋଳୁଥାଇ ଶାଗ**
**ତା' ବରତନ ଆଗ।**

ସବୁବେଳେ ଯିଏ ମାରଧର କରେ, ହଣାକଟା କରେ ତା'ପ୍ରତି ସମସ୍ତଙ୍କ ମନରେ ଏକପ୍ରକାର ଭୟଭାବନା ରହିଥାଏ। ସମସ୍ତେ ତାଙ୍କୁ ଦୂରୁ ଜୁହାର କରିଥାନ୍ତି। ଏପରି ଖଳ ପ୍ରକୃତିର ବ୍ୟକ୍ତିଙ୍କୁ କେହି ପାଖ ପୂରାଇ ଦେଇ ନ ଥାନ୍ତି। ପରନ୍ତୁ ଯିଏ ନମ୍ର ଶାନ୍ତ ସ୍ୱଭାବର ହୋଇଥାଏ ତା'ପ୍ରତି ସମସ୍ତଙ୍କର ଆଦରଭାବ ରହିଥାଏ। ଏପରି ସୁଗୁଣ ବ୍ୟକ୍ତିଙ୍କ ପ୍ରତି ସମସ୍ତଙ୍କ ଆତ୍ମୀୟତାଭାବ ସୃଷ୍ଟିହେବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପେଣ୍ଠ ବେଳାଭୂମି, ଭିତରକନିକାରେ ପର୍ଯ୍ୟଟକଙ୍କ ଭିଡ଼

ରାଜନଗର,୩୦।୧୨(ଡିଏନଏ)

କେନ୍ଦ୍ରାପଡା ଜିଲାର ରାଜନଗର ବ୍ଲକରେ ଥିବା ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଓ ପେଣ୍ଠ ବେଳାଭୂମିର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ପାଇଁ ରବିବାର ୧୦ ହଜାର ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳିଥିଲା। ଆଜି ଗୋଟିଏ ଦିନରେ ଭିତରକନିକାକୁ ୩ ହଜାର ୩୨୧ ପର୍ଯ୍ୟଟକ ଆସିଥିବା ବେଳେ ରାଜନଗର ବ୍ଲକର ପେଣ୍ଠ ବେଳାଭୂମିରେ ୭ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ଭିଡ ଜମିଥିଲା। ଭିତରକନିକାକୁ ସ୍ଥଳପଥରେ ୧୬୫୨ ପର୍ଯ୍ୟଟକ ଓ ଜଳପଥରେ ୧୬୬୯ ପର୍ଯ୍ୟଟକ ଆସିଥିଲେ। ଗୁପ୍ତିରୁ ୨୯ଟି ବୋଟ୍‌ରେ ୪୯୬ ପର୍ଯ୍ୟଟକ ଆସିଥିବା ବେଳେ ଖୋଲା ନିକଟରୁ ୬୫ଟି ବୋଟ୍‌ରେ ୯୧୨ଜଣ ଓ ଚାନ୍ଦବାଲିରୁ ୧୦ଟି ବୋଟରେ ୧୬୩ ଜଣ ପର୍ଯ୍ୟଟକ ଭିତରକନିକାକୁ ଆସି ଏହାର ନୈସର୍ଗିକ ଶୋଭାକୁ ଉପଭୋଗ କରିଥିଲେ। ଏହାଛଡା ପ୍ରତିଦିନ ଦଳ ଦଳ ହୋଇ ଏଠାକୁ ଦେଶ ବିଦେଶର ପର୍ଯ୍ୟଟକଙ୍କର ସୁଅ ଛୁଟିଛି। ସେହିପରି ବଙ୍ଗୋପସାଗରର ପେଣ୍ଠ ବେଳାଭୂମି ନିକଟରେ ଥିବା ଝାଉଁବଣ ଓ ଲୁଣାଜଙ୍ଗଲରେ ଭିଡ ଜମିଥିଲା। ପର୍ଯ୍ୟଟକମାନେ ପେଣ୍ଠ ଠାରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମାଣ ହୋଇଥିବା ଜିଓ ସିନ୍ଥେଟିକ୍ ସାମୁଦ୍ରିକ ପ୍ରାଚୀରକୁ ଦେଖିଥିଲେ। ପେଣ୍ଠ ନିକଟ ସମୁଦ୍ରରେ ଅଧିକାଂଶ ପର୍ଯ୍ୟଟକ ଗୋଧୋଇବାର ମଜା ନେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ମହିଳା ସଂରକ୍ଷଣ: ବିଜେଡି ଆଭିମୁଖ୍ୟ ନେଇ ପ୍ରଶ୍ନ ଉଠାଇଲେ ଶ୍ରୀକାନ୍ତ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ଲାଗି ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ବିଜେଡି ସମସ୍ତ ରାଜନୈତିକ ଦଳର ସହଯୋଗ ଲୋଡୁଛି। ଏହା ପୂର୍ବରୁ ରାଜ୍ୟ ସରକାର ବିଧାନସଭାରେ ସର୍ବସମ୍ମତ ପ୍ରସ୍ତାବ ମଧ୍ୟ ଗୃହୀତ କରାଇଛନ୍ତି। ହେଲେ ଉକ୍ତ ପ୍ରସ୍ତାବରେ ଅନୁସୂଚିତ ଜାତି(ଏସ୍‌ସି), ଅନୁସୂଚିତ ଜନଜାତି(ଏସ୍‌ଟି), ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏବଂ ସଂଖ୍ୟାଲଘୁଙ୍କ ସଂରକ୍ଷଣ ସମ୍ପର୍କରେ କିଛି କୁହାଯାଇନାହିଁ। ବିନା ସଂରକ୍ଷଣରେ ବିଜେଡିର ଏହି ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା।

ଶ୍ରୀକାନ୍ତ କହିଛନ୍ତି ଯେ, ୩୩ ପ୍ରତିଶତ ମହିଳା ସଂରକ୍ଷଣ ପ୍ରସଙ୍ଗକୁ ସମସ୍ତେ ସମର୍ଥନ ଜଣାଉଛନ୍ତି। ହେଲେ ଏହି ସଂରକ୍ଷଣକୁ ନେଇ ଥିବା ଏକ ମୌଳିକ ଦିଗ ଉପରେ କେହି ଦୃଷ୍ଟିପାତ କରୁନାହାନ୍ତି। ଏଚ୍.ଡି. ଦେବଗୌଡ଼ାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ପ୍ରଥମେ ଏହି ବିଲ୍ ଅଣାଯାଇଥିଲା। ଲୋକ ସଭାରେ ଏହି ବିଲ୍ ଉପସ୍ଥାପିତ ହେବା ପରେ ସିଲେକ୍ଟ କମିଟିକୁ ଯାଇଥିଲା। ବାମପନ୍ଥୀ ନେତ୍ରୀ ଗୀତା ମୁଖାର୍ଜୀ କମିଟିର ଅଧ୍ୟକ୍ଷା ଥିଲେ। ଉକ୍ତ କମିଟି ୩୩ ପ୍ରତିଶତ ସଂରକ୍ଷଣ ନେଇ ସହମତି ହୋଇଥିଲା। ହେଲେ ଏସ୍‌ସି, ଏସ୍‌ଟି, ଓବିସି ଏବଂ ସଂଖ୍ୟାଲଘୁ ବର୍ଗର ମହିଳାଙ୍କ ପାଇଁ ନିୟମ ରହିବା ନେଇ ଆଲୋଚନା ହୋଇଥିଲା। ଲାଲୁ ଯାଦବ, ମୁଲାୟମ ସିଂ ଯାଦବ, ଶରତ ଯାଦବ, ମାୟାବତୀ ପ୍ରମୁଖ ସଂରକ୍ଷଣ ସପକ୍ଷରେ ମତ ଦେଇଥିଲେ। ଏମାନଙ୍କୁ ବାଦ୍ ଦେଇ ଅନ୍ୟ କେତେଜଣ ସହମତ ହୋଇ ନ ଥିଲେ। ତେଣୁ ସେବେଠାରୁ ବିଲ୍‌ଟି ସେମିତି ରହିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭଲଭାବରେ ଜଣା ଯେ ବିଧାନସଭାରେ ଏ ସଂକଳ୍ପ ଗୃହୀତ କରାଇ କୌଣସି ଫାଇଦା ନାହିଁ। ତେଣୁ ଉକ୍ତ ଆଇନରେ ଏସ୍‌ଟି, ଏସ୍‌ସି, ଓବିସି ଏବଂ ସଂଖ୍ୟାଲଘୁଙ୍କ ସଂରକ୍ଷଣ ନେଇ ଯଦି ବିଜେଡି ସ୍ପଷ୍ଟ ମତ ରଖିଥାନ୍ତା, ତେବେ ତାଙ୍କର ପ୍ରକୃତ ଆନ୍ତରିକତା ଥିବା ଜଣାପଡ଼ିଥାନ୍ତା ବୋଲି ଜେନା କହିଛନ୍ତି।

■ପିପିଲି ଗଣବଳାତ୍କାର ଘଟଣାର ମହାରଥୀଙ୍କ ମନ୍ତବ୍ୟ ପ୍ରସଙ୍ଗ

## ୩ରେ ନବୀନ ନିବାସ ଘେରାଉ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ):

ରାଜ୍ୟରେ ନାରୀ ନିର୍ଯାତନା ଏବଂ ସୁରକ୍ଷା ନେଇ ବିଜେଡି ସରକାର ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଜେଡି ସରକାରର କ୍ୟାବିନେଟ ମନ୍ତ୍ରୀ ପ୍ରଦୀପ ମହାରଥୀ, ପିପିଲି ଗଣବଳାତ୍କାର ମାମଲାକୁ ନେଇ ଯେଉଁଭଳି ମନ୍ତବ୍ୟ ଦେଇଆସିଛନ୍ତି ସମଗ୍ର ମହିଳା ଜାତି ପ୍ରତି ଅସମ୍ମାନ। ଗତ ୨୫ରେ ମହାରଥୀ ଯେଉଁଭଳି ଭାବେ ବିବୃତି ଦେଲେ 'କ୍ଷୀର କ୍ଷୀର, ପାଣି ପାଣି, ସତ କେବେ ଲୁଚି ରହିବନି, ସତର ପରିପ୍ରକାଶ ହେଉଛି, ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ମିଳିଛି, ଏହା ସମଗ୍ର ରାଜ୍ୟବାସୀଙ୍କୁ ଚକିତ କରିଛି। ଏଥିରେ ତାଙ୍କର ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଛି ବୋଲି ପ୍ରଦେଶ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା କହିଛନ୍ତି। ୩ଦିନ ମଧ୍ୟରେ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରା ନ ଗଲେ ଆସନ୍ତା ୩ ତାରିଖରେ ନବୀନ ନିବାସ ଘେରାଉ କରିବା ସହିତ ସେ ଯେଉଁ ସ୍ଥାନକୁ କାର୍ଯ୍ୟକ୍ରମ ବା ସଭାସମିତିରେ ଯୋଗ ଦେବାକୁ ଯିବେ ସେଠାରେ ତାଙ୍କୁ ବିରୋଧ କରାଯିବ ବୋଲି ଜେନା ଚେତାବନୀ ଦେଇଛନ୍ତି।

କଂଗ୍ରେସ ମୁଖ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁମିତ୍ରା କହିଛନ୍ତି ଯେ, ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ମହାରଥୀଙ୍କର ମହିଳାମାନଙ୍କ ପ୍ରତି ଅସମ୍ମାନର ପରିପ୍ରକାଶ ଘଟିଛି। ଯାତ୍ରାପାର୍ଟିର ଖଳନାୟକମାନେ ଯେପରି ବୟାନବାଜି କରନ୍ତି ସେହିପରି ଢ଼ଙ୍ଗରେ ପିପିଲି ମାମଲାକୁ ବେପରୁଆ ଏବଂ ଦାୟିତ୍ୱଶୂନ୍ୟ ଭାବେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ମହିଳା ସଶକ୍ତୀକରଣ, ମା'କୁ ସମ୍ମାନ, ମିଶନଶକ୍ତି, ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଦି ଆହ୍ୱାନ ଦେଉଥିବା ସରକାରର ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀଙ୍କର ଏପରି ମନ୍ତବ୍ୟ ଶୁଣି ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ମହାରଥୀଙ୍କଠାରୁ କିଛି ଆଶା ନାହିଁ, ମୁଖ୍ୟମନ୍ତ୍ରୀଙ୍କର ଯଦି ମହିଳାମାନଙ୍କ ପ୍ରତି ତିଳେହେଲେ ସମ୍ମାନଥାଏ ତେବେ ସେ ଏହିପରି ସମ୍ବେଦନଶୀଳ ଘଟଣାରେ ମହାରଥୀଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ସୁମିତ୍ରା କହିଛନ୍ତି।

**ମନ୍ତ୍ରୀ ପଦରୁ ବିଦା ନ କଲେ ସବୁ ସ୍ଥାନରେ ବିରୋଧ**

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH An ISO Certified Company 9001:2015
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

MAHENDAR FINANCE



• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍



ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠ୍‌କରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା। ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି। ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ



ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9897037205

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 18 ଘଣ୍ଟାରେ 2% ସୁଧ, 50% ରିହାତି (ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill- Baijnathpur, Gaya-205131

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

ନବବର୍ଷ ଧମାକା
ଗଣପତି ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
8126592819
8126568293
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।



ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF
MORE SPACE • SAME PRICE
* GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

SMS JOB



ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002



“ ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



# ଆଓ୍ବାର ସେଲିବ୍ରେଶନ

# ବଢ଼ିଛି ଉତ୍କଣ୍ଠା

**ଭୁବନେଶ୍ୱର,୩୦।୧୨(ବ୍ୟୁରୋ): ନୂଆବର୍ଷକୁ ଧୁମ୍‌ଧାମରେ ସ୍ୱାଗତ କରିବାକୁ ଆରମ୍ଭ ହୋଇଗଲାଣି କାଉଣ୍ଟ୍‌ଡାଉନ୍। ଚାରିଆଡ଼େ ଉତ୍ସବର ମାହୋଲ। ଜିରୋ ଆଓ୍ବାର ସେଲିବ୍ରେଶନ ପାଇଁ ଭୁବନେଶ୍ୱରରେ ଚାଲିଛି ଜୋର୍‌ଦାର ପ୍ରସ୍ତୁତି। ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥାଗୁଡ଼ିକଠାରୁ ଆରମ୍ଭକରି ଛୋଟବଡ଼ ହୋଟେଲ, କାଫେ ଓ କ୍ଲବ ପର୍ଯ୍ୟନ୍ତ ସମସ୍ତେ ନୂଆବର୍ଷ ପାର୍ଟି ଆୟୋଜନରେ ଲାଗିପଡ଼ିଛନ୍ତି। କେଉଁଠି କ'ଣ ହେବ, ତାହାର ତାଲିକା ପ୍ରକାଶ ପାଇସାରିଥିବା ବେଳେ ଅଧିକାଂଶ ସ୍ଥାନରେ ଟିକେଟ୍ ବୁକିଂ ଢେର୍ ଦିନ ଆଗରୁ ଆରମ୍ଭ ହୋଇଯାଇଛି। କେଉଁଠି କପୁଲ୍ ଏଣ୍ଟ୍ରିରେ ରିହାତି ମିଳୁଛି ତ କେଉଁଠି ଆଗୁଆ ବୁକିଂ ଓ ଅନ୍‌ଲାଇନ୍ ବୁକିଂରେ ମିଳୁଛି। ତେବେ ଚଳିତବର୍ଷ କେଉଁଠି ନ୍ୟୁଇୟର ପାର୍ଟି କରିବେ, ତାହାକୁ ନେଇ ଆମର ସ୍ୱତନ୍ତ୍ର ରିପୋର୍ଟ...**



### ଡିଜେ ଓ ଡ୍ୟାନ୍ସ ଶୋ'

ଏଥର ସ୍ୱସ୍ତି ପ୍ରିମିୟମ୍ ପ୍ଲାଜା କ୍ଲବରେ 'ସ୍କାଏ ଲିମିଟ୍ ୨୦୧୯' ଅନୁଷ୍ଠିତ ହେଉଥିବା ବେଳେ ଚାଣକ୍ୟ ହଲ୍‌ରେ 'ସିମର୍ ୨୦୧୯' ଆୟୋଜନ ହେବ। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ 'ସ୍କାଏ ଲିମିଟ୍' ଓ 'ସିମର୍'ର ଦମ୍‌ଦାର ଡିଜେ ଓ ଡ୍ୟାନ୍ସ ଶୋ' ମୁଖ୍ୟ ଆକର୍ଷଣ ସାଜିବ। ଅନ୍‌ଲିମିଟେଡ୍ ସ୍ନାକ୍‌ସ ଓ ପାନୀୟ ବ୍ୟବସ୍ଥା ସହ ବଫେଟ୍ ଡିନର ଏଠାକାର ପ୍ରମୁଖ ଆକର୍ଷଣ ରହିବ। ସିଙ୍ଗଲ ଓ କପୁଲ୍‌ଙ୍କ ପାଇଁ ଅଲଗା ପ୍ରବେଶ ଶୁଳ୍କ ରହିଥିବା ବେଳେ ସ୍କାଏ ଲିମିଟ୍‌ର ଷ୍ଟାଗ୍ ଏଣ୍ଟ୍ରି ୩୫୦୦ଟଙ୍କା ଏବଂ କପୁଲ ଏଣ୍ଟ୍ରି ୫୦୦୦ ଟଙ୍କା ରହିଛି। ସେହିଭଳି ସିମର୍ ପାଇଁ କପୁଲ୍ ଟିକେଟ୍ ୬୯୯୯ ଟଙ୍କା ରହିଥିବା ବେଳେ ସ୍ୱତନ୍ତ୍ର ପ୍ୟାକେଜ୍ ମଧ୍ୟ ରହିଛି।

### ଫୁଡ୍, ଫନ୍, ମ୍ୟୁଜିକ୍

ମେଫେୟାର ୩ଟି ନୂଆବର୍ଷ ପାର୍ଟିର ଆୟୋଜନ କରିବ। ହୋଟେଲର 'ଟିପଟ୍' ରେଷ୍ଟୁରାଣ୍ଟ ସହ 'ଦିସେଲାର' ଏବଂ ଅର୍କିଡ୍ ହଲ୍‌ରେ ଧୁମ୍‌ଧାମରେ ଜିରୋ ନାଇଟ୍ ସେଲିବ୍ରେଶନ କରାଯିବ। ଏହାସହ ଲେମନ ଗ୍ରାସ ଓ ନକଲି ଢାବାରେ ମଧ୍ୟ ଲୋକେ ସୁସ୍ୱାଦୁ ଖାଦ୍ୟ ସହ ମନପସନ୍ଦର ମ୍ୟୁଜିକ୍‌ର ମଜା ନେଇପାରିବେ। ସବୁବର୍ଗର ଲୋକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ଏଠାରେ ଭିନ୍ନ ଭିନ୍ନ ଥିମ୍‌ରେ କାର୍ଯ୍ୟକ୍ରମ କରାଯିବ। ଟି' ପଟ୍‌ରେ ଲାଇଭ୍ ମ୍ୟୁଜିକ୍ ସହ ସୁସ୍ୱାଦୁ ଖାଦ୍ୟ ଓ ପାନୀୟ, 'ଦି ସେଲାର'ର ମାସ୍କ୍ୟୁରେଡ୍ ଥିମ୍ ପାର୍ଟି ମୁଖ୍ୟ ଆକର୍ଷଣ ରହିବ। ଦି ସେଲାରରେ ସେଲିବ୍ରିଟି ଡିଜେ ଓ ଲାଇଭ୍ ବ୍ୟାଣ୍ଡର ମଜା ନେଇପାରିବେ ଗ୍ରାହକ। ଏହାବ୍ୟତୀତ ଅର୍କିଡ୍‌ରେ ଲାଇଭ୍ ମ୍ୟୁଜିକାଲ ଇଭିନିଙ୍ଗ୍ ଦେଖିବାକୁ ମିଳିବ।

### ମାସ୍କ୍ୟୁରେଡ୍ ଥିମ୍ ପାର୍ଟି

ରାଜଧାନୀବାସୀଙ୍କୁ ନୂଆ ଅନୁଭୂତି ଆଣିଦେବାକୁ ହୋଟେଲ କଳିଙ୍ଗ ଅଶୋକା ଚଳିତବର୍ଷ ଆୟୋଜନ କରୁଛି ମାସ୍କ୍ୟୁରେଡ୍ ଥିମ୍ ପାର୍ଟି। ଜିରୋ ନାଇଟ୍ ଯୁବପିଢ଼ିଙ୍କୁ ମସ୍‌ଗୁଲ୍ କରିବାକୁ ହୋଟେଲରେ ଆୟୋଜନ ହେବ 'ମାସ୍କ୍ୟୁରେଡ୍ ନାଇଟ୍'। ଅନ୍‌ଲିମିଟେଡ୍ ଫୁଡ୍‌ର ବ୍ୟବସ୍ଥା କରାଯାଇଛି। ସେହିଭଳି ସମସ୍ତେ ମାସ୍କ ପିନ୍ଧି ପାର୍ଟିର ମଜା ନେବା ପାଇଁ ଏଠାରେ ଫ୍ରିରେ ମାସ୍କ ଦିଆଯିବା ସହ ଏଣ୍ଟ୍ରି ଟିକଟ୍‌ର ଦାମ୍ ୧୯୯୯ ଟଙ୍କା ରହିଛି।

### 'ନ୍ୟୁ ଇୟର୍ସ ଇଭ୍'

ଓଡ଼ିଶାର ଶ୍ରେଷ୍ଠ ଯୁବ ମ୍ୟୁଜିସିଆନ୍ ତଥା କଣ୍ଠଶିଳ୍ପୀମାନଙ୍କୁ ନେଇ ହୋଟେଲ ନ୍ୟୁ ମ୍ୟାରିୟନ୍‌ରେ 'ନ୍ୟୁ ଇୟର୍ସ ଇଭ୍' କାର୍ଯ୍ୟକ୍ରମ ଆୟୋଜନ ହେବ। ଏହାସହ ଡ୍ୟାନ୍ସ ଓ ଧୁମ୍‌ଧଡାକ୍ ଡିଜେ ମଧ୍ୟ ଏଠାକାର ଆକର୍ଷଣ ରହିବ। ସେହିଭଳି ସୁସ୍ୱାଦୁ ଖାଦ୍ୟ ସହ ଡେଜର୍ଟସ ଏଠାକାର ଅନ୍ୟତମ ଆକର୍ଷଣ। ସିଙ୍ଗଲ ଟିକଟ୍ ମୂଲ୍ୟ ୪ ହଜାର ଟଙ୍କା ରହିଥିବା ବେଳେ କପୁଲ୍‌ଙ୍କ ପାଇଁ ୫୫୦୦ ଟଙ୍କା ରହିଛି।

### ବଲିଉଡ୍ ଅନ୍‌ଲିମିଟେଡ୍

ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲରେ ଜିରୋ ଆଓ୍ବାର ସେଲିବ୍ରେଶନ ପାଇଁ ଆୟୋଜନ ହେବ 'ବଲିଉଡ୍ ଅନ୍‌ଲିମିଟେଡ୍ ୨୦୧୯'। ଅନ୍‌ଲିମିଟେଡ୍ ଫୁଡ୍ ଓ ଅନ୍‌ଲିମିଟେଡ୍ ବ୍ରେଭରେଜସ୍ ସହ ବଲିଉଡ୍ ଏବଂ ଓଲିଉଡ୍ କଳାକାରମାନେ ଏଠାରେ ଆକର୍ଷଣ ରହିବେ। ବଲିଉଡ୍ କଣ୍ଠଶିଳ୍ପୀ ସ୍ମିତା ନନ୍ଦୀଙ୍କ ସହ ଓଲିଉଡ୍ କଣ୍ଠଶିଳ୍ପୀ ତାରିକ୍ ଅଜିଜ୍, ଡିଜେ ଦୁଷ୍ମନ୍ତ ଓ ଲାଇଭ୍ ବ୍ୟାଣ୍ଡ୍ ଯୁବା ଦେଖିବାକୁ ମିଳିବ। ସେହିଭଳି ନୃତ୍ୟରେ ରସିଆନ୍ ଡ୍ୟାନ୍ସ ଏବଂ ଡ୍ୟାନ୍ସ ଟ୍ରୁପ୍ ସ୍ୱାଗର୍ କିଙ୍ଗ୍‌ସ ଧମାକା କରିବେ। ଷ୍ଟାଗ୍ ଏଣ୍ଟ୍ରି ଏଠାରେ ୩୯୯୯ ଟଙ୍କା ଥିବାବେଳେ କପୁଲ ଏଣ୍ଟ୍ରି ୬୪୯୯ ଟଙ୍କା ରହିଛି।

### ଅନ୍ୟାନ୍ୟ ପ୍ରମୁଖ ସ୍ଥାନ

ବିଭିନ୍ନ ଇଭେଣ୍ଟ ମ୍ୟାନେଜମେଣ୍ଟ ସଂସ୍ଥା ପକ୍ଷରୁ ସହରର ଏକାଧିକ ସ୍ଥାନରେ ନୂଆବର୍ଷ ପାର୍ଟି ଆୟୋଜନ ହେବ। ଜାଗମରାର ପ୍ରାଚୀ ରିସର୍ଟସ୍ 'ଜିରୋ ନାଇଟ୍'ରେ ସେଲିବ୍ରିଟି ସିଙ୍ଗର, ଡ୍ୟାନ୍ସ ଓ ଡିଜେ ଆକର୍ଷଣ ରହିବ। ନୟାପଲ୍ଲୀସ୍ଥିତ ହୋଟେଲ ପ୍ରେସିଡେନ୍ସିର 'ଲାଷ୍ଟ ନାଇଟ୍ ବିଫର୍ ଡନ୍'ରେ ଅନ୍‌ଲିମିଟେଡ୍ ଖାଦ୍ୟ, ପାନୀୟ ସହ ଡିଜେ ର୍ୟାନ୍, ରସୁଲଗଡ଼ର ଗ୍ରୀନ୍ ଫିଲ୍ଡରେ 'ନକ୍ ଆଉଟ୍ ୨.୦'ରେ ଲାଇଭ୍ ଡିଜେ, ର୍ୟାମ୍ପ୍ ଶୋ', ସେଲ୍‌ଫି ଜୋନ୍, ସରପ୍ରାଇଜ୍ ଗିଫ୍ଟ ଆଦି ଆକର୍ଷଣ ରହିବ। ସେହିଭଳି ପଟିଆସ୍ଥିତ ହୁକ୍କିଡୁକ୍କିରେ ଡିଜେ କ୍ରସ୍ ଓ ଡିଜେ ଡ୍ୟାସ୍‌ଙ୍କ ଲାଇଭ୍ ଡିଜେର ମଜା ନେବେ ରାଜଧାନୀବାସୀ। ବିଡିଏ ନିକ୍କୋ ପାର୍କ ନାଇନ୍‌ଥ ଷ୍ଟ୍ରିଟ୍‌ର 'ମିଡ୍‌ନାଇଟ୍ ମ୍ୟାଡ୍‌ନେସ୍ ୩.୦', ନନ୍ଦନକାନନ ନିକଟ ଲାଲ୍‌କିଲା ହୋଟେଲରେ ଲାଇଭ୍ ଡିଜେ ସହ ବିଭିନ୍ନ ପ୍ରକାର ଗେମ୍, ସୁସ୍ୱାଦୁ ଖାଦ୍ୟ ଓ ମକ୍‌ଟେଲ୍‌ର ବ୍ୟବସ୍ଥା କରାଯାଇଛି। କଳ୍ପନା ଛକସ୍ଥିତ ହୋଟେଲ ପୁଷ୍ପକ୍‌ର 'ଆର୍ଟିଫାଷ୍ଟ ନାଇଟ୍'ରେ ଇଣ୍ଡିଆନ୍ ଆଇଡଲ୍ ଫେମ୍ ଅମ୍ରିତା ଭାରତୀ ଓ ଆର୍‌ଜେ କେପି ମୁଖ୍ୟ ଆକର୍ଷଣ ରହିବେ।






ରବିବାର ପଥ ଉତ୍ସବରେ ପିଲାମାନେ ସ୍କେଟିଂର ମଜା ନେଉଛନ୍ତି। ରାସ୍ତାରେ ୨୦୧୮କୁ ବିଦାୟ ଜଣାଇ ରଙ୍ଗୋଲି କରାଯାଉଛି।

# ପଥ ଉତ୍ସବ

# ୨୦୧୮କୁ ବିଦାୟ ଜଣାଇଲେ

## ପ୍ରବଳ ଶୀତ ସତ୍ତ୍ୱେ ଜନସମୁଦ୍ର ହେଲା ଜନପଥ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ଦିନକ ପରେ ନୂଆବର୍ଷର ନୂଆ ସକାଳ ହେବ। ତେଣୁ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ରାଜଧାନୀବାସୀଙ୍କ ମନରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଛି। ଏପରି କି ପୁରୁଣା ବର୍ଷକୁ ଖୁସିରେ ଖୁସିରେ ବିଦାୟ ଦେଇ ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ଅନେକ ପ୍ରସ୍ତୁତି ଚାଲିଛି। ରବିବାର ପଥ ଉତ୍ସବରେ ଏହାର ଏକ ଝଲକ ଦେଖିବାକୁ ମିଳିଛି। ୨୦୧୮ ଅନେକଙ୍କୁ କନ୍ଦାଇଛି ଓ ଅନେକଙ୍କୁ ହସାଇଛି। ତେଣୁ ସେ ସବୁକୁ ଭୁଲି କିଭଳି ନୂଆବର୍ଷ ଲୋକଙ୍କ ମନରେ ଖୁସି ଆଣି ଆସିବ ସେଥିପାଇଁ ଜନପଥରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଗନ୍ନାଥଙ୍କୁ ପ୍ରାର୍ଥନା କରାଯାଇଛି। ରାଜଧାନୀରେ ପାରଦ ୮.୨ ଡିଗ୍ରୀକୁ ଖସିଥିଲେ ମଧ୍ୟ ଜନପଥରେ ଲୋକଙ୍କ ବେଶ୍ ଗହଳି ଦେଖିବାକୁ ମିଳିଥିଲା। ଜନପଥ ଏକପ୍ରକାର ଜନସମୁଦ୍ର ପାଲଟିଯାଇଥିଲା। ପଥଚାରୀମାନେ ରାମମନ୍ଦିର ଓ ମାଷ୍ଟରକ୍ୟାଣ୍ଟିନ ନିକଟରେ ହୋଇଥିବା ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ।

୨୦୧୯କୁ ସ୍ୱାଗତ କରି ପଥ ଉତ୍ସବରେ ଏକ ସଂଗଠନ ପକ୍ଷରୁ ରଙ୍ଗୋଲିରେ ଏକ ନବଜାତ ଶିଶୁପୁତ୍ରର ଚିତ୍ର ଅଙ୍କନ କରାଯାଇଥିଲା। ସେହିଭଳି ୨୦୧୮କୁ ବିଦାୟ ଦେଇ ଏକ ବୃଦ୍ଧଙ୍କ ଚିତ୍ର ଅଙ୍କାଯାଇଥିଲା। ଏହାକୁ ଦେଖିବା ପାଇଁ ଲୋକଙ୍କ ଗହଳି ଲାଗିଥିଲା।



### ଦୁର୍ଘଟଣାରେ ଆହତଙ୍କ ଜୀବନ ରକ୍ଷା ପାଇଁ ସଚେତନତା

ଅନେକ ସମୟରେ ସଡ଼କ ଦୁର୍ଘଟଣାରେ ଲୋକଙ୍କ ମୃତ୍ୟୁ ଘଟୁଛି। ରାସ୍ତାରେ ଆହତ ପଡ଼ିଥିଲେ ମଧ୍ୟ ପୋଲିସ ଭୟରେ ଅନେକ ଲୋକ ସହାୟତା ପାଇଁ ଆଗକୁ ଆସୁନାହାନ୍ତି। ତେଣୁ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ କିପରି ହସ୍ପିଟାଲ ନିଆଯିବ ସେ ନେଇ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଛୋଟ ଛୋଟ ପିଲାଙ୍କୁ ନେଇ ସଚେତନତା କରାଯାଇଥିଲା।

### ମହିଳାଙ୍କୁ ସମ୍ମାନ

ମହିଳାଙ୍କ ପ୍ରତି ନିର୍ଯାତନା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସେମାନଙ୍କୁ କିଭଳି ସମ୍ମାନ ଓ ନ୍ୟାୟ ମିଳିପାରିବ ସେଥିଲାଗି ଏକ ସଂଗଠନ ପକ୍ଷରୁ ଯୁବପିଢ଼ିଙ୍କୁ ନେଇ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଥିଲା। ମହିଳାଙ୍କୁ ସମ୍ମାନ ସହିତ ଶିଶୁ ସୁରକ୍ଷା, ପ୍ଲାଷ୍ଟିକ ଏବଂ ପଲିଥିନ ବ୍ୟବହାର ବର୍ଜନ କରିବା, ଶିଶୁ ଶ୍ରମିକ ଉଚ୍ଛେଦ କରିବା ଏବଂ ଦୁର୍ନୀତି ବିରୋଧରେ ସଚେତନତା କରାଯାଇଥିଲା।





### ଖେଳକୁଦରେ ମାତିଲେ ପିଲା

ଯୁବପିଢ଼ି ନାଚଗୀତରେ ମସ୍‌ଗୁଲ ଥିବାବେଳେ ଛୋଟ ପିଲାମାନେ ଖେଳକୁଦରେ ମାତିଥିଲେ। କିଏ ଫୁଟବଲ ଖେଳିବା ସହ ଆଉ କିଏ ସ୍କେଟିଂ, ସାଇକ୍ଲିଂ ଏବଂ ସାପ ଶିଡ଼ି ଖେଳ ଖେଳିଥିଲେ। ସେହିପରି କେତେଜଣ ଛୋଟ ପିଲାଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା।





କୈବଲ୍ୟ


ଶ୍ରୀୟଙ୍କା


ବିଭବ


କାଜଲ


ଶୁଭମ୍


ସଜିବ


ଦେବସ୍ମିତା


ଆଞ୍ଚଲ


ଅବଦୁଲ ସାଜିଦ


ରଶ୍ମି

# ବିଶ୍ୱର କିଛି ଲେଉଟାଣି

କୁହାଯାଏ ସମୟକୁ ସମୟ ହିଁ ଗୋଡାଏ, ଯେମିତି ଦୁଇହଜାର ଉଣେଇଶ ନୂଆ ସମ୍ଭାବନାର ସମ୍ଭାର ନେଇ ଧରାପୃଷ୍ଠକୁ ଛୁଇଁବାକୁ ଆସୁଛି ଆଉ ଘଟଣାବହୁଳ ବିଦାୟୀ ବର୍ଷ ଛାଡିଯାଉଛି ୩୬୫ ଦିନର ଅଲିଭା ସନ୍ତକ । ୨୦୧୮ ବିଶ୍ୱ ଚିତ୍ରପଟ୍ଟର ଅନେକ ଘଟଣାର ମୂକସାକ୍ଷୀ। କେଉଁଠି ବିବାଦ କେଉଁଠି ବିଦ୍ରୋହ । କେବେ କ୍ଷମତା ପରିବର୍ତ୍ତନ ପାଇଁ ସଂଘର୍ଷ ତ ପୁଣି କେତେବେଳେ ସମୟ ସହ ଯୋଡିହୋଇଯାଇଛି ସମ୍ପର୍କର ନୂଆ ଅଧ୍ୟାୟ । ଇତିହାସରେ ସ୍ମରଣୀୟ ହୋଇରହିବା ଭଳି କେତୋଟି ଅନ୍ତର୍ଜାତୀୟ ପ୍ରସଙ୍ଗ ଓ ଘଟଣାବଳୀକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା ।

## ମୃତ୍ୟୁଗୁମ୍ଫାରୁ ଫେରିଲେ ଖେଳାଳି

ୱାଇଲ୍ଡ ବୋର୍‌ସ ଟିମ୍‌ର ୧୨ ଜଣ ଫୁଟବଲ ଖେଳାଳି ଓ ସେମାନଙ୍କ କୋଚ ଚଳିତବର୍ଷ ଜୁନ୍ ୨୩ରେ ଥାଇଲାଣ୍ଡର ଏକ ଗୁମ୍ଫା ଭିତରକୁ ଯାଇଥିଲେ। ପ୍ରବଳ ବର୍ଷାରେ ଥାମ ଲୁଆଙ୍ଗ ଗୁମ୍ଫାରେ ପାଣି ଭର୍ତ୍ତି ହୋଇଯିବାରୁ ସେମାନେ ବହୁତ ଭିତରକୁ ଚାଲିଯାଇଥିଲେ। ବିନା ଖାଦ୍ୟ ଏବଂ ସାମାନ୍ୟ ଅମ୍ଳଜାନରେ ସେମାନେ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ଗୁମ୍ଫାରେ ରହିଯାଇଥିଲେ। ଥାଇଲାଣ୍ଡର ନେଭି ସିଲ୍ ୟୁନିଟ, ବିଦେଶୀ ବୁଡାଳି ଏବଂ ବିଭିନ୍ନ ଦେଶର ବିଶେଷଜ୍ଞମାନଙ୍କ ଉଦ୍ୟମକ୍ରମେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଏହି ଦୁଃସାହସିକ ଉଦ୍ଧାର କାର୍ଯ୍ୟ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା।



## ସୁନାମି ନେଲା ୧୬୮୦ ଜୀବନ

ଇଣ୍ଡୋନେସିଆରେ ଚଳିତ ବର୍ଷ ଦୁଇଟି ସୁନାମି ଆସି ୧୬୮୦ ଲୋକଙ୍କ ଜୀବନ ନେଇଥିଲା। ସେପ୍ଟେମ୍ବର ୨୮ରେ ଏଠାର ୭.୫ ତୀବ୍ରତାର ଭୂକମ୍ପ ଯୋଗୁ ସୁଲାୱେସୀ ଦ୍ୱୀପ କ୍ଷତିଗ୍ରସ୍ତ ହୋଇଥିଲା। ଏହା ପରେ ସୁନାମି ଆସି ଉପକୂଳବର୍ତ୍ତୀ ପାଲୁ ସହରକୁ ଜଳାର୍ଣ୍ଣବ କରିଥିଲା। ଏହି ସୁନାମିରେ ୧୩୪୮ ଲୋକଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ଡିସେମ୍ବର ୨୨ ରାତିରେ ଏକ ଆଗ୍ନେୟଗିରି ଉଦ୍‌ଗିରଣରୁ ସମୁଦ୍ର ତଳେ ଭୂସ୍ଖଳନ ଘଟି ସୁନାମି ଆସିଥିଲା, ଯେଉଁଥିରେ ୪୩୦ ଜଣଙ୍କ ଜୀବନ ଯାଇଥିବାବେଳେ ହଜାରେରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ହଜାର ହଜାର ଘର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଜାଭା ଓ ସୁମାତ୍ରା ଦ୍ୱୀପପୁଞ୍ଜ ମଝିରେ ଅବସ୍ଥିତ ଲାମ୍ପୁଙ୍ଗ୍ ପ୍ରଦେଶ ଅନ୍ତର୍ଗତ ସୁନ୍ଦା ପ୍ରଣାଳୀର କ୍ରାକାତୋଆ ଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣ ହେବାରୁ ସମୁଦ୍ର ତଳେ ଭୂସ୍ଖଳନ ଘଟିଥିଲା। ଫଳରେ ୧୫ରୁ ୨୦ ମିଟର ଉଚ୍ଚ ଜୁଆର ଉପକୂଳକୁ ମାଡ଼ିଆସିଥିଲା। ଅନେକ ଅଞ୍ଚଳ ଜଳମଗ୍ନ ହେବା ସହ ଆକାଶରେ ପାଉଁଶର ବଳୟ ସୃଷ୍ଟି ହୋଇଥିଲା। ଏଥିରେ ଜାଭାର ପଣ୍ଡେଗଲାଙ୍ଗ, ସୁମାତ୍ରାର ଦକ୍ଷିଣ ଲାମ୍ପୁଙ୍ଗ୍, ସେରାଙ୍ଗ୍ ଓ ତଙ୍ଗଗାମୁସ ସର୍ବାଧିକ ପ୍ରଭାବିତ ହୋଇଥିଲେ।



## ତେଜିଲା # ମିଟୁ ଝଡ଼

ମିଟୂ ଅଭିଯାନ ୨୦୧୭ରେ ଆରମ୍ଭ ହୋଇଥିବାବେଳେ ୨୦୧୮ରେ ଏହା ଅନ୍ତର୍ଜାତୀୟ ସ୍ତରରେ ବ୍ୟାପିଥିଲା। ହଲିଉଡ ପ୍ରଯୋଜକ ହାର୍ଭି ୱିନଷ୍ଟାଇନଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ହୋଇଥିବାବେଳେ ଲୋକପ୍ରିୟ ହାସ୍ୟାଭିନେତା ବିଲ୍ କସ୍‌ବିଙ୍କୁ ଯୌନ ନିର୍ଯାତନା ଅଭିଯୋଗରେ ଜେଲଦଣ୍ଡ ହୋଇଥିଲା। ଆମେରିକା ସୁପ୍ରିମକୋର୍ଟ ପାଇଁ ଟ୍ରମ୍ପଙ୍କ ପ୍ରତିନିଧି ବ୍ରେଟ କାଭାନୌଘଙ୍କ ବିରୋଧରେ କ୍ରିଷ୍ଟିନେ ବ୍ଲାସେ ଫୋର୍ଡ ଯୌନ ନିର୍ଯାତନା ଅଭିଯୋଗ ଆଣିବା



ପରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ହତ୍ୟା ଧମକ ମିଳିଥିଲା। ଆମେରିକା ସିନେଟରେ ଅକ୍ଟୋବରରେ ଏହି ପ୍ରସଙ୍ଗକୁ ନେଇ ଜୋରଦାର ବିତର୍କ ହୋଇଥିଲା। କ୍ରିଷ୍ଟିନେ ହାଇସ୍କୁଲରେ ପଢୁଥିବାବେଳେ ବ୍ରେଟ ତାଙ୍କୁ ଯୌନ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଥିଲେ। ସିନେଟରମାନେ ଉଭୟଙ୍କ ସାକ୍ଷ୍ୟ ଗ୍ରହଣ କଲାବେଳେ ଲକ୍ଷ ଲକ୍ଷ ଆମେରିକୀୟ ଏହାକୁ ଟିଭିରେ ଦେଖିଥିଲେ।



## ଥେରେସାଙ୍କୁ ବ୍ରେକ୍‌ଜିଟ ଅଡୁଆ

ବ୍ରେକ୍‌ଜିଟକୁ ନେଇ ବ୍ରିଟେନରେ ପ୍ରତିବାଦ ଜାରି ରହିଥିବାବେଳେ ଏହି ଚୁକ୍ତିନାମା ଉପରେ ଭୋଟଦାନକୁ ପ୍ରଧାନମନ୍ତ୍ରୀ ଥେରେସା ମେ ସ୍ଥଗିତ ରଖିଥିଲେ। ଗତ ଜାନୁୟାରୀରେ ୟୁରୋପୀୟ ସଂଘ (ଇୟୁ) ସହ ପ୍ରଧାନମନ୍ତ୍ରୀ ଏଥିପାଇଁ ବୁଝାମଣା କରିଥିଲେ। ତେବେ ସେ ହାରିଯିବେ ବୋଲି ଜାଣିବା ପରେ ଭୋଟଦାନକୁ ସ୍ଥଗିତ ରଖିଥିଲେ। ତାଙ୍କ ସରକାର ବିରୋଧରେ ପାର୍ଲାମେଣ୍ଟ ଅବମାନନା ଅଭିଯୋଗ ହୋଇଥିଲା। ଥେରେସାଙ୍କ ନେତୃତ୍ୱକୁ ବିରୋଧ କରି ତାଙ୍କ ନିଜ ଦଳରୁ ଅନାସ୍ଥା ପ୍ରସ୍ତାବ ଆସିଥିଲା। ତେବେ ସେ ଅନାସ୍ଥାରୁ ବର୍ତ୍ତିଯାଇଥିଲେ। ଇୟୁରୁ ବ୍ରିଟେନ ବାହାରିଯିବା ନେଇ ଆଉଥରେ ଗଣଭୋଟ କରାଯାଉ ବୋଲି ଦାବି ଜୋର ଧରିଛି।



## ଇମ୍ରାନ ପାକିସ୍ତାନ କ୍ୟାପ୍‌ଟେନ

୧୯୯୨ରେ ପାକିସ୍ତାନ କ୍ରିକେଟ ଟିମ୍‌କୁ ବିଶ୍ୱକପ୍ ଭେଟି ଦେଇଥିବା କ୍ୟାପ୍‌ଟେନ ଇମ୍ରାନ ଖାନ୍ ଚଳିତବର୍ଷ ଦେଶର କ୍ୟାପଟେନ ହୋଇଥିଲେ। କ୍ରିକେଟରରୁ ରାଜନେତା ସାଜିଥିବା ଇମ୍ରାନ ପାକିସ୍ତାନ-ତେହରିକ-ଇ-ଇନ୍‌ସାଫ୍ ଗତ ପାର୍ଲାମେଣ୍ଟ ନିର୍ବାଚନରେ ଏକକ ସଂଖ୍ୟାଗରିଷ୍ଠ ଦଳ ହେବା ପରେ ସେ ପ୍ରଧାନମନ୍ତ୍ରୀ ହୋଇଥିଲେ।

## ଶ୍ରୀଲଙ୍କାରେ ରାଜନୈତିକ ସଙ୍କଟ



ଶ୍ରୀଲଙ୍କା ରାଷ୍ଟ୍ରପତି ମୈତ୍ରୀପାଲ ସିରିସେନା ଗତ ଅକ୍ଟୋବର ୨୬ରେ ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କୁ ବହିଷ୍କାର କରି ତାଙ୍କ ସ୍ଥାନରେ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ଏହାକୁ ନେଇ ସେଠାରେ ରାଜନୈତିକ ସଙ୍କଟ ଦେଖାଦେଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ପରେ ଦୀର୍ଘ ୫୧ ଦିନ ଧରି ଲାଗି ରହିଥିବା ସାମ୍ବିଧାନିକ ସଙ୍କଟର ଅବସାନ ଘଟିଥିଲା। ରାଜପାକ୍ସେ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇ ନ ପାରିବାରୁ ସିରିସେନା ପାର୍ଲାମେଣ୍ଟ ଭଙ୍ଗକରି ଜାନୁୟାରୀ ୫ରେ ଆଗୁଆ ନିର୍ବାଚନ ଲାଗି ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ଏହି ନିଷ୍ପତ୍ତି ଅସାମ୍ବିଧାନିକ ବୋଲି ସୁପ୍ରିମକୋର୍ଟ କହିବା ସହ ୱିକ୍ରମସିଂଘେଙ୍କ ପ୍ରଧାନମନ୍ତ୍ରିତ୍ୱକୁ କାଏମ ରଖିଥିଲେ।

## ସୌଦିର ଷଡ଼ଯନ୍ତ୍ର

ଅକ୍ଟୋବର ମାସରେ ୱାଶିଂଟନ ପୋଷ୍ଟ ସ୍ତମ୍ଭକାର ଜମାଲ ଖାଶୋଗି ଇସ୍ତାନବୁଲସ୍ଥିତ ସୌଦି ବାଣିଜ୍ୟିକ ଦୂତାବାସକୁ ଯାଇ ଜୀବନ୍ତ ଫେରି ନ ଥିଲେ। ତାଙ୍କ ସମ୍ପର୍କରେ ରିୟାଧ ପକ୍ଷରୁ ଭିନ୍ନ ଭିନ୍ନ କଥା କୁହାଯାଇଥିଲା। ଶେଷରେ ତାଙ୍କୁ ସୌଦିର କେତେଜଣ ଅଧିକାରୀ ଦୂତାବାସ ଭିତରେ ହତ୍ୟା କରିଥିବା ସୌଦି ମାନିଥିଲା। ଦେଶ ସହ ମତଭେଦ ଥିବା ଖାଶୋଗିଙ୍କୁ ଯୁବରାଜ ମହମ୍ମଦ ବିନ୍ ସଲମାନଙ୍କ ନିର୍ଦ୍ଦେଶରେ ହତ୍ୟା କରା ଯାଇଥିବା ଚର୍ଚ୍ଚା ହୋଇଥିଲା। ଏହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ଦେଖା ଦଇଥିଲା।



## ସିରିଆରେ ରାସାୟନିକ ଆକ୍ରମଣ

ବିଦ୍ରୋହୀଙ୍କ କବ୍‌ଜାରେ ଥିବା ସିରିଆର ଗୋଉଟା ସହରରେ ଏପ୍ରିଲ ୮ରେ ରାସାୟନିକ ଆକ୍ରମଣ କରିଥିଲା ସେନା। ଏଥିରେ ୮୦ ଜଣ ନିହତ ଓ ହଜାର ହଜାର ବିଦ୍ରୋହୀ ଆହତ ହୋଇଥିଲେ। ଅଲ୍-ଆସାଦ ସରକାର ଆକ୍ରମଣ ଅଭିଯୋଗକୁ ଖଣ୍ଡନ କରିଥିବାବେଳେ ଅନ୍ତର୍ଜାତୀୟ ସମୁଦାୟ ଏହାକୁ ନିନ୍ଦା କରିଥିଲେ। ଏହି ଆକ୍ରମଣ ପାଇଁ ବଶର-ଅଲ୍-ଆସାଦ୍ ସରକାରଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇଥିଲେ।

## ଜେଲ୍ ଗଲେ ଶରିଫ



ପାନାମା ପେପର୍ସ ଦୁର୍ନୀତି ମାମଲାରେ ପାକିସ୍ତାନ ସୁପ୍ରିମକୋର୍ଟଙ୍କ ଦ୍ୱାରା ଅଯୋଗ୍ୟ ଘୋଷିତ ହେବା ପରେ ପ୍ରଧାନମନ୍ତ୍ରୀ ନୱାଜ ଶରିଫ ନିଜ ପଦରୁ ଇସ୍ତଫା ଦେଇଥିଲେ। ଗତ ଜୁଲାଇ ୬ରେ ସେ, ତାଙ୍କ ଝିଅ ମରିୟମ ଏବଂ ଜ୍ୱାଇଁ ସଫଦର ଅୱାନ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଶରିଫଙ୍କୁ ୧୦ ବର୍ଷ ଜେଲ୍‌ଦଣ୍ଡ ହୋଇଥିଲା। ଡିସେମ୍ବର ମାସରେ ଅନ୍ୟ ଏକ ଦୁର୍ନୀତି ମାମଲାରେ ଶରିଫ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କୁ ୭ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଅନ୍ୟପକ୍ଷରେ ଭାରତରେ ପାକିସ୍ତାନ ଭଳି ଦଣ୍ଡବିଧାନ ହେଉନାହିଁ କାହିଁକି ବୋଲି ସାଧାରଣାରେ ପ୍ରଶ୍ନ ଉଠୁଛି।

## ଟ୍ରମ୍ପ, କିମ୍ ଭେଟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଉତ୍ତର କୋରିଆ ଶାସକ କିମ୍ ଜଙ୍ଗ ଉନଙ୍କ ମଧ୍ୟରେ ସାକ୍ଷାତ ଥିଲା ଚଳିତବର୍ଷର ଚର୍ଚ୍ଚିତ ଘଟଣା। ଦୁଇ ନେତା ପୂର୍ବ ଶତ୍ରୁତାକୁ ଭୁଲି ଗତ ସେପ୍ଟେମ୍ବର ମାସରେ ସିଙ୍ଗାପୁରରେ ପରସ୍ପରକୁ ଭେଟି କୋରିଆ ଉପଦ୍ୱୀପକୁ ସମ୍ପୂର୍ଣ୍ଣ ଅଣୁଅସ୍ତ୍ର ମୁକ୍ତ କରିବା ଦିଗରେ ଏକାଠି କାର୍ଯ୍ୟ କରିବା ଲାଗି ସହମତ ହୋଇଥିଲେ। ଚିଠି ଦିଆନିଆରୁ ସେମାନଙ୍କ ମଧ୍ୟରେ ପ୍ରେମ ହୋଇଯାଇଥିବା ଟ୍ରମ୍ପ କହିଥିଲେ। ନୂଆବର୍ଷରେ ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ବୈଠକ ହେବାକୁ ଯାଉଛି।



## ଖସିପଡ଼ିଲା ଜେଟି ୬୧୦

ଅକ୍ଟୋବର ୨୯ରେ ଇଣ୍ଡୋନେସିଆର ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୮୯ ଜଣଙ୍କ ମୃତ୍ୟୁ ଘଟିଥିଲା। ଲାଏନ ଏୟାରର ବିମାନ ଜେଟି ୬୧୦ ଜାକର୍ତ୍ତାରୁ ବାଙ୍ଗକା ଦ୍ୱୀପର ପାଙ୍ଗକାଲ ପିନାଙ୍ଗକୁ ଯାତ୍ରା କରୁଥିବାବେଳେ ସମୁଦ୍ର ମଧ୍ୟରେ ଖସିପଡିଥିଲା। ଏହି ବିମାନ ଉଡାଣ ଆରମ୍ଭ କରିବାର ୧୩ ମିନିଟ ପରେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଯିବାରୁ ଫେରାଇ ଆଣିବା ଲାଗି ପାଇଲଟଙ୍କୁ କୁହାଯାଇଥିଲା। ଏହା ପରେ ଟ୍ରାଫିକ କଣ୍ଟ୍ରୋଲ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା।

୧୮୯ ମୃତ




## ୟେଲୋ ଜାକେଟ ଦଙ୍ଗା

ଫ୍ରାନ୍ସରେ ତୈଳ ଓ ଅନ୍ୟ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦରବୃଦ୍ଧିରୁ ସୃଷ୍ଟ ଜନଅସନ୍ତୋଷ ଡିସେମ୍ବର ଆରମ୍ଭରେ ଚରମ ସୀମାରେ ପହଞ୍ଚିଥିଲା। ସରକାର ବିରୋଧୀ ଆନ୍ଦୋଳନ ଦଙ୍ଗାର ରୂପ ନେଇଥିଲା। ରାଜଧାନୀ ପ୍ୟାରିସ୍ ରାଜରାସ୍ତା ରଣକ୍ଷେତ୍ର ପାଲଟିଥିଲା। ଚାରିଆଡେ ଉତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା, ଜଳାପୋଡ଼ା, ପିଟାମରା ଓ ଲୁଟତରାଜ ଦେଖିବାକୁ ମିଳିଥିଲା। ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁଙ୍କ ଇସ୍ତଫା ଦାବି କରିଥିଲେ 'ୟେଲୋ ଜାକେଟ୍' ପରିହିତ ଆନ୍ଦୋଳନକାରୀ। ଗଣହିଂସାରେ ଏକାଧିକ ଲୋକ ମୃତ ଓ ୨୬୩ ଆହତ ହୋଇଥିବାବେଳେ ପୋଲିସ ହଜାରେରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଥିଲା

## ଭେନିଜୁଏଲା ସଙ୍କଟ

ତୈଳ ଖଣି ପାଇଁ ଏକଦା ଧନୀ ରାଷ୍ଟ୍ରରେ ଗଣାହେଉଥିବା ଭେନିଜୁଏଲା ଦରିଦ୍ର ଦେଶରେ ପରିଣତ ହୋଇଛି। ଏହାର ଅର୍ଥନୀତି ଦ୍ରୁତବେଗରେ ହ୍ରାସପାଇବାରେ ଲାଗିଛି। ଆକାଶଛୁଆଁ ଦର ବୃଦ୍ଧି, ପ୍ରଚୁର ଖାଦ୍ୟାଭାବ, ଦାରିଦ୍ର୍ୟ ଯୋଗୁ ଲକ୍ଷ ଲକ୍ଷ ଲୋକ ଦେଶ ଛାଡି ପଳାୟନ କରିଥିଲେ। ସର୍ବାଧିକ ଲୋକ କଲମ୍ବିଆ, ଚିଲି, ଇକ୍ୟୁଏଡରକୁ ଗଣପଳାୟନ କରିବା ଫଳରେ ମାନବୀୟ ସଙ୍କଟ ଦେଖାଦେଇଛି। ଏଭଳି ସଙ୍କଟ ପାଇଁ ରାଷ୍ଟ୍ରପତି ନିକୋଲାସ ମାଡୁରୋ ଓ ତାଙ୍କ ସରକାରକୁ ଅଧିକାଂଶ ଦାୟୀ କରିଛନ୍ତି।



ମନୁଷ୍ୟ ନିଜର ଓ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ଯିଏ ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ, ସିଏ ଚୋର ଅଟେ।
–ବ୍ୟାସଦେବ



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ୍ ନଂ. ୧୭୮, ରୋଡ୍ ନଂ.୮, ୟୁନିଟ୍-୯, ସକାଳ ୯ଟା। ନାମ ଜପ, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ବୀରତା ଦିବସ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା, ମଧ୍ୟାହ୍ନ ୧୨ଟାରୁ ଆରମ୍ଭ, ଗୀତଗୋବିନ୍ଦ ସଦନ।
- ୧୩ଶ ତୋଷାଳୀ ଜାତୀୟ କ୍ରାଫ୍ଟସ୍ ମେଳା-୨୦୧୮, ଜନତା ମଇଦାନ, ଅପରାହ୍ନ ୨ଟା।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବୀରତା ଦିବସ ପାଳନ, ସୂଚନା ଭବନ, ଅପରାହ୍ନ ୫ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଶ୍ରୀଜଗନ୍ନାଥାୟନ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ସ୍କୁଲ ଅଫ୍ ଆକ୍ଟିଂର ୨୨ତମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଭିନୀତ ନାଟକ 'ବାଇଶି ପାବଚ୍ଛ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- 'ଆହାର' ଯୋଜନାରେ ରାତ୍ରି ଭୋଜନ ବ୍ୟବସ୍ଥାର ଶୁଭାରମ୍ଭ, କ୍ୟାପିଟାଲ ହସ୍ପିଟାଲ ପରିସର, ରାତି ୭ଟା।

# ରାଜଧାନୀ ଜଗିବେ ୧୮ ପ୍ଲାଟୁନ ପୋଲିସ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ଜିରୋ ନାଇଟ୍ ପାଳନ ପାଇଁ ରାଜଧାନୀ ପ୍ରସ୍ତୁତ ହୋଇଛି। ବିଭିନ୍ନ ହୋଟେଲ ଓ କ୍ଲବ୍‌ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏସବୁ ସ୍ଥାନରେ ସହରବାସୀ ଏକାଠି ହୋଇ ଉତ୍ସବ ମନାଇବା ସହ ନୂତନ ବର୍ଷକୁ ସ୍ୱାଗତ କରିବେ। ତେବେ ଏହି ସମୟରେ ଯେପରି କୌଣସି ଅପ୍ରୀତିକର ଘଟଣା ନ ଘଟେ ସେଥିପାଇଁ କମିଶନରେଟ ପୋଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି। ସହରର ବିଭିନ୍ନ ଛକ ସ୍ଥାନ, ହୋଟେଲ, ରେଷ୍ଟୁରାଣ୍ଟ, କ୍ଲବ ଆଦି ସ୍ଥାନଗୁଡ଼ିକରେ ୧୮ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ ବୋଲି କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି।

### ଜିରୋ ନାଇଟ୍ ପ୍ରସ୍ତୁତି

- ଅଧଘଣ୍ଟା ବାଣ ଫୁଟାଇବା ପାଇଁ ଅନୁମତି
- ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ: କମିଶନର

କମିଶନରଙ୍କ ସୂଚନା ମୁତାବକ, ଗଳିକନ୍ଦିରେ ପୋଲିସ ଭ୍ୟାନ ପାଟ୍ରୋଲିଂ କରିବା ସହ ବିଭିନ୍ନ ଛକରେ ବ୍ଲକିଂ ଓ ଚେକିଂ କରାଯିବ। ନିଶା ଖାଇ ଗାଡି ଚଲାଉଥିବା ଚାଳକଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସାଦା ପୋଷାକଧାରୀ ପୋଲିସ ତାରକା ହୋଟେଲ ଓ କ୍ଲବ ଆଗରେ ପଇଁତରା ମାରିବେ। ପୂର୍ବ ବର୍ଷଗୁଡ଼ିକରେ କେତେକ ସ୍ଥାନରେ ମହିଳାଙ୍କୁ ଅସଦାଚରଣ କରାଯିବାର ନଜିର ରହିଛି। ଏଥର ସେଭଳି ଘଟଣା ଯେପରି ନ ଘଟିବ ତାହା ଉପରେ ନଜର ରଖିବାକୁ ଥାନା ଅଧିକାରୀ ଓ ଏସିପିମାନଙ୍କୁ କୁହାଯାଇଛି। ଜିରୋ ନାଇଟ ପାଇଁ ଅଧଘଣ୍ଟା ବାଣ ଫୁଟାଇବା ଲାଗି କମିଶନରେଟ ପୋଲିସ ଅନୁମତି ଦେଇଛି। ରାତି ପ୍ରାୟ ୧୧ଟା ୫୫ରୁ ୧୨ଟା ୨୫ ପର୍ଯ୍ୟନ୍ତ ଲୋକେ ବାଣ ଫୁଟାଇପାରିବେ। ନୂଆବର୍ଷରେ ହିଂସାକାଣ୍ଡ ଘଟାଇବା ଲାଗି ରାଜଧାନୀର ବିଭିନ୍ନ ହୋଟେଲ ଓ ଲଜରେ ଅପରାଧୀମାନେ ଆଡ୍ଡା ଜମାଇବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ଥିବା ହୋଟେଲ ଏବଂ ଲଜ୍‌ରେ ଚଢାଉ କରାଯାଇ ଯାଞ୍ଚ କରାଯାଉଛି। ଏସବୁ ବ୍ୟତୀତ ଜିରୋ ନାଇଟ ସମୟରେ ଯଦି କେହି ଗଣ୍ଡଗୋଳ କରନ୍ତି, ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କମିଶନର କହିଛନ୍ତି।

## ୩୦ ହୋଟେଲ, କ୍ଲବରେ ଅଗ୍ନି ନିରାପତ୍ତା ଯାଞ୍ଚ

ସହରର ଅନେକ ହୋଟେଲ ଏବଂ କ୍ଲବରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ସତ୍ତ୍ୱେ ଜିରୋ ନାଇଟ ପାଳନ ପାଇଁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ତେଣୁ ରବିବାର ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାୟ ୩୦ଟି ହୋଟେଲ ଏବଂ କ୍ଲବରେ ଚଢାଉ କରାଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ଯାଞ୍ଚରେ ଅଗ୍ନିଶମ ବାହିନୀର ୩ଟି ଟିମ୍ ସାମିଲ ହୋଇଥିଲେ। ଅଧିକାଂଶ ହୋଟେଲରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ସୋମବାର ମଧ୍ୟରେ ସମସ୍ତ ବ୍ୟବସ୍ଥା କରିବାକୁ ନୋଟିସ ଦିଆଯାଇଛି। ସୋମବାର ପୁଣି ଯାଞ୍ଚ କରାଯିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।



ବନବାସୀ କଲ୍ୟାଣ ଆଶ୍ରମ ପ୍ରତିଷ୍ଠା ଦିବସ ଅବସରରେ ପିଲାମାନଙ୍କ ଗହଣରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

## ବନବାସୀ କଲ୍ୟାଣ ଆଶ୍ରମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ବନବାସୀ କଲ୍ୟାଣ ଆଶ୍ରମର ପ୍ରତିଷ୍ଠା ଦିବସ ରବିବାର ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଦେଶର ଏକ ବୃହତ୍ ଅଂଶ ଜନଜାତି ବୋଲି ମତବ୍ୟକ୍ତ କରିଥିଲେ। ଦେଶର ପ୍ରଗତିରେ ସେମାନଙ୍କର ବିକାଶ ଏକାନ୍ତ ଜରୁରୀ ବୋଲି କହିବା ସହ ଆଶ୍ରମର ପ୍ରତିଷ୍ଠାତା ବନଯୋଗୀ ବାଲସାହେବ ଦେଶପାଣ୍ଡେଜୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭୁବନେଶ୍ୱର ମହାନଗର ସଭାପତି ଶୁଭ୍ରାଂଶୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଶିଷ୍ଟ ଅତିଥି ଭାବେ ଇଂ. ଜଗଦୀଶ ପ୍ରସାଦ ମିଶ୍ର ଯୋଗଦେଇ ଆଶ୍ରମ କାର୍ଯ୍ୟରେ ସହଯୋଗ କାମନା କରିଥିଲେ। ପ୍ରକାଶ ବେତାଲା ସଭା ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ ବିବରଣୀ ପାଠ କରିଥିଲେ। ସମ୍ପାଦକ ବୀରେନ୍ଦ୍ର ବେତାଲା ଅତିଥି ପରିଚୟ ଓ ଚନ୍ଦ୍ରକାନ୍ତ ନାଥ ଧନ୍ୟବାଦ ଦେଇଥିଲେ।

## ୬ ମହଲାରୁ ପଡ଼ି ଯୁବତୀଙ୍କ ମୃତ୍ୟୁ

**ପୁରୁଣା ଭୁବନେଶ୍ୱର,୩୦।୧୨(ଡି.ଏନ.ଏ.):** ଏୟାରଫିଲ୍ଡ ଥାନା ଅଧୀନ ହାଇଟେକ ପ୍ଲାଜାରେ ରହୁଥିବା ଜଣୈକା ଯୁବତୀଙ୍କ ରବିବାର ୬ ମହଲାରୁ ପଡି ମୃତ୍ୟୁ ଘଟିଛି। ସେ ହେଲେ ତ୍ରିଲୋଚନ ପଶାଙ୍କ ଝିଅ ଚିନ୍ମୟୀ ବିଶ୍ୱଭାରତୀ (୩୦)। ଚିନ୍ମୟୀଙ୍କ ନିଜ ଘର ନୟାଗଡ ଜିଲା ଫତେଗଡ ଥାନା ଖଣ୍ଡପଡା ଅଞ୍ଚଳରେ। ସେ ଏହି ପ୍ଲାଜାର ସି. ତୃତୀୟ ମହଲାରେ ରହୁଥିଲେ। ସେ ବାଲକୋନୀରୁ ତଳକୁ ଖସି ପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନାରେ (୨୮/୧୮) ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ, ମହିଳା ଆହତ

**କଟକ ରୋଡ,୩୦।୧୨(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଧୀନ ଝାରପଡ଼ା ଓଭରବ୍ରିଜ ନିକଟରେ ଥିବା ଭଗବାନ ଟାୱାର ଆପାର୍ଟମେଣ୍ଟରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଜଣେ ମହିଳା ଆହତ ହୋଇଛନ୍ତି। ରାତି ପ୍ରାୟ ସାଢେ ୯ଟାରେ ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ହରପ୍ରିୟା ପରିଡା (୭୦) କୌଣସି କାରଣ ବସତଃ ନିଆଁରେ ପୋଡି ହୋଇଯାଇଥିଲେ। ଖବରପାଇ କଳ୍ପନା ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଏକାମ୍ର ୱାର୍ଡ କମିଟି ବୈଠକ

**ପୁରୁଣା ଭୁବନେଶ୍ୱର,୩୦।୧୨(ଡି.ଏନ.ଏ.):** ସ୍ଥାନୀୟ ଟଙ୍କପାଣି ରୋଡଠାରେ କଲ୍ୟାଣ ମଣ୍ଡପରେ ବିଜେଡିର ଏକାମ୍ର ୱାର୍ଡ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର ଜିଲା ସଭାପତି ତଥା ସ୍ଥାନୀୟ ବିଧାୟକ ଓ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଆଲୋକପାତ କରିଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଧାୟକ ଅରୁଣ ସାହୁ, ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ସେହିପରି ମେୟର ଅନନ୍ତ ନାରାୟଣ ଜେନା, ଡେପୁଟି ମେୟର କେ. ଶାନ୍ତି, ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ଅମରେଶ ପତ୍ରୀ, ରାଜ୍ୟ ଛାତ୍ର ଉପଦେଷ୍ଟା ରଣଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ଉପସ୍ଥାପନ କରିଥିଲେ।

## ୫ ପଞ୍ଚାୟତର ୱାର୍ଡ କମିଟି ବୈଠକ

**ବାରଙ୍ଗ,୩୦।୧୨(ଡି.ଏନ୍.ଏ.):** ବିଜେଡି ୱାର୍ଡ କମିଟି ବୈଠକ ରବିବାର କଳାରାହଙ୍ଗ ଗ୍ରାମ ମୁଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷ ଅବିନାଶ ପଟ୍ଟନାୟକ, ଜିଲାପରିଷଦ ସଭ୍ୟ କୁନାଲ ରାଉତ, ଭଗବାନ ଜେନା, ବ୍ରଜ ସ୍ୱାଇଁ, ନାରୀ ଜାଗରଣ ମଞ୍ଚ ସଭାନେତ୍ରୀ ଝୁନା ରାଉତ, ସରପଞ୍ଚ ବୀରେନ୍ଦ୍ର ଜେନା, ସରପଞ୍ଚ ଶ୍ୟାମସୁନ୍ଦର ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ରଘୁନାଥପୁର, କଲ୍ୟାଣପୁର, କଳାରାହଙ୍ଗ, ବରିମୁଣ୍ଡ ଓ ଦାଢ଼ା ଆଦି ୫ ପଞ୍ଚାୟତର ୱାର୍ଡ କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ରହି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବିଜେଡି ନେତା ସଞ୍ଜୟ ପତି ଧନ୍ୟବାଦ ଦେଇଥିବା ବେଳେ ୫ ପଞ୍ଚାୟତରୁ ୧ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ବୈଠକରେ ଯୋଗଦେଇଥିଲେ।



ଭୁବନେଶ୍ୱର ସାହିତ୍ୟ ସମାଜର 'ଶୀତ ଆସର' କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

■ ଭୁବନେଶ୍ୱର ସାହିତ୍ୟ ସମାଜର 'ଶୀତ ଆସର'

# ଭାଷାର ବନ୍ଧନକୁ ସ୍ୱୀକାର କରେନି ସାହିତ୍ୟ

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ପ୍ରତି ଭାରତୀୟ ସାହିତ୍ୟିକ ଇଂଲିଶ ଓ ହିନ୍ଦୀ ବ୍ୟତୀତ ଯେକୌଣସି ଗୋଟିଏ ଭାରତୀୟ ଭାଷାର ସାହିତ୍ୟ, ଜନଜୀବନ ଏବଂ ସାଂସ୍କୃତିକ ବାତାବରଣ ସହ ପରିଚିତ ହେବା ଆବଶ୍ୟକ। ଏହାଫଳରେ ଅନୁବାଦ ମାଧ୍ୟମରେ ଭାରତୀୟ ଭାଷାଗୁଡ଼ିକ ମଧ୍ୟରେ ଦୃଢ଼ ଓ ସମନ୍ୱିତ ସାହିତ୍ୟିକ ସମ୍ପର୍କ ସ୍ଥାପନ ହୋଇପାରିବ ବୋଲି ବିଶିଷ୍ଟ ହିନ୍ଦୀ ସାହିତ୍ୟିକା ଡ. ଗୀତାଞ୍ଜଳି ମତବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ଇଉ୍‌କଲ ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ 'ଶୀତ ଆସର'ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଭାଷାର ଭିନ୍ନତା ଓ ସାଂସ୍କୃତିକ ବିବିଧତା ରହିଥିବା ଭାରତ ପରି ଦେଶରେ 'ସାହିତ୍ୟ' ଆମ ସାମାଜିକ, ସାଂସ୍କୃତିକ ସମ୍ପର୍କକୁ ସଶକ୍ତ କରିପାରିଛି। ସାହିତ୍ୟ ହିଁ ବିଶ୍ୱଦୃଷ୍ଟି ଓ ମାନବିକତା ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ସାହିତ୍ୟ ଭାଷାର ବନ୍ଧନକୁ ସ୍ୱୀକାର କରେ ନାହିଁ ବୋଲି ଗୀତାଞ୍ଜଳି କହିଛନ୍ତି।

କାର୍ଯ୍ୟକ୍ରମରେ ସାହିତ୍ୟିକ ତଥା ଚିନ୍ତକ ହରପ୍ରସାଦ ଦାସ ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, ପାଗଳାମି ନ ଥିଲେ ସାହିତ୍ୟ ଉତ୍ତୁରିବ ନାହିଁ। ଜୀବନର ବିବିଧ ଅନୁଭୂତିକୁ ଆଦରିଲେ ସାହିତ୍ୟର ଭାଷା ଅଧିକ ପ୍ରାଣବନ୍ତ ହେବ। ସମ୍ମାନିତ ବକ୍ତା ଅଧ୍ୟାପକ ବିଶ୍ୱରଞ୍ଜନ ସାହିତ୍ୟର ଉଦ୍ଦେଶ୍ୟ, ସାହିତ୍ୟିକର ଲକ୍ଷ୍ୟ ଓ ଅଭିପ୍ରାୟ ତଥା ସମକାଳୀନ ସାହିତ୍ୟିକ ପରିବେଶ ଉପରେ ଏକ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ସଭାପତି କବି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କବି ବୀଣାପାଣି ପଣ୍ଡାଙ୍କୁ 'କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ' ଓ ଚିତ୍ରଶିଳ୍ପୀ ତାରାକାନ୍ତ ପରିଡ଼ାଙ୍କୁ 'ଦିନନାଥ ପାଠୀ ସ୍ମୃତି ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଉପସଭାପତି କବି ରକ୍ଷକ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ 'କବିତା ୨୦୧୮' ଓ ଏକ ବକ୍ତବ୍ୟ ସଙ୍କଳନ 'ପ୍ରସଙ୍ଗେଷୁ' ଲୋକାର୍ପିତ ହୋଇଥିଲା।

## ୩୨ଜଣଙ୍କୁ 'ଓଡ଼ିଶା ଯୁବ ସ୍ୱେଚ୍ଛାସେବୀ ସମ୍ମାନ'

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

କାଞ୍ଚନ ଫାଉଣ୍ଡେଶନ ଓ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ରେଡକ୍ରସ ଭବନରେ 'ଓଡ଼ିଶା ଯୁବ ସ୍ୱେଚ୍ଛାସେବୀ ସମ୍ମାନ-୨୦୧୮' ଅନୁଷ୍ଠିତ ହୋଇଯାଇଛି। ଯୁବ ସାମାଜିକ କର୍ମୀ ତଥା ଭାଜପା ଯୁବନେତା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ଯୁବ ସ୍ୱେଚ୍ଛାସେବୀ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ। ସମାଜ ପ୍ରତିଟି ବ୍ୟବସ୍ଥାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମ୍ମାନିତ ଅତିଥି ଭାବେ ରାଜଧାନୀ ପୁସ୍ତକ ମେଳା ସମ୍ପାଦକ ତଥା ଶିକ୍ଷାବିତ୍ ବିଦ୍ୟୁଭୂଷଣ ପଟ୍ଟନାୟକ, ପ୍ରଫେସର ରଘୁନାଥ ମଣ୍ଡଳ, ଶିକ୍ଷାବିତ୍ ତଥା ନିର୍ମାଣ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେଶନ ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ, ଉପସଭାପତି ବିଶ୍ୱଜିତ୍ ସାମନ୍ତରାୟ ଧନ୍ୟବାଦ ଓ ଶୁଭୋଜିତ ପଣ୍ଡା ଉପସ୍ଥାପନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ୩୨ଜଣ ଯୁବ ସ୍ୱେଚ୍ଛାସେବୀଙ୍କୁ 'ଓଡ଼ିଶା ଯୁବ ସ୍ୱେଚ୍ଛାସେବୀ ସମ୍ମାନ' ପ୍ରଦାନ କରାଯାଇଥିଲା।

## ହରିହର ଶୁକ୍ଳାଙ୍କୁ ଝୁମୁକା ପୁରସ୍କାର

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ଶିଶୁଙ୍କଠାରୁ ଶିଶୁ ସାହିତ୍ୟ କ୍ରମଶଃ ଦୂରେଇ ଯାଉଥିବାରୁ ଏଥିପାଇଁ ଲେଖକମାନେ ସାମଗ୍ରିକ ଭାବେ ସମୀକ୍ଷା କରିବା ଦରକାର। ପୁସ୍ତକ ଓ ପତ୍ରପତ୍ରିକା ମଣିଷର ସବୁଠାରୁ ଭଲ ବନ୍ଧୁ। ତେଣୁ ଭାଷା, ସାହିତ୍ୟ ଓ ସଂସ୍କୃତିର ପୃଷ୍ଠପୋଷକତା ପାଇଁ ଜନସାଧାରଣ ଦାୟିତ୍ୱ ନେବାକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି। ଶିଶୁ-କିଶୋର ସାହିତ୍ୟ ପତ୍ରିକା 'ଝୁମୁକା'ର ୩୨ତମ ସାରସ୍ୱତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଜୟନ୍ତୀ ରଥଙ୍କ ସଭାପତିତ୍ୱରେ ରବିବାର ରାଜ୍ୟ ଅଭିଲେଖାଗାରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ଲେଖିକା ପ୍ରଫେସର ଜୟନ୍ତିକା ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାର ସୁନାମଧନ୍ୟ ଶିଶୁ ସାହିତ୍ୟିକ ତଥା ଭାରତ ସରକାରଙ୍କ ଭାରି ଉଦ୍ୟୋଗ ବିଭାଗ ଅନୁସଚିବ ହରିହର ଶୁକ୍ଳାଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ଲାଗି ମର୍ଯ୍ୟାଦାପୂର୍ଣ୍ଣ 'ଝୁମୁକା ପୁରସ୍କାର-୨୦୧୮' ପ୍ରଦାନ କରାଯାଇଥିଲା। ଏହାସହ ସାହିତ୍ୟିକା ମନୋରମା ମିଶ୍ର ଓ ଲେଖକ ସୁଶାନ୍ତ କୁମାର ସେନାପତିଙ୍କୁ 'ଝୁମୁକା ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଝୁମୁକା ସମ୍ପାଦକ ମାନସ ରଞ୍ଜନ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ 'ଆଗାମୀ ଦିନର ଶିଶୁ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।




'ଝୁମୁକା'ର ସାରସ୍ୱତ ସମାରୋହରେ ଯୋଗଦେଇଥିବା ଅତିଥିମାନେ।

## ଏସ୍‌ଆଇଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ପୋଲିସ ଏସଆଇଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଶୈଳଶ୍ରୀବିହାରର ଜିତେନ୍ଦ୍ର ଭୋଳ ଓରଫ ଜିତଙ୍କୁ ପୋଲିସ ରବିବାର ଗିରଫ କରିଛି। ତାଙ୍କଠାରୁ ଏକ ପିକଅପ ଭ୍ୟାନ ଏବଂ ଖଣ୍ଡା ଜବତ କରିଛି। ଏସଆଇ ଏ. କେ. ଖିଲାର ଗତ ୧୬ ତାରିଖ ରାତିରେ ଡ୍ୟୁଟି ସାରି ଘରକୁ ଫେରୁଥିଲେ। ଶୈଳଶୀବିହାର ଛକରେ କେତେଜଣ ଯୁବକ ରାସ୍ତା ଉପରେ ପିକ୍‌ଅପ ଭ୍ୟାନ ରଖି ଗାଡିଗୁଡ଼ିକୁ ହଇରାଣ ହରକତ କରୁଥିଲେ। ଏହି ସମୟରେ ଏସ୍‌ଆଇ ସେଠାରେ ପହଞ୍ଚି ସେମାନଙ୍କୁ ବାରଣ କରିବାରୁ ଜିତୁ ତାଙ୍କୁ ଖଣ୍ଡା ଦେଖାଇଥିଲେ। ଖିଲାର ଖଣ୍ଡା ଛଡ଼ାଇବାକୁ ଉଦ୍ୟମ କରିବାବେଳେ ଜିତୁ ତାଙ୍କ ଉପରକୁ ଆକ୍ରମଣ କରିଥିଲେ।

## ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର/ଯାଁଳା,୩୦।୧୨(ବ୍ୟୁରୋ /ଡି.ଏନ୍.ଏ.):** କ୍ୟୁଏଟି ଏବଂ ଯାଁଳା ଫାଣ୍ଡି ପୋଲିସ ସ୍ଥାନୀୟ ଲକ୍ଷ୍ମୀମଣ୍ଡପରେ ଚଢାଉ କରି ୨ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ୨୬ ଗ୍ରାମ ବ୍ରାଉନ୍‌ସୁଗାର, ୮୫୦ଟଙ୍କା ଓ ଏକ ବାଇକ ଜବତ କରିଛି। ଗିରଫମାନେ ହେଲେ ଅନିଲ ନାୟକ ଓ ପ୍ରଶାନ୍ତ ମହାପାତ୍ର। ସେମାନଙ୍କ ବିରୋଧରେ ଜଟଣୀ ପୋଲିସ ମାମଲା (୪୩୮/୧୮) ରୁଜୁ କରି କୋର୍ଟ ଚାଲାଣ କରିଛି।

## ସୋସିଆଲ ମିଡିଆରେ ଯୁବତୀଯୁବକଙ୍କୁ ବଦନାମ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

### ଫେସ୍‌ବୁକ କାର୍ଯ୍ୟାଳୟକୁ ସାଇବର ସେଲ୍‌ର ଚିଠି

ସୋସିଆଲ ମିଡିଆରେ ମିଥ୍ୟା ଆକାଉଣ୍ଟ ଖୋଲି ଯୁବକ ଯୁବତୀଙ୍କୁ ବଦନାମ କରାଯାଉଛି। ଏପରି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ଅବହେଳା କରୁଛି। ଏଭଳି ବଦନାମର ଶିକାର ହୋଇଥିବା ରସୁଲଗଡର ଜଣେ ଯୁବକ ସାଇବର ସେଲ୍‌ରେ ଅଭିଯୋଗ କରିଛନ୍ତି। ଏହାପରେ ସାଇବର ସେଲ୍ ପକ୍ଷରୁ ଫେସ୍‌ବୁକ୍ କାର୍ଯ୍ୟାଳୟକୁ ଇ-ମେଲ୍‌ରେ ଚିଠି କରାଯିବା ପରେ ଉକ୍ତ ଯୁବକଙ୍କ ନାମରେ ଥିବା ଏକ ଫେକ୍ ଆକାଉଣ୍ଟକୁ କାଟି ଦିଆଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ପଦକ୍ଷେପ ନେଉ ନ ଥିବାରୁ ଅଭିଯୁକ୍ତ ପୁଣି ଥରେ ଏକ ଫେକ୍ ଆକାଉଣ୍ଟ ଖୋଲି ସମ୍ପୃକ୍ତ ଯୁବକ ଏବଂ ଜଣେ ଯୁବତୀଙ୍କ ଫଟୋକୁ ଯୋଡ଼ି ଭାଇରାଲ କରିଛନ୍ତି। ସୂଚନା ମୁତାବକ, ଉକ୍ତ ଯୁବକ ଏବଂ ଯୁବତୀ ଗୋଟିଏ ହୋଟେଲରେ କାର୍ଯ୍ୟ କରନ୍ତି। କେହି ଜଣେ ଉଭୟଙ୍କ ଫଟୋକୁ ଯୋଡ଼ି ଅଶ୍ଳୀଳ କମେଣ୍ଟ ଲେଖିବା ସହ ସୋସିଆଲ ମିଡିଆରେ ଭାଇରାଲ କରୁଥିବା ନେଇ ଯୁବକ ଜଣକ କ୍ରାଇମବ୍ରାଞ୍ଚ ସିଆଇଡିରେ ଅଭିଯୋଗ କରିଥିଲେ। ଏହାପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଭୁବନେଶ୍ୱର ଡିସିପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଅଭିଯୁକ୍ତ ଧରାପଡ଼ି ନାହାନ୍ତି।

## ଚିତ୍ରରେ ପ୍ରକୃତି ମା'



ପ୍ରତିଯୋଗିତାରେ ପିଲାମାନେ ଚିତ୍ର ଆଙ୍କୁଛନ୍ତି।

ଭୁବନେଶ୍ୱର,୩୦।୧୨(ବ୍ୟୁରୋ)

ଭେଙ୍କଟେଶ୍ୱର ଇଂଲିଶ ମିଡିୟମ୍ ସ୍କୁଲ (ଭିଇଏମ୍‌ଏସ୍), ଶିବମ୍ ହୋଣ୍ଡା ଏବଂ ପ୍ରାରମ୍ଭ କମ୍ୟୁନିକେଶନର ମିଳିତ ସହଯୋଗରେ ରବିବାର ଭେଙ୍କଟେଶ୍ୱର ସ୍କୁଲ ପରିସରରେ ଏକ ଭିନ୍ନସ୍ୱାଦର ପ୍ରତିଯୋଗିତାଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆବର୍ଷ ଉପଲକ୍ଷେ ଆୟୋଜିତ ଏହି ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ସହରର ବହୁ ଜଣାଶୁଣା ସ୍କୁଲରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଥିମ୍ 'ମଦର୍' ଏବଂ 'ନେଚର୍' ତଥା ମା ଓ ପ୍ରକୃତି ଥିବାବେଳେ ପିଲାମାନଙ୍କ ମଧ୍ୟରେ ଏହାକୁ ନେଇ ଚିତ୍ରାଙ୍କନ ଏବଂ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ଏହାସହ କୌତୁକ ବେଶ ଓ ରାଇମ୍ ପ୍ରତିଯୋଗିତା ପ୍ରମୁଖ ଆକର୍ଷଣ ରହିଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ଶେଷରେ ଟ୍ରଫି ଓ ପ୍ରାଇଜ୍ ସହ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିବମ୍ ହୋଣ୍ଡା ପକ୍ଷରୁ ଏକ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଜଣାଶୁଣା ଚିତ୍ରଶିଳ୍ପୀ ଲାସ୍ୟବାନ୍ କଶ୍ୟପ, ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ଭି.ଆର୍. ରାଜୁ ଓ ଆର୍କିଟେକ୍ଟ ସୂର୍ଯ୍ୟକାନ୍ତ ପରିଡ଼ା ବିଚାରକ ଭାବେ ଯୋଗଦେଇଥିଲେ।

## ବିଜେବି କଲେଜ ୧୯୯୫ ବ୍ୟାଚ୍ ବନ୍ଧୁମିଳନ

ବାରଙ୍ଗ,୩୦।୧୨(ଡି.ଏନ୍.ଏ.)

ଭୁବନେଶ୍ୱରସ୍ଥିତ ବିଜେବି କଲେଜ ୧୯୯୫ ବ୍ୟାଚ୍‌ର ପ୍ରଥମ ବନ୍ଧୁମିଳନ ରବିବାର ନନ୍ଦନକାନନ ନିକଟ ବଟାନିକାଲ୍ ଗାର୍ଡେନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜର ପ୍ରାୟ ୮୦ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତିକୁ ରୋମନ୍ଥନ କରିବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଆଗାମୀ ଦିନରେ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେବେ ବୋଲି ସ୍ଥିରୀକୃତ ହୋଇଥିଲା। ସରୋଜ ରଞ୍ଜନ ସେଠୀ, ଶୁଭଶ୍ରୀ ସାମନ୍ତରାଏ, ପାର୍ବତୀ ପାତ୍ର ଓ ପୁଷ୍ପଲତା ସାହୁ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଦାଶ, ରବି ମହାପାତ୍ର, ମନୋଜ କୁମାର ମଣ୍ଡଳ, ଅନିଲ ମହାନ୍ତି, ସସ୍ମିତା ଜେନା, ସୁଧାରାଣୀ ଦାଶ, ଶୋଭାରାଣୀ ପଣ୍ଡା, ସୂଚନା ମହାନ୍ତି, ବେଲା ସାମନ୍ତରାଏ, ରଞ୍ଜିତ ପଟ୍ଟନାୟକ, ଦିଲୀପ ପୃଷ୍ଟି, ପୂର୍ଣ୍ଣ ସେଠୀ ପ୍ରମୁଖ ବନ୍ଧୁମିଳନରେ ସାମିଲ ହୋଇଥିଲେ।

# ୪୦ ନିୟୁତ ଭାରତୀୟ ହେପାଟାଇଟିସ୍-ସି'ରେ ଆକ୍ରାନ୍ତ

ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)

### ଔଷଧୀୟ ଚିକିତ୍ସା ଦ୍ୱାରା ମୁକ୍ତି ମିଳିପାରିବ

ସାରା ବିଶ୍ୱରେ ହେପାଟାଇଟିସ୍-ସି ରୋଗ ମାରାତ୍ମକ ସାବ୍ୟସ୍ତ ହୋଇଛି। ବିଶ୍ୱରେ ଯେତେ ଯକୃତ ରୋଗୀ ଅଛନ୍ତି ତାହାର ୪ ପ୍ରତିଶତ କେବଳ ଭାରତରେ। ଏହାଛଡ଼ା ଭାରତୀୟଙ୍କ ମଧ୍ୟରୁ ୩ ପ୍ରତିଶତ ଏଥିରେ ଆକ୍ରାନ୍ତ। ଏମାନଙ୍କ ସଂଖ୍ୟା ପାଖାପାଖି ୪୦ ନିୟୁତ। ପ୍ରତ୍ୟେକ ବର୍ଷ ଜନ୍ମ ନେଉଥିବା ଶିଶୁଙ୍କ ମଧ୍ୟରୁ ୧୦ଲକ୍ଷ ଶିଶୁ ଏଥିରେ ଆକ୍ରାନ୍ତ ହେଉଛନ୍ତି। ଏହା ଏକ ସଂକ୍ରମଣ ରୋଗ। ପରିବାରର ଜଣକୁ ଏହି ରୋଗ ହେଲେ ତାହା ସମଗ୍ର ପରିବାର ଓ ସମ୍ପର୍କୀୟମାନଙ୍କୁ ବ୍ୟାପିବା ଆଶଙ୍କା ରହିଛି। ପ୍ରାରମ୍ଭିକ ସ୍ତରରେ ଏହାର ନିରୂପଣ ଏବଂ ନିରାକରଣ ହୋଇପାରିଲେ ଏଥିରୁ ମୁକ୍ତି ମିଳିପାରିବ। ଚୀନ୍ ସମେତ କୋରିଆ ଏବଂ ତାଇୱାନ ପ୍ରଭୃତି ଦେଶ ଏ କ୍ଷେତ୍ରରେ ବଡ଼ ଧରଣର ସଫଳତା ପାଇପାରିଛନ୍ତି। ଆମ ଦେଶରେ ମଧ୍ୟ ଏହା ସମ୍ଭବ ହୋଇପାରିବ। ଏଥିପାଇଁ ଯକୃତ(ଲିଭର) ପ୍ରତ୍ୟାରୋପଣର ଆବଶ୍ୟକତା ନାହିଁ। ଔଷଧୀୟ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ମିଳିବ ବୋଲି ଇଣ୍ଡିଆନ ଲିଭର ପେସେଣ୍ଟ୍ସ ଫାଉଣ୍ଡେଶନ ପକ୍ଷରୁ ଦାବି କରାଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସଠାରେ ରବିବାର ଆୟୋଜିତ ଏକ ବାର୍ଷିକ ସମ୍ମାନରେ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି ଯେ, ଚର୍ବିଯୁକ୍ତ ଲିଭର ଓ ଜଳ ଉଦରୀ(ଫ୍ୟାଟି ଲିଭର ଓ ସିରୋସିସ୍ ଅଫ୍ ଲିଭର) ମଧ୍ୟ ଏବେ ଭାରତବର୍ଷରେ ଚିନ୍ତାର କାରଣ ହୋଇଛି। ଏହି ରୋଗରୁ ମୁକ୍ତି ପାଇବା ପାଇଁ ଯକୃତ ପ୍ରତ୍ୟାରୋପଣର ଆବଶ୍ୟକ ପଡୁଛି। ସେହି ଆଧାରରେ ଦେଶରେ ପ୍ରତିବର୍ଷ ୧ ଲକ୍ଷ ଯକୃତର ଆବଶ୍ୟକତା ରହିଥିବା ବେଳେ ମାତ୍ର ୩ ପ୍ରତିଶତ ମିଳିବା ସମ୍ଭବ ହେଉଛି। ଏଭଳି ସ୍ଥିତିରେ ଔଷଧୀୟ ଚିକିତ୍ସା ଏକମାତ୍ର ବିକଳ୍ପ। ଏହା କମ୍ ଖର୍ଚ୍ଚରେ ସଫଳ ହେବ। ଏଥିପାଇଁ ସଚେତନତା ଜରୁରୀ। ଲୋକେ ସଚେତନ ହେଲେ ବହୁ ମୂଲ୍ୟ ଜୀବନ ରକ୍ଷା ପାଇପାରିବ ବୋଲି ସମ୍ମାନରେ ମତପ୍ରକାଶ ପାଇଥିଲା।

ଡା. ଅଶୋକ କୁମାର ଚୌଧୁରୀ, ଡା. ସୁଜାତା ପଣ୍ଡା, ପ୍ରଫେସର ଦିନେଶ ପ୍ରସାଦ ସ୍ୱାଇଁ ପ୍ରମୁଖ ନିରାମୟ ସୁସ୍ଥ ଜୀବନ ଯାପନ ପାଇଁ ଏବଂ ହେପାଟାଇଟିସ୍‌ର ଭୟାବହତା ବିଷୟରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଆର୍ଟ ଅଫ୍ ଲିଭିଂର ଭୋଳାନାଥ ଜେନା ଓ ଜୟଶ୍ରୀ ପଣ୍ଡା ମଦ୍ୟପାନର ଅପକାରିତା ଉପରେ ଆଲୋଚନା କରିଥିଲେ। ସମ୍ମାନରେ ୧୫୦ ଛାତ୍ରୀଛାତ୍ର, ବହୁ ପ୍ରଶାସକ, ସାମାଜିକ କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ବିଭିନ୍ନ କ୍ଷେତ୍ରରେ ସମାଜରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତି, କାରଖାନାର ମାଲିକ ଓ କର୍ମଚାରୀ ଯୋଗଦେଇଥିଲେ। ଏହାସହିତ ୫୦ ଯକୃତ ରୋଗୀ ଉପସ୍ଥିତ ରହି ମାଗଣାରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସୁବିଧା ପାଇଥିଲେ।



ନିଜ ସୁଖ ପାଇଁ କରାଯାଉଥିବା କର୍ମ ସାମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟନୂତନ ଆନନ୍ଦ ଦେଇଥାଏ।
- ସ୍ୱାମୀ ଚିଦାନନ୍ଦ






## ସଂକ୍ଷେପରେ

### ନନ୍ଦନକାନନରେ ଭିଡ଼ ଆସିଲେ ୩୬ ହଜାର ପର୍ଯ୍ୟଟକ

#### ୩ ପକେଟ୍‌ମାର ଧରାପଡ଼ିଲେ

**ବାରଙ୍ଗ,୩୦।୧୨(ଡି.ଏନ୍.ଏ.):** ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ୨୦୧୮ର ଶେଷ ଦିନ ଥିଲା ରବିବାର। ୩୧ ତାରିଖ ସୋମବାର ନନ୍ଦନକାନନ ବନ୍ଦ ରହୁଥିବାରୁ ଡିସେମ୍ବର ୩୦ ଗୁରୁତ୍ୱ ବହନ କରୁଥିଲା। ଏଥିପାଇଁ ରବିବାର ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ଗତବର୍ଷ ଡିସେମ୍ବର ୩୦ରେ ୩୨ହଜାର ୮୫୭ଜଣ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସିଥିବା ବେଳେ ଚଳିତବର୍ଷ ଆସିଛନ୍ତି ୩୬ହଜାର ୯୦ଜଣ ପର୍ଯ୍ୟଟକ, ଯାହାକି ଗତବର୍ଷଠାରୁ ୪ ହଜାର ଅଧିକ। ସେହିପରି ଗତବର୍ଷ ୧୧.୩୪ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ଚଳିତବର୍ଷ ୧୫ଲକ୍ଷ ୨୯ହଜାର ୭୫୨ଟଙ୍କା ରାଜସ୍ୱ ଆଦାୟ ହୋଇଛି। ଅନ୍ୟପକ୍ଷରେ ପ୍ରବଳ ଗହଳି ଯୋଗୁ ଟିକଟ କାଟିବା ସ୍ଥାନ ଓ ସରୀସୃପ ଉଦ୍ୟାନରେ କେତେଜଣ ପର୍ଯ୍ୟଟକ ପକେଟ୍‌ମାରର ଶିକାର ହୋଇଥିଲେ। ଟିକଟ କାଟିବା ସମୟରେ ଜଣେ ମହିଳା ପର୍ଯ୍ୟଟକଙ୍କ ଭ୍ୟାନିଟିରୁ ମୋବାଇଲ୍ ଫୋନ୍ କାଢୁଥିବା ବେଳେ ଝାଡ଼ଖଣ୍ଡର ପ୍ରହ୍ଲାଦ ଚୌଧୁରୀ ନାମକ ବ୍ୟକ୍ତି ଧରାପଡ଼ିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ପର୍ଯ୍ୟଟକମାନେ ତାଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ପରେ ତାଙ୍କଠାରୁ ୩ ମୋବାଇଲ୍ ଫୋନ୍ ମିଳିଥିଲା। ସେହିପରି କଟକ ଯୋବ୍ରାର ଜଣେ ମହିଳା ଏବଂ ଇନ୍‌ଫୋସିଟି ଥାନା ଅଞ୍ଚଳର ଜଣେ ନାବାଳକ ମଧ ପକେଟ୍‌ମାର କରିବା ବେଳେ ଧରାପଡ଼ିଥିଲେ। ନନ୍ଦନକାନନ ଥାନା ପୋଲିସ ୩ଜଣଙ୍କୁ ଅଟକ ରଖିଛି।

### ୫ରୁ ପୁରୀରେ ଗ୍ଲୋରୀ ଫେଷ୍ଟ

#### ଯୋଗଦେବେ ୫ରାଜ୍ୟର ୫ଶହ ପ୍ରତିଯୋଗୀ

**ପୁରୀ ଅଫିସ,୩୦।୧୨:** ଶ୍ରୀକ୍ଷେତ୍ରର ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ୨୪ତମ ଜାତୀୟ ସ୍ତରୀୟ ଗ୍ଲୋରୀ ଫେଷ୍ଟ-୨୦୧୯ ଜାନୁୟାରୀ ୫ରେ ପୁରୀରେ ଆରମ୍ଭ ହେବ। ୫ଦିନ ବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗର ୫୦ କଲେଜ ଓ ବିଶ୍ୱବିଦ୍ୟାଳୟର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଜାନୁୟାରୀ ୬, ୭ ଓ ୮ ତାରିଖ ତିନି ଦିନ ଧରି ୨୦ ବିଭାଗରେ ପ୍ରତିଯୋଗିତା ଟାଉନ ହଲ୍‌ଠାରେ ଅନୁଷ୍ଠିତ ହେବ। ଏଥି ମଧ୍ୟରେ ରହିଛି ବକ୍ତୃତା (ଇଂଲିଶ, ହିନ୍ଦୀ ଓ ଓଡ଼ିଆ), ସାଧାରଣ ଜ୍ଞାନ, ଅନ୍ତାକ୍ଷରୀ, ସ୍ପଟ୍ ପେଣ୍ଟିଂ, ଲୋକନୃତ୍ୟ, ଏକକ, ଲୋକକଳା, ଆଧୁନିକ ଡ୍ୟାନ୍ସ, କ୍ଲାସିକାଲ ଡ୍ୟାନ୍ସ, ଗ୍ରୁପ୍ ଡ୍ୟାନ୍ସ, ନାଟକ, ଏକକ ଅଭିନୟ, କ୍ରିଏଟିଭ ରାଇଟିଂ ଓ ଗ୍ଲୋରୀ କୁଇନ୍ ପ୍ରତିଯୋଗିତା। ୯ ତାରିଖରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ମହୋତ୍ସବର ଶେଷ ଦୁଇ ଦିନ ପୁରୀ ବେଳାଭୂମିରେ ପାଳନ କରାଯିବ ବୋଲି ରବିବାର ହୋଟେଲ ଗୋଲ୍ଡେନ ପ୍ୟାଲେସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କାର୍ଯ୍ୟକାରୀ ଅଧକ୍ଷ ରାଜେଶ କୁମାର ମହାନ୍ତି କହିଛନ୍ତି। ସଂଗଠନ ସମ୍ପାଦକ ପୂର୍ଣ୍ଣେନ୍ଦୁ ପଟ୍ଟନାୟକଙ୍କ ସୂଚନାନୁସାରେ, ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଶ୍ରେଷ୍ଠ ବିବେଚିତ ଛାତ୍ରୀଙ୍କୁ ଗ୍ଲୋରୀ କୁଇନ୍ ଉପାଧିରେ ଭୂଷିତ କରାଯିବ। ଏଥିସହିତ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ ମୁମ୍ବାଇର ପ୍ରସିଦ୍ଧ ପ୍ରଚ୍ଛଦପଟ୍ଟ ଗାୟକ ଗୀତ୍ ସାଗର ଓ ଗ୍ରୁପ୍। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଯୁଗ୍ମ କାର୍ଯ୍ୟକାରୀ ଅଧକ୍ଷ ନବକିଶୋର ପ୍ରଧାନ, ମହୋତ୍ସବ କମିଟି ଉପାଧକ୍ଷ ସଞ୍ଜୀବ ରଥଶର୍ମା, ସଂଗ୍ରାମ କାନୁନ୍‌ଗୋ, କୋଷାଧକ୍ଷ ଦାମୋଦର ଶତପଥୀ ପମୁଖ ଉପସ୍ଥିତ ଥିଲେ। ଅଧାପକ ରବୀନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।


ରେଣୁକା


ବିଜୟ


ଅଙ୍କିତା

## ନନ୍ଦନକାନନ ୧୮ ଝଲକ

- **୩ ଜାନୁୟାରୀ:** ସଫାରୀ ବସ୍ ଧକ୍କାରେ ୩ ଆହତ, ସେଥିମଧ୍ୟରୁ ଜଣେ ଚିକିତ୍ସାଧୀନ ଅବସ୍ଥାରେ ମୃତ
- **୫ ଜାନୁୟାରୀ:** ଗାଡଭାଲୁ ମୃତ
- **୧୨ ଜାନୁୟାରୀ:** ଅଙ୍କିତା ବାଘୁଣୀ ୨ ଛୁଆ ଜନ୍ମ ଦେଲା। ସେଥିରୁ ଅଣ୍ଡିରା ଛୁଆ ମରିଯାଇଥିବା ବେଳେ ମାଈ ଛୁଆ ବଞ୍ଚିଥିଲା
- **୧୬ ଜାନୁୟାରୀ:** ଚେନ୍ନାଇର ଏକ ଘରୋଇ ସଂସ୍ଥାଠାରୁ କିଣା ହୋଇଆସିଥିବା ନୀଳ ଆମେରିକୀୟ ଏଣ୍ଡୁଅ ମୃତ
- **୧୭ ଜାନୁୟାରୀ:** ଭଦ୍ରକରୁ ଆସିଥିବା ଗାଡଭାଲୁ ଫେରାର
- **୧୧ ଫେବୃୟାରୀ:** ୧୧ ଏମୁ ପକ୍ଷୀ ମୃତ
- **୨୩ ଫେବୃୟାରୀ:** ସରୀସୃପ ଉଦ୍ୟାନରେ ରେଟିକୁଲେଟ ଅଜଗର ମୃତ, ମାଣ୍ଡାରିନ ବତକ ମୃତ
- **୧୧ ମାର୍ଚ୍ଚ:** ବାରିପଦାରୁ ଅଢେଇ ବର୍ଷର ହିମାଳୟ ଶାଗୁଣା ଆସିଲା
- **୧୧ ମାର୍ଚ୍ଚ:** ପ୍ରଥମକରି ମଗର କୁମ୍ଭୀର ଅଣ୍ଡାଦେଲା, ବାଘ ବାହୁବଳୀ ଓ କୁନ୍ଦନ ମିଶି ଚନ୍ଦନବୋଡାକୁ ମାରିଲେ, ଗୋଟିଏ ଦିନରେ ସିଲଭର ଫିଜାଣ୍ଟ, ଶାଳିଆପତାନି, ୨ ଚିତ୍ରା ହରିଣ ମୃତ
- **୨୫ ମାର୍ଚ୍ଚ:** ମଦୁରାଇର ଏକ ଘରୋଇ ସଂସ୍ଥାଠାରୁ କିଣାଯାଇଥିବା ୨ ପ୍ରଜାତିର ନାଲିହାତିଆ ପାମାରିନ ଓ ୪ଟି କଳା ମାର୍ମୋସେଟ ମାଙ୍କଡ଼ ଆସିଲା
- **୨୯ ମାର୍ଚ୍ଚ:** ଜଳହସ୍ତୀ ମୃତ
- **୧ ଏପ୍ରିଲ:** ହିମାଳୟ କଳା ଭାଲୁ ଶମ୍ଭୁ ମୃତ
- **୫ ଏପ୍ରିଲ:** ଅଣ୍ଡିରା ଜଳହସ୍ତୀ ମୃତ
- **୨୦ ଏପ୍ରିଲ:** ନୀଳହଳଦିଆ ମାକାଓ ବଂଶଲୋପ
- **୩୦ ଏପ୍ରିଲ:** ବରଗଡ଼ରୁ ଆସିଲା ୪ମାସର ମାଈ ଦେଶୀଭାଲୁ
- **୩ ଜୁନ:** ଜଳହସ୍ତୀ ଜନ୍ମ
- **୨୧ ଜୁନ:** ମିଜୋରାମ ଆଇଜଲ ଚିଡିଆଖାନାରୁ ଉପହାରରେ ଆସିଥିଲା ଗୋଟିଏ ମାଈ ହିମାଳୟ କଳା ଭାଲୁ, ୨ ବଳିଆ କୁକୁର,୨ ଆସାମିଜ୍ ମାଙ୍କଡ଼
- **୨୮ ଜୁନ:** ମଗରକୁମ୍ଭୀର ମୃତ
- **୧୩ ଜୁଲାଇ:** ଭିତରକନିକା ଜାତୀୟ ଉଦ୍ୟାନରୁ ୪ ବଉଳା କୁମ୍ଭୀର ବସାରୁ ୪୦ଟି ଅଣ୍ଡା ସଂଗ୍ରହ କରାଯାଇ ବଉଳା କୁମ୍ଭୀର ବଂଶ ବୃଦ୍ଧି ପାଇଁ ଅଣାଗଲା
- **୧୫ ଜୁଲାଇ:** ଅଣ୍ଡିରା ମୟୂର ଫେରାର
- **୧୭ ଜୁଲାଇ:** ସଫାରି ବସ୍ ଦବିଲା, ଅଧ ଘଣ୍ଟା ପରେ ୩୦ଯାତ୍ରୀ ଉଦ୍ଧାର, ସଫାରି ବନ୍ଦକଲେ କର୍ତ୍ତୃପକ୍ଷ। ୭ ଦିନର ରାସ୍ତା ମରାମତି ପରେ ୨୪ ତାରିଖରେ ପୁଣି ଚାଲିଲା।
- **୩୦ ଜୁଲାଇ:** ଜଳହସ୍ତୀ ମୃତ
- **୨ ଅଗଷ୍ଟ:** ମଦୁରାଇରୁ ଆସିଥିବା ରେଡ୍ ହ୍ୟାଣ୍ଡେଡ ଟାମାରିନ ଡାକ୍ତରଖାନାରୁ ଫେରାର
- **୭ ଅଗଷ୍ଟ:** ଜଳହସ୍ତୀ ମୃତ
- **୧୦ ଓ ୨୯ ଅଗଷ୍ଟ:** ୨ ଅଣ୍ଡିରା ଆଫ୍ରିକୀୟ ସିଂହ ମୃତ
- **୧ ସେପ୍ଟେମ୍ବର:** ବାଙ୍ଗୀ ଭାଲୁ ମୃତ, ବାଘ ମନୀଷ ମୃତ
- **୧୨ ସେପ୍ଟେମ୍ବର:** ବଜ୍ରକାପ୍ତା ଆସିଲା
- **୨୨ ସେପ୍ଟେମ୍ବର:** ଧଳା ବାଘୁଣୀ ବିଜୟା ୨ ଛୁଆ ଜନ୍ମଦେଲା
- **୨୭ ସେପ୍ଟେମ୍ବର:** ଜଳହସ୍ତୀ ଜନ୍ମ
- **୧୦ ଅକ୍ଟୋବର:** ରାୟପୁର ଚିଡିଆଖାନାକୁ ୨ ଜଳହସ୍ତୀ ଗଲା
- **୨୪ ନଭେମ୍ବର:** କେନ୍ଦୁଝରର ବ୍ରାହ୍ମଣପାଳ ଜଙ୍ଗଲ ପାଖରୁ ମାଈ ଚିତା ବିରାଡି ଆସିଲା
- **୨୭ ନଭେମ୍ବର:** ବଟାନିକାଲ ଗାର୍ଡେନରେ ହୋଇଥିବା ଶାଗୁଣା ପ୍ରଜନନ କେନ୍ଦ୍ର କାର୍ଯ୍ୟକ୍ଷମ ପାଇଁ ଗୋଆଲିୟରରୁ ଉପହାରରେ ୧୨ଟି ବଡ଼ ଥଣ୍ଟିଆ ଶାଗୁଣା ଆସିଲା
- **୯ ଡିସେମ୍ବର:** କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଦ୍ୱାରା ଉଦଳା ଥାନାର ଆମ୍ବଡିହ ଗ୍ରାମ ନିକଟରୁ ଜବତ ହୋଇଥିବା ମା' ଓ ଛୁଆ ବଜ୍ରକାପ୍ତା ଆସିଲା
- **୧୫ ଡିସେମ୍ବର:** ତାଳଚେର ରେଞ୍ଜରୁ ହିମାଳୟ ଶାଗୁଣା ଆସିଲା
- **୨୨ ଡିସେମ୍ବର:** ବାଘୁଣୀ ରେଣୁକା ସିସି କ୍ୟାମେରା ଆଗରେ ଦୁଇ ଦିନରେ ଦୁଇଟି କଳାଲୋମଯୁକ୍ତ ଛୁଆ ଜନ୍ମକରି ନନ୍ଦନକାନନକୁ ଗୌରବାନିତ୍ୱ କଲା


ଆଫ୍ରିକୀୟ ସିଂହ


ଗୋଆଲିୟରର ବଡ଼ ଥଣ୍ଟିଆ ଶାଗୁଣା


ମିଜୋରାମ ବଳିଆ କୁକୁର


ମହୀଶୂର ଧୂସର ଗଧିଆ


ମନୀଷ


ମୃତ ଜଳହସ୍ତୀ



ମେଲ୍‌ବୋର୍ନ ଟେଷ୍ଟରେ ଭାରତୀୟ ଦଳର ବିଜୟ ପରେ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା ଜଣାଇ ପୁରୀ ବେଳାଭୂମିରେ ସୁଦର୍ଶନ ପଟ୍ଟନାୟକ ରବିବାର ତିଆରି କରିଥିବା ବାଲୁକା କଳା।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ରବିବାର ନୂଆଦିଲ୍ଲୀ ସଂକଳ୍ପ ଗ୍ରୁପ୍‌ର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ନଈରୀରେ ଆରମ୍ଭ ହେଲା ଜଗନ୍ନାଥ ମହୋତ୍ସବ

## ଚବିଶ ବେଶ, ଛପନ ଭୋଗର ଫଟୋ ପ୍ରଦର୍ଶନୀ

**ଖୋର୍ଦ୍ଧା ଅଫିସ,୩୦।୧୨**

ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଚିଲିକା ମଧ୍ୟସ୍ଥ କାଙ୍କଣଶିଖରୀର ନିକଟସ୍ଥ ନଈରୀ ଚିଲିକା କୂଳର ପ୍ରଦର୍ଶନୀ ପଡିଆରେ ଜଗନ୍ନାଥ ମହୋତ୍ସବ ରବିବାର ଉଦ୍‌ଘାଟନ ହୋଇଛି। ଏହାକୁ ପୁରୀ ଗଜପତି ଦିବ୍ୟସିଂହ ଦେବ ଉଦ୍‌ଘାଟନ କରି କହିଥିଲେ ଜଗନ୍ନାଥ ମହାପ୍ରଭୁଙ୍କ ଲୀଳାକ୍ଷେତ୍ର କାଙ୍କଣଶିଖରୀକୁ ଆମୋଦସ୍ଥଳ ଭାବେ ବ୍ୟବହାର ନ କରି ଆଧ୍ୟାତ୍ମିକ ଚେତନା ଓ ପୂଜାର୍ଚ୍ଚନାର କେନ୍ଦ୍ର କରାଯାଉ। ଏହାର ପବିତ୍ରତା ରକ୍ଷା କରିବାକୁ ଅନୁରୋଧ କରିଥିଲେ। ଲଳିତା ଉପଖ୍ୟାନ ଶାସ୍ତ୍ରୀୟ ସମ୍ମତ ନୁହେଁ। ସ୍କନ୍ଦ ପୁରାଣର କି ଅନ୍ୟ କୌଣସି ପୁରାଣରେ ଲଳିତା ଉପଖ୍ୟାନ ନ ଥିବାବେଳେ କେବଳ ଶାରଳା ମହାଭାରତରେ ଉଲ୍ଲେଖ ରହିଛି। ମୁଖ୍ୟଅତିଥି ରୂପେ ପୁରୀ ଝାଞ୍ଜପିଟା ମଠର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସମହାରାଜ ଗଜପତିଙ୍କ ଟିପ୍ପଣୀକୁ ସମ୍ମତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ରୂପେ ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ପୂର୍ବତନ ବିଧାୟକ ରଘୁନାଥ ସାହୁ ଓ ଦେବେନ୍ଦ୍ରନାଥ ମାନସିଂହ, ସିଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶାନ୍ତ ନନ୍ଦ, ଟୁରିଜିମ୍‌ର ପୂର୍ବତନ ନିର୍ଦ୍ଦେଶକ ଗୋପୀନାଥ ମହାନ୍ତି, ଭୁବନେଶ୍ୱରସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦର ଉପସଭାପତି ପୀତବାସ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦର୍ଶନୀ ପଡିଆରେ ଶ୍ରୀଜୀଉଙ୍କର ବିଭିନ୍ନ ଲୀଳାକ୍ଷେତ୍ରର ଫଟୋ, ମହାପ୍ରଭୁଙ୍କର ୨୪ ବେଶ ଓ ଶ୍ରୀମନ୍ଦିରର ୫୬ ଭୋଗ ପ୍ରଦର୍ଶନୀ ହୋଇଥିଲା। ସେହିଭଳି ଚତୁର୍ଦ୍ଧାବିଗ୍ରହଙ୍କର ନବକଳେବର ଫଟୋ ଓ ଭିଜୁଆଲ ପ୍ରଦର୍ଶନୀ ଅନୁରୂପ ଭାବେ କରାଯାଇଛି। ଶ୍ରୀଜଗନ୍ନାଥ ପୁସ୍ତକମେଳାରେ ଅନୁରୂପ ଭାବେ ଆରମ୍ଭ ହୋଇଛି। ଭୁବନେଶ୍ୱରର ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଆଠ ଚନ୍ଦିକ ପରିଷଦ, ନଈରୀ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ମହୋତ୍ସବରେ ମଞ୍ଚ ସଂଯୋଜନା ମୃତ୍ୟୁଞ୍ଜୟ ରଥ ଓ ସ୍ୱାଗତ ଭାଷଣ ଦେଇଥିଲେ ଆବାହକ ସୁଶାନ୍ତ ସାହୁ। ଏହା ଜାନୁୟାରୀ ୪ ରେ ଉଦ୍‌ଯାପନ ହେବ।


ଜଗନ୍ନାଥ ମହୋତ୍ସବରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଓ ଅନ୍ୟମାନେ।

**ଉତ୍ସବ ମୁଖର ଜଗନ୍ନାଥଙ୍କ ଲୀଳାକ୍ଷେତ୍ର କାଙ୍କଣଶିଖରୀ**

ଧରିତ୍ରୀ
# Exam Mate
Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 2
## JEE (Main) (CHEMISTRY)

**Time : 1 hour** **Maximum Marks: 120**

**GENERAL INSTRUCTIONS**

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

**1.** Which of the following is the major solute species in solution of lysine at pH = 10.5?



**2.** What would happen when a solution of potassium chromate is treated with an excess of dilute nitric acid?
(1) $Cr_2O_7^{2-}$ and $H_2O$ are formed (2) $CrO_4^{2-}$ is reduced to +3 state of Cr
(3) $CrO_4^{2-}$ is oxidized to +7 state of Cr (4) $Cr^{3+}$ and $Cr_2O_7^{2-}$ are formed

**3.** Weakest intermolecular forces are present in:
(1) Neoprene (2) Terylene (3) Polystyrene (4) Bakelite

**4.** In the process of extraction of gold,
Roasted gold ore + $CN^- + H_2O \xrightarrow{O_2} [X] + OH^-$; $[X] + Zn \longrightarrow [Y] + Au$
Identify the complexes [X] and [Y].
(1) $X = [Au(CN)_2]^-$; $Y = [Zn(CN)_4]^{2-}$ (2) $X = [Au(CN)_4]^{3-}$; $Y = [Zn(CN)_4]^{2-}$
(3) $X = [Au(CN)_2]^-$; $Y = [Zn(CN)_6]^{4-}$ (4) $X = [Au(CN)_4]^-$; $Y = [Zn(CN)_4]^{2-}$

**5.** Which of the following statements is **false**?
(1) $H_3PO_2$, $H_3PO_3$ and $H_3PO_4$ all are tribasic and reducing in nature
(2) Among anions $NO_3^-$, $SO_3^{2-}$, $CO_3^{2-}$ and $BO_3^{3-}$, only $SO_3^{2-}$ has pπ–dπ bonding.
(3) Among anions $SO_3^{2-}$ and $SO_4^{2-}$, $SO_3^{2-}$ is basic and reducing in nature.
(4) Number of lone pair(s) of electrons on Xe atoms in $XeF_2$, $XeF_4$ and $XeF_6$ are 3, 2 and 1 respectively

**6.** The product of the reaction between one mole of $XeO_3$ and two mole of $XeF_6$ is :
(1) $XeO_2F_2$ (2) $XeOF_4$ (3) $XeO_3F_2$ (4) $XeO_4$

**7.** Which of the following will not give acidic gas on heating ?
(1) $Pb(NO_3)_2$ (2) $CaCO_3$ (3) $NH_4NO_2$ (4) $NH_4Cl$

**8.** The number of isomers of $[M(gly)_3]$ are:
(1) 2 (2) 4 (3) 1 (4) 6

**9.** The correct order for the wavelengths of absorption in the visible region for the following:
I. $[Ni(NO_2)_6]^{4-}$ II. $[Ni(NH_3)_6]^{2+}$ III. $[Ni(H_2O)_6]^{2+}$ IV. $[NiF_6]^{4-}$
The **correct** choice is:
(1) IV > III > II > I (2) I > II > III > IV (3) III > IV > II > I (4) II > III > I > IV

**10.** A dark violet solid X reacts with $NH_3$ to form a mild explosive which decomposes to give a violet coloured gas. X also reacts with $H_2$ to give an acid Y. Y can also be prepared by heating it's salt with $H_3PO_4$. X and Y are:
(1) $Cl_2$, HCl (2) $SO_2$,$H_2SO_4$ (3) $Br_2$,HBr (4) $I_2$, HI

**11.** In the electrolysis of a $CuSO_4$ solution, how many grams of Cu are plated out on the cathode in the time that it takes to liberate 5.6 litre of $O_2(g)$, measured at 1 atm and 273 K, at the anode?
(1) 31.75 (2) 14.2 (3) 4.32 (4) None of these

**12.** An ideal solution contains two volatile liquids A (P° = 100 torr) and B (P° = 200 torr). If mixture contain 1 mole of A and 4 mole of B then total vapour pressure of the distillate is:
(1) 150 (2) 180 (3) 188.88 (4) 198.88

**13.** A certain sample of cuprous sulphide is found to have composition $Cu_{1.8}S$, because of incorporation of $Cu^{2+}$ ions in the lattice. What is the mole % of $Cu^{2+}$ in total copper content in this crystal?
(1) 99.8% (2) 11.11% (3) 88.88% (4) None of these

**14.** Which of the following is correct structure of chloramphenicol ?



**15.** 3.6 gram of oxygen is adsorbed on 1.2 g of metal powder. What volume of oxygen adsorbed per gram of the adsorbent at 1 atm and 273 K? [Use R = 1/12 L atm $K^{-1}$ $mol^{-1}$]
(1) 0.19 L $g^{-1}$ (2) 1 L $g^{-1}$ (3) 2.1 L $g^{-1}$ (4) None of these

**16.** Calculate $E^\circ_{MnO_4^-/MnO_2} = ?$
Given that $E^\circ_{MnO_4^-/Mn^{2+}} = 1.51\ V$, $E^\circ_{MnO_2/Mn^{2+}} = 1.23\ V$
(1) 1.69 (2) –1.69 (3) 1.74 (4) 0.3

**17.** 0.1 M KI and 0.2 M $AgNO_3$ are mixed in 3 : 1 volume ratio. The depression of freezing point of the resulting solution will be : [$K_f(H_2O)$ = 1.86 K kg $mol^{-1}$] (Assume molality = molarity)
(1) 3.72 K (2) 1.86 K (3) 0.93 K (4) 0.279 K

**18.** Given below are a few electrolytes, indicate which one among them will bring about the coagulation of a gold sol quickest and in the least of concentration?
(1) NaCl (2) $MgSO_4$ (3) $Al_2(SO_4)_3$ (4) $K_4[Fe(CN)_6]$

**19.** What will be the order of reaction for a chemical change having log $t_{1/2}$ vs log a ? (where a = initial concentration of reactant; $t_{1/2}$ = half life)




(1) Zero order (2) First order (3) Second order (4) None of these

**20.** The specific conductance of a saturated solution of silver bromide is κ $Scm^{-1}$. The limiting ionic conductivity of $Ag^+$ and $Br^-$ ions are x and y, respectively. The solubility of silver bromide in $gL^{-1}$ is (Molar mass of AgBr = 188)
(1) $\frac{\kappa \times 1000}{x - y}$ (2) $\frac{\kappa}{x + y} \times 188$ (3) $\frac{\kappa \times 1000 \times 188}{x + y}$ (4) $\frac{x + y}{\kappa} \times \frac{1000}{188}$

**21.** 

Incorrect statements regarding above reaction is :
(1) Product A is 2, 4-DNP
(2) A to B is dehydration reaction
(3) A to B, geometrical isomerism will be obtained as a product
(4) B is known as oxime

**22.** Which of the following option is correct ?
I. $C_6H_5CH(C_6H_5)Br$ is more reactive in $S_N1$ reactions than $C_6H_5CH(CH_3)Br$
II. $C_6H_5CH(C_6H_5)Br$ is less reactive in $S_N2$ reactions than $C_6H_5CH(CH_3)Br$
III. An $S_N2$ reaction proceeds with complete stereochemical inversion
The **correct** option is :
(1) I and III (2) I and II (3) I, II and III (4) II and III

**23.** Arrange the following in increasing order of acidity ?
I. Phenol II. Methanol III. o-Nitrophenol IV. p-Nitrophenol
V. Water
(1) II < V < I < IV < III (2) II < V < I < III < IV
(3) V < II < I < III < IV (4) V < II < I < IV < III

**24.** In the given setup, identify reagents $R_1$ and $R_2$.



(1) $NaBH_4/H_2O$ $LiAlH_4$ / EtOH ? $H_2O$ (2) $AlH(iso\ Bu)_2/H_2O$ $NaBH_4/H_2O$
(3) $AlH(iso\ Bu)_2/H_2O$ $LiAlH_4$ / EtOH ? $H_2O$ (4) $SnCl_2$/HCl DIBAL -H/$H_2O$

**25.** A mixture of $CH_3CHO$ and $CH_3CH_2CHO$ is heated with an alkaline solution to give a mixture of cross-products. The products obtained are treated with hot acidic $KMnO_4$ to give various products. Which of the following option about product is correct about oxidation products ?
(1) $CH_3CHO$, $CH_3COCOOH$, $(CHO)_2$, $CH_3COOH$
(2) $CH_3COOH$, $CH_3CH_2COOH$, $CH_3COCOOH$, $(COOH)_2$
(3) $CH_3COOH$, $CH_3CH_2COOH$, $CH_3COCHO$, $(CHO)_2$
(4) $CH_3COOH$, $CH_3COCHO$, $CH_3COCOOH$, CHO.COOH

**26.** The boiling point of following isomeric hexanes is in order:




(1) III < II < I < IV (2) III < II < IV < I (3) I < IV < II ~ III (4) III < IV < II < I

**27.** In the following reaction sequence :



The compound (C) is:
(1) p-nitro phenol (2) 2, 4-Dinitrophenol (3) 2,4,6-Trinitrophenol (4) o-nitrophenol

**28.** 

The end product formed is:



**29.** The end product **(3)** of the reaction is:
Ethyl amine $\xrightarrow{HNO_2}$ (1) $\xrightarrow{PCl_5}$ (2) $\xrightarrow{KCN}$ (3)
(1) Propanenitrile (2) triethylamine (3) diethylamine (4) propylamine

**30.** Which of the following represents the anomer of the compound shown?





(4) None of these

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଉତ୍କୃଷ୍ଟ ନଡ଼ିଆ ତେଲ



ଡା.ଦ୍ୱିଜେଶ କୁମାର ପଣ୍ଡା



ନଡ଼ିଆ ତେଲ ଉତ୍ତମ ଖାଦ୍ୟମାନଙ୍କ ଭିତରେ ତୃତୀୟ। ଏଥିରେ ଥିବା ପରିତୃପ୍ତ ମେଦାମ୍ଳ(ମଧ୍ୟମ ଧରଣର ଟ୍ରାଇଗ୍ଲିସେରାଇଡ୍) ସ୍ୱାସ୍ଥ୍ୟକର ଚର୍ବି ମଧ୍ୟରେ ଅନ୍ୟତମ। ଲରିକ ଓ କାପ୍ରିଲିକ ଅମ୍ଳ (ଏସିଡ୍) ମଧ୍ୟମ ଧରଣ ଟ୍ରାଇଗ୍ଲିସେରାଇଡ୍‌ରୁ ଶରୀର ଶକ୍ତି ସଂଗ୍ରହ କରେ। ତେଣୁ ନଡ଼ିଆ ତେଲ ଖେଳାଳି ଓ ମଲ୍ଲ ଯୋଦ୍ଧାମାନଙ୍କୁ ଯଥେଷ୍ଟ ଶକ୍ତି ପ୍ରଦାନ କରେ ; କିନ୍ତୁ ସାମାନ୍ୟ ଚର୍ବି ଦେହରେ ଜମିବାକୁ ଦିଏନାହିଁ। ୨୦୦୯ ବର୍ଷରେ ବ୍ରାଜିଲରେ ୨୦ ବର୍ଷରୁ ୪୦ ବର୍ଷ ମଧ୍ୟରେ ପେଟରେ ଅତ୍ୟଧିକ ଚର୍ବି ବସିଥିବା ମହିଳାମାନଙ୍କ ଉପରେ ଗବେଷଣା କରାଯାଇଥିଲା। ସେମାନଙ୍କୁ ନଡ଼ିଆ ଓ ସୋୟାବିନ୍ ତେଲରେ ତିଆରି ଖାଦ୍ୟ ଖାଇବାକୁ ଦିଆଯାଇଥିଲା। କ୍ୟାଲରି ସମାନ ରଖାଯାଇଥିଲା। ପ୍ରତିଦିନ ୫୦ ମିନିଟ୍ ଚାଲିବାକୁ କୁହାଗଲା। ଗବେଷଣା ଶେଷରେ ଦେଖାଗଲା ନଡ଼ିଆ ତେଲ ଖାଇଥିବା ମହିଳାମାନଙ୍କର ରକ୍ତରେ କୋଲେଷ୍ଟରଲ ପରିମାଣ ହ୍ରାସ ଘଟିଲା। ଏହା ହୃଦ୍‌ଘାତ ନ ହେବାରେ ସାହାଯ୍ୟ କରେ। ନଡ଼ିଆ ତେଲ ତୁଳନାରେ ସୋୟାବିନ୍ ତେଲ ଖାଇଥିବା ମହିଳାମାନଙ୍କର ଶରୀରର ଘନତ୍ୱ ସମାନ ଥିଲେ ମଧ୍ୟ ଅଣ୍ଟାର ପରିଧି ବୃଦ୍ଧି ହେଲା। ଅନ୍ୟ ଏକ ଆଶ୍ଚର୍ଯ୍ୟଜନକ ଓ ଅପ୍ରତ୍ୟାଶିତ ତଥ୍ୟ ଉନ୍ମୋଚିତ ହେଲା। ତାହା ହେଉଛି ନଡ଼ିଆ ତେଲ ଖାଉଥିବା ମହିଳାମାନଙ୍କର ସ୍ୱାଭାବିକ ଭାବରେ ଶ୍ୱେତସାର ଖାଦ୍ୟ ଖାଇବା କମିଗଲା ଏବଂ ପ୍ରୋଟିନ୍, ତନ୍ତୁ ଜାତୀୟ ଖାଦ୍ୟ ଅଧିକ ପରିମାଣରେ ଖାଇଲେ। ୨୦୦୩ ମସିହାରେ ପ୍ରକାଶିତ ଅନ୍ତଃରାଷ୍ଟ୍ରୀୟ ପୃଥୁଳତା ଗବେଷଣା ପତ୍ରିକା ଅନୁଯାୟୀ ନଡ଼ିଆ ତେଲ ଖାଇଲେ ଶରୀରର ଆବଶ୍ୟକଠାରୁ ଅଧିକ ଶକ୍ତିକ୍ଷୟ ହୋଇ ପେଟରେ ଜମିଥିବା ଚର୍ବି କମିଯାଏ।

ଊନବିଂଶ ଶତାବ୍ଦିର ସପ୍ତମ ଦଶକରେ ପ୍ରଶାନ୍ତ ମହାସାଗର ଓ ଏସିଆ ମହାଦେଶର ଦ୍ୱୀପମାନଙ୍କରେ ବାସ କରୁଥିବା ଅଧିବାସୀଙ୍କ ଉପରେ ଗବେଷଣା ହୋଇଥିଲା। ସେମାନଙ୍କ ଖାଦ୍ୟରେ ବେଶି ପରିମାଣର ନଡ଼ିଆ ତେଲ ବ୍ୟବହାର ହେଉଥିଲା। ଆଶ୍ଚର୍ଯ୍ୟର କଥା ସେମାନଙ୍କର ହୃଦ୍‌ଘାତ, କ୍ୟାନସର ଓ ଅବକ୍ଷୟ ଜନିତ ରୋଗଗୁଡ଼ିକ ହେଉ ନ ଥିଲା। ଦ୍ୱୀପ ଗୁଡ଼ିକର ଅଧିବାସୀମାନେ ନଡ଼ିଆକୁ ଖାଦ୍ୟରେ ଅଧିକ ବ୍ୟବହାର କରୁଥିବାରୁ ରକ୍ତବାହୀ ଧମନୀ କଠିନ ହେଉ ନ ଥିଲା, ବୃହଦନ୍ତ୍ରରେ କ୍ୟାନସର୍ ହେଉ ନ ଥିଲା, ଖାଦ୍ୟ ଭଲ ହଜମ ହେଉଥିଲା। ସେମାନେ ସୁସ୍ଥ ଓ ପତଳା ଥିଲେ। କିଡ୍‌ନୀ ରୋଗ ଓ ରକ୍ତଚାପ ରୋଗ ଦେଖା ନ ଥିଲା। ଦ୍ୱୀପର ଅଧିବାସୀମାନେ କାଳକ୍ରମେ ବଡ଼ ସହରକୁ ଆସି ବସବାସ କଲେ। ଖାଦ୍ୟ ପ୍ରଣାଳୀ ବଦଳି ଗଲା। ଆଉ ନଡ଼ିଆ ଖାଇଲେ ନାହିଁ, କିମ୍ବା ନଡ଼ିଆ ତେଲ ବ୍ୟବହାର କଲେ ନାହିଁ। ବହୁ ଅସଂତୃପ୍ତ ଉଦ୍ଭିଦ ତେଲ ଖାଇଲେ। ଫଳରେ ସେମାନଙ୍କର ହୃଦ୍‌ଘାତ ବହୁ ପରିମାଣରେ ବଢ଼ିଗଲା।

ନଡ଼ିଆ ତେଲରେ ଲରିକ୍ ଏସିଡ୍ ଥାଏ। ଏହା ଏକ ଶକ୍ତିଶାଳୀ ଜୀବାଣୁନାଶକ। ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରେ। ନଡ଼ିଆରେ ଥିବା ମଧ୍ୟମ ପ୍ରକାର ଟ୍ରାଇଗ୍ଲିସେରାଇଡ୍ ଦ୍ୱାରା ତଣ୍ଟି ଓ ସାଇନସ୍‌ରେ ପ୍ରଦାହ କରୁଥିବା ଜୀବାଣୁ ଷ୍ଟେପ୍ଟୋକୋକସ୍ ଖାଦ୍ୟକୁ ବିଷାକ୍ତ କରୁଥିବା ଓ ପରିସ୍ରା ପ୍ରଦାହ କରୁଥିବା ଜୀବାଣୁ ଷ୍ଟାଫାଇଲୋକୋକ୍‌ସ, ଆଖି ଓ ଯୌନାଙ୍ଗ ପ୍ରଦାହରେ ସହାୟକ କ୍ଲାମିଡିଆ, ପାକସ୍ଥଳୀରେ ଘା'କରୁଥିବା ହେଲିକୋବାକ୍ଟର ଇତ୍ୟାଦି ମରିଯିବେ। ଦଶ ପ୍ରକାର ଭୂତାଣୁ ନଡ଼ିଆରେ ଥିବା ଲରିକ ଏସିଡ୍ ଦ୍ୱାରା ଅକାମି ହୋଇଯାଆନ୍ତି। ଅନ୍ତ୍ରନଳୀରେ ଥିବା ଉପକାରୀ ଜୀବାଣୁ ଉପରେ ଏହାର କୁପ୍ରଭାବ ନ ଥାଏ। କିନ୍ତୁ ଅପକାରୀ ଜୀବାଣୁମାନଙ୍କୁ ନଷ୍ଟ କରିଦିଏ। ଫଙ୍ଗସ୍ ଅନ୍ତ୍ରରେ ତିଷ୍ଠି ପାରନ୍ତି ନାହିଁ। ଖାଦ୍ୟ ଭଲ ହଜମ ହୁଏ ଓ ଅନ୍ତ୍ର କାନସର୍ ଦୂର ହୁଏ।

> "ନଡ଼ିଆ ତେଲରେ ଲରିକ୍ ଏସିଡ୍ ଥାଏ। ଏହା ଏକ ଶକ୍ତିଶାଳୀ ଜୀବାଣୁନାଶକ। ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରେ। ନଡ଼ିଆରେ ଥିବା ମଧ୍ୟମ ପ୍ରକାର ଟ୍ରାଇଗ୍ଲିସେରାଇଡ୍ ଦ୍ୱାରା ତଣ୍ଟି ଓ ସାଇନସ୍‌ରେ ପ୍ରଦାହ କରୁଥିବା ଜୀବାଣୁ ଷ୍ଟେପ୍ଟୋକୋକସ୍ ଖାଦ୍ୟକୁ ବିଷାକ୍ତ କରୁଥିବା ଓ ପରିସ୍ରା ପ୍ରଦାହ କରୁଥିବା ଜୀବାଣୁ ଷ୍ଟାଫାଇଲୋକୋକ୍‌ସ, ଆଖି ଓ ଯୌନାଙ୍ଗ ପ୍ରଦାହରେ ସହାୟକ କ୍ଲାମିଡିଆ, ପାକସ୍ଥଳୀରେ ଘା'କରୁଥିବା ହେଲିକୋବାକ୍ଟର ଇତ୍ୟାଦି ମରିଯିବେ।"

ନଡ଼ିଆ ତେଲ ଗୋଟିଏ ପ୍ରାକୃତିକ ପ୍ରତିକାରକ। ଏହା ଶରୀରରେ ସୃଷ୍ଟି ହେଉଥିବା ଓ ଜୀବକୋଷମାନଙ୍କୁ ନଷ୍ଟ କରି ଦେଉଥିବା ରିକ୍ତାଣୁମାନଙ୍କୁ ଅକାମି କରିଦିଏ। ଅନ୍ତ୍ରରୁ କାଲସିଅମ, ମାଗ୍ନେସିଅମ ଓ ଆମିନୋ ଏସିଡ୍ ଗୁଡ଼ିକୁ ସହଜରେ ଅବଶୋଷଣ କରେ। ଘା'ରେ ଲଗାଇଲେ ଶୁଖିଯାଏ। ନଡ଼ିଆ ନିୟମିତ ଖାଇଲେ ହାଡ଼ର ଘନତ୍ୱ ବୃଦ୍ଧି ହୁଏ। ବାର୍ଦ୍ଧକ୍ୟରେ ଜାଲ ଅସ୍ଥି ଜନିତ ଗଣ୍ଠି ବିନ୍ଧା ହୁଏ ନାହିଁ। ନଡ଼ିଆ ତେଲରେ ପରିତୃପ୍ତ(Saturated) ମେଦାମ୍ଳ ଥାଏ। ତଥାପି ଅନ୍ୟ ତେଲ ପରି ଏଥିପାଇଁ ଭୟଭୀତ ହେବା ଉଚିତ ନୁହେଁ। ଏହି ତେଲ ରକ୍ତରେ ଥିବା ମନ୍ଦ କୋଲେଷ୍ଟରଲକୁ ଭଲ କୋଲେଷ୍ଟରଲରେ ରୂପାନ୍ତରିତ କରେ। ଏହାକୁ ଗ୍ରୀଷ୍ମମଣ୍ଡଳୀୟ ତେଲ କୁହାଯାଏ। ବହୁ ଯୁଗ ହେଲା ଅନେକ ଲୋକଙ୍କ ଖାଦ୍ୟର ମୁଖ୍ୟ ଉପାଦାନ ହେଉଛି ନଡ଼ିଆ। ସେମାନେ ସୁସ୍ଥ ଜୀବନ ଯାପନ କରୁଛନ୍ତି। ଏହା ଆମେରିକାର ବିଖ୍ୟାତ ହାର୍ଭାଡ ମେଡିକାଲ ସ୍କୁଲର ଗବେଷକମାନଙ୍କର ମତ।

ଶ୍ୱେତସାର ଖାଦ୍ୟ ନ ଖାଇଲେ ଶରୀର କିଟୋନ ତିଆରି କରେ। କିଟୋନ ଚର୍ବି ଜାତୀୟ ଖାଦ୍ୟରୁ ମିଳେ। ଏହା ଶରୀର ପାଇଁ ଶକ୍ତିଦାୟକ ପଦାର୍ଥ। ମସ୍ତିଷ୍କ, ମାଂସପେଶୀ ଓ ହୃତ୍‌ପିଣ୍ଡକୁ ଶକ୍ତି ପ୍ରଦାନ କରେ। କିଟୋନ୍ ପ୍ରଦାନ କରୁଥିବା ନଡ଼ିଆ ନିୟମିତ ଖାଇଲେ ଶିଶୁମାନଙ୍କର ଅପସ୍ମାର ରୋଗ ଭଲ ହୋଇଯାଏ। ନଡ଼ିଆରେ ଥିବା ଖାଦ୍ୟ ନିୟମିତ ମସ୍ତିଷ୍କ ସୁସ୍ଥ ରଖେ। ଏହା ସହିତ ଶର୍କରା ଥିବା ଖାଦ୍ୟ ଯଥେଷ୍ଟ କମ୍ ଖାଇବା ଉଚିତ। ନଚେତ୍ ସୁଫଳ ମିଳିବ ନାହିଁ। ନଡ଼ିଆ ତେଲରେ ନିମ୍ନମାନର ପରିବର୍ତ୍ତିତ ତେଲ(Transfat)ମିଶା ଯାଇଥାଏ। ଏହା ଅଶେଷ କ୍ଷତିକାର। ତେଣୁ ଶୁଦ୍ଧ ନଡ଼ିଆ ତେଲ ବ୍ୟବହାର ବିଧେୟ। ଅଧିକ ଉତ୍ତାପରେ ତିଆରି ଓ ରସାୟନିକ ମିଶ୍ରିତ ତେଲ ବିପଜ୍ଜନକ। ମିଶ୍ରିତ ତେଲକୁ ୧୮୦ ଡିଗ୍ରୀ ଉତ୍ତାପରେ ଗରମ କଲେ ଧୂଆଁ ବାହାରେ। ଏହା ଖାଇବା ଅନୁଚିତ୍। ଘରେ ମରା କମ୍ ଉତ୍ତାପରେ ତିଆରି ନଡ଼ିଆ ତେଲ ଚର୍ମରେ ଲଗାଇଲେ ଓ ଗୋଡ଼ର ଆଙ୍ଗୁଠି ସନ୍ଧିରେ ନିୟମିତ ବ୍ୟବହାର କଲେ ଘା' ଶୁଖିଯାଏ ଓ ଫଙ୍ଗସ୍ ସଂକ୍ରମଣ ଦୂର ହୁଏ। ନଡ଼ିଆକୁ କୋଠରି ଉତ୍ତାପରେ କଳରେ ଚାପି କିମ୍ବା ଘଣାରେ ପେଶି ସଂଗୃହୀତ ତେଲକୁ ଖାଇଲେ କିମ୍ବା ଚର୍ମରେ ଲଗାଇଲେ ଅନେକ ସୁଫଳ ମିଳେ। ଏହା ଉତ୍କୃଷ୍ଟ ତେଲରେ ଗଣା। ବଜାରରେ ଉପଲବ୍ଧ ଅନେକ ନଡ଼ିଆ ତେଲ ବିଶୁଦ୍ଧ ନୁହେଁ। ଏହା ଶରୀର ପାଇଁ କ୍ଷତିକାରକ।

-ବରିଷ୍ଠ ବୈଜ୍ଞାନିକ (ପୁରସ୍କୃତ)
୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ମୋ: ୯୪୩୮୪୭୦୭୭୭

## ସ୍ୱାସ୍ଥ୍ୟ ସୂଚନା



- ଆପଣ ଥଣ୍ଡାଜନିତ ସମସ୍ୟାକୁ ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏଥିରୁ ଉପଶମ ପାଇବାର ଏକ ସରଳ ଉପାୟ ରହିଛି। ଯଦି ଆପଣ ଛତୁ ଖାଆନ୍ତି ତେବେ ଥଣ୍ଡାରୁ ଆପଣ କେତେକାଂଶରେ ଉପଶମ ଲାଭ କରିପାରିବେ। ଛତୁରେ ଥିବା ବିଟା ଗ୍ଲୁକାନ୍ସ ନାମକ ତତ୍ତ୍ୱ ଥଣ୍ଡା ଯୋଗୁ ଶରୀରେ ସୃଷ୍ଟି ହେଉଥିବା ବ୍ୟାକ୍ଟେରିଆକୁ ପ୍ରତିହତ କରିଥାଏ।
- ଆପଣ ନିୟମିତ ମହୁ ଖାଇଲେ ତାହାର ଅନେକ ଉପକାରୀ ପ୍ରଭାବ ଶରୀର ଉପରେ ପଡିଥାଏ। ବିଶେଷଭାବରେ ଶରୀରରେ ଥିବା ଅନିଷ୍ଟକାରୀ ବ୍ୟାକ୍ଟେରିଆଗୁଡିକର ବଂଶ ବିସ୍ତାର କରିବାକୁ ଏହା ଦେଇ ନ ଥାଏ।
- ଯଦି ଆପଣ ଶରୀରରେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ଅଧିକ ସମୟ ପର୍ଯ୍ୟନ୍ତ ବ୍ୟାୟାମ କରନ୍ତୁ ନାହିଁ।
- ଔଷଧ ଖାଇବାକୁ କେତେକ ଅଭ୍ୟାସରେ ପରିଣତ କରିଦେଇଥାଆନ୍ତି। ଏଭଳି ଅଭ୍ୟାସ ତୁରନ୍ତ ପରିହାର କରନ୍ତୁ। ଯଦି କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଅଛି ତେବେ ଡାକ୍ତରଙ୍କର ପରାମର୍ଶ ଅନୁସାରେ ହିଁ ଔଷଧ ଖାଆନ୍ତୁ।
- ନିଜକୁ ସୁସ୍ଥ ରଖିବାକୁ ଚାହୁଁଥିଲେ ଖାଇବାର ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ। ଏକାଥରେ ପୁଳାଏ ଖାଇବା ଅପେକ୍ଷା ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଅଳ୍ପ ଅଳ୍ପ ଖାଆନ୍ତୁ।
- ଅଯଥା କଥାକୁ ନେଇ ଟେନସନକୁ ଡାକି ଆଣନ୍ତୁ ନାହିଁ। ଏହାଦ୍ୱାରା ଭବିଷ୍ୟତରେ ଆପଣ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି।

## ଅନିଦ୍ରା ସମସ୍ୟା ବଢ଼ାଏ ଚା'



ଚା' ପିଇବା ଅନେକଙ୍କର ଅଭ୍ୟାସରେ ପରିଣତ ହୋଇଥାଏ। ଅନ୍ୟପକ୍ଷରେ କ୍ଳାନ୍ତ ତଥା ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲକା କରେ ଚା'। ହେଲେ ଏହାର ପରିମାଣ ଅଧିକ ହୋଇଗଲେ ତାହା ସ୍ୱାସ୍ଥ୍ୟଭିତ୍ତିକ ସମସ୍ୟା ସୃଷ୍ଟି କରିଥାଏ। ବିଶେଷକରି ଏହା ଅନିଦ୍ରା ପରି ସମସ୍ୟାକୁ ବଢ଼ାଇ ଦେଇଥାଏ ବୋଲି ଏକ ସର୍ଭେରୁ ଜଣାପଡିଛି। ଚା' ପିଇବାକୁ ଅଭ୍ୟାସରେ ପରିଣତ କରିଥିବା କେତେକ ବ୍ୟକ୍ତିଙ୍କର କି କି ଶାରୀରିକ ସମସ୍ୟା ରହୁଛି ତାହାକୁ ତର୍ଜମା କରାଯାଇଥିଲା। ବିଶେଷଭାବରେ ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେକଙ୍କଠାରେ ଅନିଦ୍ରାଜନିତ ସମସ୍ୟା ଦେଖିବାକୁ ମିଳିଥିଲା। କେବଳ ସେତିକି ନୁହେଁ, ଆବଶ୍ୟକତାଠାରୁ ଅଧିକ ଥର ଚା' ପିଇଲେ ବହୁମୂତ୍ର ପରି ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଏପରି କି ଏହାଦ୍ୱାରା ଯକୃତ ଏବଂ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଯାଇପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।

## ଟେନସନ୍ ଦୂର କରିବ ରୋବୋଟ



ରୋବୋଟର ବ୍ୟବହାର ଆଜିକାଲି ଅନେକ କ୍ଷେତ୍ରରେ କରାଗଲାଣି। ଦିନକୁଦିନ ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ ରୋବୋଟ ପ୍ରସ୍ତୁତ କରିବାରେ ବୈଜ୍ଞାନିକ ଲାଗିପଡିଛନ୍ତି। ନିକଟରେ ଏ କ୍ଷେତ୍ରରେ ଜାପାନର ଟୋକିଓ ୟୁନିଭର୍ସିଟିର ବୈଜ୍ଞାନିକମାନେ ଆଉ ଏକ ସଫଳତା ଅର୍ଜନ କରିଛନ୍ତି । ସେମାନେ ଏଭଳି ଏକ ରୋବୋଟ ପ୍ରସ୍ତୁତ କରିଛନ୍ତି ଯାହା ଟେନସନ ଦୂର କରିବାରେ ସହାୟକ ହୋଇପାରିବ। ଯଦି ଆପଣ ଟେନସନ୍‌ରେ ଅଛନ୍ତି ତେବେ ଏହି ରୋବୋଟ ସାମନାରେ ବସି କଥା ହେଲେ ସେ ସେଥିରୁ ମୁକ୍ତି ପାଇବାର ସହଜ ଉପାୟ ସମ୍ପର୍କରେ ସୂଚନା ଦେବ। କେବଳ ସେତିକି ନୁହେଁ, ନିଜ ମନ ପସନ୍ଦର ଗୀତ ଶୁଣିବାକୁ ଏହାର ସହାୟତା ନେଇପାରିବେ। ନିଜ ମନ ପସନ୍ଦର ଗୀତ କିମ୍ବା ଭିଡିଓ ଦେଖିବା ଦ୍ୱାରା ଟେନସନଗ୍ରସ୍ତ ବ୍ୟକ୍ତିଙ୍କ ମନ କେତେକାଂଶରେ ହାଲକା ହୋଇଥାଏ। ତେବେ ଏହି ସମୟରେ ନିଜର ମାନସିକତା ସକାରାତ୍ମକ ରହିବା ନିହାତି ଦରକାର ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସ୍ୱାସ୍ଥ୍ୟରକ୍ଷାରେ ବ୍ୟାୟାମ

(ଶେଷ ଭାଗ)

ଆମେ ଟିଭିରେ ଜଣେ ମାନବ ସମ୍ବାଦ-ଉପସ୍ଥାପନ କରିବା ବିଷୟ ସଂପ୍ରତି ଦେଖି ଆସୁଛେ। କିନ୍ତୁ ଚାଇନାର 'ୟାନୁହା' ସମ୍ବାଦ ସରବରାହ ସଂସ୍ଥା ୨୦୧୮ ନଭେମ୍ବରରେ ବିଶ୍ୱରେ ପ୍ରଥମଥର ପାଇଁ କୃତ୍ରିମ ବୁଦ୍ଧିଯୁକ୍ତ ସମ୍ବାଦ ଉପସ୍ଥାପନ ବ୍ୟବହାର କଲା ଟେଲିଭିଜନ ଚ୍ୟାନେଲ୍‌ରେ। ସତେ ଯେମିତି ଆଉ କିଛିଦିନ ପରେ ରକ୍ତ ମାଂସର ଏହି ମଣିଷ ପୃଥିବୀ ପାଇଁ ଏକ ଅଲୋଡ଼ା ଜୀବ ହୋଇଯିବ। ଏଣିକି ଘର ଝାଡୁ କରିବା, ଧୁଆ ଧୋଇ କରିବା, ପରିବା କାଟିବା, ରୋଷେଇ ଶାଳରେ ରାନ୍ଧିବା ଇତ୍ୟାଦି ଜଣେ ବ୍ୟକ୍ତିକୁ ଦରକାର ପଡ଼ିବ ନାହିଁ। ବଜାରରୁ ପରିବା ଓ ହୋଟେଲରୁ ଖାଦ୍ୟ ମଗାଇବାକୁ ଥିଲେ ଅନ୍‌ଲାଇନ୍‌ରେ ମେସେଜ୍ ଦ୍ୱାରା କରାଯାଇପାରିବ। ବିଲ୍ ମଧ୍ୟ ଇ-ପେମେଣ୍ଟରେ କାର୍ଡ ଦ୍ୱାରା ପୈଠ କରିହେବ। ଫଳରେ ଘରୁ ବାହାରକୁ ଗୋଡ଼ ବାହାର ନ କରି ଆମେ ବସି ବସି ଯାବତୀୟ କାମ କରିପାରିବା।

କିନ୍ତୁ ଏହି ସୁଖ ସ୍ୱାଚ୍ଛନ୍ଦ୍ୟ ତତ୍କାଳିକ। ଏହାର ଭବିଷ୍ୟତରେ ପରିଣାମ ଭୟପ୍ରଦ ହେବା ସମ୍ଭବପର। ଆମ ବାପା ଗୋସେଇଁ ବାପା ବୃଦ୍ଧାବସ୍ଥାରେ ମଧ୍ୟ ପ୍ରାୟତଃ ଅଧିକାଂଶ କ୍ଷେତ୍ରରେ ଅତୁଟ ସ୍ୱାସ୍ଥ୍ୟ ଉପଭୋଗ କରୁଥିଲେ। ସେମାନଙ୍କ ଦାନ୍ତ ପଡୁ ନ ଥିଲା, ମୁଣ୍ଡରୁ କେଶ ଝଡୁ ନ ଥିଲା, ଏପରି କି କେଶ ପକ୍ୱ ହେଉ ନ ଥିଲା, ଅଣ୍ଟା ନଇଁ ନ ଥିଲା, ଦୃଷ୍ଟିଶକ୍ତି ତୀକ୍ଷ୍ଣ ଓ ଅତୁଟ ରହୁଥିଲା ଇତ୍ୟାଦି। ଏହାର ମୁଖ୍ୟ କାରଣ ହେଉଛି ସେମାନଙ୍କ ଶାରୀରିକ ପରିଶ୍ରମ। ସେମାନେ କର୍ମ-ବିମୁଖ ନ ଥିଲେ। ଆଜିକାଲି ଚାଷୀ, ମୂଲିଆ, ଖେଳାଳିଙ୍କୁ ଛାଡ଼ିଦେଲେ, ଅନ୍ୟମାନେ ଅନେକାଂଶରେ ରୁଗ୍ଣ ଓ ଅକାଳ ବାର୍ଦ୍ଧକ୍ୟର ଶିକାର। ଏପରି କି ମେଦବୃଦ୍ଧି ଆମମାନଙ୍କ ଏକ ସାଧାରଣ ଲକ୍ଷଣ ହୋଇଗଲାଣି। ଏହି ଦୁର୍ଦ୍ଦଶା ପାଇଁ ଆମେ ଅତ୍ୟାଧୁନିକ ଯାନ୍ତ୍ରିକ ବ୍ୟବସ୍ଥା(ଟେକ୍‌ନିକାଲ ଡିଭାଇସ)କୁ ଦୋଷ ଦେଇପାରୁ। ଅତୀତରେ ଭେଷଜ ବିଜ୍ଞାନ ଆଜିକାଲି ପରି ଏତେ ଉନ୍ନତ ନ ଥିଲେ ସୁଦ୍ଧା, ସେମାନଙ୍କ ସୁସଂଗତ ଜୀବନଶୈଳୀ ଯୋଗୁ ସେମାନେ ଅନେକ ରୋଗକୁ ଏଡ଼ାଇ ପାରୁଥିଲେ। ଆଜିକାଲି ବିଶ୍ୱବ୍ୟାପୀ ମେଦବହୁଳତା ବୃଦ୍ଧି ସୁସ୍ଥ ଜୀବନ ଯାପନ ସକାଶେ ଏକ ବିରାଟ ସମସ୍ୟା ରୂପେ ପରିଦୃଷ୍ଟ ହେଲାଣି। ସତରେ ସ୍ୱାସ୍ଥ୍ୟ ହିଁ ସମ୍ପଦ। ଗୁରୁତ୍ୱ ଦୃଷ୍ଟିରୁ ଆମେ କରିବାକୁ ବାର୍ଦ୍ଧକ୍ୟବୟସ ନିର୍ବିଶେଷରେ ସ୍ଥୂଳତା ସମସ୍ୟାରୁ ଉଦ୍‌ବେଗଜନକ ସ୍ଥିତି ଉଦ୍‌ଭବ ହୋଇଛି। ଏହି ପ୍ରସଙ୍ଗଟି ବିଭିନ୍ନ ଗବେଷକ ଦଳ ଗମ୍ଭୀରତାର ସହ ଅନୁଧ୍ୟାନ କରିଛନ୍ତି। ଏହା ଅତ୍ୟନ୍ତ ଉପାଦେୟ ଏବଂ ଜରୁରୀ। ମେଦବହୁଳତାର ମାତ୍ରା ନିର୍ଣ୍ଣୟ କରିବା ପାଇଁ ଗୋଟିଏ ଅନୁସନ୍ଧାନକାରୀ ଦଳ ଗବେଷଣା ବିଶ୍ୱର ୧୯୫ଟି ଦେଶରେ ଦୀର୍ଘ ୧୯୮୦ ରୁ ୨୦୧୫ ମସିହା ମଧ୍ୟରେ ଡାଟା ସଂଗ୍ରହ କରିଛନ୍ତି। ସେମାନଙ୍କ ନିଷ୍କର୍ଷ ଦ ନ୍ୟୁ ଇଂଲଣ୍ଡ ଜର୍ଣ୍ଣାଲ ଅଫ୍ ମେଡିସିନରେ ପ୍ରକାଶ ପାଇଛି। ଏଥିରୁ ଜଣାଯାଏ ଯେ ଶିଶୁ ଓ ବୟସ୍କଙ୍କୁ ମିଶାଇ ୨ ଦଶମିକ ୨ ବିଲିୟନ (ଶହେ କୋଟି ଏକରେ ନଅଟି ଶୂନ) ବ୍ୟକ୍ତିଙ୍କ କାୟା ସ୍ଥୂଳ। ଏଥିମଧ୍ୟରୁ ୬୦୦ ମିଲିୟନ (ନିୟୁତ ବା ଦଶ ଲକ୍ଷ) ହେଉଛନ୍ତି ବୟସ୍କ। କେବଳ ଯୁକ୍ତରାଷ୍ଟ୍ର ଆମେରିକାରେ ୭୯ ଦଶମିକ ୪ମିଲିୟନ ଜଣ ମୋଟା ଯାହାକି ସର୍ବାଧିକ ତା' ତଳକୁ ୭ ଦଶମିକ ୩ ମିଲିୟନ ସଂଖ୍ୟକ ମୋଟା ଲୋକ ଚାଇନାରେ ଅଛନ୍ତି। ତେବେ ଯେଉଁ ୧୦୮ ମିଲିୟନ ଶିଶୁ ସ୍ଥୂଳକାୟ, ଏମାନଙ୍କ ମଧ୍ୟରେ ଚାଇନା ରହିଛି ସର୍ବାଗ୍ରେ (୧୫ ଦଶମିକ ୩ ମିଲିୟନ ଏବଂ ଉଦ୍‌ବେଗର ବିଷୟ ହେଉଛି ଯେ, ୧୪ ଦଶମିକ ୪ ମିଲିୟନ ମୋଟା ଶିଶୁ ସହ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି।

ଏହି ଦୃଷ୍ଟିରୁ ଭାରତ ଉକ୍ତ ସମସ୍ୟାକୁ ଅଣଦେଖା କରିପାରିବ ନାହିଁ। ମେଦବୃଦ୍ଧି ପଛରେ ଏକାଧିକ କାରଣ ଅଛି, ଯଥା: ଅସନ୍ତୁଳିତ ଆହାର, ଯାନ୍ତ୍ରିକ ଉପକରଣର ପ୍ରାବଲ୍ୟ ଏବଂ ଜିନ୍‌ର ଅବଦାନ। ଜୀବନ ଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରିପାରିଲେ ପ୍ରଥମ ଦୁଇଟି କାରଣରୁ ଆମେ ବର୍ତ୍ତିଯିବା। କିନ୍ତୁ ଜିନ୍‌ଜନିତ ଦୋଷରୁ ମୁକୁଳିବା ଏକ ଭିନ୍ନ ପ୍ରସଙ୍ଗ ଏବଂ ପ୍ରତିକାର ଜଟିଳ ଓ କଷ୍ଟସାଧ୍ୟ।

ସମସ୍ତେ ଊଣା ଅଧିକେ ସଚେତନ ଯେ, ସୁସ୍ଥ ଶରୀର ପାଇଁ ବ୍ୟାୟାମ ଆବଶ୍ୟକ। ସକାଳୁ ଉଠି ସୂର୍ଯ୍ୟୋଦୟକାଳୀନ ଆଲୋକରେ ମୁକ୍ତ ବାୟୁ ପ୍ରଭାତ ଭ୍ରମଣ ବେଳେ ସେବନକଲେ, ଆମେ ରୋଗ ଦାଉରୁ ରକ୍ଷା ପାଇବା। ସେମିତି ଆମେ ଜୀବନ ସମୟ ଅନୁଗାମୀ ବୃତ୍ତିରେ ଏତେ ନିବିଡ଼ ଭାବେ ନିମଜ୍ଜିତ ଯେ, କାର୍ଯ୍ୟାଳୟରୁ ଘରକୁ ଫେରିଲେ ଆରାମରେ ବିଶ୍ରାମ ନେଉ ଏବଂ ଛୋଟ ମୋଟ କାମ କରିବାକୁ ପଶ୍ଚାତପଦ ହୋଇ ଖମ୍ବଆଳୁ ପରି ବସି ରହୁ। ତେଣୁ ଯଦି ଦୈହିକ ତତ୍ପରତା ପାଇଁ ଆମେ ପରାଂମୁଖ, ଏହା ପଛରେ କେବଳ ସାଂପ୍ରତିକ ଯାନ୍ତ୍ରିକ ବ୍ୟବସ୍ଥାର ପ୍ରାବଲ୍ୟ ନୁହେଁ; ଦୀର୍ଘ ଅତୀତ ଆମ ଶରୀରରେ ଆସ୍ଥାନ ଜମାଇଥିବା ଜିନ ମଧ୍ୟ ଦାୟୀ। ମୋଟା ହେବା ମଣିଷର ଏକ ସହଜାତ ଲକ୍ଷଣ। ସ୍ଥୂଳ ହେବାରେ କିଛି ବୈଚିତ୍ର୍ୟ ନାହିଁ । ତେଣୁ ଏହି ପୃଷ୍ଠଭୂମିରେ ସତର୍କତା ବିଧେୟ। ଏହା ଅନସ୍ୱୀକାର୍ଯ୍ୟ ଯେ, ବର୍ତ୍ତମାନ ଯାନ୍ତ୍ରିକ ଯୁଗରେ ଉପକରଣର ବ୍ୟବହାରକୁ ଆମ ଦୈନନ୍ଦିନ ଜୀବନରେ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିପାରିବା ନାହିଁ। କିନ୍ତୁ ସ୍ୱାସ୍ଥ୍ୟ ଅନୁକୂଳ ଜୀବନ ଶୈଳୀ (ସୁଷମ ଖାଦ୍ୟ ସହ ନିମ୍ନତମ ବ୍ୟାୟାମ) କଡ଼ାକଡି ଭାବେ ନିର୍ବାହ କରିବାକୁ ପଡିବ। ତତ୍ ସହ ଗ୍ୟାଜେଟ ପ୍ରତି ମୋହକୁ ଯଥା ସମ୍ଭବ ସଙ୍କୋଚନ କରିବା ଜରୁରୀ। କାରଣ ବିଗତ ଜିନ୍ ଆମର ଅନିଚ୍ଛା ସତ୍ତ୍ୱେ ଆମ ଶରୀରକୁ ମୋଟା ସୋଟା କରିବାକୁ ଅହରହ ଚେଷ୍ଟିତ ଥାଏ। ଆଳସ୍ୟ ପ୍ରବୃତ୍ତିକୁ ଉତ୍ସାହିତ କରି ବଳିଷ୍ଠ କରାଏ।



-ଡ. ନିଖିଳାନନ୍ଦ ପାଣିଗ୍ରାହୀ
ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ, ବ୍ରହ୍ମପୁର, ମୋ: ୯୪୩୭୦୨୬୬୫୧



❝ ୨୦୧୯ ବର୍ଷରେ ମଧ ଦେଶର ଅଭିବୃଦ୍ଧି ଧାରା ଜାରି ରହିବା ନେଇ ଶିଳ୍ପ ଆଶାବାଦୀ।
– ଚନ୍ଦ୍ରଜିତ ବାନାର୍ଜୀ, ମହା ନିର୍ଦ୍ଦେଶକ, ସିଆଇଆଇ



❝ ଦେଶରେ ଜାହାଜ ଚଳାଚଳ କ୍ଷେତ୍ରରେ ଏକ ନିୟାମକ ଆଣିବାକୁ ସରକାରଙ୍କୁ ନିବେଦନ କରାଯାଇଛି।
– ସୁରଞ୍ଜନ ଗୁପ୍ତା, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, ଇଇପିସି ଇଣ୍ଡିଆ

## ସଂକ୍ଷେପରେ

### ମୋବାଇଲ ଆପ୍ ଜରିଆରେ ଦୃଷ୍ଟିବାଧିତ ଚିହ୍ନିପାରିବେ ନୋଟ୍



**ନୂଆଦିଲ୍ଲୀ,୩୦-୧୨:** ଦୃଷ୍ଟିବାଧିତ ଯେପରି ସହଜରେ ନୋଟ୍ ଚିହ୍ନିପାରିବେ ସେଥିଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଆପଣାଇବାକୁ ଯାଉଛି। ଏଥିଲାଗି ଆର୍‌ବିଆଇ ମୋବାଇଲ ଫୋନ ଆପ୍ ଆଧାରିତ ସମାଧାନ ଖୋଜିଛି। ବର୍ତ୍ତମାନ ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ନୋଟ୍‌କୁ ଏଭଳି ଭାବେ ଛପାଯାଇଛି(ଇଣ୍ଟେଗଲିୟୋ ପ୍ରିଣ୍ଟିଂ) ଯାହାଦ୍ୱାରା ଦୃଷ୍ଟିବାଧିତ ବ୍ୟକ୍ତିବିଶେଷ ଏହାକୁ ଛୁଇଁ ନୋଟ୍‌ର ମୂଲ୍ୟ ଜାଣିପାରିବେ। ସୂଚନାଥାଉ କି, ଦେଶରେ ବର୍ତ୍ତମାନ ୧୦,୨୦,୫୦, ୧୦୦, ୨୦୦, ୫୦୦ ଓ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନରେ ରହିଛି। ଦେଶରେ ଏବେ ପ୍ରାୟ ୮୦ଲକ୍ଷ ଦୃଷ୍ଟିବାଧିତ ବ୍ୟକ୍ତିବିଶେଷ ରହିଛନ୍ତି,ଯେଉଁମାନେ ରିଜର୍ଭ ବ୍ୟାଙ୍କର ପଦକ୍ଷେପ ଯୋଗୁ ଉପକୃତ ହେବେ। ଉଲ୍ଲେଖ କରାଯାଇପାରେ ଯେ, ଦୃଷ୍ଟିବାଧିତ ଯେପରି ମୁଦ୍ରାକୁ ଚିହ୍ନିପାରିବେ ସେନେଇ ଏଭଳି ଉପକରଣ ଅଥବା ବ୍ୟବସ୍ଥା ବିକଶିତ କରିବା ଲାଗି ପ୍ରୟାସ କରାଯାଉଛି ବୋଲି ଜୁନ୍‌ରେ ଆର୍‌ବିଆଇ ପ୍ରକାଶ କରିଥିଲା। ଏଥିଲାଗି ନିଲାମ ଡକାଯାଇସାରିଛି।

### ଋଣଖିଲାପୀଙ୍କଠାରୁ ଆଦାୟ ହୋଇଛି ୪୦,୪୦୦କୋଟି

**ମୁମ୍ବାଇ,୩୦-୧୨:** ଚଳିତ ଆର୍ଥିକ ବର୍ଷରେ ଫଶିଯାଇଥିବା ଋଣ ବା ଅନାଦାୟ ଋଣ ଆଦାୟରେ ବ୍ୟାଙ୍କଗୁଡ଼ିକ ବେଶ ସଫଳତା ହାସଲ କରିଛନ୍ତି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ସଦ୍ୟତମ ରିପୋର୍ଟରୁ ଏହା ଜଣାପଡ଼ିଛି। ମାର୍ଚ୍ଚ ୨୦୧୮ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡ଼ିକ ୪୦,୪୦୦ କୋଟି ଟଙ୍କାର ଅନାଦାୟ ଋଣକୁ ଫେରସ୍ତ ପାଇବାରେ ସଫଳ ହୋଇଛନ୍ତି। ଆର୍ଥିକ ବର୍ଷ ୨୦୧୭ରେ ଏହା ୩୮,୫୦୦ କୋଟି ଟଙ୍କାର ଅନାଦାୟ ଋଣ ଫେରି ପାଇଥିଲା। ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଯାହାକୁ ଦେବାଳିଆ ଆଇନ କୁହାଯାଉଛି ଏବଂ ସରଫେସି(ସିକ୍ୟୁରିଟାଇଜେଶନ ଆଣ୍ଡ୍ ରିକନଷ୍ଟ୍ରକଶନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟ୍ରେଷ୍ଟ) ଆଇନରେ ସଂଶୋଧନ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ରିପୋର୍ଟରେ କୁହାଯାଇଛି। ଏହାଛଡ଼ା ଡେବ୍‌ଟ ରିକଭରି ଟ୍ରିବ୍ୟୁନାଲ ଏବଂ ଲୋକ ଅଦାଲତଗୁଡ଼ିକ ଜରିଆରେ ମଧ ଫଶିଥିବା ଋଣକୁ ଆଦାୟ କରାଯାଇପାରିଛି। ଏଥିରେ କୁହାଯାଇଛି ଯେ, ଆଇବିସି ଜରିଆରେ ବ୍ୟାଙ୍କଗୁଡ଼ିକ ୪୯୦୦ କୋଟି ଟଙ୍କା ଓ ସରଫେସିରେ ୨୬,୫୦୦ କୋଟି ଟଙ୍କା ଆଦାୟ କରିପାରିଛନ୍ତି।

### ଏୟାର ଇଣ୍ଡିଆକୁ ଲାଭଜନକ କରିବା ଉଦ୍ଦେଶ୍ୟ
### ନିଯୁକ୍ତ କରାଯିବ ବିଶ୍ୱର ଟପ୍ ପେସାଦାର




**ନୂଆଦିଲ୍ଲୀ,୩୦-୧୨:** ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆକୁ ଲାଭଜନକ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ବିଶ୍ୱର ଟପ୍ ପେସାଦାରଙ୍କୁ ଶୀର୍ଷ ପଦରେ ନିଯୁକ୍ତି ଦେବେ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଚଳିତ ବର୍ଷ ମେ'ରେ ସରକାର ଏକଦା ମହାରାଜା ବୋଲାଉଥିବା ଏହି ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀର କିଛି ଶେୟାର ବିକ୍ରି କରିଦେବାକୁ ଆଗ୍ରହ ପ୍ରକାଶ କରିଥିଲେ ହେଁ ଏହା ବିଫଳ ହୋଇଥିଲା। ଲାଭଜନକ ନ ହେବା ପର୍ଯ୍ୟନ୍ତ ଏହି କମ୍ପାନୀ ବିକ୍ରି ହୋଇପାରିବ ନାହିଁ ଜାଣିବା ପରେ ସରକାର ଏବେ ଏହାକୁ ପେସାଦାରଙ୍କ ହାତରେ ଟେକିଦେବାକୁ ସ୍ଥିର କରିଛନ୍ତି। ବିଶ୍ୱସ୍ତରରେ ପେସାଦାରଙ୍କୁ ଖୋଜିବା ଲାଗି ସେ ନିର୍ଦ୍ଦେଶ ଦେଇସାରିଛନ୍ତି ବୋଲି ପ୍ରଭୁ ରବିବାର ଗଣମାଧମ ସହ ଆଲୋଚନାକାଳରେ କହିଛନ୍ତି। ଉଲ୍ଲେଖଥାଉ କି, ବର୍ତ୍ତମାନ ଏୟାର ଇଣ୍ଡିଆର ବୋର୍ଡ ଅଫ୍ ଡାଇରେକ୍ଟର୍ସରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଦୁଇ ଜଣ ସଚିବଙ୍କ ସହିତ ମୋଟ୍ ୯ଜଣ ସଦସ୍ୟ ରହିଛନ୍ତି। ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରଦୀପ ସିଂ ଖରୋଲା କମ୍ପାନୀର ସିଏମ୍‌ଡି ଭାବେ ଦାୟିତ୍ୱ ତୁଲାଉଛନ୍ତି।

# ନୂଆବର୍ଷରେ ଟିକସ ପରିସର ବୃଦ୍ଧି ଲକ୍ଷ୍ୟ

**ନୂଆଦିଲ୍ଲୀ, ୩୦-୧୨**

କେନ୍ଦ୍ର ସରକାର ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ଟିକସ କ୍ଷେତ୍ରରେ ରାଜସ୍ୱ ଭାଗୀଦାରି ବଢ଼ାଇବା ଉପରେ ଧ୍ୟାନ ଦେଉଛନ୍ତି। ଏଥିଲାଗି ନିୟମ ପାଳନକୁ କଡ଼ାକଡ଼ି କରିବା ତଥା ଟିକସ ବାହାରେ ଥିବା କ୍ଷେତ୍ରକୁ ଏହାର ପରିସରକୁ ଆଣିବା ଉପରେ ସରକାର ଜୋର୍ ଦେବେ। ନୂଆବର୍ଷରେ ଟିକସ ପରିସର ବୃଦ୍ଧି କରିବା ଲାଗି କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ କହିଛନ୍ତି।

ଗଣମାଧ୍ୟମ ସହ ଆଲୋଚନା କାଳରେ ସେ କହିଛନ୍ତି ଯେ, ସଚ୍ଚୋଟ ଟିକସଦାତାଙ୍କୁ ଯେପରି ଅଯଥାରେ ହଇରାଣ ହରକତ କରା ନ ଯାଏ, ସେ ଦିଗରେ ଆୟକର ବିଭାଗ ଧ୍ୟାନ ଦେବ। ସେହିପରି ଠିକ୍ ସମୟରେ ଟିକସ ଦେଉ ନ ଥିବା ଅଥବା ରିଟର୍ନ ଦାଖଲ କରୁ ନ ଥିବା ବ୍ୟକ୍ତିବିଶେଷଙ୍କୁ ଟିକସ ପରିସରକୁ ଅଣାଯିବ। ସେ କହିଛନ୍ତି ଯେ, ଆୟକର(ଆଇଟି) ବିଭାଗ ଟିକସ ଆକଳନ ବେଳେ ଅଧିକାରୀଙ୍କ ସହ ଟିକସଦାତା ଯେପରି ମୁହାଁମୁହିଁ ନ ହେବେ ସେଥିଲାଗି ନୂଆବର୍ଷରୁ ଏକ ପ୍ରଣାଳୀ ବିକଶିତ କରାଯିବ। ଏହାଦ୍ୱାରା ବ୍ୟକ୍ତିଗତ ସ୍ୱାର୍ଥସାଧନକୁ ରୋକାଯାଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଜିଡିପିରେ ଟିକସ ଅନୁପାତ ବଢ଼ାଇବା ଲାଗି ସରକାରଙ୍କ ପଦକ୍ଷେପ ସମ୍ପର୍କରେ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ଏ ସଂକ୍ରାନ୍ତରେ ସରକାର ୨ଟି ପ୍ରସଙ୍ଗ ଉପରେ ବିଚାର କରୁଛନ୍ତି। ଟିକସ ପରିସରରୁ ବାଦ୍ ପଡିଥିବା କ୍ଷେତ୍ରକୁ ଏଥିରେ ସାମିଲ କରିବା ନେଇ ନୀତି ପ୍ରଣୟନ କରିବା ପ୍ରଥମ ପ୍ରସଙ୍ଗ ହୋଇଥିବା ବେଳେ ଟିକସ ନିୟମ ପାଳନ ଲାଗି ପଦକ୍ଷେପ ନେବା ଦ୍ୱିତୀୟ ପ୍ରସଙ୍ଗ ରହିଛି। ଏଭଳି ଭାବେ ଦେଖିବାକୁ ଗଲେ ନକାରାତ୍ମକ ହେବ ନାହିଁ ଅଥଚ ବାଦ୍ ପଡିଥିବା କ୍ଷେତ୍ରକୁ ଚିହ୍ନଟ କରି ସେମାନଙ୍କୁ ଟିକସ ପରିସରକୁ ଆଣିବାକୁ ହେବ। ଗତ ୪ ବର୍ଷରେ ଦେଶର ଜିଡିପି-ଟିକସ ଅନୁପାତ ୧୦ ପ୍ରତିଶତରୁ ବୃଦ୍ଧି ପାଇ ୧୧.୫% ହୋଇଛି। ସୂଚନାଥାଉ କି, କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ ଯେ, ଚାକିରି କରୁଥିବା କର୍ମଚାରୀ ନିଜର ଟିକସ ଠିକ୍ ସମୟରେ ଦେଉଛନ୍ତି। କିନ୍ତୁ ଅନ୍ୟ କ୍ଷେତ୍ରର ଟିକସ ରେକର୍ଡରେ ଅଧିକ ଉନ୍ନତି ଆଣିବାକୁ ହେବ। ଏହି କାରଣରୁ ଉନ୍ନତ ଟିକସ ପ୍ରଦାନକାରୀ ଦେଶ ଭିତରେ ଭାରତ ପରିଗଣିତ ହୋଇପାରୁ ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରି କହିଥିଲେ।

ଅନ୍ୟପକ୍ଷରେ ପାଣ୍ଡେ କହିଛନ୍ତି ଯେ, ଆକଳନ ବର୍ଷ ୨୦୧୮-୧୯ରେ ଆୟକର ରିଟର୍ନ ଦାଖଲ କରିଥିବା ଟିକସଦାତାଙ୍କ ସଂଖ୍ୟା ବୃଦ୍ଧି ପାଇ ୬ କୋଟିରୁ ଅଧିକ ହେଲାଣି। ଗତ ବର୍ଷ ତୁଳନାରେ ଏହା ୫୦% ଅଧିକ। ଟିକସ ନିୟମ ପାଳନରେ ସୁଧାର, ସଚ୍ଚୋଟ ଟିକସଦାତାଙ୍କୁ ସୁବିଧା ଦେବା ଲାଗି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛି। ଜିଏସ୍‌ଟି ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ଏହି ଅପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ଫାଙ୍କି ରୋକିବା ସରକାରଙ୍କ ପ୍ରାଥମିକତା ରହିଛି। କାରଣ ଏହାଦ୍ୱାରା ସରକାରଙ୍କୁ କମ୍ ରାଜସ୍ୱ ମିଳୁଛି ଏବଂ ସଚ୍ଚୋଟ ଟିକସଦାତା ପ୍ରତିଯୋଗିତାରୁ ବାଦ୍ ପଡିଯାଉଛି। ଜିଏସ୍‌ଟି ସମ୍ପର୍କରେ ସୂଚନା ଦେଇ ସେ ଉଲ୍ଲେଖ କରିଛନ୍ତି ଯେ, ଗତ ବର୍ଷ ଜୁଲାଇ ପହିଲାରୁ ଦେଶରେ ଏହା ଲାଗୁ ହେବା ପରେ ୧.୧୬ କୋଟିରୁ ଅଧିକ ବ୍ୟବସାୟୀ ଓ କମ୍ପାନୀ ପଞ୍ଜୀକୃତ ହୋଇସାରିଛନ୍ତି। ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ନଭେମ୍ବର ମଧ୍ୟରେ ମାସିକ ଆଧାରରେ ହାରାହାରି ୯୭, ୧୦୦ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ଗତ ବର୍ଷ ଏହା ୮୯,୧୦୦ କୋଟି ଟଙ୍କା ଥିଲା।

**ସ୍ପଷ୍ଟ କଲେ ରାଜସ୍ୱ ସଚିବ**

- ବାଦ୍ ପଡିଥିବା କ୍ଷେତ୍ରକୁ ସାମିଲ କରାଯିବ
- ସଚ୍ଚୋଟ ଟିକସଦାତାଙ୍କୁ ହଇରାଣ କରାଯିବନି
- ଅଧିକାରୀ-ଟିକସଦାତା ମୁହାଁମୁହିଁ ହେବେନି


ଅଜୟ ଭୂଷଣ ପାଣ୍ଡେ

## ଡିଲରଶିପ୍ ନେଟୱର୍କ ବଢ଼ାଉଛି ଟାଟା ମୋଟର୍ସ



**ନୂଆଦିଲ୍ଲୀ, ୩୦-୧୨**

ପ୍ରମୁଖ କମ୍ପାନୀ ଟାଟା ମୋଟର୍ସ ଏହାର ଡିଲରଶିପ ନେଟୱର୍କକୁ ବୃଦ୍ଧି କରୁଛି। ଏହି ପଦକ୍ଷେପ ଅନ୍ତର୍ଗତ କମ୍ପାନୀ ରାଜସ୍ଥାନରେ ୬ ନୂଆ ଡିଲରଶିପ ଖୋଲିଛି। ଜୟପୁରରେ ୩ ଏବଂ ଉଦୟପୁର, ବିକାନେର ଏବଂ ଗଙ୍ଗାନଗରରେ ଗୋଟିଏ ଲେଖାଏ ଡିଲରଶିପ କମ୍ପାନୀ ଶୁଭାରମ୍ଭ କରିଛି। ଏହାଦ୍ୱାରା କମ୍ପାନୀର ସେଲସ ଟଚ୍ ପଏଣ୍ଟ ବୃଦ୍ଧି ଯୋଜନାକୁ ତ୍ୱରାନ୍ୱିତ କରାଯାଇଛି। ଟର୍ନ ଆରାଉଣ୍ଡ ୨.୦ ଯୋଜନା ମୁତାବକ ନୂଆ ନୂଆ ଡିଲରଶିପ ମାନ ଖୋଲାଯାଉଥିବା ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ ବିଜନେସ୍ ୟୁନିଟ ସଭାପତି ମୟଙ୍କ ପାରିକ୍ ସୂଚନା ଦେଇଛନ୍ତି।

## ନାଲ୍‌କୋ ପ୍ରଦର୍ଶନକୁ ଏକ୍ସିଲେଣ୍ଟ ରେଟିଂ

**ଭୁବନେଶ୍ୱର,୩୦-୧୨**



ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ)କୁ ୨୦୧୭-୧୮ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜେସର ଆନ୍ତଃ ମନ୍ତ୍ରଣାଳୟ କମିଟି ଏବଂ କ୍ୟାବିନେଟ ସେକ୍ରେଟାରିଏଟ ପକ୍ଷରୁ ଏକ୍ସିଲେଣ୍ଟ ଏମ୍‌ଓୟୁ ରେଟିଂ ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ସହ ସ୍ୱାକ୍ଷର ହୋଇଥିବା ଏମ୍‌ଓୟୁ ଆଧାରରେ ଏହି ରେଟିଂ ମିଳିଛି। ଏମ୍‌ଓୟୁରେ ଉଲ୍ଲେଖ ଥିବା ପ୍ରାୟ ସମସ୍ତ ପରିମାପକରେ କମ୍ପାନୀ ପୂର୍ଣ୍ଣ ମାର୍କ ହାସଲ କରିପାରିଛି। ୨୦୧୭-୧୮ ଆର୍ଥିକ ବର୍ଷର ଫଳାଫଳ ଅନୁସାରେ କମ୍ପାନୀ ଗତ ବର୍ଷରେ ସର୍ବାଧିକ ନିଟ୍ ଲାଭ କରିବାକୁ ସକ୍ଷମ ହୋଇଥିଲା।

କମ୍ପାନୀର ନିଟ୍ ଲାଭ ୧୩୪୨.୧୯ କୋଟି ଥିଲା ଥିଲା ଯାହା ଗତ ବର୍ଷ ତୁଳନାରେ ୬୬୯ କୋଟି ଟଙ୍କାଥିଲା। ସେହିଭଳି ବୈଦେଶିକ ମୁଦ୍ରା ଅର୍ଜନ କରିବାରେ ଏହା ପ୍ରମୁଖ କମ୍ପାନୀ ହୋଇପାରିଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ପ୍ରଥମ ୬ ମାସରେ ନାଲ୍‌କୋ ୫୯୫୨ କୋଟି ଟଙ୍କାର ଟର୍ନଓଭର ଲାଭ କରିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟ ତୁଳନାରେ ୪୨% ଅଧିକ। ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧ ବାର୍ଷିକରେ କମ୍ପାନୀର ନିଟ୍ ଲାଭ ୩୬୪ କୋଟି ଟଙ୍କା ଥିବା ବେଳେ ଚଳିତ ଆର୍ଥିକ ବର୍ଷରେ ଏହା ୨୨୯% ବୃଦ୍ଧି ଘଟି ୧୧୯୭ କୋଟି ଟଙ୍କା ରହିଛି। ଏହି ସଫଳତା ପାଇଁ ନାଲ୍‌କୋ ପରିବାରରୁ ଏହାର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଶୁଭେଚ୍ଛା ଜଣାଇଛନ୍ତି।

# ସାମଗ୍ରୀ, ସେବା ଦେବା ବଦଳରେ ଟ୍ରେନରେ ମିଳିବ ବିଜ୍ଞାପନ ସୁଯୋଗ

**ରେଳୱେର ନୂଆ ନୀତି**

**ନୂଆଦିଲ୍ଲୀ,୩୦-୧୨**

ବହୁ ପୁରାତନ ଯୁଗରେ ଚାଲିଥିବା 'ବସ୍ତୁ ବିନିମୟ' ବ୍ୟବସ୍ଥାକୁ ଭାରତୀୟ ରେଲୱେ ନୂଆ ଧାରାରେ ଆପଣାଇବାକୁ ଯାଉଛି। କମ୍ପାନୀମାନେ ସାମଗ୍ରୀ ଓ ସେବା ଯୋଗାଇବା ବଦଳରେ ଟ୍ରେନରେ ବିଜ୍ଞାପନ ଦେବାର ସୁଯୋଗ ପାଇବେ। ପଦ୍ଧତି ପୁରୁଣା, କିନ୍ତୁ ଏହାକୁ ଆପଣାଇବାର ଢ଼ଙ୍ଗ ନୂଆ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ତାଙ୍କର କହିବାନୁଯାୟୀ, ନୂଆ ବ୍ୟବସ୍ଥା ନେଇ ରେଲୱେ ପକ୍ଷରୁ ସମସ୍ତ ଜେନେରାଲ ମ୍ୟାନେଜରଙ୍କୁ ଗତ ୨୭ ତାରିଖରେ ନିର୍ଦ୍ଦେଶ ଜାରି କରାଯାଇଛି। ଏହା ଏକ ନୂଆ ପ୍ରୟୋଗ ହେବ। ପୁରୁଣା କାଳରେ ବସ୍ତୁ ବିନିମୟ ବ୍ୟବସ୍ଥାରେ ଟଙ୍କାର ଆଦାନପ୍ରଦାନ କରାଯାଉ ନ ଥିଲା। ଠିକ୍ ସେହିଭଳି କମ୍ପାନୀମାନେ ନିଜ ଉତ୍ପାଦିତ ସାମଗ୍ରୀ ଅଥବା ସେବା ଯୋଗାଇ ଦେବା ବଦଳରେ ଟ୍ରେନରେ ବିଜ୍ଞାପନ ଦେବାର ସୁଯୋଗ ପାଇବେ, ଯାହା କମ୍ ଖର୍ଚ୍ଚରେ ସମ୍ଭବ ହେବ ଓ ଅଧିକ ଦର୍ଶକଙ୍କ ନିକଟରେ ଏହା ପହଞ୍ଚି ପାରିବ। ନିର୍ଦ୍ଦେଶରେ କୁହାଯାଇଛି ଯେ, ଜଣେ କୋଚିଂ ଡିପୋ ଅଫିସର(ସିଡିଓ)ଙ୍କୁ ବିଜ୍ଞାପନ ପ୍ରସ୍ତାବ ମିଳିଲେ ସେ ରେଲୱେ ୱେବ୍‌ସାଇଟରେ ଏହାକୁ ୨୧ ଦିନ ପାଇଁ ପ୍ରଦର୍ଶିତ କରିବାର ସୁଯୋଗ ଦେବେ। ଏଣୁ ସାମଗ୍ରୀ ଉତ୍ପାଦନ କରୁଥିବା କମ୍ପାନୀଙ୍କ ଭିତରେ ବିଜ୍ଞାପନ ପ୍ରଦର୍ଶନକୁ ନେଇ ପ୍ରତିଯୋଗିତା ବଢ଼ିବ। ନିର୍ଦ୍ଧାରିତ ଅବଧି ଶେଷ ପରେ ସିଡିଓ ଗୋଟିଏ କମ୍ପାନୀକୁ ବାଛିପାରିବେ। ପ୍ରତ୍ୟେକ ଡିପୋ ଅଧୀନରେ ଦୁଇଟି ଟ୍ରେନରେ ୩ ମାସ ଲାଗି ଏଭଳି ବିଜ୍ଞାପନ ପାଇଁ ଅନୁମତି ଦିଆଯିବ। ପ୍ରାରମ୍ଭରେ ରେଲୱେ ସେବା ବଦଳରେ ସାମଗ୍ରୀକୁ ନେଇ ନୂଆ ବ୍ୟବସ୍ଥା ଆରମ୍ଭ କରିବାକୁ ଯାଉଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। କମ୍ପାନୀମାନେ ଟଙ୍କା ବଦଳରେ ନିଜର ଉତ୍ପାଦିତ ସାମଗ୍ରୀ ରେଲୱେକୁ ଯୋଗାଇ ଦେଇ ବିଜ୍ଞାପନ ପ୍ରଦର୍ଶନ କରିବାର ଅଧିକାରୀ ହେବେ ବୋଲି ସେ କହିଛନ୍ତି। ଟ୍ରେନରେ ବ୍ୟବହୃତ ସାମଗ୍ରୀ ବଦଳରେ ୬ ଇଞ୍ଚ ଚଉଡା ଓ ୬ ଇଞ୍ଚ ଲମ୍ବର ବିଜ୍ଞାପନକୁ ଟଏଲେଟ ଭିତରେ ଓ ଏହାର ସମ୍ମୁଖ ଦରଜାରେ ପ୍ରକାଶ କରାଯାଇପାରିବ।

## ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ଏଲ୍‌ଆଣ୍ଡଟି ଫାଇନାନ୍ସର ପ୍ରୋତ୍ସାହନ

L&T Finance Holdings

**ଭୁବନେଶ୍ୱର,୩୦-୧୨**

ଏଲ୍‌ଆଣ୍ଡଟି ଫାଇନାନ୍ସ ହୋଲ୍ଡିଂସର ସହଯୋଗୀ ସଂସ୍ଥା ଏଲ୍‌ଆଣ୍ଡଟି ଫାଇନାନ୍ସ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ସମ୍ବଲପୁରର ହୀରାକୁଦ, ବୁର୍ଲା, ଝାରସୁଗୁଡା, ଦେବଗଡ, ବଲାଙ୍ଗୀର, କଟକର ବାଙ୍କୀ, ଗୋପାଳପୁର ଭଳି ସ୍ଥାନଗୁଡ଼ିକରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୱାର ସରାଉଣ୍ଡିଂ ଶୀର୍ଷକ ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ୬ରୁ ୧୩ ବର୍ଷ ବୟସର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବାକୁ ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## କେ.ରାମଚନ୍ଦ୍ରନ ଆଲ୍ଲାହାବାଦ ବ୍ୟାଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



**ଭୁବନେଶ୍ୱର,୩୦-୧୨:** ରାଷ୍ଟ୍ରାୟତ୍ତ ଆଲ୍ଲାହାବାଦ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କେ.ରାମଚନ୍ଦ୍ରନ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ କର୍ପୋରେଶନ ବ୍ୟାଙ୍କର ଜେନେରାଲ ମ୍ୟାନେଜର ଭାବେ କାର୍ଯ୍ୟରତ ଥିଲେ। ବ୍ୟାଙ୍କିଙ୍ଗ ଶିଳ୍ପରେ ତାଙ୍କର ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ରହିଛି। ସେ କର୍ପୋରେଶନ ବ୍ୟାଙ୍କରେ ପ୍ରୋବେସନାରୀ ଅଧିକାରୀ ଭାବେ ୧୯୮୫ରେ ଯୋଗ ଦେଇଥିଲେ। ସେ କର୍ପୋରେଶନ ବ୍ୟାଙ୍କର ଜୋନାଲ ମୁଖ୍ୟ, ସର୍କଲ ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ କର୍ପୋରେଟ କାର୍ଯ୍ୟାଳୟରେ ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି। ଋଣ ପରିଚାଳନା, ଅଗ୍ରାଧିକାର କ୍ଷେତ୍ରକୁ ଋଣ ଯୋଗାଣ, ଯୋଜନା, ସୂଚନା ଏବଂ ପ୍ରଯୁକ୍ତି ତଥା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଭଳି ବିଭିନ୍ନ କ୍ଷେତ୍ରରେ ତାଙ୍କର ଦକ୍ଷତା ରହିଛି।

**PARADIP PORT TRUST**
**e-Tender Call Notice**
Name of the work : **"Shore Protection work from North Oil Jetty entrance to existing Stone Pitching and balance portion at Paradip Port".** EMD cost : **₹ 14,19,485**. Last date & time of submission of Bid : **17.01.2019** upto **17.15 hrs.** For details please refer our website : **https://eprocure.gov.in/ eprocure/app**
**Executive Engineer**
**Harbour Works Division No. 1**
**PPT/PR/556/18-19 Dt : 29.12.2018**

## ବିରୂପାକ୍ଷ ମିଶ୍ର କର୍ପୋରେଶନ ବ୍ୟାଙ୍କର ନୂଆ ଇଡି

**ଭୁବନେଶ୍ୱର,୩୦-୧୨**


ବିରୂପାକ୍ଷ ମିଶ୍ର

କର୍ପୋରେଶନ ବ୍ୟାଙ୍କର ନୂଆ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ବିରୂପାକ୍ଷ ମିଶ୍ର ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ସେ ୧୯୮୪ରେ ସେଣ୍ଟ୍ରାଲ ବ୍ୟାଙ୍କର ପ୍ରୋବେସନାରୀ ଅଧିକାରୀ ଭାବେ ଯୋଗ ଦେଇଥିଲେ। ମିଶ୍ର ସେଣ୍ଟ୍ରାଲ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ, ଲକ୍ଷ୍ନୌ, ଚେନ୍ନାଇ, କଲିକତା ଏବଂ ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି। ମିଶ୍ର କଣ୍ଟିଲୋଠାରେ ପ୍ରାଥମିକ ଶିକ୍ଷା ପରେ ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର କଲେଜ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ତାଙ୍କର ପଦୋନ୍ନତିରେ ଏଆଇବିଓସିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ନନ୍ଦଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ଅଧିକାରୀ ତଥା କର୍ମଚାରୀମାନେ ଅଭିନନ୍ଦନ ଜଣାଇଛନ୍ତି।

## ବିମାନ ଯାତ୍ରୀଙ୍କୁ ମିଳିପାରେ ୟୁନିକ୍ ଆଇଡି

**ନୂଆଦିଲ୍ଲୀ,୩୦-୧୨**

ଜାଲ୍ ଇ-ଟିକେଟ ଜରିଆରେ ବିମାନ ବନ୍ଦରରେ ବେଆଇନ ପ୍ରବେଶ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୪ ବର୍ଷ ମଧ୍ୟରେ ଚଳିତ ବର୍ଷ ଏହି ସଂଖ୍ୟା ସର୍ବାଧିକ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ଏଜେନ୍ସିଗୁଡ଼ିକ ଯାତ୍ରୀଙ୍କ ଲାଗି ବାୟୋମେଟ୍ରିକ ଅଥବା ବାର୍‌କୋଡ୍ ଆଧାରିତ ପ୍ରବେଶ ବ୍ୟବସ୍ଥା (ୟୁନିକ୍ ଆଇଡି) ଆପଣାଇବାକୁ ବିଚାର କରୁଛି। ତେବେ ଆତଙ୍କବାଦ ଅଥବା ଅଧିକ କ୍ଷତି ପହଞ୍ଚାଇବା ଲାଗି ହେଉଥିବା ଉଦ୍ୟମକୁ ଭଣ୍ଡୁର କରିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇନି ବୋଲି ସୁରକ୍ଷା ଏଜେନ୍ସି ଗୁଡ଼ିକ ପ୍ରକାଶ କରିଛନ୍ତି। ତେବେ ଭବିଷ୍ୟତରେ ଜାଲ୍ ଇ-ଟିକେଟ ଜରିଆରେ ବିମାନ ବନ୍ଦରର ସୁରକ୍ଷା ଘେରା ଭାଙ୍ଗିବାକୁ ଉଦ୍ୟମ ହୋଇପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ସିଆଇଏସ୍‌ଏଫ୍ ଡାଟା ଅନୁଯାୟୀ ଚଳିତ ବର୍ଷ ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଜାଲ୍ ଅଥବା ବାତିଲ ଇ-ଟିକେଟ ଜରିଆରେ ବେଆଇନ ଭାବେ ବିମାନବନ୍ଦରରେ ପ୍ରବେଶର ୧୪୦ଟି ଘଟଣା ସାମ୍ନାକୁ ଆସିଛି। ଗତ ବର୍ଷ ଏଭଳି ୧୧୧ଟି ମାମଲା ସଙ୍ଘଟିତ ହୋଇଥିଲା। ୨୦୧୬ରେ ୭୪ ଓ ୨୦୧୫ରେ ଏହା ମାତ୍ର ୪୩ ଥିଲା। ନିୟମ ଜାଣି ନ ଥିବାରୁ ଅଥବା ପରିବାର ସଦସ୍ୟଙ୍କୁ ବିଦାୟ ଜଣାଇବାର ଅଦମ୍ୟ ଇଚ୍ଛା କାରଣରୁ ବିମାନ ବନ୍ଦରରେ ଅଧିକାଂଶ ବେଆଇନ ପ୍ରବେଶ ହେଉଥିବା ଦେଖାଯାଇଛି। ଧରାପଡିଥିବା ମାମଲାଗୁଡ଼ିକ ଗୁରୁତର ନ ଥିଲେ ହେଁ ଜାଲ୍ ଅଥବା ବାତିଲ ଇ-ଟିକେଟ ଜରିଆରେ ଆତଙ୍କବାଦ କାର୍ଯ୍ୟକଳାପକୁ ଏଡାଇ ଦିଆଯାଇ ନ ପାରେ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

**N.P.C.C. Ltd.**
एन पी सी सी NPCC PROJECT EXCELLENCE SINCE 1957
(A Govt. of India Enterprises)
Bhubaneswar Zonal Office: Plot No.: VII-HIG/59, Sailashree Vihar, Bhubaneswar-751021, Odisha.
**E-NOTICE INVITING FOR PRE-QUALIFICATION**
E-Tenders are invited for pre qualification from the interested, reputed construction agencies/ firms for the civil works in different districts of Odisha State by 15.01.2019.
1. NIT No. 600105/BZO/STSC/NIPQ/709 Date : 31.12.2018

| Pkg No. | Place | Est. Cost (in Cr.) |
|---|---|---|
| I | 100 seated hostel in Deogarh, Mayurbhanj & Nawarangpur | 3.38 |
| II | 100 seated OBC hostel in Baripada, Mayurbhanj Dist. | 5.37 |
| III | 100 seated OBC hostel in Jeypore, Koraput Dist. | 10.81 |
| IV | 100 seated OBC hostel in Kendrapara & Puri Dist. | 8.05 |
| V | 120 seated ITI hostel in Koraput, Mayurbhanj, Malkangiri & Sundargarh Dist. | 6.45 |
| VI | Upgradation to high school in Kotiya, Koraput Dist. | 5.60 |
| VII | Upgradation to high school in Budhikhamari, Mayurbhanj Dist | 3.20 |
| VIII | 100 seated hostel in Koraput Dist. | 1.33 |
| IX | 100 seated hostel in Jajpur Dist. | 1.33 |
| 14 | 4 nos. of 100 seated hostel in Malkangiri Dist. | 2.86 |
| 16 | 4 nos. of 120 seated hostel in Nawarangpur Dist. | 3.20 |
| - | Upgradation to higher secondary school at Bolangir Dist. | 5.26 |

2. NIT No. 600208/BZO/DFO/NIPQ/710 Date : 31.12.2018
Development of Govt. Heritage Fish Farm at Angul Dist. 4.70
For further details please visit our official website.
www.npcc.gov.in / https://npcc.tenderpro.in
*Zonal Manager*

‘ଧରିତ୍ରୀ’ର ସ୍ୱନକ୍ଷତ୍ର ଅବସରରେ ଓଡ଼ିଶାର ଅଗଣିତ ପାଠକ/ପାଠିକାମାନଙ୍କୁ ଶୁଭେଚ୍ଛା ସହିତ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ସମସ୍ତ କୃଷକ ଏବଂ ଗ୍ରାହକବନ୍ଧୁମାନଙ୍କୁ ଶୁଭ କାମନା ସହିତ ନୂତନ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ।
**ଶ୍ରୀଯୁକ୍ତ ସୁଶାନ୍ତ କୁମାର ଖମାରୀ** ସମ୍ପାଦକ
**ଶ୍ରୀଯୁକ୍ତ ସୁବାସ ପାଢ଼ୀ** ସଭାପତି
**ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ବାଙ୍କୀ**

**ORMAS**
**Odisha Rural Development & Marketing Society, Sundargarh, Panchayati Raj & Drinking Water Department, Govt. of Odisha**
Sealed tenders are invited from the Firm/ Agencies/ Organizations for tentage & Allied Works/ Light & Sound in Stage for JATRA-2019 (Sundargarh Mahotsav) to be held from 27th to 31st January' 2019 at Bhawani Bhawan Parade Ground, Sundargarh. The Tender Paper/ Quotations Call Notice along with detail specifications and eligibility criteria of the work are available at ORMAS Office, DRDA Building, Sundargarh, which can be obtained during office hours as well a can be downloaded from the official website **http://sundargarh.nic.in from 1st January to 9th January' 2019 till 1.00 PM.**
The other details along with corrigendum/ addendum/ cancellation of this tender, if any, can be seen from the same official website.
**Sd./-**
**Collector & DM, Sundargarh**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RWS&S DIVISION, BOUDH**
E-mail ID- rwssboudh@gmail.com
**National competitive Bidding through E-Procurement**
**Tender Identification No. 27 / E.E. RWSS, Boudh of 2018-19**
**No. 1239-O:-** The Executive Engineer, RWS&S Division, Boudh, on behalf of the Government of Odisha invites Percentage Rate Bids in single cover (p, contact) from the eligible class of experienced registered contractors through e-Tendering system for the piped water supply works as detailed in DTCN. The bid should be submitted on-line in the website www.tendersorissa.gov.in separately for the work.

| | | |
|---|---|---|
| 1. | Nature of work | Piped water supply work |
| 2. | Estimated Cost | 39.53 lakhs to 65.72 lakhs |
| 3. | No. of works | 03 Nos. |
| 4. | Tender Cost | 6000.00 to 10000.00 |
| 5. | Class of contractor | “C” & “B” and “B” & “A” |
| 6. | Availability of Bid document in the website | Dt. 05.01.2019 11 hours to 16.01.2019 17 hours |
| 7. | Date of seeking clarification | During the office hours of 05.01.2019 to 14.01.2019 |
| 8. | Date of opening Bid | 17.01.2019 at 12.00 hours |

Further details can be seen in the bidding documents which is available in the e-procurement portal https//www.tendersorissa.gov.in subsequent corrigendum if required shall be appeared in the website: Authority reserves the right to reject any or all tenders without assigning any reason thereof.
*Sd./- Executive Engineer*
*RWS&S Division, Boudh*
25039/11/0019/1819



ମୋ ଦୃଷ୍ଟିରେ ଯଶପ୍ରୀତ୍ ବୁମ୍ରା ଜଣେ ମ୍ୟାଚ ବିଜୟୀ ଖେଳାଳି ଏବଂ ବର୍ତ୍ତମାନ ବିଶ୍ୱର ଶ୍ରେଷ୍ଠ ବୋଲର।
-ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ



ସ୍ମିଥ୍ ଓ ୱାର୍ନରଙ୍କ ଅନୁପସ୍ଥିତି ଯୋଗୁ ଆମ ବ୍ୟାଟ୍ସମ୍ୟାନମାନେ ଭାରତୀୟ ବୋଲିଂ ଆକ୍ରମଣ ଆଗରେ ବିଫଳ ହେଉଛନ୍ତି।
-ଟିମ୍ ପେନ୍ ,ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଖ୍ରୀଷ୍ଟଚର୍ଚ୍ଚ ଟେଷ୍ଟରେ ନ୍ୟୁଜିଲାଣ୍ଡର ବୃହତ୍ ବିଜୟ

ଖ୍ରୀଷ୍ଟଚର୍ଚ୍ଚ,୩୦।୧୨: ଏଠାରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଦଳ ୪୨୩ ରନ୍‌ର ବୃହତ୍ ବ୍ୟବଧାନରେ ବିଜୟ ହାସଲ କରିଛି। ଏହି ବିଜୟ ସହ ଦୁଇ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଘରୋଇ ଦଳ ୧-୦ରେ ଜିତି ନେଇଛି। ମ୍ୟାଚ୍‌ର ଅନ୍ତିମ ଦିବସରେ ଶ୍ରୀଲଙ୍କା ଦଳର ଅନ୍ତିମ ୩ଟି ଉଇକେଟ୍‌କୁ ଘରୋଇ ବୋଲରମାନେ ମାତ୍ର ୧୪ଟି ବଲରେ ହାସଲ କରି ନେଇଥିଲେ। ଫଳରେ ୨୩୧/୬ ରନ୍‌ରୁ ଅସମାପ୍ତ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଶ୍ରୀଲଙ୍କା ଦଳ ୨୩୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳର ବରିଷ୍ଠ ବ୍ୟାଟ୍ସମ୍ୟାନ ଆଞ୍ଜେଲୋ ମାଥ୍ୟୁସ ଆହତ ସମସ୍ୟା ଯୋଗୁ ବ୍ୟାଟିଂ କରିବାକୁ ଓହ୍ଲାଇ ନ ଥିଲେ। ବିଜୟୀ ଦଳ ପାଇଁ ନିଲ ୱ୍ୟାଗନର ୪, ଟ୍ରେଣ୍ଟ ବୋଲ୍ଟ ୩ ଓ ଟିମ ସାଉଦୀ ୨ ଉଇକେଟ ନେଇଥିଲେ। ପୂର୍ବରୁ ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୧୭୮ ରନ୍ କରିଥିବାବେଳେ ଶ୍ରୀଲଙ୍କା ୧୦୪ ରନ୍ କରିଥିଲା। ୭୪ ରନ୍‌ର ଇନିଂସ ଅଗ୍ରଣୀ ହାସଲ କରିଥିବା ନ୍ୟୁଜିଲାଣ୍ଡ ଦଳ ଦ୍ୱିତୀୟ ଇନିଂସରେ ୫୮୫ ରନ୍ କରିଥିଲା। ଫଳରେ ଶ୍ରୀଲଙ୍କା ଆଗରେ ୬୬୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ବିଜୟୀ ଦଳ ଲାଗି ଅଲରାଉଣ୍ଡର ପ୍ରଦର୍ଶନ କରିଥିବା ସାଉଦୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଛି। ଏହା କେନ ୱିଲିୟମସନଙ୍କ ନେତୃତ୍ୱାଧୀନ କିୱି ଦଳର କ୍ରମାଗତ ୪ର୍ଥ ଟେଷ୍ଟ ସିରିଜ୍ ବିଜୟ। ଗତ ୮୮ ବର୍ଷ ପରେ ପ୍ରଥମ ଥର ପାଇଁ କିୱି ଦଳ ଏଭଳି ବିରଳ ସଫଳତା ପାଇଛି। ନ୍ୟୁଜିଲାଣ୍ଡ ଦଳ ଏଥିପୂର୍ବରୁ ୱେଷ୍ଟଇଣ୍ଡିଜ, ଇଂଲଣ୍ଡ ଓ ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ୍ ଜିତିଥିଲା।

### ହାପି ଏକାଦଶ, ଜେଏମ୍‌ଡି ସେମିଫାଇନାଲରେ

ଭୁବନେଶ୍ୱର, ୩୦।୧୨(ସ୍ପୋର୍ଟ ବ୍ୟୁରୋ): ରସୁଲଗଡ଼ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୯ତମ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ କଟକର ହାପି ଏକାଦଶ ଓ ଭୁବନେଶ୍ୱରର ଜେଏମ୍‌ଡି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟରଫାଇନାଲରେ ଭୁବନେଶ୍ୱରର ସହିଦନଗର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୮ଉଇକେଟ ବିନିମୟରେ ୧୩୭ ରନ କରିଥିଲା। ପଙ୍କଜ ଦାସ ୩୧ବଲ୍‌ରେ ୮୩ ରନ କରିଥିଲେ। ବିପକ୍ଷ ଦଳ ହାପି ଏକାଦଶ ତରଫରୁ ପରେଶ ବେହେରା ୩୧ରନ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ୧୩୮ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ହାପି ଏକାଦଶ ୧୦.୨ ଓଭରରେ ୬ଉଇକେଟ ବିନିମୟରେ ୧୩୯ ରନ କରି ବିଜୟ ଲାଭ କରିଥିଲା। ଦଳ ୪ ଉଇକେଟରେ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଥିଲା।

ଚତୁର୍ଥ କ୍ୱାର୍ଟରଫାଇନାଲରେ ଜେଏମ୍‌ଡି ପ୍ରଥମେ ବ୍ୟାଟିଂ କରିବାକୁଯାଇ ନିର୍ଦ୍ଧାରିତ ୧୨ଓଭରରେ ୩ ଉଇକେଟ ହରାଇ ୧୯୪ରନ କରିଥିଲା। ଦଳ ପକ୍ଷରୁ ସିଦ୍ଧାର୍ଥ ଜେନା ୩୦ବଲ୍‌ରୁ ୮୦ରନ କରିଥିଲେ। ବିପକ୍ଷ ଦଳ କଟକର ମ୍ୟାଜିକ୍ ଏକାଦଶର ଆଲୋକ ମହାନ୍ତି ୫୬ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ୧୯୫ରନର ବିଜୟ ଲକ୍ଷ୍ୟକୁ ପିଛା କରି ମ୍ୟାଜିକ୍ ଏକାଦଶ ୧୧.୫ ଓଭରରେ ୧୬୭ ରନ କରି ଅଲଆଉଟ ହୋଇଯାଇଥିଲା। ରାକେଶ ବଲିୟାର ସିଂ ୧୨ବଲ୍‌ରୁ ୪୯ ରନ କରିଥିଲେ। ଜେଏମ୍‌ଡି ପକ୍ଷରୁ ରଣଜିତ କୁଣ୍ଡୁ ୩୧ରନ ବିନିମୟରେ ୩ଟି ଉଇକେଟ ନେଇଥିଲେ। ଜେଏମ୍‌ଡି ୨୭ ରନରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ସିଦ୍ଧାର୍ଥ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରବିବାର ସୁବ୍ରତ ସାହୁ, ହେମନ୍ତ ପରିଡ଼ା, ରବୀନ୍ଦ୍ର ଚମ୍ପତି, ସୁନୀଲ ଚମ୍ପତି, ଅମୂଲ୍ୟ ପରିଡ଼ା, ବୁଦ୍ଧପ୍ରକାଶ ମହାପାତ୍ର, ମହିନ୍ଦ୍ର କୁମାର ତ୍ରିପାଠୀ ଓ ଦେବାଶିଷ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଜୟ ସହ ଚର୍ଚ୍ଚିଲର ପ୍ରତ୍ୟାବର୍ତ୍ତନ




ଚର୍ଚ୍ଚିଲ ବ୍ରଦର୍ସ ଓ ଇଣ୍ଡିଆନ୍ ଆରୋଜ ମଧ୍ୟରେ ରବିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଆଇ- ଲିଗ୍ ଫୁଟବଲ ମ୍ୟାଚ ।




ନିକଶନ କାଷ୍ଟାନଙ୍କୁ କ୍ରୀଡ଼ା ଓ ଯୁବସେବା ସଚିବ ତଥା କମିଶନର ବିଶାଲ ଦେବ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

**ଆଇ- ଲିଗ୍ ଫୁଟବଲ**

ଭୁବନେଶ୍ୱର,୩୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

କ୍ରମାଗତ ଦୁଇଟି ପରାଜୟ ପରେ କୋଚ୍ ପିଟର ଗିଗିଉଙ୍କ ତତ୍ତ୍ୱାବଧାନରେ ଗୋଆର ଚର୍ଚ୍ଚିଲ ବ୍ରଦର୍ସ ଆଇ- ଲିଗ୍ ଫୁଟବଲରେ ବିଜୟ ହାସଲ କରିଛି। ଅଧିନାୟକ ତଥା ଫରୱାର୍ଡ ୱିଲିସ୍ ଡିଓନ ପ୍ଲାଜାଙ୍କ ଏକମାତ୍ର ଗୋଲ ବଳରେ ଚର୍ଚ୍ଚିଲ ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଲିଗ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଯୁବ ଦଳ ଇଣ୍ଡିଆନ ଆରୋଜକୁ ପରାସ୍ତ କରିଛି। ୧-୦ ଗୋଲ ବ୍ୟବଧାନରେ ଆରୋଜ ମ୍ୟାଚ୍ ହାତଛଡ଼ା କରିଛି। ପ୍ରଥମାର୍ଦ୍ଧର ୪୦ତମ ମିନିଟ୍‌ରେ ପ୍ଲାଜା ଗୋଲ ସ୍କୋର କରିଥିଲେ। ଏହି ବିଜୟ ସହ ଚର୍ଚ୍ଚିଲ ୩ ପଏଣ୍ଟ ହାସଲ କରିଛି। ଅନ୍ୟପଟେ ଆରୋଜ ୩ଟି ମ୍ୟାଚ ଖେଳି ପ୍ରଥମ ପରାଜୟ ବରଣ କରିଛି।

ଚର୍ଚ୍ଚିଲ ବ୍ରଦର୍ସ ଆରମ୍ଭରୁ ଓ ପ୍ରଥମାର୍ଦ୍ଧରେ ପ୍ରଭାବ ବିସ୍ତାର କରି ଖେଳିଥିଲା। ତ୍ରିନିଦାଦ ଓ ଟବାଗୋର ପ୍ଲାଜା ଚତୁର୍ଥ ମିନିଟରେ ଏକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଆରୋଜ ଗୋଲକିପର ପ୍ରଭସୁଖାନ ଗିଲ୍ ଏହାକୁ ଡାଇଭ୍ କରି ସୁନ୍ଦର ଭାବେ ପ୍ରତିହତ କରିଥିଲେ।

ଫ୍ଲଏଡ ପିଣ୍ଟୋଙ୍କ ଆରୋଜ ଦଳ ଏହା ପୂର୍ବରୁ ଦୁଇଟି ମ୍ୟାଚ୍ ଖେଳି ଦୁଇଟି ବିଜୟ ସହ ୪ ପଏଣ୍ଟ ହାସଲ କରି ପୂରା ଦମ୍‌ଦାର ପ୍ରଦର୍ଶନ କରିବା ଲକ୍ଷ୍ୟରେ ଥିଲା। ଦଳର ଉଇଙ୍ଗର ବୋରିସ୍ ସିଂଙ୍କୁ ରୋକିବାରେ ସଫଳ ହୋଇଥିଲେ ଚର୍ଚ୍ଚିଲ ଡିଫେଣ୍ଡର ରୋଲସନ ରୋଡ୍ରିଗୁଏଜ୍। ପରେ ପରେ ଦୁଇ ଦଳ ବଲକୁ ଅକ୍ତିଆର କରିବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରିଥିଲେ। ଘରୋଇ ଆରୋଜ ଖେଳାଳିମାନେ କୁଇକ୍ ପାସ ଦେବାକୁ ପ୍ରୟାସ କରିଥିଲେ। ତେବେ ଚର୍ଚ୍ଚିଲ ଖେଳାଳିମାନେ ଟିକିଏ ମନ୍ଥର ପ୍ରଦର୍ଶନ କରିଥିଲେ। ଆରୋଜର ରହିମ ଅଲୀ ଓ ଅମରଜିତ୍ ସିଂ ଏକାଧିକ ପ୍ରୟାସ କରିଥିଲେ ମଧ୍ୟ ଚର୍ଚ୍ଚିଲ ଗୋଲ କିପର ଏହା ପଣ୍ଡ କରିବାରେ ସଫଳ ହୋଇଥିଲେ। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ହେବ ବୋଲି ଆଶା କରାଯାଉଥିବା ବେଳେ ୪୦ତମ ମିନିଟରେ ପ୍ଲାଜା ଗୋଲ ଦେଇ ଚର୍ଚ୍ଚିଲକୁ ଅଗ୍ରଣୀ କରାଇଥିଲେ। ଆରୋଜ ସେଣ୍ଟର ଫରୱାର୍ଡ ଜିତେନ୍ଦ୍ର ସିଂ ବଲ୍‌କୁ ଅକ୍ତିଆର କରିବାରେ ସଫଳ ହୋଇ ନ ଥିଲେ। ଫଳରେ ଏହା ଫାଇଦା ଉଠାଇ ପ୍ଲାଜା ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଇଞ୍ଜୁରି କାରଣରୁ ପ୍ଲାଜା ଖେଳି ନ ଥିଲେ ଓ ତାଙ୍କ ବଦଳରେ ଆଣ୍ଟୋନୀ ଉଲ୍ଫ ପଡିଆରେ ପ୍ରବେଶ କରିଥିଲେ।

ଏହା ପରେ ଆରୋଜ ଗୋଲ ପରିଶୋଧ କରିବାକୁ ପ୍ରୟାସ ଆରମ୍ଭ କରିଥିଲା। ରହିମ ଅଲ୍ଲୀ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ୍ୟ ଚର୍ଚ୍ଚିଲ ଡିଫେନ୍ସକୁ ଭେଦ କରିପାରି ନ ଥିଲେ। ୫୪ତମ ମିନିଟ୍‌ରେ ଉଲ୍ଫ ଜିତେନ୍ଦ୍ର ଓ ଆଶିଷ ରାଏଙ୍କୁ ଅତିକ୍ରମ ଏକ ସୁନ୍ଦର ସୁଯୋଗ ସୃଷ୍ଟି କରିଥିଲେ। ତେବେ ଆରୋଜ ଗୋଲ କିପର ଗିଲ୍ ବଲ୍‌କୁ ଅକ୍ତିଆର କରି ନେଇଥିଲେ। ୭୪ତମ ମିନିଟରେ ଗୋଲ ପରିଶୋଧ କରିବାକୁ ଆରୋଜ ଏକ ସୁଯୋଗ ପାଇଥିଲା। ବୋରିସ୍ ସିଂ ଥଙ୍ଗଜାମ ଶଟ ମାରିଥିଲେ ମଧ୍ୟ ବଲ ଗୋଲପୋଷ୍ଟ ଉପରେ ଚାଲିଯାଇଥିଲା।

ବଦଳ ଖେଳାଳିଭାବେ ପଡିଆକୁ ପ୍ରବେଶ କରିଥିବା ଅନିକେତ ଯାଦବ ଓ ସଞ୍ଜୀବ ଷ୍ଟାଲିନ୍ ଆରୋଜ ପାଇଁ ଗୋଲ ଦେବାକୁ ପ୍ରୟାସ ଜାରି ରଖିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଆରୋଜ ପକ୍ଷରୁ ଅନିକେତ ସବଷ୍ଟିଚ୍ୟୁଟ ଭାବେ ଲାଲେଙ୍ଗମାଇୱାଙ୍କ ବଦଳରେ ଖେଳିଥିଲେ। ସେହିପରି ଚର୍ଚ୍ଚିଲ ଦଳରେ କ୍ଲେନସିଓ ପିଣ୍ଟୋଙ୍କ ବଦଳରେ ଭିନିଲ ପୁଜାରେ ବଦଳ ଖେଳାଳିଭାବେ ପଡିଆକୁ ପ୍ରବେଶ କରିଥିଲେ। ଅନିକେତଙ୍କୁ ରେଫରି ହଳଦିଆ କାର୍ଡ ଦେଖାଇଥିଲେ। ୫ ମିନିଟର ଅତିରିକ୍ତ ସମୟ ଖେଳ ହୋଇଥିଲା। ତେବେ ଆରୋଜ ଗୋଲ ପରିଶୋଧ କରିବାରେ ସଫଳ ହୋଇ ନ ଥିଲା। ଫଳରେ ଶେଷରେ ଚର୍ଚ୍ଚିଲ ୧-୦ ଗୋଲରେ ବିଜୟୀ ହୋଇଥିଲା ଓ କ୍ଲିନ୍ ସିଟ୍ ବଜାୟ ରଖି ୩ ପଏଣ୍ଟ ହାସଲ କରିଥିଲା। ଚର୍ଚ୍ଚିଲ ଡିଫେଣ୍ଡର ନିକଶନ କାଷ୍ଟାନ (ଜର୍ସି ନଂ ୨୪)ଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ତଥା କମିଶନର ବିଶାଳ ଦେବ।

### ଗ୍ରୀନ୍ସ ଏକାଡେମୀ, ଶହୀଦ ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର, ୩୦।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଗାଡ଼କଣସ୍ଥିତ ଗଡ଼େଶ୍ୱର ସ୍ପୋର୍ଟ୍ସ ସଂଘ ଏବଂ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ଚାଲିଥିବା ଜୁନିୟର କ୍ରିକେଟ ଲିଗ୍‌ର ଚତୁର୍ଥ ଦିବସରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଏବଂ ସହିଦ ସ୍ପୋର୍ଟିଂ ସେମାନଙ୍କ ମ୍ୟାଚରେ ବିଜୟ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଗ୍ରୀନ୍ସ ଏକାଡେମୀ ୪୭ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ମ୍ୟାଚରେ ଗ୍ରୀନ୍ସ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ବିଭାଂଶୁ ରାୟଙ୍କ ଶତକ (୭୮ ବଲ୍‌ରୁ ୧୦୬ ରନ) ସହାୟତାରେ ନିର୍ଦ୍ଧାରିତ ୨୫ଓଭରରେ ୪ ଉଇକେଟ ବିନିମୟରେ ୧୭୫ ରନ କରିଥିଲା। ରାମେଶ୍ୱର ପକ୍ଷରୁ ଆଶୁତୋଷ ସାହୁ, ତନୟ ବିଶ୍ୱାଳ ଓ ପ୍ରତୀକ ସ୍ୱାଇଁ ଗୋଟିଏ ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ୧୭୬ରନର ବିଜୟ ଲକ୍ଷ୍ୟକୁ ପିଛା କରି ରାମେଶ୍ୱର ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୨୮ ରନ କରିବାରେ ସମର୍ଥ ହୋଇଥିଲା। ଶତକୀୟ ମ୍ୟାଚ ବିଜୟୀ ଇନିଂସ ପାଇଁ ବିଭାଂଶୁ ରାୟ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ସହିଦ କ୍ଲବ ୨୮ ରନରେ ଟାଉନ କ୍ଲବକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ସହିଦ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭରରେ ୨ ଉଇକେଟ ବିନିମୟରେ ୧୭୦ ରନ କରିଥିଲା। ଦଳ ପକ୍ଷରୁ ଆତ୍ମିକ ଆଦିତ୍ୟ ଦାସ ୫୭, ବିଭାସ ଚାନ୍ଦ ୪୦ ରନ କରିଥିବା ବେଳେ ସୌର୍ଯ୍ୟନ ପଟ୍ଟନାୟକ ୩୮ ରନ କରି ଅପରାଜିତ ରହିଥିଲେ। ଜବାବରେ ଟାଉନ୍ କ୍ଲବ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୪୨ ରନ କରିବାରେ ସକ୍ଷମ ହୋଇଥିଲା। ମୃତ୍ୟୁଞ୍ଜୟ ପଣ୍ଡା ୫୩ ଏବଂ ଲିଙ୍ଗରାଜ ନାୟକ ୩୫ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଶ୍ରେଷ୍ଠ ସିଂ ୩ ଏବଂ ସୌମିତ୍ର ବିଶ୍ୱାଳ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ଶହୀଦ ସ୍ପୋର୍ଟିଂର ଆତ୍ମିକ ଆଦିତ୍ୟ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ବ୍ରହ୍ମବରଦା କପ୍ କ୍ରିକେଟ ଟୁର୍ନାମେଣ୍ଟ ଚାମ୍ପିୟନ ପାରାମାଉଣ୍ଟ ଦଳର ଖେଳାଳିମାନେ ।

### ବ୍ରହ୍ମବରଦା କପ୍ ଜିତିଲା ପାରାମାଉଣ୍ଟ

ଭୁବନେଶ୍ୱର, ୩୦।୧୨

ଯାଜପୁରରେ ଅନୁଷ୍ଠିତ ବ୍ରହ୍ମବରଦା କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ପାରାମାଉଣ୍ଟ ସ୍ପୋର୍ଟିଂ ୧୨ ରନରେ ବାଲେଶ୍ୱରର ୟୁ ଆଣ୍ଡ ମି'କୁ ପରାସ୍ତ କରି ଚଳିତ ବର୍ଷର ଚାମ୍ପିୟନ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ୍ ହରାଇ ୨୪୦ ରନ କରିଥିଲା। ଦଳ ପକ୍ଷରୁ ଅଭୟ ୩୯, ଆୟୁଷରାଜ ୫୦, ସୌରଭ ଗୌଡ଼ା ୫୬, ସୌମ୍ୟରଞ୍ଜନ ୫୭* ରନ କରିଥିଲେ। ପ୍ରତିପକ୍ଷ ୟୁ ଆଣ୍ଡ ମି'ର ଏସ୍. ଆଚାର୍ଯ୍ୟ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ୟୁ ଆଣ୍ଡ ମି ଟି. ମୁର୍ମୁଙ୍କ ୭୩ ରନ ସତ୍ତ୍ୱେ ୯ ଉଇକେଟ୍ ହରାଇ ୨୨୮ ରନ କରିବାକୁ ସମର୍ଥ ହୋଇଥିଲା। ଚାମ୍ପିୟନ ଦଳର ବି. ଶିବା ଓ ସାର୍ଥକ ଗହଣ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ସାର୍ଥକ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ପାରାମାଉଣ୍ଟର ୩ ଖେଳାଳି ସୌରଭ ଗୌଡ଼ା ମ୍ୟାନ୍ ଅଫ୍ ଦି ସିରିଜ ଓ ବେଷ୍ଟ ବ୍ୟାଟ୍ସମ୍ୟାନ ହୋଇଥିଲେ। ହିତେଶ ନାୟକ ଶ୍ରେଷ୍ଠ ବୋଲର ପୁରସ୍କାର ହାସଲ କରିଥିଲେ।

### ଏଲିମିନେଟରରେ ବିଜୟୀ ହେଲେ ଦିଲ୍ଲୀ, ୟୁପି

କୋଚି, ୩୦।୧୨ (ପି.ଟି.)

ଚଳିତ ପ୍ରୋ କବାଡ଼ି ଲିଗ୍ (ପିକେଏଲ)ର ଷଷ୍ଠ ସଂସ୍କରଣରେ ୟୁପି ଯୋଦ୍ଧା ପ୍ରଥମ ଏଲିମିନେଟରରେ ୟୁ ମୁମ୍ବାକୁ ପରାସ୍ତ କରିଛି। ୟୁପି ୩୪- ୨୯ରେ ଟୁର୍ନାମେଣ୍ଟର ଅନ୍ୟତମ ଫେଭରାଇଟ ୟୁ ମୁମ୍ବାକୁ ହରାଇଛି। ରବିବାର ଖେଳାଯାଇଥିବା ଦ୍ୱିତୀୟ ଏଲିମିନେଟରରେ ଦବଙ୍ଗ ଦିଲ୍ଲୀ ୩୯-୨୮ ବ୍ୟବଧାନରେ ବେଙ୍ଗଲ ୱାରିୟର୍ସକୁ ହରାଇଛି। ସୋମବାର ଖେଳାଯିବାକୁ ଥିବା ଏଲିମିନେଟର-୩ରେ ବେଙ୍ଗଲ ଓ ୟୁପି ପରସ୍ପରକୁ ଭେଟିବେ।

### ସର୍ଭିସେସ୍ ବିପକ୍ଷରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

**ରଣ୍‌ଜୀ ଟ୍ରଫି**

କଟକ ଅଫିସ, ୩୦।୧୨

ନୂଆଦିଲ୍ଲୀ ପାଲମସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ରବିବାରଠାରୁ ଓଡ଼ିଶା ଓ ସର୍ଭିସେସ୍ ମଧ୍ୟରେ ରଣ୍‌ଜୀ ଟ୍ରଫି ମ୍ୟାଚ୍ ଆରମ୍ଭ ହୋଇଛି। ଏଲିଟ୍ ଗ୍ରୁପ୍-ସି'ର ଏହି ମ୍ୟାଚ୍‌ର ପ୍ରଥମ ଦିବସରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ମାତ୍ର ୧୭୭ ରନ୍‌ରେ ଅଲଆଉଟ ହୋଇଛି। ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦଳୀୟ ସ୍କୋର ୫ ରନ୍ ହୋଇଥିବା ବେଳେ ଓପ୍‌ନର ଅନୁରାଗ ଷଡ଼ଙ୍ଗୀ ଖାତା ଖୋଲିବା ଆଗରୁ ସଚ୍ଚିଦାନନ୍ଦ ପାଣ୍ଡେଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଏହାପରେ ଓଡ଼ିଶାର ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ସର୍ଭିସେସ୍ ବୋଲରଙ୍କୁ ସାମ୍ନା କରି ନ ପାରିବାରୁ ଦଳ ୫୫ ରନ୍‌ରେ ୫ ବ୍ୟାଟ୍ସମ୍ୟାନଙ୍କୁ ହରାଇଥିଲା। ଶାନ୍ତନୁ ମିଶ୍ର ୭, ଦେବାଶିଷ ସାମନ୍ତରାୟ ୨୬, ଶୁଭ୍ରାଂଶୁ ସେନାପତି ୩ ରନ୍‌ରେ ଆଉଟ ହୋଇଥିଲେ। ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ଚଳିତ ସିଜନ୍‌ରେ ତାଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖି ମାତ୍ର ୬ ରନ୍‌ରେ ଆଉଟ ହୋଇଥିଲେ। ତେବେ ୬ଷ୍ଠ ଉଇକେଟ ଭାଗୀଦାରିରେ ଅଧିନାୟକ ବିପ୍ଳବ ଓ ଅଲ୍‌ରାଉଣ୍ଡର ଅଭିଷେକ ୮୨ ରନ୍ ସଂଗ୍ରହ କରି ସ୍ଥିତି ସୁଧାରିଥିଲେ। ପାର୍ଟଟାଇମ ବୋଲର ନରେନ୍ଦର ସିଂଙ୍କୁ ବ୍ୟବହାର କରି ସର୍ଭିସେସ୍ ଏହି ଯୋଡ଼ିକୁ ଭାଙ୍ଗିଥିଲା। ଅଭିଷେକ ଅର୍ଦ୍ଧଶତକ (୫୬) ହାସଲ ପରେ ନରେନ୍ଦରଙ୍କ ଶିକାର ହୋଇଥିଲେ। ଏହାପରେ ସତର୍କତାର ସହ ଖେଳୁଥିବା ବିପ୍ଳବ (୧୨୮ ବଲ୍‌ରୁ ୪୧ ରନ୍) ବାମହାତୀ ସ୍ପିନର ଅରୁଣ ବାମଲଙ୍କ ଦ୍ୱାରା କ୍ୟାଚ୍‌ଆଉଟ ହୋଇଥିଲେ। ଏହାପରେ ନିମ୍ନକ୍ରମରେ ଉଇକେଟକିପର ପି. ରୋଶନ କୁମାର ରାଓ (୯), ସୂର୍ଯ୍ୟକାନ୍ତ ପ୍ରଧାନ (୦), ବସନ୍ତ ମହାନ୍ତି (୭) ନିରାଶ କରିବାରୁ ଓଡ଼ିଶା ୧୭୭ ରନ୍‌ରେ ସୀମିତ ରହିଥିଲା। ସର୍ଭିସେସ୍ ପକ୍ଷରୁ ଅରୁଣ ୪, ଗୁରୁଦେବ ପଠାନିଆ ଓ ସଚ୍ଚିଦାନନ୍ଦ ପାଣ୍ଡେ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସର୍ଭିସେସ୍ ଗୋଟିଏ ଓଭର ଖେଳି ବିନା ଉଇକେଟରେ ୨ ରନ୍ କରିଛି।

**ସଂକ୍ଷିପ୍ତ ସ୍କୋର**

- ଓଡ଼ିଶା ପ୍ରଥମ ଇନିଂସ୍- ୧୭୭ରେ ଅଲଆଉଟ, ଅଭିଷେକ ୫୬, ବିପ୍ଳବ ୪୧, ଅରୁଣ ବାମଲ ୪/୬୧,
- ସର୍ଭିସେସ ପ୍ରଥମ ଇନିଂସ୍- ୨/୦, ୧ ଓଭର।

### ଉତ୍କଳ ପ୍ରିମିୟର ଲିଗ୍: ବ୍ରହ୍ମପୁର ବ୍ଲାଷ୍ଟର୍ସ ଚାମ୍ପିୟନ

ଭୁବନେଶ୍ୱର, ୩୦।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରବାସୀ ଓଡ଼ିଆଙ୍କ ଅନୁଷ୍ଠାନ ଉତ୍କଳ ସମାଜ ତରଫରୁ ପୁନେରେ ଅନୁଷ୍ଠିତ ଉତ୍କଳ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସଂସ୍କରଣରେ ବ୍ରହ୍ମପୁର ବ୍ଲାଷ୍ଟର୍ସ ଚାମ୍ପିୟନ ହୋଇଛି। ଫାଇନାଲ୍‌ରେ ବ୍ରହ୍ମପୁର ବ୍ଲାଷ୍ଟର୍ସ ୬୧ ରନ୍‌ରେ ଢେଙ୍କାନାଳ ଡାଇନାମାଇଟ୍ସକୁ ପରାସ୍ତ କରିଥିଲା। ବ୍ରହ୍ମପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୪୨ ରନ୍ ସଂଗ୍ରହ କରିଥିଲା। ଆଲୋକ ସାହୁ ସର୍ବାଧିକ ୬୩ ଓ ଆଲୋକ ରାଉତ ୪୫ ରନ୍ କରିଥିଲେ। ଢେଙ୍କାନାଳ ପକ୍ଷରୁ ହାବୁ ଓ ଆଲୋକ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ଢେଙ୍କାନାଳ ୮୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବ୍ରହ୍ମପୁରର ଆଲୋକ ସାହୁ ୫ ଉଇକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଆଲୋକ ରାଉତ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ମନୋଜ କୁମାର ମହାପାତ୍ର, ଜାଭେଦ୍ ଶେଖ୍ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ରସୁଲଗଡ଼ ପ୍ରିମିୟର ଲିଗ୍: ସିଦ୍ଧାର୍ଥ ଜେନା (ବାମ) ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

### କ୍ରାଉନ୍‌କୁ ହରାଇ ଫାଇନାଲରେ ରାମେଶ୍ୱର

କାକଟପୁର, ୩୦।୧୨

ସ୍ଥାନୀୟ ମିନିଷ୍ଟାଡିୟମରେ ଅନୁଷ୍ଠିତ ୩୦ତମ ରାଜ୍ୟସ୍ତରୀୟ ମଙ୍ଗଳା କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚରେ କ୍ରାଉନ୍ ସ୍ପୋର୍ଟିଂକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ୨ୟ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ରାମେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୨୦୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ଭୂୟାଁ ୬୬, ପରେଶ ପଟେଲ ୩୩ ରନ୍ କରିଥିଲେ। କ୍ରାଉନ୍ ପକ୍ଷରୁ ସୁଜିତ୍ କୁଲୁ ୩ ଓ ଓମ୍ ଆରିଆ ୨ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ କ୍ରାଉନ୍ ସ୍ପୋର୍ଟିଂ ୨୩.୪ ଓଭରରେ ୧୫୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ସୂର୍ଯ୍ୟକାନ୍ତ ସାମଲ ୪୦, ଭରତ ଦାସ ୩୪ ରନ ସଂଗ୍ରହ କରିଥିଲେ। ରାମେଶ୍ୱର ପକ୍ଷରୁ ପୂର୍ଣ୍ଣ ମହାରଣା, ବିଶ୍ୱଜିତ୍ ଭୂୟାଁ, ପରେଶ ପଟେଲ ଓ ଦୀପକ ମଙ୍ଗରାଜ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ରାମେଶ୍ୱରର ବିଶ୍ୱଜିତ୍‌ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଏବଂ କ୍ରାଉନ୍‌ର ସୂର୍ଯ୍ୟକାନ୍ତ ସାମଲଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ଓଡିଶା ମତ୍ସ୍ୟଜୀବୀ ସଂଘର ସଭାପତି ପ୍ରସନ କୁମାର ବେହେରା ପୁରସ୍କୃତ କରିଥିଲେ। ନିର୍ମଳ କୁମାର ମିଶ୍ର ଓ ସତ୍ୟବ୍ରତ ମହାପାତ୍ର ମ୍ୟାଚ୍ ପରିଚାଳନା ଏବଂ ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା, ପଦୀପ୍ତ ଦିକ୍ଷିତ୍ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ସ୍କୋରିଂରେ ଜ୍ୟୋତି ପ୍ରକାଶ, ସଚିନ ଏବଂ ତ୍ରିଲୋଚନ ସହାୟତା କରିଥିଲେ। ଆସନ୍ତା ଜାନୁୟାରୀ ୬ରେ ଦୁଇ ଭୁବନେଶ୍ୱର ଟିମ୍ ପାରାମାଉଣ୍ଟ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ ପ୍ରକାଶ କରାଯାଇଛି।



ମଙ୍ଗଳା କପ୍ କ୍ରିକେଟ୍: ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

DADLS-233
କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି
www.kalia.co.in
ଓଡ଼ିଶା ସରକାର
ଜୀବନ ବୀମା ସହାୟତା
୫୭ ଲକ୍ଷ ଚାଷୀ ଓ ଭୂମିହୀନ ପରିବାର ପାଇଁ ୨ ଲକ୍ଷ ଟଙ୍କାର ଜୀବନ ବୀମା ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ସହାୟତା
କାଳିଆ ବାର୍ତ୍ତା:
କାଳିଆ ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ମିସ୍‌କଲ୍ ଦିଅନ୍ତୁ - ୦୮୦୬୧୧୭୪୨୨୨

15001/13/0523/1819

# ଭାରତ ୧୩୭ ରନ୍‌ରେ ବିଜୟୀ

## ବକ୍ସିଂ ଡେ ଟେଷ୍ଟ: ବର୍ଡର- ଗାଭାସ୍କର ଟ୍ରଫି ବଜାୟ ରଖିଲା ବିରାଟ ବାହିନୀ

ମେଲବୋର୍ନ,୩୦।୧୨(ପି.ଟି.)

ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଅନୁଷ୍ଠିତ ବକ୍ସିଂ ଡେ ଟେଷ୍ଟରେ ଭ୍ରମଣକାରୀ ଭାରତ ବୃହତ୍ ୧୩୭ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଛି। ଏଥିସହିତ ଭାରତ ବର୍ଡର- ଗାଭାସ୍କର ଟ୍ରଫିକୁ ବଜାୟ ରଖିଛି। ଏହି ବୃହତ୍ ବିଜୟ ସହ ଭାରତ ଇତିହାସ ସୃଷ୍ଟି କରିବାକୁ ଯାଉଛି। ଗତ ୭ ଦଶନ୍ଧି ମଧ୍ୟରେ ଅଷ୍ଟ୍ରେଲିଆ ମାଟିରେ ପ୍ରଥମଥର ପାଇଁ ସିରିଜ ବିଜୟ ହାସଲ କରିବାର ସୁଯୋଗ ପାଇଛି। ଜାନୁୟାରୀ ୪ ତାରିଖରେ ସିଡନୀରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟକୁ ଅତିକମରେ ଡ୍ର ରଖିପାରିଲେ ଏହି ହାଇପ୍ରୋଫାଇଲ ସିରିଜ ଜିତି ଇତିହାସ ସୃଷ୍ଟି କରିପାରିବ। ଅଧିନାୟକ ବିରାଟ କୋହଲିଙ୍କ ପାଇଁ ଏହି ସିରିଜ ବିଶେଷ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। କୋହଲି ଅଧିନାୟକ ହିସାବରେ ବିଦେଶରେ ୧୧ଟି ଟେଷ୍ଟ ଜିତି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ଯୁବ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୨୦ଟି ଡିସ୍‌ମିସାଲ କରି ଭାରତୀୟ ଦୃଷ୍ଟିକୋଣରୁ ରେକର୍ଡ କରିଛନ୍ତି। ପୁଣି ଭାରତ ଏଥିସହିତ ୧୫୦ତମ ଟେଷ୍ଟ ବିଜୟ ହାସଲ କରି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ମ୍ୟାଚ୍‌ରେ ପ୍ରଥମ ଇନିଂସରେ ୬ ଓ ଦ୍ୱିତୀୟ ଇନିଂସରେ ୩ ସଫଳତା ପାଇ ମୋଟ ୯ ଉଇକେଟ ହାସଲ କରିଥିବା ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମରା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ଅଷ୍ଟ୍ରେଲିଆ ସମ୍ମୁଖରେ ୩୯୯ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ରବିବାର ପଞ୍ଚମ ତଥା ଅନ୍ତିମ ଦିବସରେ ବିଜୟ ପାଇଁ ଭାରତ ଆଉ ୨ ଉଇକେଟ ଆବଶ୍ୟକ କରୁଥିବା ବେଳେ ଅଷ୍ଟ୍ରେଲିଆ ୧୪୧ ରନ ଆବଶ୍ୟକ କରୁଥିଲା। ତେବେ ଅନ୍ତିମ ଦିନରେ ବର୍ଷା କାରଣରୁ ଖେଳ ସମ୍ଭବ ହୋଇପାରି ନ ଥିଲା। ତେବେ ଦ୍ୱିତୀୟ ସେସନ ଆରମ୍ଭ ହେବା ପରେ ୨୭ଟି ବଲ୍ ମଧ୍ୟରେ ବାକି ଦୁଇଟି ଉଇକେଟ ହାସଲ କରି ବାଜି ମାରିଥିଲା। ଅସମାପ୍ତ ସ୍କୋର ୨୫୮/୮ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଆଉ ମାତ୍ର ୩ ରନ ଅଧିକ ସଂଗ୍ରହ କରିଥିଲା ଓ ୮୯.୩ ଓଭରରେ ୨୬୧ ରନ କରି ଅଲଆଉଟ ହୋଇ ପରାଜୟ ବରଣ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ପ୍ୟାଟ୍ କୁମିନ୍ସ ୬୧ରୁ ଖେଳ ଆରମ୍ଭ କରି ୬୩ ଓ ନାଥନ ଲିୟନ ୬ରୁ ୭ ରନ କରି ଯଥାକ୍ରମେ ଯଶପ୍ରୀତ ବୁମ୍‌ରା ଓ ଇଶାନ୍ତ ଶର୍ମାଙ୍କ ଦ୍ୱାରା ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ବୁମରା ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏ, ଇଶାନ୍ତ ଶର୍ମା ଓ ମହମ୍ମଦ ସାମି ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

ପୂର୍ବରୁ ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୭ ଉଇକେଟ ହରାଇ ୪୪୩ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୬୬.୫ ଓଭରରେ ୧୫୧ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭାରତ ପ୍ରଥମ ଇନିଂସରେ ୨୯୨ରନର ବୃହତ ଅଗ୍ରଣୀ ହାସଲ କରିଥିଲା। ଭାରତ ଦ୍ୱିତୀୟ ଇନିଂସରେ ୩୭.୩ ଓଭରରେ ୮ ଉଇକେଟ ହରାଇ ୧୦୬ ରନ କରି ଇନିଂସ ଘୋଷଣା କରିଥିଲା।



ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ଖେଳାଳି ।

### ସଂକ୍ଷିପ୍ତ ସ୍କୋର

- ଭାରତ ପ୍ରଥମ ଇନିଂସ: ୪୪୩/୭(ଘୋଷଣା)।
- ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:୧୫୧/ଅଲଆଉଟ।
- ଭାରତ ଦ୍ୱିତୀୟ ଇନିଂସ: ୩୭.୩ ଓଭରରେ ୧୦୬/୮ରେ ଇନିଂସ ଘୋଷଣା
- ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ- ୮୯.୩ ଓଭରରେ ୨୬୧ ଅଲଆଉଟ (କୁମିନ୍ସ- ୬୩, ଲିୟନ- ୭, ଶନ୍ ମାର୍ଶ- ୪୪, ହେଡ- ୩୪, ଖ୍ୱାଜା- ୩୩, ପେନ୍- ୨୬, ଜାଡେଜା- ୩/୮୨, ବୁମରା- ୩/୫୩, ସାମି- ୨/୭୧, ଇଶାନ୍ତ- ୨/୪୦)।

## ବୁମ୍‌ରା, ସାମି, ଇଶାନ୍ତଙ୍କ ରେକର୍ଡ



ମେଲବୋର୍ନ, ୩୦।୧୨(ପି.ଟି)

ତିନି ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମରା, ମହମ୍ମଦ ସାମି ଓ ଇଶାନ୍ତ ଶର୍ମା ୨୦୧୮ ବର୍ଷରେ ଏକ ବିରଳ ସଫଳତା ହାସଲ କରିଛନ୍ତି। ମିଳିତ ଭାବେ ଏହି ୩ ଜଣ ବିଶ୍ୱର ସଫଳତମ ଦ୍ରୁତ ବୋଲର ସାବ୍ୟସ୍ତ ହୋଇଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଭାରତର ଏହି ୩ ଦ୍ରୁତ ବୋଲର ସର୍ବାଧିକ ଉଇକେଟ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ଏମାନେ ୧୩୧ଟି ଉଇକେଟ ଅକ୍ତିଆର କରିଛନ୍ତି। ୯ଟି ଟେଷ୍ଟ ଖେଳି ବୁମରା ୪୬, ୧୨ଟି ଟେଷ୍ଟ ଖେଳି ସାମି ୪୬ ଓ ୧୧ଟି ଟେଷ୍ଟ ଖେଳି ଇଶାନ୍ତ ୩୯ଟି ଉଇକେଟ ହାସଲ କରିଛନ୍ତି।

ଏହି କ୍ରମରେ ୩ ଭାରତୀୟ ଦ୍ରୁତ ବୋଲର ୩୪ ବର୍ଷ ତଳର ପୁରୁଣା ରେକର୍ଡକୁ ଭଙ୍ଗ କରିଛନ୍ତି। ୱେଷ୍ଟଇଣ୍ଡିଜ୍‌ର ୩ ଦ୍ରୁତ ବୋଲର ଜୋଏଲ ଗାର୍ନର, ମାଇକେଲ ହୋଲ୍ଡିଂ ଓ ମାଲକମ ମାର୍ସାଲ ୧୯୮୪ରେ ୧୩୦ଟି ଉଇକେଟ ଅକ୍ତିଆର କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ୨୦୦୮ରେ ଦକ୍ଷିଣ ଆଫ୍ରିକାର ୩ ଦ୍ରୁତ ବୋଲର ମର୍ନେ ମୋର୍କେଲ, ମଖୟା ଏନ୍‌ଟିନି ଓ ଡେଲ ଷ୍ଟେଇନ୍ ମିଳିତ ଭାବେ ୧୨୩ଟି ଉଇକେଟ ନେଇ ଏବେ ତୃତୀୟ ସ୍ଥାନରେ ରହିଛନ୍ତି।

ପୁଣି ଭାରତୀୟ ବୋଲରମାନେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୪ଟି ମ୍ୟାଚ୍ ଖେଳି ମୋଟ ୨୫୭ଟି ଉଇକେଟ ହାସଲ କରି ରେକର୍ଡ କରିଛନ୍ତି। ପୂର୍ବରୁ ୧୯୭୯ରେ ଭାରତୀୟ ବୋଲିଂ ଲାଇନ୍‌ଅପ୍ ୧୭ଟି ମ୍ୟାଚ୍ ଖେଳି ୨୩୭ଟି ଉଇକେଟ ହାସଲ କରି ସେତେବେଳେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।

## ଅଷ୍ଟ୍ରେଲିଆ ଦଳରେ ମାର୍ନସ୍

ଭାରତଠାରୁ ମେଲବୋର୍ନ ଟେଷ୍ଟ ହାରିବା ପରେ ସିଡ୍‌ନୀଠାରେ ଖେଳାଯିବାକୁ ଥିବା ସିରିଜ୍‌ର ଅନ୍ତିମ ମ୍ୟାଚ୍ ପାଇଁ ଅଷ୍ଟ୍ରେଲିଆ ଦଳରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଏହି ଦଳରେ ଅଲରାଉଣ୍ଡର ମାର୍ନସ ଲାବୁସ୍କେନ୍‌ଙ୍କୁ ସାମିଲ କରାଯାଇଛି। ମେଲବୋର୍ନ ଟେଷ୍ଟ ଖେଳିଥିବା ୧୩ ଖେଳାଳିଙ୍କ ମଧ୍ୟରୁ କାହାକୁ ବାଦ୍ ଦିଆଯାଇନାହିଁ। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି) ପିଚ୍ ସ୍ପିନରଙ୍କୁ ଅଧିକ ସହାୟକ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମାର୍ନସଙ୍କୁ ଦଳରେ ସାମିଲ କରାଯାଇଛି। ଏହାବାଦ୍ ସେ ଦକ୍ଷ ବ୍ୟାଟ୍ସମ୍ୟାନ ମଧ୍ୟ। ସେ ଆମ ସହ ସିଡ୍‌ନୀ ଗସ୍ତ କରିବେ। ପିଚର ସ୍ଥିତି ଉପରେ ତାଙ୍କ ଖେଳିବା ନିର୍ଭର କରେ। ମିଳିଥିବା ସୂଚନା ମୁତାବକ ସେଠାକାର ପିଚ୍ ସମ୍ଭବତଃ ସ୍ପିନରଙ୍କୁ ସହାୟକ ହେବ। ମାତ୍ର ଏହି ପିଚ୍ ଦେଖିବା ପରେ ହିଁ ଚୂଡ଼ାନ୍ତ ଏକାଦଶ ଚୟନ କରିବୁ ବୋଲି ଅଷ୍ଟ୍ରେଲିଆ ଦଳର ଅଧିନାୟକ ଟିମ ପେନ୍ ମ୍ୟାଚ୍ ପରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

## ପନ୍ତଙ୍କ ନାମରେ ରେକର୍ଡ

ମେଲବୋର୍ନ,୩୦।୧୨

ଭାରତୀୟ ଦଳର ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଏଠାରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ସିରିଜ୍‌ରେ ସେ ଏପର୍ଯ୍ୟନ୍ତ ଉଇକେଟ ପଛରେ ୨୦ଟି କ୍ୟାଚ୍ ଧରି ସାରିଛନ୍ତି। ଏହା ଯେକୌଣସି ଭାରତୀୟ ଉଇକେଟକିପରଙ୍କ ଲାଗି ଟେଷ୍ଟ ସିରିଜ୍‌ରେ ସର୍ବାଧିକ କ୍ୟାଚ୍। ପୂର୍ବରୁ ସୟଦ କିର୍‌ମାନୀ ଓ ନାରାୟଣ ତାମ୍ହାନେ ଏହି ରେକର୍ଡ ଅଧିକାରୀ ଥିଲେ। ଉଭୟ ପୂର୍ବତନ ଉଇକେଟକିପର ଗୋଟିଏ ସିରିଜ୍‌ରେ ୧୯ଟି ଲେଖାଏ କ୍ୟାଚ୍ ନେଇଥିଲେ। କିର୍‌ମାନୀ ୧୯୭୯-୮୦ ଓ ତାମ୍ହାନେ ୧୯୫୪-୫୫ରେ ପାକିସ୍ତାନ ବିପକ୍ଷରେ ଏହି ରେକର୍ଡ କରିଥିଲେ। କିର୍‌ମାନୀ ଓ ତାମ୍ହାନେ ଯଥାକ୍ରମେ ୬ ଓ ୭ଟି ମ୍ୟାଚ୍‌ରେ ୧୯ଟି କ୍ୟାଚ୍ ନେଇଥିଲେ। ମାତ୍ର ପନ୍ତ ୩ଟି ମ୍ୟାଚ୍‌ରେ ଏହି ରେକର୍ଡକୁ ଭଙ୍ଗ କରିଛନ୍ତି। ପନ୍ତ ଏଠାରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌ର ଅନ୍ତିମ ଦିବସରେ ନାଥାନ ଲିଓନଙ୍କ କ୍ୟାଚ୍ ନେଇ ଟେଷ୍ଟ ସିରିଜ୍‌ରେ ଭାରତୀୟ ଉଇକେଟକିପର ଭାବେ ସର୍ବାଧିକ କ୍ୟାଚ୍ ନେବାର ରେକର୍ଡ ଅଧିକାରୀ ହୋଇଛନ୍ତି। ଏହି ତାଲିକାରେ ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୧୭ଟି କ୍ୟାଚ୍ ନେଇ ୪ର୍ଥ ସ୍ଥାନରେ ରହିଛନ୍ତି। ସେ ୨୦୦୬ରେ ୱେଷ୍ଟଇଣ୍ଡିଜ୍ ଓ ଇଂଲଣ୍ଡ ବିପକ୍ଷରେ ଏତେସଂଖ୍ୟକ କ୍ୟାଚ ନେଇଥିଲେ।

# ଜାତୀୟ ସିନିୟର ଭଲିବଲ ପାଇଁ ଓଡ଼ିଶା ଦଳ


ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ପୁରୁଷ ଭଲିବଲ ଟିମ୍।

ଭୁବନେଶ୍ୱର, ୩୦।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଚେନ୍ନାଇର ଏସ୍‌ଡିଏଟି ଇନ୍‌ଡୋର ଷ୍ଟାଡିୟମରେ ଜାନୁୟାରୀ ୨ରୁ ଆରମ୍ଭ ହେବାକୁ ଥିବା ସିନିୟର ଭଲିବଲ ଚାମ୍ପିୟନଶିପ୍ (ମହିଳା/ପୁରୁଷ)ର ୬୭ତମ ସଂସ୍କରଣରେ ଅଂଶଗ୍ରହଣ କରିବା ଲାଗି ରବିବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ଭଲିବଲ ଆସୋସିଏଶନ (ଓଭା) କିଟ୍ ବିଶ୍ୱବିଦ୍ୟାଳୟରେ ଗତ ୨୫ରୁ କୋଚିଂ କମ୍ ସିଲେକ୍ସନ କ୍ୟାମ୍ପ ଚାଲିଥିଲା। ଏହି ଅବସରରେ ଓଭାର ସମ୍ପାଦକ ଡ. ଗଗନେନ୍ଦୁ ଦାସ ଓଡ଼ିଶା ଭଲିବଲ ଦଳର ଶୁଭକାମନା କରିବା ସହିତ କ୍ୟାମ୍ପ ଆୟୋଜନ ପାଇଁ ସମସ୍ତ ପ୍ରକାର ସହଯୋଗ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

**ଓଡ଼ିଶା ମହିଳା ଭଲିବଲ ଦଳ:** ପୁଷ୍ପୋ ସୋରେନ, କଳ୍ପଶ୍ରୀ ପ୍ରଧାନ, ରଶ୍ମିତା ବାରିକ, ଜୟଶ୍ରୀ ପଲାଇ, ଇତିଶ୍ରୀ ପ୍ରିୟଦର୍ଶିନୀ ନାୟକ, ଶିରେସା କର୍ମି, ରିବିକା ବାଗ୍, ସାଗରିକା ପୁଟିଆ, ସଙ୍ଗୀତା ଦାସ, ମୁକ୍ତି ବାର୍ଲା, ସୁନୀତା ମାର୍ଥା, ଭାଗ୍ୟଶ୍ରୀ ଦାସ, କୋଚ୍- ଅଭୟ କୁମାର ଦାସ, ସହକାରୀ କୋଚ୍- ମଧୁସ୍ମିତା ସାହୁ। **ଓଡ଼ିଶା ପୁରୁଷ ଦଳ:** ପୁପୁନ ସ୍ୱାଇଁ, ସେକ୍ ଫରିଦ୍, ସେକ୍ ସିରାଜ ଅଲ୍ଲୀ, ଏମ୍. ବିଘ୍ନେଶ୍ୱରମ୍, ଦେବାଶିଷ ରାଉତ, ରାହୁଲ ବାରିକ, ମାନସ ରଞ୍ଜନ ପାଣି, ହିରଣମୟ ଲେଙ୍କା, ଖଗେଶ୍ୱର ଜେନା, ଜଗନ୍ନାଥ ପ୍ରସାଦ ବଳ, ଅକ୍ଷୟ କୁମାର ମିଶ୍ର, ଦୀପ୍ତିରାଜ ମିଶ୍ର, କୋଚ୍- ବିଚିତ୍ରାନନ୍ଦ ବିଶ୍ୱାଳ, ସହକାରୀ କୋଚ୍- ସୁଧାଂଶୁ ଭୂଷଣ ମିଶ୍ର

■ ମହାବୀର କପ୍ ଫୁଟ୍‌ବଲ

## ଆର୍ଟିଲାରୀ- -ସାଇ ହଷ୍ଟେଲ୍ ଫାଇନାଲ ଆଜି

ଟାଙ୍ଗୀ(ଖୋର୍ଦ୍ଧା), ୩୦।୧୨ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା କୁହୁଡି ଜନତା ଷ୍ଟାଡିୟମରେ ମହାବୀର ଆଥଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ୫୯ତମ ସର୍ବଭାରତୀୟ ମହାବୀର କପ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ରବିବାର ଆର୍ଟିଲାରୀ (ହାଇଦ୍ରାବାଦ) ଓ ଏସ୍‌ଆର୍‌କେ (ମେଦିନାପୁର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍ଟିଲାରୀ ବିଜୟୀ ହୋଇ ଫାଇନାଲ୍‌ରେ ପ୍ରବେଶ କରିଛି। ସୋମବାର ହାଇଦ୍ରାବାଦର ଏହି ଦଳ ଫାଇନାଲରେ ସାଇ ହଷ୍ଟେଲ (କଟକ)କୁ ଭେଟିବ। ମ୍ୟାଚ୍ କମିଶନର ଜାତୀୟ ରେଫରି ଡି. ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ରତ୍ନାକର ବାରିକ, ସୁଦୀପ ଦାସ, ପ୍ରିୟବ୍ରତ ବାହିନୀପତି ଓ ଦିଗ୍‌ବିଜୟ ଦାଶ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଅତିଥି ରୂପେ ସଭାପତି ଶ୍ରୀବତ୍ସ ପରିଡା, ଖୋର୍ଦ୍ଧା ଜିଲା ଆରକ୍ଷୀ ଅଧୀକ୍ଷକ ଦୀପ୍ତିରଞ୍ଜନ ରାୟ, ଟାଙ୍ଗୀ ବ୍ଲକ ଅଧକ୍ଷ ବିଜୟ କୁମାର ଜେନା, ଟାଙ୍ଗୀ କପ୍ ଫୁଟବଲ ଟୁର୍ନାମେଣ୍ଟ ସମ୍ପାଦକ ବିଜୟ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଶ୍ରେଷ୍ଠ ଖେଳାଳି ରୂପେ ହାଇଦ୍ରାବାଦର ମାଲଭିନ ଯୋସିପ୍ ଓ ମେଦିନାପୁରର ଗ୍ରାବିଏଲଙ୍କୁ ବଦନମଣି ଛୋଟରାୟ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା ।

# କଟକ ଦଳଗତ ଚାମ୍ପିୟନ, ୯ଟି ମିଟ୍ ରେକର୍ଡ

### ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍ ଉଦ୍‌ଯାପିତ

କଟକ ଅଫିସ,୩୦।୧୨



ଦଳଗତ ଚାମ୍ପିୟନ କଟକର ଖେଳାଳିମାନେ ଅତିଥିଙ୍କ ସହ ।

ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୬୬ତମ ରାଜ୍ୟ ଆଥ୍‌ଲେଟିକ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକ ଜିଲା ସର୍ବାଧିକ ୬୨୪ ପଏଣ୍ଟ ହାସଲ କରି ଦଳଗତ ଚାମ୍ପିୟନ ହୋଇଥିବା ବେଳେ ୩୭୨ପଏଣ୍ଟ ହାସଲ କରିଥିବା ସୁନ୍ଦରଗଡ଼ ଜିଲା ରନର୍ସଅପ୍ ହୋଇଛି। ୧୪ବର୍ଷରୁ କମ୍ ବାଳିକା ବର୍ଗରେ ସୁନ୍ଦରଗଡ଼, ବାଳକ ବର୍ଗରେ ଭୁବନେଶ୍ୱର, ୧୬ବର୍ଷରୁ କମ୍ ବାଳିକା ବର୍ଗରେ ସୁନ୍ଦରଗଡ଼, ବାଳକ ବର୍ଗରେ କଟକ, ୧୮ବର୍ଷରୁ କମ୍ ବାଳିକା ବର୍ଗରେ ସୁନ୍ଦରଗଡ଼, ବାଳକ ବର୍ଗରେ କଟକ, ୨୦ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ବର୍ଗରେ କଟକ, ମହିଳା ବର୍ଗରେ କଟକ ଓ ପୁରୁଷ ବର୍ଗରେ ଓଡ଼ିଶା ପୋଲିସ ଚାମ୍ପିୟନ ହୋଇଥିଲା। ଅନ୍ୟପକ୍ଷରେ ଉଦ୍‌ଯାପନୀ ଦିବସରେ ୩ଟି ନୂତନ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। ମହିଳା ହାମରରେ ପାରାଦୀପର ଦିବ୍ୟା ସାଣ୍ଡିଲ୍ୟ ୫୦.୮୫ମିଟର ଫିଙ୍ଗି ଏହି ନୂତନ ରେକର୍ଡ କରିଛନ୍ତି। ୪୮.୩୨ମିଟର ପୂର୍ବ ରେକର୍ଡ ଥିଲା। ମହିଳା ୩ ହଜାର ମିଟର ଷ୍ଟିପଲରେ କଟକର ରଶ୍ମିତା ମହାନ୍ତି ପୂର୍ବ ରେକର୍ଡ ୧୩ ମିନିଟ ୧୩.୫ ସେକେଣ୍ଡକୁ ଭାଙ୍ଗି ୧୨ମିନିଟ ୪୧.୭ ସେକେଣ୍ଡରେ ଲକ୍ଷ୍ୟ ଅତିକ୍ରମ କରିବା ସହ ନୂତନ ମିଟ ରେକର୍ଡ କରିଛନ୍ତି । ଅନ୍ୟ ଏକ ମିଟ୍ ରେକର୍ଡ ହୋଇଛି ୧୬ବର୍ଷରୁ କମ ବାଳକ ହାମର ବିଭାଗରେ। ପାରାଦୀପର ମୋହିତ ନାରାୟଣ ୩୮.୦୬ ମିଟର ଦୂରକୁ ଫିଙ୍ଗି ନୂତନ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଇଭେଣ୍ଟର ପୂର୍ବ ରେକର୍ଡ ୩୫.୨୦ମିଟର ଥିଲା। ଚଳିତବର୍ଷ ମୋଟ୍ ୯ଟି ନୂତନ ମିଟ୍ ରେକର୍ଡ ହୋଇଛି। ପ୍ରଥମ ଦିବସରେ ଗୋଟିଏ ଓ ଦ୍ୱିତୀୟ ଦିବସରେ ୫ଟି ନୂତନ ରେକର୍ଡ ହୋଇଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ରାଜ୍ୟ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ରବି ନାୟକ, ସହ ସମ୍ପାଦକ ବିଭୂତି ପଣ୍ଡା, ଉପସଭାପତି ଦୁର୍ଗାମାଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


ଶ୍ରେଷ୍ଠ ମହିଳା ଆଥଲେଟ୍ ଦୂତୀ ଚାନ୍ଦ ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଡିସେମ୍ବର ୩୧/୨୦୧୮ Bhubaneswar, Monday, December 31/2018

# ହିମାଳୟ ଚଢ଼ିଲେ କଟକର ୫ ଯୁବକ

**କଟକ ଅଫିସ, ୩୦।୧୨**

ପ୍ଲାଷ୍ଟିକମୁକ୍ତ ପରିବେଶ ଗଠନ କରିବାର ବାର୍ତ୍ତା ନେଇ କଟକର ୫ଜଣ ଯୁବକ ଦୁଃସାହସିକ ଯାତ୍ରା ଶେଷ କରିଛନ୍ତି। ପ୍ରବଳ ତୁଷାର ପାତ ଓ ତାପମାତ୍ରା -୧୮ଡିଗ୍ରୀ ସତ୍ତ୍ୱେ ୫ଜଣ ଯାକ ହିମାଳୟର କେଦାରକଣ୍ଠା ପିକ୍‌ର ଶୀର୍ଷରେ ପହଞ୍ଚିଛନ୍ତି। ପିଇବାକୁ ପାଣି ମିଳି ନ ଥିବା ବେଳେ ବରଫରୁ ଶୋଷ ମେଣ୍ଟାଇବା ସହ ଏକ ଅଭିନବ ଉପାୟରେ ସଚେତନତାର ବାର୍ତ୍ତା ବାଣ୍ଟିଛନ୍ତି। ଏମାନେ ବାରବାଟୀ ସାଇକ୍ଲିଷ୍ଟ ଆସୋସିଏଶନର ଜଣେ ଜଣେ ସଦସ୍ୟ ହୋଇଥିବା ବେଳେ ବୃତ୍ତିରେ ମଧ ଭିନ୍ନ ଅଟନ୍ତି।

ବାରବାଟୀ ସାଇକ୍ଲିଷ୍ଟ ଆସୋସିଏଶନ ପୂର୍ବରୁ ପରିବେଶ ସୁରକ୍ଷା ନେଇ ଅନେକ ଅଭିନବ କାର୍ଯ୍ୟକ୍ରମ ଆୟୋଜନ କରିଛି। ଆସୋସିଏଶନର ସଦସ୍ୟମାନେ ପୂର୍ବରୁ ରାଜ୍ୟର ବିଭିନ୍ନ ପାହାଡ଼ ଚଢ଼ିବାର ଉଦାହରଣ ମଧ ରହିଛି। ଗତ ୧୯ ତାରିଖରୁ ଆସୋସିଏଶନର ୫ଜଣ ସଦସ୍ୟ ହିମାଳୟ ଚଢ଼ିବାକୁ ଲକ୍ଷ୍ୟ ନେଇ କଟକରୁ ଯାତ୍ରା ଆରମ୍ଭ କରିଥିଲେ। ଏମାନେ ହେଲେ ଆସୋସିଏଶନର ସଦସ୍ୟ ତଥା ଆଇନଜୀବୀ ସୌମ୍ୟରଞ୍ଜନ ବିଶ୍ୱାଳ, ଜିଏସ୍‌ଟିର ଯୁଗ୍ମ କମିଶନର ଦୀପଙ୍କର ସାହୁ, ଆଇନଜୀବୀ କେଦାର ପ୍ରସାଦ ପ୍ରଧାନ, ପୋଲିସ ଅଧିକାରୀ ଅମିତ ପାଇକରାୟ ଓ ଫ୍ରିଲାନ୍ସର ଫଟୋଗ୍ରାଫର କୃଷ୍ଣ ଚନ୍ଦ୍ର ଦାସ।

## ବାର୍ତ୍ତା: ପ୍ଲାଷ୍ଟିକମୁକ୍ତ ପରିବେଶ




ଟ୍ରେନ ଯୋଗେ ଡେରାଡୁନରେ ପହଞ୍ଚିବା ପରେ ସେଠାରୁ ୧୮୦କିମି ଅତିକ୍ରମ କରି ହିମାଳୟର ବେସ କ୍ୟାମ୍ପ ଶଙ୍କିରିକୁ ଯାଇଥିଲେ। ୨୧ ତାରିଖ ସକାଳୁ ହିମାଳୟ ଚଢ଼ିବା ଆରମ୍ଭ ହୋଇଥିଲା। ୧୩,୬୦୦ଫୁଟ ଅତିକ୍ରମ କରିବା ସେମାନଙ୍କର ଲକ୍ଷ୍ୟ ଥିଲା। ୨୨ ତାରିଖରେ ସାଥିରେ ନେଇଥିବା ଶୁଖିଲା ଖାଦ୍ୟ ଶେଷ ହେବାକୁ ଲାଗିବା ସହ ତୁଷାରପାତ ଓ ପବନର ବେଗ ମଧ ବଢ଼ିଥିଲା ବୋଲି ସୌମ୍ୟରଞ୍ଜନ କହିଛନ୍ତି। ଏପରିକି ଆଣ୍ଠୁଏ ଉଚ୍ଚର ବରଫ ଭିତରେ ଯାତ୍ରା କରିବାକୁ ପଡ଼ିଥିଲା। ୨୨ ତାରିଖ ରାତି ୧ଟାରୁ ଏକ ଆଶ୍ରୟସ୍ଥଳରୁ ଲକ୍ଷ୍ୟସ୍ଥଳ ପର୍ଯ୍ୟନ୍ତ ଯାତ୍ରା କରିଥିଲୁ। ଲଗାତର ୫ଘଣ୍ଟା ଚାଲିବା ପରେ ୨୩ ତାରିଖ ସୂର୍ଯ୍ୟୋଦୟ ସମୟରେ କେଦାରକଣ୍ଠା ଶୀର୍ଷରେ ପହଞ୍ଚି ସଚେତନତାମୂଳକ ବାର୍ତ୍ତା ଲେଖାଥିବା ବ୍ୟାନର ପ୍ରଦର୍ଶନ କରିଥିଲୁ ବୋଲି ସୌମ୍ୟ କହିଥିଲେ। ଓହ୍ଲାଇବାକୁ ସେମାନଙ୍କୁ ପ୍ରାୟ ଦେଢ ଦିନ ଲାଗିଥିଲା। ଦିନ ବେଳେ ତାପମାତ୍ରା ୨ଡିଗ୍ରୀ ହୋଇଥିବା ବେଳେ ରାତିରେ -୧୮ରୁ -୨୦ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସୁଥିଲା ବୋଲି ସେ କହିଛନ୍ତି।



ରବିବାର ଅପରାହ୍ନରେ ଶ୍ରୀକ୍ଷେତ୍ର ଆକାଶର ଦୃଶ୍ୟ।

# ରାତିରେ ଶ୍ରୀମନ୍ଦିର ଦ୍ୱାର ଫିଟାକୁ ବିରୋଧ

**ପୁରୀ ଅଫିସ,୩୦।୧୨**

ନୂଆବର୍ଷ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ୩୧ ତାରିଖ ରାତି ସାଢେ ୯ଟାରେ ପହୁଡ଼ ଓ ରାତି ୨ଟାରେ ଦ୍ୱାର ଫିଟାଯିବ। ମାତ୍ର ରାତିରେ ଦ୍ୱାର ଫିଟାଯିବା ନିଷ୍ପତ୍ତିକୁ ଆଦିତ୍ୟ ବାହିନୀ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ବାହିନୀର ରାଷ୍ଟ୍ରୀୟ ମୁଖପାତ୍ର ମନୋଜ କୁମାର ରଥ କହିଛନ୍ତି, ପବିତ୍ର ଦେବଭୂମି ଭାରତ ବର୍ଷରେ ବିଭିନ୍ନ ଉତ୍ସବ, ପର୍ବପର୍ବାଣି, ଯାନିଯାତ୍ରା ପାଳନର ଶାସ୍ତ୍ରୀୟ ପରମ୍ପରା ରହିଛି। ଏସବୁ ନିର୍ଦ୍ଦିଷ୍ଟ ତିଥି ଓ ନକ୍ଷତ୍ରରେ ପାଳନ କରାଯାଏ। ଇଂଲିଶ ନବବର୍ଷ ସନାତନ ହିନ୍ଦୁ ପରମ୍ପରାର ଅଂଶବିଶେଷ ନୁହେଁ। ପାଶ୍ଚାତ୍ୟ ସଂସ୍କୃତିକୁ ଅନ୍ଧାନୁକରଣ ନ କରି ଆମେ ଆମ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦା ଓ ଓଡ଼ିଆ ନବବର୍ଷ ମହାବିଷୁବ ସଂକ୍ରାନ୍ତି ପାଳନ କରିବା ବିଧେୟ। ଶ୍ରୀମନ୍ଦିର ହେଉଛି ଏକ ମହାନ ଆଧାତ୍ମିକ କେନ୍ଦ୍ର। ହେଲେ ଇଂଲିଶ ନବବର୍ଷ ପାଇଁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରିବା ସବୁଠୁ ପରିତାପର କଥା। ରାତିରେ ଠାକୁରଙ୍କ ପହୁଡ଼ ଖୋଲିବା ଦ୍ୱାରା ଆମେ ଅପସଂସ୍କୃତିକୁ ପ୍ରୋତ୍ସାହିତ କରୁଛେ। ଏପରି ହେବା କଥା ନୁହେଁ। ଆମେ ହିନ୍ଦୁ ନବବର୍ଷ କିମ୍ବା ମହାବିଷୁବ ସଂକ୍ରାନ୍ତିରେ କାହିଁ ଏପରି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରୁନାହୁଁ ବୋଲି ରଥ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ଜନସାଧାରଣଙ୍କୁ ହିନ୍ଦୁ ନବବର୍ଷ ପାଳନ କରିବା ଲାଗି ଆଦିତ୍ୟ ବାହିନୀ ପକ୍ଷରୁ ସଚେତନ କରାଯାଉଛି। ଆସନ୍ତା ୧ ତାରିଖରେ ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଓଡ଼ିଶାର ସମସ୍ତ ଦେବଦେବୀ ପୀଠ ଏହାକୁ ଆଦର୍ଶ ଭାବେ ନେବାକୁ ଅନୁରୋଧ କରୁଛୁ ବୋଲି ରଥ କହିଛନ୍ତି।

# ଫିଲ୍ମ ନିର୍ମାତା ଦିଲୀପ ପଟ୍ଟନାୟକଙ୍କ ପରଲୋକ



**ଭୁବନେଶ୍ୱର,୩୦।୧୨(ବ୍ୟୁରୋ):** ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ସମ୍ମାନିତ ବିଶିଷ୍ଟ ଓଡ଼ିଆ ଫିଲ୍ମ ନିର୍ମାତା ଓ ନିର୍ଦ୍ଦେଶକ ଦିଲୀପ ପଟ୍ଟନାୟକଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କୁ ୬୩ବର୍ଷ ହୋଇଥିଲା। ଅସୁସ୍ଥତା ଯୋଗୁ ସେ ପ୍ରାୟ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ଧରି ଚିକିତ୍ସିତ ହେଉଥିଲେ। ଦିଲୀପ ପଟ୍ଟନାୟକ ବିଶିଷ୍ଟ ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ ସୁନନ୍ଦା ପଟ୍ଟନାୟକଙ୍କ ଜୀବନକୁ ନେଇ ଫିଲ୍ମ 'ନୀଳମାଧବ' ନିର୍ମାଣ କରିଥିଲେ। ଓଡ଼ିଶା ଜନ୍ମିତ ଗ୍ୱାଲିୟର ଘରାନାର ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ସୁନନ୍ଦାଙ୍କ ଦ୍ୱାରା ପ୍ରସ୍ତୁତ ଏକ 'ରାଗ'କୁ ନେଇ ଏହି ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମିତ ହୋଇଥିଲା, ଯାହାକି ପରବର୍ତ୍ତୀ ସମୟରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲା। ୨୦୧୦ରେ ୫୮ତମ ନ୍ୟାଶନାଲ ଫିଲ୍ମ ଆୱାର୍ଡସ୍‌ରେ ଏହା 'ଶ୍ରେଷ୍ଠ ବାୟୋଗ୍ରାଫିକାଲ ଡକ୍ୟୁମେଣ୍ଟାରୀ' ବିଭାଗରେ ପୁରସ୍କୃତ ହାତେଇଥିଲା। ଏହାସହ ଚଳଚ୍ଚିତ୍ର 'ଉଲ୍‌କା' ଓ 'ମାୟାମିରିଗ'ରେ ଦିଲୀପ ମୁଖ୍ୟ ସହକାରୀ ନିର୍ଦ୍ଦେଶକ ଭୂମିକା ତୁଲାଇଥିଲେ। ତାଙ୍କର ପରବର୍ତ୍ତୀ ଓଡ଼ିଆ ଫିଚର୍ ଫିଲ୍ମ 'ଚନ୍ଦ୍ରଗ୍ରହଣ' ଥିଲା। ନିର୍ମାଣାଧୀନ ଥିବା ଏହି ଫିଲ୍ମର ଶୁଟିଂ ଏବେ ତାଙ୍କ ମୃତ୍ୟୁ ପରେ ସବୁଦିନ ପାଇଁ ଅଧା ରହିଯାଇଛି। ଦିଲୀପ ପୁନେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆରୁ ଫିଲ୍ମ ନିର୍ମାଣରେ ପ୍ରଶିକ୍ଷଣ ନେଇଥିଲେ। ଏହାପରେ ବିହାର ଫିଲ୍ମ ଡିଭିଜନରେ ଏକ ସରକାରୀ ଚାକିରି ମଧ କରିଥିଲେ। ପୁରୀ ଜିଲା ସାକ୍ଷୀଗୋପାଳ ବ୍ଲକର ନଡ଼ାଖଣ୍ଡି ଗାଁରେ ଜନ୍ମଗ୍ରହଣ କରିଥିବା ଦିଲୀପ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ବ୍ରିଟ୍ କଲୋନୀରେ ରହୁଥିଲେ। ତାଙ୍କର ଅନ୍ତିମ ସଂସ୍କାର ସତ୍ୟନଗର ଶ୍ମଶାନରେ କରାଯାଇଥିବା ବେଳେ ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଜଣେ ଭଲ ନିର୍ଦ୍ଦେଶକଙ୍କୁ ହରାଇଥିବା ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ପକ୍ଷରୁ କୁହାଯାଇଛି।



କିଟ୍ ନହ୍ନିପରୀ ଟାଇଟଲ ବିଜେତା ଶୁଭାଙ୍ଗୀ ଦ୍ୱିବେଦୀ (ମଝି), ପ୍ରଥମ ରନର୍ସଅପ୍ ଯାସିକା ସିଂ (ବାମ) ଓ ଦ୍ୱିତୀୟ ରନର୍ସଅପ୍ ମୀରା ସିଂ।

# ଶୁଭାଙ୍ଗୀଙ୍କୁ କିଟ୍ ନହ୍ନିପରୀ ଟାଇଟଲ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ଲକ୍ଷ୍ନୌର ଶୁଭାଙ୍ଗୀ ଦ୍ୱିବେଦୀଙ୍କୁ ମିଳିଛି ୨୦୧୮ର 'କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ' ଟାଇଟଲ। କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ ପରିସରରେ ଗତ ତିନିଦିନ ଧରି ଚାଲିଥିଲା ମେଗା ଅଡିଶନ। ରବିବାର ଫାଇନାଲ ରାଉଣ୍ଡରେ ଅନ୍ୟ ୯ଜଣଙ୍କୁ ପଛରେ ପକାଇ ଶୁଭାଙ୍ଗୀ ପାଇଛି ଏହି ସଫଳତା। ତାଙ୍କୁ ନହ୍ନିପରୀ ମୁକୁଟ ଏବଂ ୩ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଏହାଛଡ଼ା କିଟ୍ ବିଶ୍ୱବିଦ୍ୟାଳୟରେ ଯେକୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ୧୦୦% ଫି ଛାଡ଼(ସର୍ବାଧିକ ୧୮ ଲକ୍ଷ ଟଙ୍କା) ଏବଂ ନିଜ ମା' କିମ୍ବା ବାପାଙ୍କ ସହିତ ଏକ ସପ୍ତାହ ଦକ୍ଷିଣ କୋରିଆ ପରିଭ୍ରମଣର ସୁଯୋଗ ମିଳିବ। ଦିଲ୍ଲୀର ଯାସିକା ସିଂ ପ୍ରଥମ ରନର୍ସଅପ୍ ହୋଇଥିବା ବେଳେ ତାଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି। ସେ କିଟ୍‌ରେ ନାମ ଲେଖାଇଲେ ୫୦% ଫି(ସର୍ବାଧିକ ୯ ଲକ୍ଷ ଟଙ୍କା) ଛାଡ଼ କରାଯିବ। ସେହିପରି ଅମୃତସରର ମୀରା ସିଂ ଦ୍ୱିତୀୟ ରନର୍ସଅପ୍ ହୋଇ ୫୦ ହଜାର ଟଙ୍କା ପୁରସ୍କାର ପାଇଛନ୍ତି। କିଟ୍‌ରେ ନାମ ଲେଖାଇଲେ ତାଙ୍କ ପାଇଁ ମଧ ୫୦% ଫି (ସର୍ବାଧିକ ୯ ଲକ୍ଷ ଟଙ୍କା) ଛାଡ଼ କରାଯିବ।

ସେମିଫାଇନାଲକୁ ୩୫ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୦ ଜଣ ଫାଇନାଲ ରାଉଣ୍ଡକୁ ଯାଇଥିଲେ। ପ୍ରତିଯୋଗିତାର ୧୦ଟି ବିଭାଗରେ ଶ୍ରେଷ୍ଠମାନଙ୍କୁ ମଧ ପୁରସ୍କାର ଭାବେ ନଗଦ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ୍ ଦିଆଯାଇଥିଲା। ସେମାନଙ୍କ ମଧରେ ଅମୃତସରର ଅମନଦୀପ କୌରଙ୍କୁ ମିସ୍ ରାପୁଞ୍ଜେଲ୍ (ସୁନ୍ଦର କେଶ), ଭୋପାଳର ତାପ୍ତି ଠାକୁରଙ୍କୁ ଲିଟିଲ୍ ମିସ୍ ଫଟୋଜେନିକ, ଭୁବନେଶ୍ୱରର ସୌମ୍ୟା ପ୍ରଧାନଙ୍କୁ ଲିଟିଲ୍ ମିସ୍ ସେଲ୍‌ଫି (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍), ଭୁବନେଶ୍ୱରର ବନିଶା ଦଣ୍ଡପାଟଙ୍କୁ ଲିଟିଲ୍ ମିସ୍ ଫେଶନ୍ ଗର୍ଲ, ମୁମ୍ବାଇର ଗୌତମୀ ମଦନ ଦେଶମୁଖଙ୍କୁ ଲିଟିଲ୍ ମିସ୍ ଉଇଜ୍‌କିଡ୍ (କୁଇଜ୍‌ରେ ସର୍ବାଧିକ ନମ୍ବର), ମୀରା ସିଂଙ୍କୁ ମିସ୍ ସିଣ୍ଡ୍ରେଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ), କୋଲକାତାର ଚନ୍ଦ୍ରିମା ସରକାରଙ୍କୁ ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ), ଶୁଭାଙ୍ଗୀ ଦ୍ୱିବେଦୀଙ୍କୁ ମିସ୍ କ୍ୟାଟ୍‌ୱାକ୍, ବାଙ୍ଗାଲୋରର ଭୂମିକା ଆରଙ୍କୁ ମିସ୍ ମୋନାଲିସା ଏବଂ ଜାମସେଦପୁରର ଅନନ୍ୟା ଶର୍ମାଙ୍କୁ ମିସ୍ ଆକ୍ଟିଭ୍ ପାଇଁ ପୁରସ୍କୃତ କରାଯାଇଛି। ପୁରସ୍କାର ପ୍ରଦାନ ଉତ୍ସବରେ କିଟ୍ ନହ୍ନିପରୀର ମୁଖ୍ୟ ପୃଷ୍ଠପୋଷକ ଅଚ୍ୟୁତ ସାମନ୍ତ, ପୃଷ୍ଠପୋଷକ ମଳୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଳାହାଣ୍ଡି ଏସ୍‌ପିଙ୍କ ନାଁରେ ଓଏଚ୍‌ଆରସିରେ ଅଭିଯୋଗ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

ମାଓବାଦୀଙ୍କ ସହିତ କାମ କରୁଥିବା କହି କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର ଲାଖବାହଲ ଘାଟିକୁଣ୍ଡୁ ଗ୍ରାମର ସାମାଜିକ କର୍ମୀ ବ୍ରିଟିଶ କୁମାରଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବ୍ରିଟିଶ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆରସି)ଙ୍କ ନିକଟରେ ଏସ୍‌ପିଙ୍କ ନାମରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଘାଟିକୁଣ୍ଡୁ ଗ୍ରାମରେ ବ୍ରିଟିଶ ପରିବାର ସହ ରହୁଛନ୍ତି। ଗତ ଅକ୍ଟୋବର ୧୬ରେ ବିଜେପୁର ପୋଲିସ ତାଙ୍କୁ ବିନା କାରଣରେ ଉଠାଇ ନେଇଥିଲା। ପରେ ତାଙ୍କୁ କଳାହାଣ୍ଡି ଏସ୍‌ପିଙ୍କ ନିକଟରେ ହାଜର କରାଯାଇଥିଲା। ଏସ୍‌ପି ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ରାତି ପ୍ରାୟ ୮ଟାରେ ଘରକୁ ଛାଡିଥିଲେ। ସେହିଭଳି ଗତ ୨୨ ତାରିଖରେ କେରଳରେ କାମ କରୁଥିବା ତାଙ୍କ ଅଞ୍ଚଳର

## ସାମାଜିକ କର୍ମୀଙ୍କୁ ମାଡ଼ ଘଟଣା

ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତଦେ କେରଳରୁ ଆଣିବା ପାଇଁ ସାହାଯ୍ୟ ମାଗିବା ପାଇଁ ବ୍ରିଟିଶ ଶ୍ରମ କାର୍ଯ୍ୟାଳୟକୁ ଯାଇଥିଲେ। ସେହି ସମୟରେ ପୁଣି ବିଜେପୁର ପୋଲିସ ତାଙ୍କୁ ଉଠାଇ ନେଇ ଏସ୍‌ପିଙ୍କ ନିକଟରେ ହାଜର କରିଥିଲା। ସେ ମାଓବାଦୀଙ୍କ ସହ କାର୍ଯ୍ୟ କରୁଥିବା କହି ଏସ୍‌ପି ତାଙ୍କୁ ଗାଳିଗୁଲଜ କରିବା ସହ ଏକ ପାଇପରେ ମାଡ ମାରିଥିବା ବ୍ରିଟିଶ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ପଚାରିବାରୁ ସେ କହିଲେ, ବ୍ରିଟିଶ ଯେଉଁ ଅଭିଯୋଗ ଆଣିଚନ୍ତି ତାହା ମିଥ୍ୟା। ତାଙ୍କର ମାଓବାଦୀଙ୍କ ସହ ସମ୍ପର୍କ ଥିବା ନେଇ ଖବର ମିଳିଥିଲା। ତେଣୁ ତାଙ୍କୁ ଆଣି ପଚରାଉଚରା କରିଥିଲୁ। ତାଙ୍କୁ ମାଡ଼ ମରାଯାଇ ନାହିଁ।

# ଦୁଇ ବେଆଇନ ବନ୍ଧୁକ ବେପାରୀ ଗିରଫ

**କଟକ ଅଫିସ, ୩୦।୧୨**

ଗ୍ୟାଙ୍ଗଷ୍ଟର ପ୍ରଶାନ୍ତ କୁମାର ଦାସ ଓରଫ୍ ତପୁ ଏବଂ ସୁଧୀର ସ୍ୱାଇଁଙ୍କ ବନ୍ଧୁକ ଯୋଗାଉ ଥିବା ଦୁଇ ବେଆଇନ ବନ୍ଧୁକ ବେପାରୀଙ୍କୁ ରବିବାର ସଦର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜଗତସିଂହପୁର ଜିଲା କାଜିମାହାଳ ଅଞ୍ଚଳର ଏସ୍.କେ.ଫେମିଡ୍ ଓରଫ୍ ଫାମୁ(୨୯), ଏସ୍.କେ. ରହିମ ଓରଫ୍ ବାବା(୩୨)। ଏ ନେଇ ଆର୍ମ୍ସ ଆକ୍ଟ ୨୫, ୨୭ରେ ପୋଲିସ ୪୮୧/୧୮ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ କଟକ, ଜଗତସିଂହପୁର ଏବଂ କେନ୍ଦ୍ରପଡା ଜିଲାରେ ବେଆଇନ ବନ୍ଧୁକ କାରବାର କରନ୍ତି। କିଛି ଦିନ ତଳେ ଗିରଫ ହୋଇଥିବା ଗ୍ୟାଙ୍ଗଷ୍ଟାର ପପୁ ଏବଂ ତାଙ୍କ ସ୍ତ୍ରୀ ସରୋଜିନୀ ଦାସଙ୍କ ଠାରୁ ପୋଲିସ ଏକ ବନ୍ଧୁକ ସହ କିଛି ଗୁଳି ଜବତ କରିଥିଲା। ଏହି ବନ୍ଧୁକ ସେମାନେ ଉକ୍ତ ଅଭିଯୁକ୍ତ ଦ୍ୱୟଙ୍କ ଠାରୁ କିଣି ଥିବା ସୂଚନା ଦେବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଦ୍ୱୟ ଗ୍ୟାଙ୍ଗଷ୍ଟାର ସୁଧୀରଙ୍କୁ ବନ୍ଧୁକ ଯୋଗାଉ ଥିବା ପୋଲିସ ଜାଣିବାକୁ ପାଇଛି। ଏପରିକି ସୁଧୀର ଏମାନଙ୍କ ଦ୍ୱାରା ତାର ନେଟୱାର୍କ ବୃଦ୍ଧି କରୁଥିବା ପୋଲିସ ସୂଚନା ଦେଇଛି।

# ଶ୍ରୀମନ୍ଦିରରେ ନାବାଳିକାଙ୍କୁ ଅସଦାଚରଣ ମାମଲା

## ଜେଲ୍ ଗଲେ ଅଭିଯୁକ୍ତ ପୋଲିସ

**ପୁରୀ ଅଫିସ,୩୦।୧୨:** ଶ୍ରୀମନ୍ଦିର ବାହାର କାଠ ନିକଟରେ ଦର୍ଶନ କରୁଥିବାବେଳେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗିରଫ ନବମ ଆଇଆର୍‌ବିଏନ୍‌ର କନଷ୍ଟେବଳ ସୁକେଶ ମେହେରଙ୍କୁ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ସୁକେଶ ଶ୍ରୀମନ୍ଦିର ଭିତରେ ଡ୍ୟୁଟି କରୁଥିବାବେଳେ ବାହାର କାଠ ନିକଟରେ ଦର୍ଶନ କରୁଥିବା ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏ ସଂକ୍ରାନ୍ତରେ ସିଂହଦ୍ୱାର ଥାନାରେ ଏକ ମାମଲା (ନଂ.୧୦୨/୧୮) ରୁଜୁ କରାଯାଇଥିଲା। ଶନିବାର ଅଭିଯୁକ୍ତ ସୁକେଶଙ୍କୁ ଗିରଫ କରିବା ସହ ନିଲମ୍ବିତ କରାଯାଇଥିଲା।

# ଯୁବକଙ୍କୁ ହତ୍ୟାକରି ରେଳଧାରଣାରେ ଫିଙ୍ଗିଲେ

**କଣାସ, ୩୦।୧୨(ଡି.ଏନ୍.ଏ.)**

ଜଣେ ଯୁବକଙ୍କୁ ହତ୍ୟା କରିବା ପରେ ଦୁର୍ବୃତ୍ତମାନେ ରେଳ ଧାରଣାରେ ଫିଙ୍ଗି ଦେଇଛନ୍ତି। ଖୋର୍ଦ୍ଧାରୋଡ-ପୁରୀ ସେକ୍ସନ ଅଧୀନ କଣାସ ରୋଡ ରେଳ ଷ୍ଟେଶନ ନିକଟ ରେଳଧାରଣାରୁ ରବିବାର ସକାଳେ ତାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ ହୋଇଛି। ଖୋର୍ଦ୍ଧାରୋଡ ରେଲ୍‌ୱେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଜିଆର୍‌ପି ଥାନାରେ ଏକ ମାମଲା (ନଂ.୧୦୧/୧୮) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତକ ଜଣକ ହେଲେ ଜଗଦଳପୁର ଗ୍ରାମର କର୍ଣ୍ଣକିଶୋର ରାଉତରାୟଙ୍କ ପୁଅ ଧୀରେନ୍ଦ୍ର ରାଉତ (୨୭)। ଶନିବାର ରାତିରେ ଧୀରେନ୍ଦ୍ର ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ରବିବାର ସକାଳେ ରେଳ ଧାରଣାରେ ମୃତଦେହ ପଡ଼ିଥିବା ଖବର ପାଇ ବାପା କର୍ଣ୍ଣକିଶୋର ସେଠାରେ ପହଞ୍ଚି ପୁଅକୁ ଚିହ୍ନଟ କରିଥିଲେ। ପୁଅକୁ କେତେଜଣ ଅସାମାଜିକ ବ୍ୟକ୍ତି ହତ୍ୟାକରି ରେଳଧାରଣାରେ ଫିଙ୍ଗି ଦେଇଥିବା ଅଭିଯୋଗ କରି ନ୍ୟାୟ ଦାବିରେ ସେଠାର ବସି ରହିଥିଲେ। ପରେ ତାଙ୍କ ସହ ସ୍ଥାନୀୟ ଲୋକେ ରେଳ ଧାରଣାରେ ବସି ରହିବାରୁ ପୁରୀ-କଟକ ସଟଲ ଟ୍ରେନ ୨ଘଣ୍ଟା ଧରି ଅଟକି ରହିଥିଲା। ଖବରପାଇ ଖୋର୍ଦ୍ଧାରୋଡ ଜିଆରପି ଥାନା ଅଧିକାରୀ ସନ୍ତୋଷ କୁମାର ବାହୀନୀପତି, ସାକ୍ଷୀଗୋପାଳ ଜିଆରପି ଫାଣ୍ଡି ଅଧିକାରୀ ପ୍ରସନ୍ନ ପାତ୍ର, ଆରପିଏଫ୍ ଏସଆଇ ଅମିତ କୁମାର, ଡେଲାଙ୍ଗ ଥାନା ଏସଆଇ ଉପେନ୍ଦ୍ରନାଥ ଦାସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଲୋକେ ଧାରଣାରୁ ଉଠିଥିଲେ। ସୁରକ୍ଷା ପ୍ରତି ଦୃଷ୍ଟି ଦେଇ କଣାସ ରୋଡ୍ ରେଳ ଷ୍ଟେଶନରେ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯିବା ସହ ଆର୍‌ପିଏଫ୍ ମୁତୟନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



- ଖଣ୍ଡ ବିଖଣ୍ଡିତ ମୃତଦେହ ଜବତ
- ଅଭିଯୁକ୍ତଙ୍କ ଗିରଫ ଦାବିରେ ୨ଘଣ୍ଟା ରେଳରୋକୋ






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



❝ ମନୁଷ୍ୟ ନିଜର ଓ ପରିବାରର ଭରଣ ପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ଯିଏ ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ, ସିଏ ଚୋର ଅଟେ।
- ବ୍ୟାସଦେବ



## ଆଜି କ'ଣ କେଉଁଠି

କଟକ

- ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ, କ୍ରାଇମବ୍ରାଞ୍ଚ ଅଫିସ୍ ସମ୍ମୁଖ, ପୂର୍ବାହ୍ନ ୧୧ଟା ୩୦।
- ରାମକୃଷ୍ଣ ପରମହଂସ ଦେବଙ୍କ କଳ୍ପତରୁ ଉତ୍ସବ ଅବସରରେ ଅଧିବାସ କୀର୍ତ୍ତନ, ରାମକୃଷ୍ଣ କୁଟୀର, ବଙ୍ଗାଳିସାହି, ସନ୍ଧ୍ୟା ୬ଟା।
- ୟୁନିୟନ କ୍ଲବ ପକ୍ଷରୁ ନୂତନ ବର୍ଷ ପାଳନ ଉତ୍ସବ, କ୍ଲବ ପରିସର, ବକ୍ସିବଜାର, ରାତି ୭ଟା।

## ଉତ୍କଳ ସମ୍ମିଳନୀର ୧୧୫ତମ ପ୍ରତିଷ୍ଠା ଦିବସ

**କଟକ ଅଫିସ, ୩୦।୧୨:** ଉତ୍କଳ ସମ୍ମିଳନୀର ୧୧୫ତମ ପ୍ରତିଷ୍ଠା ଦିବସ କଟକ ଜିଲା ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସଭାପତି ଡାକ୍ତର ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଇଦ୍‌ଗାଠାରେ ଅନୁଷ୍ଠିତ ଏହି ଉତ୍ସବରେ ବକ୍ତାମାନେ ୧୯୦୩ରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି କୁଳବୃଦ୍ଧ ମଧୁସୂଦନ ଓଡ଼ିଆମାନଙ୍କୁ ଏକତ୍ରିତ କରି ସମ୍ପୂର୍ଣ୍ଣ ଓଡ଼ିଶା ଗଠନ ପାଇଁ ଯେଉଁ ପ୍ରୟାସ କରିଥିଲେ, ତାହା ଥିଲା ଅନନ୍ୟ ଓ ଅସାଧାରଣ ବୋଲି କହିଥିଲେ। ଗଗନ ମେହେର, ମାଧବ ମିଶ୍ର, ମୀରା ବେଉରା, ଇଂ. ଆକାଶ ଭୂୟାଁ, ପ୍ରକାଶ ମୁଦୁଲି, ବିଦ୍ରୋହୀ ମହାକୁଳ, ସରୋଜ ମଲ୍ଲିକ ପ୍ରମୁଖ ଇଦ୍‌ଗାସ୍ଥ ଉତ୍କଳ ସମ୍ମିଳନୀ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ ଓ ସ୍ମୃତିଚାରଣ କରିଥିଲେ ।

## ମାତୃଭବନର ବାର୍ଷିକ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

**କଟକ ଅଫିସ, ୩୦।୧୨:** ସ୍ଥାନୀୟ ମାତୃଭବନସ୍ଥିତ ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ରର ବାର୍ଷିକ ସାଂସ୍କୃତିକ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ଦୁଇଦିନ ଧରି ଚାଲିଥିବା ବେଳେ ରବିବାର ସନ୍ଧ୍ୟାରେ ନର୍ସରୀଠାରୁ ଆରମ୍ଭ କରି ଯୁକ୍ତ ଦୁଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ, ନୃତ୍ୟ ନାଟିକା, ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା, ସମବେତ କଣ୍ଠସଙ୍ଗୀତ, ନୃତ୍ୟନାଟିକା ଅନ୍ ଜଗନ୍ନାଥ, ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୁଁ ମିନୁ କହୁଛି ଓ ବିହୁନୃତ୍ୟ ପରିବେଷିତ ହୋଇଥିଲା। ଏହି ଉତ୍ସବକୁ ଗଦାଧର ମିଶ୍ର, ପ୍ରସାଦ ତ୍ରିପାଠୀ, ସ୍ୱରାଜ ମହାପାତ୍ର, ଲୀଳାବତୀ ବେହେରା, ଲତା ଦାସ, ସମରେନ୍ଦ୍ର ରାଉତ, ଦୀପା ଦାସ, ନୀତା ସର୍କାର, ସୁକ୍ତା ରଥ, ସୁବଳ ଦାସ ଓ କଳ୍ପନା ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ବିଜେଡିର ୱାର୍ଡ କମିଟି ବୈଠକ

**ଟାଙ୍ଗୀ(କଟକ),୩୦।୧୨(ଡି.ଏନ୍.ଏ.):** ସାଲେପୁର ନିର୍ବାଚନମଣ୍ଡଳୀ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କୋଟସାହି ପଞ୍ଚାୟତ ଟାଙ୍ଗୀ ଗୋରୁହାଟ ପଡ଼ିଆଠାରେ ବିଜେଡି ପକ୍ଷରୁ ୧୨ନଂ. ଜୋନ ୱାର୍ଡ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନିହାର ରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରଶାନ୍ତ କୁମାର ବେହେରା, ପଞ୍ଚାୟତ ସମିତି ଅଧକ୍ଷା ଜୟଶ୍ରୀ ପ୍ରଧାନ, ଜିଲା ପରିଷଦ ସଭ୍ୟା ନଳିନୀପ୍ରଭା ରାଉତ, ବିଜେଡି ଜିଲା ସମ୍ପାଦକ ଚିତ୍ତରଞ୍ଜନ ସାମଲ, ଶ୍ରୀପତି ସାମଲ, ଯୁବ ବିଜେଡି ବ୍ଲକ ସଭାପତି ତାପସ ସାହୁ, ସମିତି ସଭ୍ୟ ରାଜେଶ ରଞ୍ଜନ ଷଡଙ୍ଗୀ, ସରପଞ୍ଚ ସୁବୋଧ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ।

## ସ୍କନ୍ଦ ପୁରାଣ ହିଁ ଜଗନ୍ନାଥଙ୍କ ମୂଳ ଉତ୍ସ

**କଟକ ଅଫିସ, ୩୦।୧୨:** କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ରବିବାର ଏକ ଆଲୋଚନାଚକ୍ର ସ୍ଥାନୀୟ କାଳୀ ଭବନଠାରେ ଡ. ଗୁରୁପ୍ରସାଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ନିତ୍ୟାନନ୍ଦ ମିଶ୍ର ମୁଖ୍ୟଅତିଥି ଓ ପ୍ରବଚକ କୈଳାସ ଚନ୍ଦ୍ର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। 'ସ୍କନ୍ଦ ପୁରାଣରେ ଶ୍ରୀଜଗନ୍ନାଥ' ଉପରେ ଆଲୋଚନା କରି ପଣ୍ଡିତ ମିଶ୍ର କହିଲେ ଯେ, ସ୍କନ୍ଦ ପୁରାଣକୁ ଛାଡ଼ିଦେଲେ ଜଗନ୍ନାଥଙ୍କ ଉତ୍ପତ୍ତି ସମ୍ପର୍କରେ ଆମେ କୌଣସି ସୂଚନା ପାଇବା ନାହିଁ। ଯେଉଁ ସମୟରେ ଏହି ପୁରାଣ ରଚନା ହୋଇଥିଲା, ତାହାର ବହୁବର୍ଷ ପୂର୍ବରୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ଉତ୍କଳ ଭୂମିରେ କରାଯାଉଥିଲା ବୋଲି ସେ କହିଥିଲେ। ପ୍ରବଚକ ପରିଡ଼ା ସ୍କନ୍ଦ ପୁରାଣର ସଂସ୍କୃତ ଶ୍ଳୋକଗୁଡ଼ିକୁ ସୁମଧୁର କଣ୍ଠରେ ଆବୃତ୍ତି କରିବା ସହିତ ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିବା ନୀଳମାଧବଙ୍କୁ ବିଦ୍ୟାପତିଙ୍କ ଦର୍ଶନ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ୱପ୍ନ କାହାଣୀ, ନୀଳମାଧବଙ୍କ ଅଦୃଶ୍ୟ ଘଟଣା ବେଶ୍ ଲାଳିତ୍ୟପୂର୍ଣ୍ଣ ଭାବେ ବର୍ଣ୍ଣନା କରିଥିଲେ।

■ ଚୌଦ୍ୱାର ହତ୍ୟାକାଣ୍ଡ

# ଗଛ କଟା ପାଇଁ ମାରିଥିଲେ

**କଟକ ଅଫିସ,୩୦।୧୨**






ଗିରଫ ଅଭିଯୁକ୍ତଙ୍କ ସହ ଜବତ ବନ୍ଧୁକ।

ଚୌଦ୍ୱାର ଥାନା ଅନ୍ତର୍ଗତ ଷଣ୍ଡପଡ଼ିଆ ନିକଟରେ ଗତ ୨୪ ତାରିଖରେ ବିଭୀଷଣ ସିଂ(୪୫) ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ରବିବାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଷଣ୍ଡପଡ଼ିଆ ଅଞ୍ଚଳର ଡମ୍ବରୁଧର ହେସା(୨୮), ଦିନେଶ ବିରୁଆ(୨୪), ବବି ମଲ୍ଲିକ(୩୦)। ସେମାନଙ୍କଠାରୁ ପୋଲିସ ଗୋଟିଏ ବନ୍ଧୁକ, ଗୋଟିଏ ବାଇକ(ଓଆର ୦୫ ଏଏଚ୍-୧୩୮୮) ଜବତ କରିଛି। ସାମାନ୍ୟ ଗଛକଟାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ବାଡ଼ିରେ ବିଭୀଷଣଙ୍କୁ ପିଟି ପିଟି ହତ୍ୟା କରିଥିଲେ।

ଷଣ୍ଡପଡିଆ ଅଞ୍ଚଳର ଏକ ଜମିକୁ ନେଇ ବିଭୀଷଣଙ୍କ ସହ ଅଭିଯୁକ୍ତ ଡମ୍ବରୁଧର ଏବଂ ଦିନେଶଙ୍କ ବିବାଦ ଚାଲିଥିଲା। ଅଭିଯୁକ୍ତଦ୍ୱୟ ବିଭୀଷଣଙ୍କୁ ଜମି ମାମଲାରେ ମୁଣ୍ଡ ନ ଖେଳାଇବା ପାଇଁ ଧମକ ଦେଇଥିଲେ। ଗତ ୨୨ ତାରିଖରେ ବିଭୀଷଣ ଉକ୍ତ ଜମିରୁ କିଛି ଗଛ କାଟିଥିଲେ। ହେଲେ ଉକ୍ତ ଜମିଟି ଦିନେଶଙ୍କ ବାପା ସୋମନାଥ ବିରୁଆଙ୍କ ମାଲିକାନାରେ ଥିଲା। ଗତ ୨୪ ତାରିଖ ସୋମନାଥ ସେଠାକୁ ଯାଇଥିବା ବେଳେ ଗଛ କଟା ଯାଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେ ତାଙ୍କ ପୁଅଙ୍କୁ ଜଣାଇଥିଲେ। ସେହିଦିନ ଅପରାହ୍ନରେ ବିଭୀଷଣ ସ୍ଥାନୀୟ ନନ୍ଦ ଖଳା ନିକଟ କେନାଲକୁ ମାଛ ଧରିବାକୁ ଯାଇଥିବା ବେଳେ ଉପରୋକ୍ତ ୩ ଅଭିଯୁକ୍ତ ଏକ ବାଇକ୍‌ରେ ସେଠାରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ବିଭୀଷଣଙ୍କ ସହ ଯୁକ୍ତିତର୍କ କରିବା ପରେ ବାଡିରେ ତାଙ୍କୁ ଆକ୍ରମଣ କରିଥିଲେ। କିଛି ସମୟ ମଧ୍ୟରେ ସେଠାରେ ଭିଡ଼ ଜମିଯିବାରୁ ସେମାନେ ଲୋକମାନଙ୍କୁ ବନ୍ଧୁକ ଦେଖାଇ ଖସି ଆସିଥିଲେ। ବିଭୀଷଣଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ତାଙ୍କୁ ଏସ୍‌ସିବି ମେଡିକାଲ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବିଭୀଷଣଙ୍କ ସମ୍ପର୍କୀୟ ସୁରେନ୍ଦ୍ର ଗୁୟାଙ୍କ ଅଭିଯୋଗ କ୍ରମେ ପୋଲିସ ଆଇପିସି ଦଫା ୩୦୨, ୩୪ ଏବଂ ଆର୍ମ୍ସ ଆକ୍ଟ ୨୫, ୨୭ ଅନୁଯାୟୀ ଏକ ମାମଲା(୪୩୭/୧୮) ରୁଜୁ କରିଥିଲା।



ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିୟାନ ପଡ଼ିଆରେ ଓଡ଼ିଶା ଟେଲର ଶ୍ରମିକ ଆସୋସିଏଶନ ପକ୍ଷରୁ ରବିବାର ଅନୁଷ୍ଠିତ ମହାସମ୍ମିଳନୀରେ ଯୋଗ ଦେଇଥିବା ମହିଳା ଓ ପୁରୁଷମାନେ।

## ସୁଶାସନ ବ୍ୟବସ୍ଥା ଉପରେ ଆଲୋଚନାଚକ୍ର

**ବାଙ୍କୀ,୩୦।୧୨(ସ୍ୱ.ପ୍ର.)**

ସୁଶାସନ ବ୍ୟବସ୍ଥା ଉପରେ ବାଙ୍କୀ କଲେଜ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ଚାଲିଥିବା ଆଲୋଚନାଚକ୍ର ଓ ସଚେତନତା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟଜିତ୍ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି ଯୋଗଦେଇ ଭାରତ ପରି ବିଶାଳ ଗଣତନ୍ତ୍ର ଦେଶରେ କିପରି ସୁଶାସନ ହୋଇପାରିବ ତା'ର ବିଭିନ୍ନ ଦିଗଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଯୁକ୍ତ ୨ ମହାବିଦ୍ୟାଳୟ ଅଧକ୍ଷ ମନୋଜ ମହାପାତ୍ର, ସମ୍ମାନିତ ଅତିଥି ପ୍ରେସ୍ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡ.ନିବାସିନୀ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଦେବାଶିଷ ପଣ୍ଡା ସଂଯୋଜନା କରିଥିଲେ। ଶେଷରେ ଜଗନ୍ନାଥ ଦଳେଇ ଧନ୍ୟବାଦ ଦେଇଥିଲେ।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

**ନିଶ୍ଚିନ୍ତକୋଇଲି,୩୦।୧୨(ସ୍ୱ.ପ୍ର.)**

ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର ତହସିଲ ଛକ ନିକଟରେ ରବିବାର ରାତି ପ୍ରାୟ ୮ଟା୩୦ରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ବିଜୟ ନଗର ଗ୍ରାମର ଚନ୍ଦ୍ରଭାନୁ ରାଉତ(୨୯)। ଗୁରୁତର ହେଲେ ସେହି ଗ୍ରାମର ସତ୍ୟପ୍ରକାଶ ଦାସ(୨୭)। ଉଭୟ ବାଇକ୍‌ଯୋଗେ କଟକରୁ କେନ୍ଦ୍ରାପଡ଼ା ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚନ୍ଦ୍ରଭାନୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସତ୍ୟପ୍ରକାଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ସାଲେପୁର ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍ ଓ ବାଇକ୍‌କୁ ଜବତ କରିଛି। ଟ୍ରକ୍ ଚାଳକ ଫେରାର ହୋଇ ଯାଇଛନ୍ତି। ଖବର ଲେଖାହେବାବେଳକୁ ଥାନାରେ ଅଭିଯୋଗ ହୋଇ ନ ଥିଲା।

## ୬ କାର ବ୍ୟାଟେରି ଜବତ: ଜଣେ ଗିରଫ

**କଟକ ଅଫିସ, ୩୦।୧୨**

କାରରୁ ବ୍ୟାଟେରି ଚୋରି କରୁଥିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ରବିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଦରଘାବଜାର ଥାନା ଅନ୍ତର୍ଗତ ଓଡ଼ିଆ ବଜାର ଅଞ୍ଚଳର ସେକ୍ ଆଜାରଉଦ୍ଦିନ୍ ଓରଫ୍ ବବ୍‌ଲୁ(୨୫)। ତାଙ୍କଠାରୁ ପୋଲିସ ୬ଟି କାର ବ୍ୟାଟେରି ଜବତ କରିବା ସହ ଆଇପିସି ଦଫା ୩୭୯, ୩୪ରେ ୩୦୭/୧୮ରେ ଏକ ମାମଲା ରୁଜୁ କରିଛି। ତାଙ୍କ ନାଁରେ ପୁରୀଘାଟ, ମଙ୍ଗଳାବାଗ୍ ଥାନାରେ ପୂର୍ବରୁ ଚୋରି ମାମଲା ଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ପୋତାପୋଖରୀ ଅଞ୍ଚଳରେ ଗତ ୧ ତାରିଖରେ ୪ଜଣଙ୍କ କାରରୁ ବ୍ୟାଟେରି ଚୋରି ହୋଇଥିଲା। ଏ ନେଇ ସେମାନେ ଅଭିଯୋଗ କରିବା ପରେ ପୋଲିସ ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାରୁ ବବ୍‌ଲୁ ସମ୍ପର୍କରେ ଜାଣିବାକୁ ପାଇଥିଲା। ତାଙ୍କୁ ଗିରଫ କରି ପଚରାଉଚୁରା କରିବା ପରେ ସେ ବ୍ୟାଟେରି ଚୋରି କରି ମଙ୍ଗୁଳି ଅଞ୍ଚଳରେ ନେଇ ବିକ୍ରି କରୁଥିବା ମାନିଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶୋକସଭା

**କଟକ ଅଫିସ, ୩୦।୧୨**

ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବାରବାଟୀ ଷ୍ଟାଡିୟମର ଇସକଫ ଅଫିସରେ ହକର୍ ବୈରାଗୀ ସାହୁଙ୍କ ବିୟୋଗରେ ରବିବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ସଭାପତି ବିଜୟ କୁମାର ପଢ଼ିହାରୀ, ଉପସଭାପତି ସିନୁ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତିଙ୍କ ସମେତ ସଂଘର ମନୋଜ ପାଲ, ସନ୍ତୋଷ ମହାନ୍ତି, ହିମାଂଶୁ ମହାପାତ୍ର, ପ୍ରଶାନ୍ତ ସାହୁ, ପ୍ରଭାସ ପ୍ରଧାନ, ହାଡ଼ିବନ୍ଧୁ ବେହେରା, ହେମନ୍ତ ପଟ୍ଟନାୟକ, ରବି ପାଲ, ଦୀପ୍ତିରଞ୍ଜନ ପଟ୍ଟନାୟକ ଓ ମନୁ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।



ଶୋକସଭାରେ ଯୋଗ ଦେଇଥିବା ସମ୍ବାଦପତ୍ର ବିକ୍ରେତା ସଂଘ କର୍ମକର୍ତ୍ତା।

■ ଘରଡ଼ିହ ସୀମା ଚିହ୍ନଟ ବେଳେ ସଂଘର୍ଷ

## ଜଣେ ଗୁରୁତର, ଆକ୍ରମଣକାରୀ ଗିରଫ

**ନରସିଂହପୁର,୩୦।୧୨(ସ୍ୱ.ପ୍ର.)**

ଘରଡ଼ିହ ସୀମା ଚିହ୍ନଟବେଳେ ଶନିବାର ସନ୍ଧ୍ୟାରେ ନରସିଂହପୁର ବ୍ଲକ ରେଗେଡ଼ା ଗ୍ରାମରେ ୨ ପଡ଼ୋଶୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଏଥିରେ ଗୋଟିଏ ପରିବାର ଜଣେ ସଦସ୍ୟ ଗୁରୁତର ହୋଇଛନ୍ତି। ଏ ନେଇ ଗୁରୁତରଙ୍କ ପରିବାର ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ପାଇବାପରେ ଆକ୍ରମଣକାରୀଙ୍କୁ ରବିବାର ଗିରଫ କୋର୍ଟ ଚାଲାଣ କରିଛି। ଆକ୍ରମଣର ଶିକାର ହୋଇଛନ୍ତି ଗ୍ରାମର ଗଣେଶ ବେହେରା। ତାଙ୍କୁ ଆକ୍ରମଣ କରିଛନ୍ତି ଚିତ୍ତରଞ୍ଜନ ଡାଲୁଆ। ସୀମା ଚିହ୍ନଟବେଳେ ବଚସା ହେବାରୁ ହଠାତ୍ ଉତ୍ତ୍ୟକ୍ତ ହୋଇ ଚିତ୍ତରଞ୍ଜନ ଏକ କାତିରେ ଗଣେଶଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଗଣେଶ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନରସିଂହପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦେଇଥିଲେ। ଏ ନେଇ ୧୪୮/୧୮ରେ ଏକ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଅମର ପ୍ରଧାନ ସୂଚନା ଦେଇଛନ୍ତି।

## ଗ୍ରାମାଞ୍ଚଳ ସମସ୍ୟା ଉପରେ ଆଇଆଇଟି ଛାତ୍ରଙ୍କ ସର୍ବେକ୍ଷଣ

**କଟକ ସଦର,୩୦।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ବରାଳସ୍ଥିତ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲ ଫର ରୁରାଲ ଇନୋଭେଶନ ପକ୍ଷରୁ ୧୧ଜଣ ଆଇଆଇଟି ଛାତ୍ର ଗ୍ରାମାଞ୍ଚଳ ସମସ୍ୟା ଉପରେ ସର୍ବେକ୍ଷଣ କରିଥିଲେ। ସେମାନେ ବରାଳ ଗ୍ରାମର ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅନିଲ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରମାନେ ବିଭିନ୍ନ ସରକାରୀ ଯୋଜନାରେ ମିଳୁଥିବା ସୁବିଧାକୁ ପାଇବାରେ ଲୋକମାନେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକ ଉପରେ ବିଭିନ୍ନ ପରିବାରଙ୍କୁ ଭେଟି ଆଲୋଚନା କରିଥିଲେ। ଆଇଆଇଟି ଦିଲ୍ଲୀ ପ୍ରଫେସର ଶୁଭମ ଗର୍ଗଙ୍କ ପ୍ରେରଣାରେ ଭରତ ଚୌଧୁରୀ, ବିକାଶ ବର୍ମା, ମାଧବ ଝା, ପାର୍ଥ ଦୀକ୍ଷିତ, ସୌମ୍ୟ ପ୍ରକାଶ, ମହମ୍ମଦ ବାବର, ସାହିଲ କାରୱା, ହରଦୀପ ସିଂ, ବେଦାନ୍ତ ବିଜୟ, ଅମିତ କୁମାର, ଅଂଶିତ୍ କୁମାର ପ୍ରମୁଖ ଏକ ସପ୍ତାହ ଗ୍ରାମାଞ୍ଚଳର ସମସ୍ୟା ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରସରକାରଙ୍କୁ ପ୍ରଦାନ କରିବେ ବୋଲି କହିଥିଲେ। ଏହା ସହ ସ୍ଥାନୀୟ ଅଞ୍ଚଳର ପାଣି, ମୃତ୍ତିକା ଓ ପରିବେଶ ଉପରେ ପରୀକ୍ଷା କରିଥିଲେ।

## ଚୋରି କ୍ୟାମେରା ଜବତ, ଜଣେ ଗିରଫ

**କଟକ ଅଫିସ,୩୦।୧୨**

ପୋଲିସ ଆଖିରେ ଧୂଳି ଦେଇ ଚୋରି କରୁଥିବା ଏକ କୁଖ୍ୟାତ ଚୋରକୁ ରବିବାର ସିଡିଏ ଫେଜ୍-୨ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖଜୁରିପଡା ଅଞ୍ଚଳର ଚନ୍ଦନ ସିଂ(୨୨)। ପୋଲିସ ତାଙ୍କଠାରୁ ଏକ ଚୋରି କ୍ୟାମେରା ଜବତ କରିବା ସହ ୧୬/୧୮ରେ ଏକ ମାମଲା ରୁଜୁ କରିଛି। ଚନ୍ଦନଙ୍କ ନାଁରେ ମର୍କତନଗର, ବିଡ଼ାନାସୀ ଏବଂ ସିଡିଏ ଫେଜ୍-୨ ଥାନାରେ ପୂର୍ବରୁ ୮ରୁ ଉର୍ଦ୍ଧ୍ୱ ଚୋରି ମାମଲା ଥିବା ପୋଲିସ ସୂଚନା ଦେଇଛି।

## ଅଭୀପ୍‌ସାର ଶିଶିର ଉତ୍ସବ

**କଟକ ଅଫିସ, ୩୦।୧୨**

ସ୍ଥାନୀୟ ଗଣେଶଘାଟସ୍ଥିତ ନିଶା ମୁକ୍ତି କେନ୍ଦ୍ରରେ ଅଭୀପ୍‌ସାର ଏକବିଂଶତମ ଶିଶିର ଉତ୍ସବ, ଆଲୋଚନା ଓ କବିତା ପାଠୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଭୀପ୍‌ସାର ପ୍ରତିଷ୍ଠାତା ସମ୍ପାଦକ ସଂଗ୍ରାମ କେଶରୀ ନାୟକ ଅଧକ୍ଷତା କରିଥିଲେ। କବି ତଥା ପ୍ରକାଶକ ଗୌତମ ଚନ୍ଦ୍ର କର ମୁଖ୍ୟଅତିଥି ଏବଂ ବିଦ୍ୟୁତ୍ କୁମାରୀ ଲାଲା ବକ୍ତା ଭାବେ ଯୋଗଦେଇଥିଲେ। ଉତ୍ସବରେ ଆଦ୍ୟା ନାୟକ, ଭବ୍ୟା ଜେନା, ପାର୍ଥସାରଥି ନାୟକ, ପଲ୍ଲବୀ ଦାଶ, ସାଇ ସ୍ୱସ୍ତିକ ପ୍ରଧାନ, ହୃଷୀକେଶ ଘଡ଼ାଇ, ଅମୃତା ପ୍ରିୟଲକ୍ଷ୍ମୀ, ଝରଣା ବେହେରା, ଜ୍ଞାନେନ୍ଦ୍ର ପ୍ରଧାନ, ନିବେଦିତା ଜେନା ପ୍ରମୁଖ କବିତା ପାଠ କରିଥିଲେ।

## ସ୍କୁଟିକୁ ପଛରୁ ପିଟିଲା ଟ୍ରାକ୍ଟର: ଜଣେ ମୃତ

**ଫୁଲନଖରା, ୩୦।୧୨(ଡି.ଏନ୍.ଏ.)**

ବାଲିକୁଦା-ବାରଙ୍ଗ ରାସ୍ତାର ଉତ୍ତମାପୁର ସ୍କୁଲ ଗଡ଼ା ନିକଟରେ ରବିବାର ସନ୍ଧ୍ୟା ୭ଟାରେ ଏକ ଟ୍ରାକ୍ଟର ଏକ ସ୍କୁଟିକୁ ପଛରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨ଜଣ ଆହତ ହୋଇଛନ୍ତି। ଓଆର ୦୫ବି-୦୧୪୯ ନମ୍ବର ଟ୍ରାକ୍ଟର ଓଡି୧୯ଏ-୯୨୩୬ ନମ୍ବର ବିଶିଷ୍ଟ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା। ସ୍କୁଟିରେ ଯାଉଥିବା ୨ଜଣ ଯୁବକ ଓ ଜଣେ ଯୁବତୀଙ୍କ ମଧ୍ୟରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଯୁବକ ଏବଂ ଯୁବତୀ ଗୁରୁତର ହୋଇଥିଲେ। ଦୁର୍ଘଟଣାରେ ମୃତ ଏବଂ ଆହତମାନଙ୍କ ପରିଚୟ ଜଣାପଡ଼ିନାହିଁ। ସ୍କୁଟିକୁ ଧକ୍କା ଦେବା ପରେ ଟ୍ରାକ୍ଟର ରାସ୍ତାତଳକୁ ଓଲଟି ପଡ଼ିଥିଲା। ଟ୍ରାକ୍ଟର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହିଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରେ ହମ୍ପସ ନିର୍ମାଣ ଦାବିରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା। ଖବର ପାଇ କଟକ ସଦର ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଏସ୍‌ଆଇ ଅଭିମନ୍ୟୁ ଡାକୁଆ ପୋଲିସ ଫୋର୍ସଧରିଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ଦୁଇଟି ପୃଥକ୍ ଆମ୍ବୁଲାନ୍ସରେ ଗୁରୁତରଙ୍କ ଚିକିତ୍ସା ଏବଂ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା।

## ଏବିସିଡି ଡ୍ୟାନ୍ସ ଗ୍ରୁପ୍‌ର ବାର୍ଷିକ ଉତ୍ସବ




ଉତ୍ସବରେ ଉପସ୍ଥିତ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

**ଆଠଗଡ଼,୩୦।୧୨(ସ୍ୱ.ପ୍ର.)**

ଆଠଗଡ଼ ସହରର ପ୍ରତିଷ୍ଠିତ ନୃତ୍ୟାନୁଷ୍ଠାନ ଏବିସିଡି ଡ୍ୟାନ୍ସ ଗ୍ରୁପ୍‌ର ଅଷ୍ଟମ ବାର୍ଷିକ ଉତ୍ସବ ୨ଦିନ ଧରି ପାଳିତ ହୋଇଯାଇଛି। ଶନିବାର ନୃତ୍ୟ ଶିକ୍ଷକ ଶୁଶାନ୍ତ ଗୁରୁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପୂର୍ବତନ ଏନଏସି କାଉନସିଲର ଲକ୍ଷ୍ମୀନାରାୟଣ ଭଞ୍ଜ ଯୋଗ ଦେଇଥିଲେ। ଆଠଗଡ଼ ଅଞ୍ଚଳରେ ଥିବା ବିଭିନ୍ନ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଯୋଗଦେଇ ନୃତ୍ୟ ପରିଷେଣ କରିଥିଲେ। ରବିବାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ମୁଖ୍ୟଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଆଠଗଡ଼ ଉପଜିଲାପାଳ ଅମୀୟ କୁମାର ସାହୁ ଯୋଗଦେଇ କଳାର ମାଟି ଆଠଗଡ଼ରେ ବହୁ କଳାକାର ଜନ୍ମ ହୋଇ ଦେଶବିଦେଶରେ ଖ୍ୟାତି ଅର୍ଜନ କରିଥିବା କହିଥିଲେ। ପରେ ଅତିଥି ନୃତ୍ୟରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ୪୦ ନିୟୁତ ଭାରତୀୟ ହେପାଟାଇଟିସ୍-ସି'ରେ ଆକ୍ରାନ୍ତ

**ଭୁବନେଶ୍ୱର, ୩୦।୧୨(ବ୍ୟୁରୋ)**

■ଔଷଧୀୟ ଚିକିତ୍ସା ଦ୍ୱାରା ମୁକ୍ତି ମିଳିପାରିବ

■ପ୍ରତ୍ୟେକ ବର୍ଷ ୧୦ଲକ୍ଷ ଶିଶୁ ଏଥିରେ ଶିକାର ହେଉଛନ୍ତି

ସାରା ବିଶ୍ୱରେ ହେପାଟାଇଟିସ୍-ସି ରୋଗ ମାରାତ୍ମକ ସାବ୍ୟସ୍ତ ହୋଇଛି। ବିଶ୍ୱରେ ଯେତେ ଯକୃତ ରୋଗୀ ଅଛନ୍ତି ତାହାର ୪ ପ୍ରତିଶତ କେବଳ ଭାରତରେ। ଏହାଛଡ଼ା ଭାରତୀୟଙ୍କ ମଧ୍ୟରୁ ୩ ପ୍ରତିଶତ ଏଥିରେ ଆକ୍ରାନ୍ତ। ଏମାନଙ୍କ ସଂଖ୍ୟା ପାଖାପାଖି ୪୦ ନିୟୁତ। ପ୍ରତ୍ୟେକ ବର୍ଷ ଜନ୍ମ ନେଉଥିବା ଶିଶୁଙ୍କ ମଧ୍ୟରୁ ୧୦ଲକ୍ଷ ଶିଶୁ ଏଥିରେ ଆକ୍ରାନ୍ତ ହେଉଛନ୍ତି। ଏହା ଏକ ସଂକ୍ରମଣ ରୋଗ। ପରିବାରର ଜଣକୁ ଏହି ରୋଗ ହେଲେ ତାହା ସମଗ୍ର ପରିବାର ଓ ସମ୍ପର୍କୀୟମାନଙ୍କୁ ବ୍ୟାପିବା ଆଶଙ୍କା ରହିଛି। ପ୍ରାରମ୍ଭିକ ସ୍ତରରେ ଏହାର ନିରୂପଣ ଏବଂ ନିରାକରଣ ହୋଇପାରିଲେ ଏଥିରୁ ମୁକ୍ତି ମିଳିପାରିବ। ଚୀନ୍ ସମେତ କୋରିଆ ଏବଂ ତାଇୱାନ ପ୍ରଭୃତି ଦେଶ ଏ କ୍ଷେତ୍ରରେ ବଡ଼ ଧରଣର ସଫଳତା ପାଇପାରିଛନ୍ତି। ଆମ ଦେଶରେ ମଧ୍ୟ ଏହା ସମ୍ଭବ ହୋଇପାରିବ। ଏଥିପାଇଁ ଯକୃତ୍(ଲିଭର) ପ୍ରତ୍ୟାରୋପଣର ଆବଶ୍ୟକତା ନାହିଁ। ଔଷଧୀୟ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ମିଳିବ ବୋଲି ଇଣ୍ଡିଆନ ଲିଭର ପେସେଣ୍ଟ୍ସ ଫାଉଣ୍ଡେଶନ ପକ୍ଷରୁ ଦାବି କରାଯାଇଛି। ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇଞ୍ଜିନିୟର୍ସଠାରେ ରବିବାର ଆୟୋଜିତ ଏକ ବାର୍ଷିକ ସମ୍ମାନରେ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି ଯେ, ଚର୍ବିଯୁକ୍ତ ଲିଭର ଓ ଜଳ ଉଦରୀ(ଫ୍ୟାଟି ଲିଭର ଓ ସିରୋସିସ୍ ଅଫ୍ ଲିଭର) ମଧ୍ୟ ଏବେ ଭାରତବର୍ଷରେ ଚିନ୍ତାର କାରଣ ହୋଇଛି। ଏହି ରୋଗରୁ ମୁକ୍ତି ପାଇବା ପାଇଁ ଯକୃତ ପ୍ରତ୍ୟାରୋପଣର ଆବଶ୍ୟକ ପଡୁଛି। ସେହି ଆଧାରରେ ଦେଶରେ ପ୍ରତିବର୍ଷ ୧ ଲକ୍ଷ ଯକୃତର ଆବଶ୍ୟକତା ରହିଥିବା ବେଳେ ମାତ୍ର ୩ ପ୍ରତିଶତ ମିଳିବା ସମ୍ଭବ ହେଉଛି। ଏଭଳି ସ୍ଥିତିରେ ଔଷଧୀୟ ଚିକିତ୍ସା ଏକମାତ୍ର ବିକଳ୍ପ। ଏହା କମ୍ ଖର୍ଚ୍ଚରେ ସଫଳ ହେବ। ଏଥିପାଇଁ ସଚେତନତା ଜରୁରୀ। ଲୋକେ ସଚେତନ ହେଲେ ବହୁମୂଲ୍ୟ ଜୀବନ ରକ୍ଷା ପାଇପାରିବ ବୋଲି ସମ୍ମାନରେ ମତପ୍ରକାଶ ପାଇଥିଲା।

ଡା. ଅଶୋକ କୁମାର ଚୌଧୁରୀ, ଡା. ସୁଜାତା ପଣ୍ଡା, ପ୍ରଫେସର ଦିନେଶ ପ୍ରସାଦ ସ୍ୱାଇଁ ପ୍ରମୁଖ ନିରାମୟ ସୁସ୍ଥ ଜୀବନ ଯାପନ ପାଇଁ ଏବଂ ହେପାଟାଇଟିସ୍‌ର ଭୟାବହତା ବିଷୟରେ ଆଲୋକପାତ କରିଥିଲେ। ଭୁବନେଶ୍ୱର ଆର୍ଟ ଅଫ୍ ଲିଭିଂର ଭୋଳାନାଥ ଜେନା ଓ ଜୟଶ୍ରୀ ପଣ୍ଡା ମଦ୍ୟପାନର ଅପକାରିତା ଉପରେ ଆଲୋଚନା କରିଥିଲେ। ସମ୍ମାନରେ ୧୫୦ ଛାତ୍ରୀଛାତ୍ର, ବହୁ ପ୍ରଶାସକ, ସାମାଜିକ କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ବିଭିନ୍ନ କ୍ଷେତ୍ରରେ ସମାଜରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତି, କାରଖାନାର ମାଲିକ ଓ କର୍ମଚାରୀ ଯୋଗଦେଇଥିଲେ। ଏହାସହିତ ୫୦ ଯକୃତ ରୋଗୀ ଉପସ୍ଥିତ ରହି ମାଗଣାରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସୁବିଧା ପାଇଥିଲେ।



ମନୁଷ୍ୟ ନିଜର ଓ ପରିବାରର ଭରଣ ପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ଯିଏ ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ, ସିଏ ଚୋର ଅଟେ।
-ବ୍ୟାସଦେବ



## ଆଜି କ'ଣ କେଉଁଠି

ଖୋର୍ଦ୍ଧା

- ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱର ଓ ଶ୍ରୀଜଗନ୍ନାଥ ମହୋତ୍ସବ କମିଟି, ଚିଲିକା ପକ୍ଷରୁ 'ଶ୍ରୀଜଗନ୍ନାଥ ମହୋତ୍ସବ', କାଙ୍କଣଶିଖରୀ, ନଈରୀ(ଚିଲିକା), ସକାଳ ୭ଟାରୁ ରାତି ୭ଟା।



## ବରୁଣେଈରେ ଭିଡ଼

**ଖୋର୍ଦ୍ଧା ଅଫିସ, ୩୦।୧୨:** ଖୋର୍ଦ୍ଧାର ବରୁଣେଈ ଶକ୍ତିପୀଠରେ ଭିଡ ବଢ଼ିଛି। ପର୍ଯ୍ୟଟକମାନେ ବର୍ଷର ଶେଷ ରବିବାରରେ ଭୋଜିଭାତର ଆସର ଜମାଇଥିଲେ। ନାଚଗୀତର ଆସର ବି ଲାଗି ରହୁଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ପିଲାମାନେ ବଣଭୋଜିର ମଜା ନେଉଛନ୍ତି। ବରୁଣେଇ ପୀଠରେ ଠାକୁର ଦର୍ଶନ ସାଙ୍ଗକୁ ଗୁମ୍ଫା ବୁଲିବାର ମଜାକୁ ପର୍ଯ୍ୟଟକମାନେ ହାତଛଡା କରୁନାହାନ୍ତି।

## ବାଦବାରବାଟିରେ ହାତୀ ଉପଦ୍ରବ

**ଖୋର୍ଦ୍ଧା ଅଫିସ, ୩୦।୧୨:** ଖୋର୍ଦ୍ଧା ବନବିଭାଗର ବାଦବାରବାଟି ଓ ନିଧିପୁର ଆଦିବାସୀସାହିରେ ହାତୀ ଉପଦ୍ରବ ଲାଗି ରହିଛି। ଏହି ଦୁଇ ଗାଁର ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କର ଧାନ କଲେଇ ଗତ ୨୯ ତାରିଖ ରାତିରେ ଖାଇବା ସହ ବାରିର ଫସଲ ନଷ୍ଟ କରି ଦେଇଛନ୍ତି। ଅଞ୍ଚଳରେ ୭ ଟିକିଆ ହାତୀ ପଲ ସପ୍ତାହେ ହେଲା ଉପଦ୍ରବ କରୁଛନ୍ତି। ବନ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଡଙ୍ଗରପଡା କପ କ୍ରିକେଟ, ତମାଣ୍ଡୋ ସେମିରେ

**ବେଗୁନିଆ,୩୦।୧୨(ଡି.ଏନ.ଏ.):** ବେଗୁନିଆ ବ୍ଲକ ଅଧୀନ ଡଙ୍ଗରପଡା ଖେଳପଡିଆଠାରେ ଚାଲୁଥିବା ୨୭ ତମ ଟି ୨୦ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ମ୍ୟାଚରେ ତମାଣ୍ଡୋର ରୟାଲ ଇଲେଭେନ କ୍ରିକେଟ କ୍ଲବ ସେମିକୁ ଉନ୍ନୀତ ହୋଇଛି। ଟସ୍ ଜିଣି ତମାଣ୍ଡୋ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ ରନ କରିଥିଲା। ଘାଟିକିଆର ଏଭରେଷ୍ଟ କ୍ଲବ ୨୦ ଓଭର ଖେଳି ୯ ଉଇକେଟ ହରାଇ ୧୧୧ ରନ କରିବାକୁ ସକ୍ଷମ ହୋଇଥିଲା। ତମାଣ୍ଡୋ ଦଳ ପକ୍ଷରୁ ସୁଶାନ୍ତ ବେହେରା ବ୍ୟକ୍ତିଗତ ୩୬ ରନ ସର୍ବାଧିକ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କୃତ ହୋଇଥିଲେ। ପ୍ରଦୀପ୍ତ ସୁନ୍ଦରରାୟ ଓ ଜୟକୃଷ୍ଣ ପାଇକରାୟ ମ୍ୟାଚକୁ ପରିଚାଳନା କରିଥିଲେ।

## ବିମଳାକ୍ଷୀ ଭଲିବଲ ଟୁର୍ଣ୍ଣାମେଣ୍ଟ

**ବୋଲଗଡ,୩୦।୧୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଅସରଳାଗ୍ରାମରେ ୩ଦିନିଆ ବିମଳାକ୍ଷୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଚାଲିଛି। ରବିବାର ସ୍ଥାନୀୟ ମା' ବିମଳାକ୍ଷୀ କ୍ଲବ୍ ପକ୍ଷରୁ ଆୟୋଜିତ ମ୍ୟାଚ୍‌ର ୨ୟ ଦିବସରେ ଇଟାମାଟି ଭଲିବଲ୍ ଦଳକୁ ୩-୨ ସେଟ୍‌ରେ ପରାସ୍ତ କରି ବାଣିକିଲୋ ଦଳ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ସମାଜିକ କର୍ମୀ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ଉଦ୍‌ଘାଟନୀ ଦିବସରେ ଛିଆମ ଦଳକୁ ବାଉଁଶିଆପଡ଼ା ଦଳକୁ ୨-୧ସେଟ୍‌ରେ ପରାସ୍ତ କରି ମ୍ୟାଚ୍ ବିଜୟୀ ହୋଇଥିଲା ।

## ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ବେଗୁନିଆ,୩୦।୧୨ (ଡି.ଏନ.ଏ.):** ବେଗୁନିଆ ବ୍ଲକ ସଦର ମହକୁମାରେ ଥିବା ପ୍ରମୁଖ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ୧୯୮୫ ମାଟ୍ରିକ ବ୍ୟାଚର ରବିବାର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଥିଲା। ସୁଶାନ୍ତ କୁମାର ରାୟ, ସୁନୀଲ କୁମାର ସାହୁ, ସଂଗ୍ରାମ କେଶରୀ ଶତପଥୀ, ଲଳିତ ମୋହନ ପ୍ରଧାନଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନାଚ ଗୀତର ଆସର ଜମିଥିଲା। ସ୍ଥାନୀୟ ମା' ବରମୁଲେଈଙ୍କ ପୀଠ ପରିସରରେ ବିଗତ ୩୪ ବର୍ଷ ପରେ ପ୍ରଥମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ହୋଇଥିଲା । ବାନ୍ଧବୀ ଓ ବନ୍ଧୁମାନେ ନିଜ ପିଲାବେଳର ସ୍ମୃତିକୁ ମନେ ପକାଇଥିଲେ। **କୃଷ୍ଣପ୍ରସାଦ, (ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ ମାଲୁଦ ହାଇସ୍କୁଲ ୧୯୯୮ ମସିହା ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ମାଲୁଦ ସରପଞ୍ଚ ରବୀନ୍ଦ୍ରନାଥ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଗୌଡ଼, ଅବସରପ୍ରାପ୍ତ ଶିକ୍ଷକ ଗୋଲକ ବିହାରୀ ଦଳବେହେରା, ମାଲୁଦ ହାଇସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଜେନା, ଅବସରପ୍ରାପ୍ତ କର୍ମଚାରୀ ଆର୍ତ୍ତତ୍ରାଣ ପଣ୍ଡା ଓ ଉଦୟନାଥ ବାରିକ, ସୁଷମା କାନୁନ୍‌ଗୋ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ସ୍ୱର୍ଗତ ବିଦ୍ୟାଧର ପାଟଶାଣୀଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

■ ପରିବର୍ତ୍ତନ ହେଲା ପିଏଚ୍‌ସି (ନ୍ୟୁ)ର ନାମ

# ଖୋଲିଛି ୨ ୱେଲନେସ ସେଣ୍ଟର

**ଖୋର୍ଦ୍ଧା ଅଫିସ,୩୦।୧୨**

ଲୋକଙ୍କ ଘର ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ସରକାର ପିଏଚ୍‌ସି (ନ୍ୟୁ)ର ନାଁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦେବା ପରେ ଖୋର୍ଦ୍ଧା ଜିଲାରେ ଅଗଷ୍ଟ ୧୫ରୁ ୨ ୱେଲନେସ ସେଣ୍ଟର କାର୍ଯ୍ୟ କରିଲାଣି। ୱେଲନେସ ସେଣ୍ଟରରେ ପାଥୋଲୋଜି ସର୍ଭିସ ସହ ଅଣ ସଂକ୍ରାମକ ରୋଗ ପରାମର୍ଶ ଓ ଚିକିତ୍ସା, ଗର୍ଭବତୀ ମହିଳାଙ୍କ ପରୀକ୍ଷଣ, ବରିଷ୍ଠ ନାଗରିକଙ୍କୁ ପରାମର୍ଶ ଓ ଚିକିତ୍ସା ଯୋଗାଇ ଦିଆଯିବ। ଏଠାରେ ଜଣେ ଏଲୋପାଥି ଓ ଅନ୍ୟ ଜଣେ ଆୟୁଷ ଡାକ୍ତର ନିଯୁକ୍ତି ପାଇବେ। ପୁଣି ଲାବୋରେଟୋରି ଟେକନସିଆନ ନିଯୁକ୍ତି ପାଇବେ। ଜାନୁୟାରୀ ଶେଷ ସୁଦ୍ଧା ୪୧ ପିଏଚ୍‌ସି (ନିଉ) ୱେଲନେସ ସେଣ୍ଟରରେ ପରିବର୍ତ୍ତନ ହେବ। ଜିଲାରେ ୪୩ଟି ପିଏଚ୍‌ସି(ନିଉ)ରହିଛି। ଏଥିରୁ ଭୁବନେଶ୍ୱର ସବ୍‌ଡିଭିଜନରେ ଖାରପଡା, ବରମୁଣ୍ଡା, ସତ୍ୟନଗର, ୟୁନିଟ୍ ୮, ଭରତପୁର, ଗାଡକଣ, ରସୁଲଗଡ, ପାହାଳ, ନହରକଣ୍ଟା, ନୀଳାଦ୍ରି ବିହାର, ଘାଟିକିଆ, ଶିଖରଚଣ୍ଡୀ, ସାମନ୍ତପୁରୀ, ଚନ୍ଦକା, ଇତିପୁର, ଭିଙ୍ଗାରପୁର, ସରକଣା, ବନମାଳୀପୁର, ରାଜସ ଆଦି ୧୯ଟି ରହିଛି। ସେହିଭଳି ହଳନ୍ଦା, ନୀଳାଦ୍ରିପ୍ରସାଦ, ବାଘମାରୀ, ଡିଙ୍ଗର, ପରିଛଳ, ପୋଡାଡିହ, ସିକୋ, ଦେଉଳି, ମାଣିକଗୋଡା, ତଳତୁମ୍ଭ, ଛସଙ୍ଗରା, ଜରିପଡା, ସୋରଣ, ତରାବୋଇ, ବାଜପୁର, ହାଡପଦା, କେରଙ୍ଗ, ନୂଆବନ୍ତ, ବଡପୋଖରିଆ, ଭୂଷଣ୍ଡପୁର, କୁହୁଡି, ନିରାକାରପୁର, ରାମେଶ୍ୱର, ମୁକୁନ୍ଦପ୍ରସାଦରେ ୨୪ଟି ପିଏଚ୍‌ସି(ନିଉ) ଖୋର୍ଦ୍ଧା ସବ୍‌ଡିଭିଜନରେ ରହିଛି।

ହାତଗୁଞ୍ଜା ନ ଦେଲେ ସ୍ୱାସ୍ଥ୍ୟସେବା ମିଳୁନି। ଏପରି ଅବ୍ୟବସ୍ଥା ଖୋର୍ଦ୍ଧା ଜିଲାର ମୁଖ୍ୟ ଚିକିତ୍ସାଳୟରେ ଘଟୁଛି। ହେଲେ ଏହାର ପ୍ରତିକାର ନାହିଁ। ଅଭିଯୋଗ କଲେ ସୁଫଳ ମିଳୁନି। ସବୁବେଳେ କୁହାଯାଉଛି ପ୍ରମାଣ ନ ମିଳିବାରୁ କିଛି କରି ହେଉନାହିଁ। ପ୍ରମାଣ ମିଳିଲେ ତାକୁ ଚାପି ଦେଇ ସବୁ କିଛି ଠିକ୍‌ଠାକ ବୋଲି ସଫେଇ ଦିଆଯାଉଛି। ତେବେ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି କି ଜିଲାପାଳ, ସିଡିଏମଓ ଏହାର ସମାଧାନ ପାଇଁ ସରକାରଙ୍କୁ ଅବଗତ କରାଉ ନ ଥିବା ଅଭିଯୋଗ ହେଉଛି। ଏଭଳିସ୍ଥଳେ ପିଏଚ୍‌ସି(ନିଉ)ର ନାଁ

### ଜାନୁୟାରୀ ସୁଦ୍ଧା ଖୋଲିବ ୪୧

ୱେଲନେସ ସେଣ୍ଟର ରଖି ଆଉ କିଛି ଭିତ୍ତିଭୂମି ଯୋଗାଇ ଦେଲେ ସ୍ୱାସ୍ଥ୍ୟସେବା ଲୋକେ ପାଇଯିବା ଚିନ୍ତା କରିବା ନିରର୍ଥକ ବୋଲି ଅଭିଯୋଗ ଉଠିଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାରତ ଭୂଷଣ ବରାଳ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁସାରେ ମଳିପଡା ଓ ରେତଙ୍ଗଠାରେ ୨ ୱେଲନେସ ସେଣ୍ଟର ଖୋଲିଥିବାବେଳେ ଜାନୁୟାରୀ ମାସ ସୁଦ୍ଧା ଅବଶିଷ୍ଟ ଖୋଲିବ। ସ୍ୱାସ୍ଥ୍ୟସେବାରେ ଅବ୍ୟବସ୍ଥା ନେଇ ଅଭିଯୋଗ ଆସିଲେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

■ ଖୋର୍ଦ୍ଧା ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ

# ଛତିଶଗଡ଼ ଫର୍ମୁଲା ଆପଣାଅ



କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ।

**ଜଟଣୀ,୩୦।୧୨(ଡି.ଏନ.ଏ)**

ଓଡ଼ିଶାରେ କଂଗ୍ରେସ ଶାସନକୁ ଆସିବା ପାଇଁ ଛତିଶଗଡ ଫର୍ମୁଲା ଆପଣାଇବାକୁ ଗୁରୁମନ୍ତ୍ର କର୍ମମାନଙ୍କୁ ଦିଆଯାଇଛି। ଜଟଣୀରେ ସୋମବାର ଖୋର୍ଦ୍ଧା ଜିଲା କଂଗ୍ରେସ ଦଳ କାର୍ଯ୍ୟକାରିଣୀ ବୈଠକ ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଆଇସିସି ଯୁଗ୍ମ ସମ୍ପାଦକ ଆଦିତ୍ୟ ଶର୍ମା ଯୋଗଦେଇ ଛତିଶଗଡ଼ ନିର୍ବାଚନରେ ଦଳକୁ ମିଳିଥିବା ବିପୁଳ ବିଜୟ ପଛର ରହସ୍ୟ କହିଥିଲେ। ରାଜ୍ୟରେ ତୃଣମୂଳ ସ୍ତରର କର୍ମୀଙ୍କଠାରୁ ଉପରସ୍ତରର କର୍ମକର୍ତ୍ତା ପର୍ଯ୍ୟନ୍ତ ସମସ୍ତ ବାଦ ବିବାଦ ଭୁଲି ଗୋଟିଏ ମନରେ କାନ୍ଧକୁ କାନ୍ଧ ମିଳାଇ କଂଗ୍ରେସକୁ ଶାସନ କ୍ଷମତାକୁ ଆଣିବାରେ ସଫଳ ହୋଇଛନ୍ତି। ଓଡ଼ିଶାରେ ଦଳକୁ ସଫଳତା ପାଇବାକୁ ହେଲେ ଏହି ଫର୍ମୁଲା ଆପଣେଇବାକୁ ପଡିବ। ଏହାଛଡା ସଙ୍ଗଠନକୁ ମଜଭୁତ କରିବାକୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦୁଇଟି କାର୍ଯ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି। ଗୋଟିଏ ପ୍ରୋଜେକ୍ଟ ଶକ୍ତି ଓ ଅନ୍ୟଟି ସୋସିଆଲ ମିଡିଆ ମାଧ୍ୟମରେ ଲୋକଙ୍କ ନିକଟତର ହେବାକୁ ଆଦିତ୍ୟ ଉପସ୍ଥିତ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏଥିରେ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବୀ ବିଶ୍ୱାଳ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଙ୍କ ନିକଟରେ ପଞ୍ଚାଇବାକୁ ପଡ଼ିବ। ଗତ ସାଧାରଣ ନିର୍ବାଚନରେ ଏହି ଦଳମାନେ ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ଓ ସେଥିରେ ହୋଇଥିବା ବିଫଳତା ଯେପରି ପ୍ରତି ଘରେ ପହଞ୍ଚିବ ସେଥିପାଇଁ ଉପସ୍ଥିତ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ପୂର୍ବତନ ରାଜ୍ୟ ସଭା ଏମ୍‌ପି ସୁବାସ ମହାନ୍ତି, ଦଳର ମିଡିଆ ସେଲ୍ ପ୍ରମୁଖ ଅଭିଷେକ ମହାନନ୍ଦ, ଜିଲା କାର୍ଯ୍ୟକାରୀ ସଭାପତି ସ୍ୱାଗତିକା ପଟ୍ଟନାୟକ, ଯୋଗୀ ବାହୁବଳେନ୍ଦ୍ର, ଜୟଶ୍ରୀ ପଟ୍ଟନାୟକ, ଜିଲା ଓବିସି ସେଲ୍ ସଭାପତି କଳିଙ୍ଗ ସାହୁ, ଅଶୋକ ମଙ୍ଗରାଜ, ଅଞ୍ଜଳିବାଳା ମହାନ୍ତି, ଉଲ୍ଲାସିନୀ ମଲ୍ଲିକଙ୍କ ସମେତ ଜିଲାସ୍ତରୀୟ ଅନେକ କର୍ମକର୍ତ୍ତା ଉପସ୍ଥିତ ଥିଲେ।





ମହାସମାବେଶରେ ପିଲାମାନେ କେନ୍ଦୁଝରର ପୋଡା ମାଂସ ବିକ୍ରି କରୁଛନ୍ତି ଓ ସ୍କାଉଟ ଗାଇଡମାନେ ଯୋଗାଭ୍ୟାସ କରୁଛନ୍ତି।

■ ସ୍କାଉଟ ଗାଇଡ୍ ମହାସମାବେଶ ଉଦ୍‌ଯାପିତ

# ସୁଆଦିଆ ଖାଦ୍ୟର ମଜା ଉଠାଇଲେ ଶିବିରାର୍ଥୀ

**ଖୋର୍ଦ୍ଧା ଅଫିସ,୩୦।୧୨**

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ ଓ ଗାଇଡ୍ ସଙ୍ଗଠନର ରାଜ୍ୟ ତାଲିମ କେନ୍ଦ୍ର ପରିସରରେ ୨୬ ତାରିଖରୁ ଆରମ୍ଭ ହୋଇଥିବା ଜନଜାତି ଏବଂ ସପ୍ତଦଶ ସ୍କାଉଟ ଗାଇଡ୍ ମହାସମାବେଶ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅପରାହ୍ନର ଫୁଡ୍ ଭିଲାରେ ଗୋଟିଏ ଜାଗାରେ ରାଜ୍ୟର ବିଭିନ୍ନ ଅଞ୍ଚଳର ସୁଆଦିଆ ଖାଦ୍ୟର ମଜା ଶିବିରାର୍ଥୀ ଉଠାଇଥିଲେ। ଫୁଡ୍ ଭିଲାରେ ମୟୂରଭଞ୍ଜ ଜିଲା ବାରିପଦାର ମୁଢି ଓ ଚିକେନ, ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହାପ୍ରସାଦ ଓ ସମୁଦ୍ରକୂଳରେ ବିକ୍ରି ହେଉଥିବା ବିଭିନ୍ନ ଉପକରଣ ଉପଲବ୍ଧ ହୋଇଥିଲା। ସେହିପରି କନ୍ଧମାଳର ଦେଶୀ ଚିକେନ ଓ ପରଟା, କେନ୍ଦୁଝରର ପାଲୁଅ ଖିରି, ରାୟଗଡାର ସୁପ୍, ସମ୍ବଲପୁରର ଚାଉଳ ବରା ଉପଲବ୍ଧ ହେଉଥିଲା। ପୁଣି ସୁନ୍ଦରଗଡର ଚଣା, ଭଦ୍ରକର ପାଲୁଅ ଲଡୁ, ଖୁଆପିଠା, କଳାହାଣ୍ଡିର ଆରିଶା ପିଠା ଓ କାଞ୍ଜି କେନ୍ଦୁଝରର ପୋଡାମାଂସ ପିଠା, ବଳଦେବ ଜୀଉଙ୍କ ପ୍ରସାଦ, କଟକର ଦହିବରା, ଆଳୁଦମ, ଗଞ୍ଜାମର ଚକ୍ର ପାଙ୍ଗୁଲ୍ଲୁ, ଆମ୍ବୁଲ ଚାରୁ ପ୍ରଭୃତି ବିକ୍ରି ହେଉଥିଲା। ପ୍ରଭାତରେ ସ୍କାଉଟ ଓ ଗାଇଡ୍‌ମାନେ ନିଜ ନିଜର ନିୟମିତ କାର୍ଯ୍ୟକ୍ରମ ପରେ ଯୋଗ ଏବଂ ମାର୍ଶାଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପରେ ପୂର୍ବାହ୍ନ ୧୦ଟାରେ ଆଧ୍ୟାତ୍ମିକ ଗୁରୁ ସନ୍ଥ ମହାରାଜ ସମାବେଶସ୍ଥଳରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ସ୍କାଉଟ ଓ ଗାଇଡ୍‌ମାନଙ୍କୁ ନିଜର ବିକାଶ ପାଇଁ ଆବଶ୍ୟକ ତିନୋଟି ମୁଖ୍ୟ ମନ୍ତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଚରଣାନନ୍ଦ ଓଝା, ଭାରତ ସ୍କାଉଟ୍ ଗାଇଡର ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି କାଳିପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ରାମମୂର୍ତ୍ତି ଦୋରା ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସମ୍ପୂର୍ଣ୍ଣ ନିଆରା ସନ୍ଧ୍ୟାରେ ଆରମ୍ଭ ହୋଇଥିଲା ଶିବିରାଗ୍ନି ଉତ୍ସବ। ସଭାପତି ବିଷ୍ଣୁ ଚରଣ ଦାସ ଏହି ଶିବିରାଗ୍ନି ଉତ୍ସବକୁ ଉଦ୍‌ଘାଟନ କରି ସ୍କାଉଟ ଓ ଗାଇଡ୍‌ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ଲୋକସେବକ ମଣ୍ଡଳର ସମ୍ପାଦକ ତଥା ସମାଜର ମୁଦ୍ରକର ନିରଞ୍ଜନ ରଥ, କେନ୍ଦୁଝର ସବ୍‌ଡିଭିଜନାଲ ବନାଞ୍ଚଳ ଅଧିକାରୀ ଅଜିତ କୁମାର ଶତପଥୀ ଯୋଗ ଦେଇଥିଲେ। କନ୍ଧମାଳର ସ୍କାଉଟ୍ ଗାଇଡ୍‌ମାନଙ୍କ ଆମେ କୁଇ ଦିନା ରାଣୀ କନ୍ଧମାଳ ରାଣୀ ଆଦିବାସୀ ନୃତ୍ୟ ପରେ ସାଂସ୍କୃତିକ ଆସର ଲାଗି ରହିଥିଲା। ବିଭିନ୍ନ ଦିନଗୁଡିକରେ ହୋଇଥିବା ପ୍ରତିଯୋଗିତାରେ କୃତୀ ସ୍କାଉଟ ଗାଇଡ୍‌ମାନଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା ।

### ୧୪୪ ଧାରାକୁ ନମାନି ଚାଲିଛି ନିର୍ମାଣ କାର୍ଯ୍ୟ

## ମାମଲା ରୁଜୁ କରୁନି ଆଦର୍ଶ ଥାନା

**ଖୋର୍ଦ୍ଧା ଅଫିସ,୩୦।୧୨:** ଖୋର୍ଦ୍ଧା ଉପଜିଲାପାଳଙ୍କ କୋର୍ଟର ୧୪୪ ଧାରାକୁ ନମାନି ଖୋର୍ଦ୍ଧା ଟାଉନ ଥାନା ସାନପଲ୍ଲା ମୌଜା ଭାଲିଆବାଡିରେ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ପୋଲିସର ନିର୍ଦ୍ଦେଶକୁ ବି ଅବମାନନା କରିଛନ୍ତି ଗୃହ ନିର୍ମାଣକାରୀ। ଅନ୍ୟପକ୍ଷେ ଭାଲିଆବାଡିର କୃଷ୍ଣଚନ୍ଦ୍ର ଦାଶଙ୍କ ଅଭିଯୋଗକୁ ଖୋର୍ଦ୍ଧା ଟାଉନ ଥାନା ଗ୍ରହଣ କରିଥିଲେ ମଧ୍ୟ ମାମଲା ରୁଜୁ ନ କରି ଚୁପହୋଇ ବସିଛି। ମାମଲା ରୁଜୁ କରିବାରେ ଅସମର୍ଥ ପରେ ଆଦର୍ଶ ଥାନାର ମାନ୍ୟତା ପାଇଥିବା ଟାଉନ ଥାନାର ଆଇଆଇସିଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀକୃଷ୍ଣଙ୍କ ଅଭିଯୋଗ ଅନୁସାରେ, ପଡୋଶୀ ବ୍ୟକ୍ତି ତାଙ୍କ ଜମିକୁ ମଡାଇ ନିର୍ମାଣ କାର୍ଯ୍ୟ କରୁଛନ୍ତି। ପ୍ରତିବାଦ କରିବାରୁ ସୁଫଳ ନ ମିଳିବାରୁ ଉପଜିଲାପାଳଙ୍କ କୋର୍ଟରେ ଆଶ୍ରୟ ନେଇଥିଲେ। ଉପଜିଲାପାଳଙ୍କ କୋର୍ଟରେ ୨୮ ତାରିଖରେ ମିସ୍ କେସ୍ ନଂ . ୫୧୬/୨୦୧୮ରେ ୧୪୪ ଧାରା ଜାରି ହୋଇଛି। ଏ ନେଇ ଖୋର୍ଦ୍ଧା ଟାଉନ ଥାନାକୁ ମାମଲା ପହଞ୍ଚିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏପରି କି କୋର୍ଟ ନିର୍ଦ୍ଦେଶ ମୁତାବକ ନିର୍ମାଣ କାମ ବନ୍ଦ ରଖିବାକୁ ପରାମର୍ଶ ଦେଇଥିଲା। ତେବେ ପଡୋଶୀ କୋର୍ଟ ଓ ପୋଲିସର ନିର୍ଦ୍ଦେଶକୁ ଅବମାନନା କରି ନିର୍ମାଣ କାର୍ଯ୍ୟ ଚାଲୁ ରଖିଛନ୍ତି। ଏ ପରିକି ବାପପୁଅ ମିଳିତ ଭାବେ ଗଣ୍ଡଗୋଳ ଓ ମାରପିଟ କରୁଛନ୍ତି। ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ପରେ ପୋଲିସ ବୁଝିବା କହି ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢ଼ାଉ ନାହିଁ ବୋଲି କହିଛନ୍ତି ।

# ବିଜେଡି ବ୍ଲକ ସଭାପତିଙ୍କ ଘରକୁ ବୋମାମାଡ଼

**ଖୋର୍ଦ୍ଧା ଅଫିସ,୩୦।୧୨**

ଖୋର୍ଦ୍ଧା ବ୍ଲକ ସଭାପତି ପ୍ରକାଶ ରାଉତରାୟଙ୍କ ଗୁରୁଜଙ୍ଗ ଘର ଉପରକୁ ଶନିବାର ରାତି ପ୍ରାୟ ସାଢେ ୨ଟାରେ ବୋମା ଓ ଗୁଳିମାଡ ହୋଇଥିବା ଅଭିଯୋଗ ହୋଇଛି। ଏଥିରେ ଘରର ଅଳ୍ପ କିଛି ସ୍ଥାନ ନଷ୍ଟ ହୋଇଛି। ଘଟଣାସ୍ଥଳରୁ ବୋମାରେ ବ୍ୟବହୃତ ସୁତୁଲି ଖଣ୍ଡକୁ ପୋଲିସ ଜବତ କରିଛି। ଅଭିଯୋଗ ପାଇ ଖୋର୍ଦ୍ଧା ଟାଉନ ଥାନା ପୋଲିସ ୯(ବି) (ଆଇଇ) ଆକ୍ଟରେ ନଂ. ୫୦୬/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରଥମ ବୋମାଟି ପ୍ରାୟ ସାଢେ ୨ଟାରେ ପ୍ରକାଶଙ୍କ ଘର ଉପରକୁ ପକାଯାଇଥିଲା। ଶବ୍ଦ ଶୁଣି ପ୍ରକାଶ ଘର କବାଟ ଖୋଲିବା ପରେ ଲଗାତାର ୨ ବୋମାମାଡ ସହ ଗୁଳି ଚାଳନା କରାଯାଇଥିଲା। ତେବେ ପ୍ରକାଶ ବର୍ତ୍ତି ଯାଇଥିବା ବେଳେ ସିସିଟିଭିରେ ବୋମାମାଡ ସମୟର ଦୃଶ୍ୟ କଏଦ ହୋଇଛି। କିଏ ବୋମା ପକାଇଥିବା ଜଣାପଡିନି। କିନ୍ତୁ ପ୍ରକାଶଙ୍କ ଅଭିଯୋଗ ଓ ସୂଚନା ଅନୁସାରେ ବେଗୁନିଆର ପୂର୍ବତନ ବିଧାୟକ ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭ, ବେଗୁନିଆର ପ୍ରଭାତ ପ୍ରହରାଜ, ସୂର୍ଯ୍ୟ ମହାପାତ୍ରଙ୍କ ପ୍ରରୋଚନାରେ ଏହି ବୋମାମାଡ ଓ ଗୁଳି ଚାଳନା କରାଯାଇଥିବା ସନ୍ଦେହ କରୁଛନ୍ତି। ତଦନ୍ତକାରୀ ଅଫିସର ଶ୍ରୀନିବାସ ପ୍ରଧାନ କୁହନ୍ତି, ପ୍ରକାଶଙ୍କ ଘର ସମ୍ମୁଖରୁ ବୋମାମାଡ ପରେ କିଛି ନମୁନା ଜବତ ହୋଇଛି। ତେବେ ଖୋକା ଜବତ ହୋଇନାହିଁ। ଗୁଳିମାଡ ହୋଇଛି କି ନାଁ ତଦନ୍ତ ଜାରି ରହିଛି। ଏହି ଘଟଣାରେ କେଉଁମାନେ ସମ୍ପୃକ୍ତି ଅଛନ୍ତି ତା'ର ତଦନ୍ତ ଜାରି ରହିଛି ବୋଲି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ରିଷଭ ନନ୍ଦଙ୍କୁ ପଚାରିବାରେ ପ୍ରକାଶ ମୋ ନାଁରେ ଯେଉଁ ଅଭିଯୋଗ ଆଣିଛନ୍ତି ସେ ଏହା ଜାଣିନାହାନ୍ତି। ତେବେ ମୋତେ ଓ ମୋର ସହଯୋଗୀଙ୍କୁ ଆକ୍ରମଣ ଘଟଣା ପରେ ବେଗୁନିଆ ଥାନା ମାମଲାରେ ପ୍ରକାଶ ଗିରଫ ହୋଇଥିଲେ। ଏଣୁ ମୋତେ ଓ ମୋର ସହଯୋଗୀଙ୍କୁ ଫସାଇବାକୁ ଉଦ୍ୟମ ସବୁବେଳେ ଚାଲିଛି। ଅଭିଯୋଗର ତଦନ୍ତ କରାଗଲେ ସତ୍ୟ ପଦାକୁ ଆସିବ।

■ ଆଜମଗଡ଼ରେ ହନୁର ରଙ୍ଗ ମହୋତ୍ସବ

# କଳାକାରମାନେ ପାଇଲେ ୭ ପୁରସ୍କାର

**ଖୋର୍ଦ୍ଧା ଅଫିସ,୩୦।୧୨**

ଉତ୍ତରପ୍ରଦେଶର ଆଜମଗଡ଼ରେ ଚାଲିଥିବା ହନୁର ରଙ୍ଗ ମହୋତ୍ସବରେ ନାଟକର କଳାକାରମାନେ ୭ଟି ପୁରସ୍କାର ରବିବାର ହାତେଇଛି। ଖୋର୍ଦ୍ଧାର ଓଡିଆ ନାଟକ 'କିସ୍ ମିଁକେ ବନେ ହୁଏ ହୋ' ଶ୍ରେଷ୍ଠ ନାଟକ ଭାବେ ପୁରସ୍କୃତ ହୋଇଛି। ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଲିପ୍‌ସା ଦାସ ପୁରସ୍କୃତ ହୋଇଛନ୍ତି। ସେହିଭଳି ନିର୍ଦ୍ଦେଶକ ସନ୍ତୋଷ ମହାନ୍ତି, ନାଟ୍ୟକାର ଧନେଶ୍ୱର ସାହୁ, ଶ୍ରେଷ୍ଠ ନୃତ୍ୟଶିଳ୍ପୀ ସୁଧୀର ନାୟକ, ଜାଦୁଗର ଜିତେନ୍ଦ୍ର କୁମାର ସାହୁ, ୨ୟ ଶ୍ରେଷ୍ଠ ନୃତ୍ୟଶିଳ୍ପୀ ଶ୍ରୀକାନ୍ତ ସାହୁ ପ୍ରମୁଖ ଅନୁରୂପ ଭାବେ ପୁରସ୍କୃତ ହୋଇଛନ୍ତି। ପ୍ରକାଶଥାଉ କି ଆଜମଗଡରେ ଗତ ୨୬ ତାରିଖରୁ ୫ ଦିନ ଧରି ଚାଲୁ ରହିଥିବା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ଭାରତର ବିଭିନ୍ନ ରାଜ୍ୟର ୮୦ଟି ନାଟ୍ୟଦଳର ୧୨୦୦ କଳାକାର ସେମାନଙ୍କ କଳା ପରିବେଷଣ କରିଥିଲେ। ଖୋର୍ଦ୍ଧା ଆନ୍ଦୋଳନର ୧୬ ଜଣ କଳାକାର ଏଥିରେ ଯୋଗ ଦେଇଥିଲେ। କଳାକାର ଶ୍ରୀକାନ୍ତ କୁମାର ସାହୁଙ୍କ ନବଦୁର୍ଗାଙ୍କ ନବରୂପର ନୃତ୍ୟ, ସୁଧୀର ନାୟକଙ୍କ ସିଂହ ବାହିନୀନୃତ୍ୟ ଓ ଲିପସା ଦାସଙ୍କ ସଙ୍ଗୀତ ପରିବେଷଣ ଦର୍ଶକ ଓ ବିଚାରପତିଙ୍କୁ ଆକର୍ଷିତ କରିଥିଲା। ଜିତେନ୍ଦ୍ର ସାହୁଙ୍କ ହାସ୍ୟାରସାତ୍ମକ ଢଙ୍ଗରେ ମ୍ୟାଜିକ ପ୍ରଦର୍ଶନ ଦର୍ଶକଙ୍କ କରତାଳି ସାଉଁଟିଥିଲା। ଅପରପକ୍ଷେ ଜଲ୍‌ସାରେ ଆନ୍ଦୋଳନର ରାଧାକୃଷ୍ଣ ରାସ ନୃତ୍ୟ ଅନୁରୂପ ଆକର୍ଷଣୀୟ ଥିଲା। ସେହିଭଳି ନାରୀ ସଶକ୍ତୀକରଣ ନାଁରେ ମହିଳା କିଭଳି ଉଚ୍ଛୃଙ୍ଖଳିତ ହେଉଛନ୍ତି ତାହା ହାସ୍ୟରସାତ୍ମକ ଢ଼ଙ୍ଗରେ ଓଡିଆ ନାଟକ କିସ୍ ମିଁକେ ବନେ ହୁଏରେ ଦେଖି ଦର୍ଶକ ବିମୁଗ୍ଧ ହୋଇଥିଲେ।




ଆଜମଗଡ଼ରେ ଆନ୍ଦୋଳନର କଳାକାରମାନେ ରୋଡ 'ଶୋ'ରେ ଯାଉଛନ୍ତି।

■ ବୋଲଗଡ଼ ମହୋତ୍ସବ ଉଦ୍‌ଯାପିତ

# ବ୍ୟଙ୍ଗ କବିତା ଦର୍ଶକଙ୍କୁ ବାନ୍ଧି ରଖିଲା

**ଖୋର୍ଦ୍ଧା ଅଫିସ/ବୋଲଗଡ, ୩୦।୧୨ (ଡି.ଏନ.ଏ.)**

୧୫ତମ ବୋଲଗଡ଼ ମହୋତ୍ସବ ଆଶା ରବିବାର ଉଦ୍‌ଯାପିତ ହୋଇଯାଇଛି। ଗାନ୍ଧିଜୀଙ୍କର ୧୫୦ତମ ଜୟନ୍ତୀ ଉଦ୍ଦେଶ୍ୟରେ ଗାନ୍ଧୀଙ୍କ ବୋଲଗଡ ଆଗମନକୁ ମନେ ପକାଇ ବିନମ୍ର ଶ୍ରଦ୍ଧାଞ୍ଜଳି ଦେବା ସହ ଚଳିତବର୍ଷର ମହୋତ୍ସବକୁ ସମର୍ପିତ କରାଯାଇଥିଲା। ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ବାହିନୀର ରାଜ୍ୟ ସଂଯୋଜକ ଅରୁପ ପଟ୍ଟନାୟକ, ମହୋତ୍ସବ କମିଟିର ବରିଷ୍ଠ ଉପଦେଷ୍ଟା ରବୀନ୍ଦ୍ର କୁମାର ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡଙ୍ଗୀ, ବ୍ଲକ ଯୁବ ବିଜେଡି ସଭାପତି ରବୀନ୍ଦ୍ର ସୁବୁଦ୍ଧି, କମିଟିର ସାଧାରଣ ସମ୍ପାଦକ ବୀର କିଶୋର ଉପଦେଷ୍ଟା ଲଲାଟେନ୍ଦୁ କେଶରୀ ସିଂହ ସମ୍ପାଦକ ନାରାୟଣ ମାର୍ଥା, ସନାତନ ପାଟଶାଣୀ ମନୋଜ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପୂଜ୍ୟପୂଜା ସମ୍ବର୍ଦ୍ଧନାରେ ପ୍ରଫେସର ବିଶ୍ୱଜିତ ପ୍ରଧାନଙ୍କୁ ବୋଲଗଡ଼ ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବୋଲଗଡ ସମ୍ମାନରେ ଡା. ଅମୃତ ପାଟଶାଣୀ, ନିଶିକାନ୍ତ କହଲସିଂହ, ମଧୁସୂଦନ ସୁବୁଦ୍ଧି, ପ୍ରହ୍ଲାଦ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦୂରଦର୍ଶନ କଳାକାର ବିଭୁ ମିଶ୍ର ବ୍ୟଙ୍ଗାତ୍ମକ କବିତାଗାନ କରି ଉପସ୍ଥିତ ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା। ସେହିଭଳି ରବୀନ୍ଦ୍ର କୁମାର ରାଉତଙ୍କ ବ୍ୟଙ୍ଗ ଏବଂ ବିଶ୍ୱ ଓ ଭଗବାନ ବେହେରା ସଂଳାପ ଦର୍ଶକମାନଙ୍କ ମନ ଜିଣିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅସରଳା ଗ୍ରାମର ନିବାସ ବଳିୟାରସିଂହ ଓ ସାଥୀମାନେ ସଂକୀର୍ତ୍ତନ ଏବଂ ଧଳାପଥର ଗ୍ରାମର ପ୍ରହଲ୍ଲାଦ ବାରିକ ଓ ସାଥୀମାନଙ୍କ ଦ୍ୱାରା ଖଞ୍ଜଣି ଭଜନ ପରିବେଷଣ କରାଯାଇଥିଲା। ପରେ ନୂଆଗାଁ ବୀଣାପାଣି ପାଲା ସଂସଦ ପକ୍ଷରୁ ପାଲା ଏବଂ ବୋଲଗଡ ସୃଷ୍ଟି କଲଚରାଲ ଅନୁଷ୍ଠାନ କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ ବେଶ ଉପଭୋଗ୍ୟ ହୋଇଥିଲା। ରାଜସ୍ଥାନୀ ଲୋକ ନୃତ୍ୟ ଓ ପଶ୍ଚିମ ବଙ୍ଗର ମନୋଅକ୍ସନ ପ୍ଲେ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଅପରପକ୍ଷରେ ସମ୍ବଲପୁରର ମୀନାକ୍ଷୀ ଆଣ୍ଡ ଗ୍ରୁପ କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ ଏବଂ ଭୁବନେଶ୍ୱର ସଂଘାରୀ ମଡର୍ନ ଡ୍ୟାନ୍ସ କଳାକାରଙ୍କ ମଡର୍ନ ଡ୍ୟାନ୍ସ ଚମତ୍କାର ଥିଲା। ମହୋତ୍ସବରେ ୪୫୫ ଷ୍ଟଲ ପଡିଥିଲା। ଅନ୍ୟପକ୍ଷରେ ମିନା ବଜାର ସାଙ୍ଗକୁ ଦୋଳି ଦେଖିବାକୁ ମିଳିଥିଲା।



ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।



ମନୁଷ୍ୟ ନିଜର ଓ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ଯିଏ ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ, ସିଏ ଚୋର ଅଟେ।
–ବ୍ୟାସଦେବ



## ସଂକ୍ଷେପରେ

### ଦିଅର ଆକ୍ରମଣରେ ଭାଉଜ ଗୁରୁତର

**ନିମାପଡ଼ା,୩୦।୧୨(ଡି.ଏନ୍.ଏ.):** ନିମାପଡ଼ା ଥାନା ଅନ୍ତର୍ଗତ ଦିଘାଲୋ ଗ୍ରାମରେ ରବିବାର ଦୁଇ ଦିଅରଙ୍କ ଆକ୍ରମଣରେ ଭାଉଜ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ.୩୮୨/୧୮)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଦିଘାଲୋ ଗ୍ରାମର ଉର୍ମିଳା ଭୋଇଙ୍କ ଘରେ କେହି ନ ଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଟଙ୍କା ନେଇଯାଇଥିଲେ। ଏହି ଟଙ୍କା ନେବାକୁ କେନ୍ଦ୍ରକରି ଉର୍ମିଳା ଗାଳିଗୁଲଜ କରୁଥିଲେ। ଏଥିରେ କ୍ରୋଧାନ୍ୱିତ ହୋଇ ଦିଅର ମନୁଆ ଓ ଗନୁଆ ଭୋଇ ଉଭୟେ ଭାଉଜ ଉର୍ମିଳାଙ୍କୁ ଗାଳି କରିବା ସହ ଲୁହା ରଡରେ ଆକ୍ରମଣ କରିଥିଲେ। ଉର୍ମିଳାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ନିମାପଡ଼ାରୁ ଅପହୃତ ନାବାଳିକା ଛାତ୍ରୀ ଝାରସୁଗୁଡ଼ାରୁ ଉଦ୍ଧାର

**ନିମାପଡ଼ା,୩୦।୧୨(ଡି.ଏନ୍.ଏ.):** ନିମାପଡ଼ାରୁ ଅପହୃତ ନାବାଳିକା ଛାତ୍ରୀଙ୍କୁ ୩୫ଦିନ ପରେ ଝାରସୁଗୁଡା ଅଞ୍ଚଳରୁ ଉଦ୍ଧାର କରିଛି ନିମାପଡ଼ା ଥାନା ପୋଲିସ। ପୋଲିସ ସୂଚନା ଅନୁଯାୟୀ, ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକା କଲେଜ ଛାତ୍ରୀଙ୍କୁ ନୟାଗଡ ଜିଲା ଖଣ୍ଡପଡା ଥାନା ଅଞ୍ଚଳର ଜଣେ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ୨୪ ନଭେମ୍ବର ୨୦୧୮ରେ କେଉଁଆଡେ ନେଇଯାଇଥିଲେ। ଏ ସମ୍ପର୍କରେ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୩୪୯/୧୮)ରୁଜୁ କରି ତଦନ୍ତ ଚଳାଇଥିଲା। ବିଶେଷ ସୂତ୍ରରୁ ଖବରପାଇ ନିମାପଡ଼ା ଥାନାର ଏକ ସ୍ୱତନ୍ତ୍ର ପୋଲିସ ଟିମ ଝାରସୁଗୁଡା ଅଞ୍ଚଳରେ ଚଢ଼ାଉ କରି ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିଥିଲା। ଏହା ସହ ଅପହରଣକାରୀ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଉଭୟ ଝାରସୁଗୁଡା ଅଞ୍ଚଳରେ ଏକ ଘରଭଡା ନେଇ ରହୁଥିବା ପୋଲିସ ସୂତ୍ରରୁ ଜଣାପଡିଛି।

### ନିମାପଡ଼ାରେ ବଗ ମଡ଼କ, ଲୋକେ ଆତଙ୍କିତ

**ନିମାପଡ଼ା,୩୦।୧୨(ଡି.ଏନ୍.ଏ.):** ନିମାପଡ଼ା ଅଞ୍ଚଳରେ ବଗ ମଡ଼କ ଦେଖାଦେଇଛି। ସ୍ଥାନୀୟ ଏନ୍ଏସି ଅନ୍ତର୍ଗତ ପାଟପୁର ଅଞ୍ଚଳରେ ଥିବା ଲିଙ୍ଗ ପୋଖରୀ ନିକଟରେ ରବିବାର କେତେକ ବଗ ମରିପଡିଥିବା ଜଣାପଡିଛି। ଏହା ସହ ବିଲ, ପୋଖରୀ ହୁଡାରେ ବଗ ମରି ପଡିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ବଗ ମଡ଼କ ନେଇ ନିମାପଡ଼ା ଅଞ୍ଚଳରେ ବାର୍ଡ ଫ୍ଲୁ ହୋଇଥିବା ଆଶଙ୍କା ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଜଗବନ୍ଧୁ ବେହେରା କୁହନ୍ତି, ବଗ ମଡ଼କ ସମ୍ପର୍କରେ କୌଣସି ସୂଚନା ନାହିଁ। ସୂଚନା ମିଳିଲେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ମହିଳା ସଚେତନତା ଶିବିର

**ସାକ୍ଷୀଗୋପାଳ, ୩୦।୧୨(ଡି.ଏନ୍.ଏ.):** ସ୍ଥାନୀୟ ଆଦର୍ଶ ଗ୍ରାମ ନୂଆଗାଁ ଜନସେବା କେନ୍ଦ୍ର ଆନୁକୂଲ୍ୟରେ ଏକ ମହିଳା ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ରନ୍ଧନ ଗ୍ୟାସ୍, ସାନିଟାରି ନାପକିନ୍ ବ୍ୟବହାର କ୍ଷେତ୍ରରେ ସତର୍କତା ଓ ସୁରକ୍ଷା ନିମନ୍ତେ ଶିବିରରେ ବିସ୍ତୃତ ଆଲୋଚନା କରାଯାଇଥିଲା। 'ସ୍ୱାଦ'ର ସମ୍ପାଦିକା ବୀଣାପାଣି ମିଶ୍ର, ଉଜ୍ଜ୍ୱଳା ଯୋଜନାର ଜିଲା ସଂଯୋଜିକା ମଧୁସ୍ମିତା ମହାପାତ୍ର, ସତ୍ୟବାଦୀ ବ୍ଲକ ସଂଯୋଜକ ଗଙ୍ଗାଧର ବାରିକ, ଭାଜପା ମହିଳା ମୋର୍ଚ୍ଚା କର୍ମକର୍ତ୍ତା ଜ୍ୟୋତି ମହାପାତ୍ର ଓ ସବିତା ପୃଷ୍ଟି, ରିୟା ଭାରତ ଗ୍ୟାସ୍ର ସାଜିତ ଖାନ୍, ଲକ୍ଷ୍ମୀଧର ନାୟକ, ସଫିଉଲ୍ଲା ଖାନ୍ ଓ ମୀର୍ ଅବ୍ଦୁଲ ଇମ୍ରାନ ପ୍ରମୁଖ ଯୋଗଦେଇଥିଲେ।

### ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଦିବସ ପାଳିତ

**ସାକ୍ଷୀଗୋପାଳ, ୩୦।୧୨(ଡି.ଏନ୍.ଏ.):** ବକୁଳବନ ସ୍ଥିତ ପଞ୍ଚସଖା ସ୍ମୃତି ସମାଧି ପୀଠରେ ରବିବାର ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ଦିବସ ସତ୍ୟବାଦୀ ଶାଖା ସଭାପତି ଦୀନକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ କାମ କରିଥିବା ଏହି ସଂଗଠନର ସ୍ୱର୍ଗତ କର୍ମକର୍ତ୍ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପୁରୀ ଜିଲା ସଭାପତି ଭୀମସେନ ମହାପାତ୍ର, ସଦସ୍ୟ ଦେବୀ ପ୍ରସାଦ ମହାପାତ୍ର ଆଲୋଚନାରେ ଭାଗ ନେଇଥିଲେ।

■ ନିଷ୍ପତ୍ତି ନେଇପାରିନି ବାସ୍ତବ ରୂପ

# ପରିକଳ୍ପନାରେ ରହିଯାଇଛି ଐତିହ୍ୟ ସଂଗ୍ରହାଳୟ

**ପୁରୀ ଅଫିସ,୩୦।୧୨**


ସଂଗ୍ରହାଳୟ ପାଇଁ ଚିହ୍ନଟ ହୋଇଥିବା ଗୃହ।

ପବିତ୍ର ପାବନ ଭୂମି ଶ୍ରୀକ୍ଷେତ୍ର। ଲୀଳାମୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର। ଏଠାକାର ମାଟି, ପାଣି, ପବନ ସବୁଥିରେ ଭରି ରହିଛି ପବିତ୍ରତା। ପ୍ରାଚୀନ କାଳରେ ଏହି ଧାମକୁ ଛୁଟି ଆସିଥିଲେ ବହୁ ସାଧୁସନ୍ଥ, ମହାପୁରୁଷ ଓ ମହାମନିଷୀ। ସେମାନଙ୍କ ମଧ୍ୟରୁ ଅନେକ ପୁରୁଷୋତ୍ତମ କ୍ଷେତ୍ରରେ ସାଧନା କରି ସିଦ୍ଧିପ୍ରାପ୍ତି ହୋଇଛନ୍ତି। କେହି ସିଦ୍ଧିପ୍ରାପ୍ତି ପରେ ନିଜ ମାଟିକୁ ଫେରିଯାଇଛନ୍ତି ତ ପୁଣି କେହି ଶ୍ରୀକ୍ଷେତ୍ରରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେମାନଙ୍କ ସ୍ୱାକ୍ଷର ସ୍ୱରୂପ ପୁରୀରେ ଗଢିଉଠିଛି ବହୁ ମଠ ଓ ଆଶ୍ରମ। ଏମିତି ଅନେକ ସାଧୁସନ୍ଥ ଏବଂ ସିଦ୍ଧି ପୁରୁଷଙ୍କୁ କୋଳେଇ ନେଇଥିବା ଶ୍ରୀକ୍ଷେତ୍ର ମାଟିରେ ଏକ ଐତିହ୍ୟ ସଂଗ୍ରହାଳୟର ପରିକଳ୍ପନା କରାଯାଇଥିଲା। ଯେଉଁଥିରେ ଏହି ମହାପୁରୁଷମାନଙ୍କ ସ୍ମୃତିକୁ ପ୍ରଦର୍ଶିତ କରିବା ଲାଗି ନିଆଯାଇଥିଲା ନିଷ୍ପତ୍ତି। ହେଲେ ଏହି ନିଷ୍ପତ୍ତି ବାସ୍ତବ ରୂପ ନେଇପାରିନାହିଁ। ଐତିହ୍ୟ ସଂଗ୍ରହାଳୟର ପରିକଳ୍ପନା କେବଳ ସେହି ପରିକଳ୍ପନାରେ ହିଁ ରହିଯାଇଛି।

ଭାରତର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥ ଏବଂ ମହାପୁରୁଷଙ୍କ ପାଦ ପଡିଛି ଶ୍ରୀକ୍ଷେତ୍ର ମାଟିରେ। ସେମାନଙ୍କ ମଧ୍ୟରୁ ସନ୍ଥ କବୀର, ତୁଳସୀ ଦାସ, ବଲ୍ଲଭାଚାର୍ଯ୍ୟ, ଶ୍ରୀନିମ୍ବାର୍କାଚାର୍ଯ୍ୟ, ଶ୍ରୀରାମାନୁଜାଚାର୍ଯ୍ୟ, ଶ୍ରୀରାମାନନ୍ଦାଚାର୍ଯ୍ୟ, ଶ୍ରୀଚୈତନ୍ୟ ଜଣେ ଜଣେ ଉଦାହରଣ ମାତ୍ର। ମହାପ୍ରଭୁଙ୍କ ସାନ୍ନିଧ୍ୟ ସହ ସାଧନା ଏବଂ ସିଦ୍ଧିପ୍ରାପ୍ତି ଆଶାରେ ଅନେକ ମହାପୁରୁଷ ଏବଂ ସନ୍ଥସନ୍ୟାସୀ ପୁରୀରେ ମଠବାଡି ଓ ଆଶ୍ରମ କରି ରହୁଥିଲେ। ଯେଉଁମାନଙ୍କ ପାଇଁ ମଠ ସଂସ୍କୃତିକୁ ନେଇ ଆଜି ପୁରୀ ସହର ସମୃଦ୍ଧ। ହେଲେ ସେହି ମହାପୁରୁଷ ଆଜି ନାହାନ୍ତି ସିନା କିନ୍ତୁ ସ୍ମୃତି ସ୍ୱରୂପ ସେମାନଙ୍କ ବ୍ୟବହୃତ ସାମଗ୍ରୀ ବିଭିନ୍ନ ମଠ ଓ ଆଶ୍ରମର ଶୋଭାବର୍ଦ୍ଧନ କରୁଛି। ଇତିହାସରୁ ପ୍ରମାଣ ମିଳେ ଅଖଣ୍ଡ ଭାରତବର୍ଷରୁ ୧୧୫ ଜଣ ସାଧୁସନ୍ଥ, ମହାପୁରୁଷ ଓ ଦାର୍ଶନିକ ଶ୍ରୀକ୍ଷେତ୍ର ଧାମକୁ ଆସି ଶ୍ରୀଜଗନ୍ନାଥଙ୍କ ଉପାସନା ସହିତ ସାମିଲ ହୋଇଥିଲେ। ଏହାପରେ ଏକ ସାଂସ୍କୃତିକ ସଂହତିର ଭିତ୍ତିଭୂମି ଭାରତ ବର୍ଷରେ ଗଢିଉଠିଥିଲା। ଏହିଭଳି ଏକ ମହାନ ପରାମ୍ପରା ସହ ସମ୍ପୃକ୍ତ ଥିବା ସାଧୁସନ୍ଥ ଓ ମହାପୁରୁଷଙ୍କ ସମ୍ପର୍କରେ ସବିଶେଷ ସୂଚନା ଗୋଟିଏ ଜାଗାରୁ ପାଇବା ଲାଗି ଐତିହ୍ୟ ସଂଗ୍ରହାଳୟର ପରିକଳ୍ପନା ହୋଇଥିଲା।

୨୦୧୭ରେ ପୁରୀ ସହରର ୨୭୪ଟି ଐତିହ୍ୟସ୍ଥଳୀ ଚିହ୍ନଟ ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୫୪ଟି ଐତିହ୍ୟସ୍ଥଳୀର ବିକାଶ ଲାଗି ଜିଲା ପ୍ରଶାସନ ଉଦ୍ୟମ ଆରମ୍ଭ କରିଥିଲା। ଏଥିଲାଗି ଏକ ଐତିହ୍ୟ କମିଟି ଗଠନ କରାଯାଇଥିଲା। ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଏସ୍ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଐତିହ୍ୟ କମିଟି ସଦସ୍ୟଙ୍କୁ ସାଥିରେ ନେଇ ୫୪ଟି ଐତିହ୍ୟସ୍ଥଳୀର ଅନୁଧ୍ୟାନ କରିଥିଲେ। ସେହି ସମୟରେ ସୁନାର ଗୌରାଙ୍ଗ ମଠ ପରିସରରେ ୨ କୋଠାରେ ଐତିହ୍ୟ ସଂଗ୍ରହାଳୟ କରାଯିବା ଲାଗି ହୋଇଥିଲା ବିଚାର ବିମର୍ଶ। ସେହି ୨ କୋଠା ବହୁ ପୁରାତନ ହୋଇଥିବାରୁ ତାହାକୁ ସଂରକ୍ଷିତ କରି ରଖିବା ଲାଗି ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଥିଲା। ସୁନାର ଗୌରାଙ୍ଗ ମଠର ଜଣେ ଅଧିକାରୀଙ୍କ ସହିତ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଏସ୍ପି ଡା. ସାର୍ଥକ ଷଡ଼ଙ୍ଗୀ, ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଆଲୋଚନା କରିଥିଲେ। ସମ୍ପୃକ୍ତ ଅଧିକାରୀ ରାଜି ହେବା ପରେ ଐତିହ୍ୟ ସଂଗ୍ରହାଳୟ ଲାଗି ଟିକିନିଖି ଅନୁଧ୍ୟାନ କରାଯାଇଥିଲା। ଏହା ପରଠାରୁ ଏହି ସଂଗ୍ରହାଳୟ ପରିକଳ୍ପନା ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ବଦଳି ଯାଇଛନ୍ତି ଜିଲାପାଳ ଆଉ ସଂଗ୍ରହାଳୟ କଥା ପାସୋରି ଦେଇଛନ୍ତି ଅନ୍ୟ ଅଧିକାରୀ।

ଏ ସମ୍ପର୍କରେ ଐତିହ୍ୟ କମିଟି ସଦସ୍ୟ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଏହି ସଂଗ୍ରହାଳୟରେ ସାଧୁସନ୍ଥ, ମହାପୁରୁଷଙ୍କ ଫଟୋଚିତ୍ର ଓ ତଥ୍ୟ ସମ୍ବଳିତ ସେମାନଙ୍କ ସମ୍ପ୍ରଦାୟର ଇତିହାସ ପ୍ରଦର୍ଶିତ ହୋଇଥାନ୍ତା। ଏହାଦ୍ୱାରା ଭାରତର ସବୁ ରାଜ୍ୟରୁ ଆସୁଥିବା ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ସେମାନଙ୍କ ବିଷୟରେ ଅବଗତ ହୋଇପାରିଥାନ୍ତେ। ପୁଣି ଏକ ସମୃଦ୍ଧ ସାଂସ୍କୃତିକ ସଂହତିର ବାର୍ତ୍ତା ସମଗ୍ର ଭାରତରେ ପ୍ରଚାରିତ ହୋଇଥାନ୍ତା। ତେଣୁ ଏ ଦିଗରେ ଜରୁରୀ ପଦକ୍ଷେପ ନେବା ଦରକାର ବୋଲି ଡ. ମିଶ୍ର କହିଛନ୍ତି।


ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ଗହଳି।

## ଉଚ୍ଛୁଳି ପଡୁଛି ଶ୍ରୀକ୍ଷେତ୍ର

**ପୁରୀ ଅଫିସ,୩୦।୧୨**

ପୁରୁଣା ବର୍ଷକୁ ବିଦାୟ ଓ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହୋଇଯାଇଛି ପୁରୀ ସହର। ଭକ୍ତ, ପର୍ଯ୍ୟଟକଙ୍କ ଭିଡ଼ରେ ଉଚ୍ଛୁଳି ପଡୁଛି ଶ୍ରୀକ୍ଷେତ୍ର। ହୋଟେଲ, ଲଜ୍, ରେସ୍ତୋରାଁ, ହଲିଡେ ହୋମ୍ଗୁଡିକ ପୂରା ପ୍ୟାକ୍। ସମସ୍ତଙ୍କ ଅପେକ୍ଷା ୩୧ ତାରିଖ ରାତି ୧୨ଟା ଜିରୋ ନାଇଟ୍ ସେଲିବ୍ରେଶନକୁ। ମଉଜ, ମସ୍ତିରେ ସ୍ୱାଗତ କରିବେ ନୂଆବର୍ଷ ୨୦୧୯କୁ। ସଜେଇ ହୋଇଛି ସହରର ବଡ଼ ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟ। ରଙ୍ଗିନ ଆଲୋକମାଳାରେ ଝଲସି ଉଠୁଥିବାବେଳେ ବିଶେଷକରି ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ କେତେକ ହୋଟେଲରେ ମଧ୍ୟ ବିଶେଷ କାର୍ଯ୍ୟକ୍ରମ ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଭକ୍ତ ଓ ପର୍ଯ୍ୟଟକଙ୍କ ନିରାପଦ ସ୍ନାନ ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

## 'ଓଡ଼ିଆ ଭାଷାର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ'


ଆଲୋଚନାଚକ୍ରରେ ଯୋଗଦେଇଥିବା ବ୍ୟକ୍ତିବିଶେଷ।

**ପୁରୀ ଅଫିସ,୩୦।୧୨**

ଭାଷା ହେଉଛି ଗୋଟିଏ ଜାତି ପରିଚୟ। ଭାଷାରୁ ଗୋଟିଏ ଜାତିର ସଂସ୍କୃତି ପରାମ୍ପରା ସମ୍ପର୍କରେ ଜଣାପଡିଥାଏ। ଭାଷାର ସୁରକ୍ଷା ଲାଗି ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି। ଏନେଇ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ଭାଷା ସୁରକ୍ଷା ପ୍ରତିଷ୍ଠାନ ପକ୍ଷରୁ ବଡଦାଣ୍ଡସ୍ଥିତ ପଦ୍ମିନୀ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ପ୍ରତିଷ୍ଠାନ ସଭାପତି ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ 'ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆମେ ସଂକଳ୍ପବଦ୍ଧ' ଶୀର୍ଷକ ଆଲୋଚନାଚକ୍ରରେ ଶିକ୍ଷାବିତ୍ ଲିଙ୍ଗରାଜ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଲେ ଯେ, ଓଡ଼ିଆ ଭାଷା ଏକ ପ୍ରାଚୀନ ଭାଷା। ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଲାଗି ଓଡ଼ିଆ ଭାଷାର ସୁରକ୍ଷା ଜରୁରୀ। ଅତୀତରେ ଓଡ଼ିଆ ଭାଷାର ସୁରକ୍ଷା ଲାଗି ରାଧାନାଥ ରାୟ, ନୀଳକଣ୍ଠ ଦାଶ, ମଧୁସୂଦନ ରାଓ ପ୍ରମୁଖ ବହୁ ଉଦ୍ୟମ କରିଛନ୍ତି। ଜଣେ ଓଡ଼ିଆ ଭାବେ ପ୍ରତ୍ୟେକ ବ୍ୟକ୍ତି ନିଜ ମାତୃଭାଷାକୁ ନେଇ ଗର୍ବ ଅନୁଭବ କରନ୍ତୁ। ଓଡ଼ିଆରେ ଲେଖିବାରେ ଅଭ୍ୟାସ କରିବା ସହ ସଭାସମିତିରେ ଇଂଲିଶ ବଦଳରେ ଓଡ଼ିଆରେ କହିବା ଲାଗି ପ୍ରୟାସ କରନ୍ତୁ ବୋଲି ସେ କହିଥିଲେ। ଖବରଦାତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ର, ଡ.ରମାକାନ୍ତ କର, ରବି ନାରାୟଣ ହୋତା, ପିତାମ୍ବର ମହାପାତ୍ର, ପଦ୍ମିନୀ ଦାଶ, ଚାରୁଲତା ମିଶ୍ର, ଗଦାଧର ନନ୍ଦ, ସୁରେଶ ପଟ୍ଟନାୟକ, ଲଲାଟେନ୍ଦୁ ମିଶ୍ର ଓ ଜୟକୃଷ୍ଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ,ଅଧ୍ୟାପକ ଦୟାନିଧି ପଣ୍ଡା ଓ ଅଶୋକ କୁମାର ଆଢ୍ୟ ଏହାକୁ ପରିଚାଳନା କରିଥିଲେ।

■ ସାର୍ବଭୌମ ଭକ୍ତ ସମ୍ମିଳନୀ ଉଦ୍ଯାପିତ

## ନିଗମାନନ୍ଦଙ୍କ ନୀତି ଆଦର୍ଶକୁ ପାଥେୟ କର: ଗଜପତି

**ପୁରୀ ଅଫିସ,୩୦।୧୨**


କାର୍ଯ୍ୟକ୍ରମରେ ଗଜପତି ମହାରାଜା ଦିବ୍ୟସିଂହଦେବ ଓ ଅନ୍ୟମାନେ।

ଶ୍ରୀ ନିଗମାନନ୍ଦ ସାରସ୍ୱତ ଆଶ୍ରମ ଆନୁକୂଲ୍ୟରେ ମାଳତିପାଟପୁରସ୍ଥିତ ରାହାଙ୍ଗିରିଆଠାରେ ୪ଦିନ ଧରି ଚାଲିଥିବା ୧୦୪ତମ ସାର୍ବଭୌମ ଭକ୍ତ ସମ୍ମିଳନୀ ଶନିବାର ଉଦ୍ଯାପିତ ହୋଇଯାଇଛି। ସାରସ୍ୱତ ମଠ ମହନ୍ତ ମହାରାଜ ଜ୍ଞାନାନନ୍ଦ ସରସ୍ୱତୀ ମହାରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଯାପନୀ ଦିବସରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେଇ ନିଗମାନନ୍ଦଙ୍କ ଆଦର୍ଶ ଓ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ନିଗମାନନ୍ଦ ଦେଖାଇ ଯାଇଥିବା ନୀତି ଆଦର୍ଶକୁ ଅନୁସରଣ କରିବାକୁ ପରାମର୍ଶ ସେ ଦେଇଥିଲେ।

ପ୍ରଜ୍ଞାନ ମିଶନ ଅଧ୍ୟକ୍ଷ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ଝାଞ୍ଜପିଟା ମଠ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସବାବାଜୀ ମହାରାଜ, ହାଓଡା ଶ୍ରୀରାମେଶ୍ୱର ଟ୍ରଷ୍ଟ ଅଧ୍ୟକ୍ଷ ସ୍ୱାମୀ ତ୍ରିଭୁବନ ପୁରୀଜୀ ମହାରାଜ, ମାନବାଧିକାର ଆସୋସିଏଶନ ସଭାପତି ଡ. ଏମ୍.ୟୁ. ଦୁଆ, ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମିଳନୀରେ ନିଗମାନନ୍ଦଙ୍କ ଗୃହସ୍ଥ ଜୀବନ ଗଠନ, ସଂଘଶକ୍ତି, ବିଶ୍ୱ ଭାତୃତ୍ୱ ଭାବ ପ୍ରତିଷ୍ଠା ଓ ବ୍ରହ୍ମଚର୍ଯ୍ୟ ସାଧନ ଉପରେ ଆଲୋଚନା କରାଯାଇଥିଲା। ଏକ ଶୃଙ୍ଖଳିତ ସମାଜ ଗଠନ ଲାଗି ସମସ୍ତଙ୍କ ଉତ୍ତର ଦାୟିତ୍ୱ ରହିଛି। ଜଣେ ବ୍ୟକ୍ତି ଶୃଙ୍ଖଳିତ ହେଲେ ତାର ପ୍ରଭାବ ପରିବାର ଉପରେ ପଡିଥାଏ। ଆଦର୍ଶ ପରିବାରରୁ ଆଦର୍ଶ ସମାଜ ଏବଂ ଆଦର୍ଶ ରାଷ୍ଟ୍ରର ପରିକଳ୍ପନା ସମ୍ଭବ ବୋଲି ଅତିଥିମାନେ କହିଥିଲେ। ବ୍ରଜଚୈତନ୍ୟ ବ୍ରହ୍ମଚାରୀ,ସ୍ୱାମୀ ସତ୍ୟବ୍ରତାନନ୍ଦ ସରସ୍ୱତୀ ମହାରାଜ, ସଚ୍ଚିନ୍ଦ୍ରନାଥ ହାଲ୍ଦାର, ପୀୟୂଷକାନ୍ତୀ ହାଲ୍ଦାର, ପ୍ରଫେସର ଉମାକାନ୍ତ ସୁବୁଦ୍ଧି, ପ୍ରଫେସର ବନବିହାରୀ ମୁଖାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ୨୦ହଜାର ପ୍ରତିନିଧି ଯୋଗଦେଇଥିଲେ। ସ୍ୱାମୀ ଶଙ୍କରାନନ୍ଦ ସରସ୍ୱତୀ ମହାରାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷାଦାନ ଅଭିମୁଖୀକରଣ କାର୍ଯ୍ୟକ୍ରମ

**କୋଣାର୍କ, ୩୦।୧୨(ଡି.ଏନ୍.ଏ.)**

କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଓଡିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ଉର୍ଦ୍ଦୁ ଶିକ୍ଷକଙ୍କ ଶିକ୍ଷାଦାନ ଅଭିମୁଖୀକରଣ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି। ୩ଦିନ ବ୍ୟାପୀ ଆୟୋଜିତ ହେଉଥିବା ଏହି ଉର୍ଦ୍ଦୁ ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଶତାଧିକ ଉର୍ଦ୍ଦୁ ଶିକ୍ଷକ ଯୋଗ ଦେଇଛନ୍ତି। ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସମ୍ପାଦକ ଡକ୍ଟର ସୟଦ ମୁଶିର ଆଲମଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଗୋପ ମଣ୍ଡଳ ଶିକ୍ଷାଧିକାରୀ ବସନ୍ତ କୁମାର ମିଶ୍ର, ମାନୁ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ମିସବାହ ଅଞ୍ଜର, କରିମ୍ ସିଟି କଲେଜ ଝାଡଖଣ୍ଡର ସହକାରୀ ପ୍ରଫେସର ଅହମଦ ବଦର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷଣର ପ୍ରଥମ ଦିବସରେ ନିରନ୍ତର ସାମଗ୍ରିକ ମୂଲ୍ୟାୟନ, ଶିଶୁ ମନସ୍ତତ୍ତ୍ୱ ଓ ଶିଶୁ ମନୋବିଜ୍ଞାନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ସଚିବ ଡକ୍ଟର ଆଲମ ସୂଚନା ଦେଇଛନ୍ତି। ଏହି ଅବସରରେ ଓଡିଶା ପ୍ରଶାସନିକ ସେବାରେ ଦଶମ ସ୍ଥାନ ଅଧିକାର କରିଥିବା କାକଟପୁର ଅଞ୍ଚଳର ଶେଖ ସାଗିରଙ୍କୁ ମୌଲାନା ଆଜାଦ ୟୁଥ୍ କ୍ଲବ ପକ୍ଷରୁ କ୍ଲବର ସଭାପତି ମହମ୍ମଦ ମୋଦସର ଖାଁ ସମ୍ବର୍ଦ୍ଧିତ କରିଥିଲେ।

## କୁନି କଣ୍ଠଶିଳ୍ପୀଙ୍କ କଣ୍ଠରେ ଭକ୍ତି ସଙ୍ଗୀତ

**ପୁରୀ ଅଫିସ,୩୦।୧୨**

ଶ୍ରୀକ୍ଷେତ୍ରର ଅନନ୍ୟ ସାଂସ୍କୃତିକ ଅନୁଷ୍ଠାନ ସୁର୍ ସଙ୍ଗୀତ ପକ୍ଷରୁ ଶରଧାବାଲିସ୍ଥିତ ରାଧାବଲ୍ଲଭ ସତ୍ସଙ୍ଗ ଭବନଠାରେ ରବିବାର ଏକ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ଶ୍ରୀକୁମାର ଭଗବାନଙ୍କ ସଭାପତିତ୍ୱରେ ଆୟେଜିତ ଉତ୍ସବରେ ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଡା. ରୁଦ୍ର ନାରାୟଣ ସାହୁ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି, ସଙ୍ଗୀତ ଗୁରୁ ସତ୍ୟ ନାରାୟଣ ସାହୁ ଓ ଶଙ୍ଖମିତ୍ର ସିଂହାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୁନି କଣ୍ଠଶିଳ୍ପୀ ସ୍ୱୟାଂଶୀ ରଥ, ଦେବଦ୍ୟୁତି ସାହୁ, ପ୍ରିୟାଂଶୁ ଜେନା, ଓମପ୍ରକାଶ ସାହୁ, ଶ୍ରେୟଶ୍ରୀ ସେନାପତି, ଅରମାନ ମହାନ୍ତି, ଶ୍ରୀୟା କର, ଶ୍ରଦ୍ଧା କର, ପ୍ରତ୍ୟୁଷ ବେହେରା, ସୌମ୍ୟୋଶ୍ରୀ ସାହୁ, ଅନୁଷ୍କା ରାୟ ଓ ମୋନାଲି ମିଶ୍ର ପ୍ରମୁଖ ଭଜନ, ଭକ୍ତିସଙ୍ଗୀତ ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ।

## ପାଲା ଗାୟକ ସମ୍ମିଳନୀ ଉଦ୍ଯାପିତ

**ସାକ୍ଷୀଗୋପାଳ, ୩୦।୧୨(ଡି.ଏନ୍.ଏ.)**

ସାକ୍ଷୀଗୋପାଳ ମନ୍ଦିର ନିକଟରେ ଦୁଇଦିନ ଧରି ଚାଲିଥିବା ଅଖଣ୍ଡ ପୁରୀ ଜିଲା ପାଲା ଗାୟକ ପରିଷଦର ୪୦ତମ ବାର୍ଷିକ ସମ୍ମିଳନୀ ଓ ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ପ୍ରଥମ ବାର୍ଷିକ ସମ୍ମିଳନୀ ରବିବାର ଉଦ୍ଯାପିତ ହୋଇଛି। ଉଦ୍ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବରେ ମଦନ ମୋହନ ଜେନା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପାର୍ଥସାରଥି ଅଜୟ ବାରିକ, ସମ୍ମାନିତ ଅତିଥି ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାଶ, ପୁରୀ ଜିଲା ଉପସଭାପତି ମନୋଜ ମିଶ୍ର, ଗାୟକ ବ୍ୟାସ ସଚ୍ଚିଦାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ନିୟମିତ ଅଭ୍ୟାସ ବଳରେ ପାଲା ସଂସ୍କୃତିକୁ ଅଧିକ ଆକର୍ଷଣୀୟ କରିବାକୁ ଉପସ୍ଥିତ ପାଲାକାରମାନଙ୍କୁ ପରାମର୍ଶ ଦେଇଥିଲେ। ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ୩୨ଟି ମଣ୍ଡଳର ୧୭୨ ଜଣ ପାଲାକାର ଏହି ସମ୍ମିଳନୀରେ ଭାଗ ନେଇଥିଲେ। ଗାୟକ, ବାୟକ, ପାଲା କଳାକାରମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

■ କୁଶଭଦ୍ରା ନଦୀବନ୍ଧ

## ନିମ୍ନମାନର ପଥର ପ୍ୟାକିଂ ନେଇ ଅଭିଯୋଗ

**ଗୋପ, ୩୦।୧୨(ଡି.ଏନ୍.ଏ.)**

ଗୋପ ଜଳସମ୍ପଦ ଉପଖଣ୍ଡ ଅଧୀନ କୁଶଭଦ୍ରା ବାମପାର୍ଶ୍ୱ ନଦୀବନ୍ଧର ବଣିଆସାହିଠାରୁ ଗୋପ ବଜାର ସେତୁ ପର୍ଯ୍ୟନ୍ତ ନଦୀ ପାର୍ଶ୍ୱରେ ହୋଇଥିବା ପଥର ପ୍ୟାକିଂ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବିଭିନ୍ନ ସ୍ଥାନରେ ପଥର ପ୍ୟାକିଂ ଉପରେ ମାଟି ବିଛାଯାଇ ତାକୁ ଲୁଚାଇବାକୁ ଚେଷ୍ଟା କରାଯାଇଛି। ଏହା ଯୋଗୁ ପଥର ତଳକୁ ଭୁଶୁଡ଼ି ପଡ଼ିଥିବାବେଳେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। କୁଶଭଦ୍ରା ନଦୀବନ୍ଧର ବାମପାର୍ଶ୍ୱର କୁଶୁପୁରଠାରୁ ଗୋପ ମଲ୍ଲିକସାହି ପର୍ଯ୍ୟନ୍ତ ନଦୀବନ୍ଧକୁ ସୁଦୃଢ଼ୀକରଣ ଓ ପଥର ପ୍ୟାକିଂ ପାଇଁ ଜଳସେଚନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ଜଳସମ୍ପଦ ବିଭାଗ ନିକଟରୁ ମାତ୍ର ୧୦୦ମିଟର ଦୂର ବଣିଆସାହି ନିକଟରେ ପଥର ପ୍ୟାକିଂ ନିମ୍ନମାନର ଅଭିଯୋଗ ଆସୁଥିବାରୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଭଳି ଜଣାପଡ଼ିଛି। ତୁରନ୍ତ ପଥର ପ୍ୟାକିଂ ଗୁଡ଼ିକୁ ପୁନରାୟ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଗୋପ ଜଳସମ୍ପଦ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମଲ୍ଲିକ୍ଙ୍କୁ ପଚାରିବାରେ ଏ ନେଇ କୌଣସି ଅଭିଯୋଗ ମୋର ହସ୍ତଗତ ହୋଇନାହିଁ। ଯଦି ନିମ୍ନମାନର କାର୍ଯ୍ୟ ହୋଇଥିବ ତେବେ ପୁନରାୟ ମରାମତି କରାଯିବ ବୋଲି କହିଥିଲେ।

■ ସରିଲା ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

## ଗୀତା ସ୍ୱାଧ୍ୟାୟ ବିଦ୍ୟାର୍ଥୀଙ୍କୁ ଶିକ୍ଷାମନସ୍କ କରାଏ

**ପୁରୀ ଅଫିସ,୩୦।୧୨**


ଗୀତା ଆବୃତ୍ତି ପ୍ରତିଯୋଗିତାରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

ଭାରତବର୍ଷ ପାଶ୍ଚାତ୍ୟ ଜଗତକୁ ପଥ ପ୍ରଦର୍ଶନ କରିବା ଉଚିତ। ରାଷ୍ଟ୍ରୀୟ ଶିକ୍ଷାର ମାନ ବୃଦ୍ଧି ପାଇଁ ସଂସ୍କୃତ ଭାଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ପ୍ରଚାର ପ୍ରସାର କରିବାକୁ ହେବ। ଶ୍ରୀମଦ୍ ଭଗବତ ଗୀତା ସ୍ୱାଧ୍ୟାୟ ବିଦ୍ୟାର୍ଥୀଙ୍କୁ ଶିକ୍ଷା ମନସ୍କ ଓ ସଚେତନଶୀଳ କରାଇଥାଏ ବୋଲି କହିଛନ୍ତି କ୍ରିୟାଯୋଗ ଆଶ୍ରମର ମୁଖ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ।

ବାଲିଘାଇସ୍ଥିତ ହରିହରାନନ୍ଦ ଗୁରୁକୁଳମ୍ ପରିସରରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ରବିବାର ଶେଷ ହୋଇଛି। ଉଦ୍ଯାପନୀ ସମାରୋହରେ ଯୋଗଦେଇ ପ୍ରଜ୍ଞାନାନନ୍ଦ କହିଥିଲେ, ସ୍ୱଦେଶୀ ସଂସ୍କୃତି ପରମ୍ପରା, ଭାଷା, ଜୀବନଚର୍ଯ୍ୟା, ବେଶଭୂଷା ତଥା ଆଧାରବିନ୍ଦୁ ଏବେ ଅରୁଚିକର ହେବା ବିଡ଼ମ୍ବନା। ସମ୍ମାନିତ ଅତିଥି ଭାବେ ପୁରୀ ଉପଜିଲାପାଳ ଭବତାରଣ ସାହୁ ଓ ଲୋକଭାଷା ପ୍ରଚାର ସମିତି ଅଧ୍ୟକ୍ଷ ସଦାନନ୍ଦ ଦୀକ୍ଷିତ ଯୋଗଦେଇ ବିଦ୍ୟାର୍ଥୀଙ୍କ ପାଇଁ ଗୀତା ଆବୃତ୍ତି ଏକ ଅବ୍ୟର୍ଥ ସ୍ମରଣଶକ୍ତି ମହୌଷଧି ବୋଲି କହିଥିଲେ। ଏହି ପ୍ରତିଯୋଗିତାରେ ଉପଜିଲାସ୍ତରୀୟ ଓ ଜିଲାସ୍ତରୀୟରୁ ରାଜ୍ୟସ୍ତରୀୟକୁ ଉନ୍ନୀତ ହୋଇଥିବା ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୩୦୦ ଛାତ୍ରୀଛାତ୍ର ୫ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ୧୫ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର, ଗୀତା ସଦ୍ଗ୍ରନ୍ଥ ସହିତ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ୩୦ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ମଧ୍ୟ ଦିଆଯାଇଥିଲା। ଗୀତାର ସମ୍ପୂର୍ଣ୍ଣ ୧୮ଟି ଅଧ୍ୟାୟକୁ ମୁଖସ୍ଥ କରିଥିବା ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ରୀ ସୌମ୍ୟାଶ୍ୱେତା ବେହେରାଙ୍କୁ ଏକ ସ୍ୱର୍ଣ୍ଣ ମୋହରରେ ସମ୍ବର୍ଦ୍ଧିତ କରାଯିବା ସହିତ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଗୀତା ଗ୍ରନ୍ଥ ପ୍ରଦାନ କରାଯାଇଥିଲା। ସ୍ୱାମୀ ସମର୍ପଣାନନ୍ଦ ଗିରି ଓ ସ୍ୱାମୀ ବ୍ରହ୍ମଜ୍ଞାନାନନ୍ଦ ଗିରି ମଞ୍ଚ ସଂଯୋଜନା କରିଥିବା ବେଳେ ସ୍ୱାମୀ ଅନିର୍ବାଣାନନ୍ଦ ଗିରି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।